# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଜୁନ୍ ୨୨/୨୦୨୪ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, June 22/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 208 | ମୂଲ୍ୟ ₹୭/-




## ପ୍ୟାଟ୍ କମିନ୍ସଙ୍କ ହ୍ୟାଟ୍ରିକ୍

ଅଷ୍ଟ୍ରେଲୀୟ ପେସ୍ ବୋଲର ପ୍ୟାଟ୍ କମିନ୍ସ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ପ୍ରଥମ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି।

୧୫

୦୮

## ବିଗ୍‌ବସ୍ ପାଇଁ ସନା ପ୍ରସ୍ତୁତ

'ବିଗ୍‌ବସ୍ ଓଟିଟି ସିଜନ ୩'ରେ ଟିଭି ଧାରାବାହିକ ଅଭିନେତ୍ରୀ ସନା ମକବୁଲ୍ ଖାନ୍‌ଙ୍କୁ ଦେଖିବାକୁ ମିଳିବ।





ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଆୟୋଜିତ ଯୋଗ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ।

# ମାନସିକ ସୁସ୍ଥତା ପାଇଁ ଯୋଗ ଜରୁରୀ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୧।୬(ଅନିଲ ଦାସ)**

ଏକ ନୂଆ ଓଡ଼ିଶା ଓ ସୁସ୍ଥ ଓଡ଼ିଶା ଗଠନ ଦିଗରେ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୋଗ ମାଧ୍ୟମରେ ଏକ ସୁସ୍ଥ ସମାଜ ଗଠନ ପାଇଁ ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାକୁ ସବୁ ସ୍ତରକୁ ନେବା ପାଇଁ ଉଦ୍ୟମ ଜାରି ରହିବ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ମାନସିକ ସ୍ତରରେ ସୁସ୍ଥ ରହିବା ପାଇଁ ଯୋଗ ଜରୁରୀ। କେବଳ ଆଜି ନୁହେଁ, ଦୈନନ୍ଦିନ ଯୋଗ କରିବା ଆବଶ୍ୟକ। ଆଧୁନିକ ଯୁଗରେ ସମସ୍ତେ ଚାପଗ୍ରସ୍ତ ହୋଇ ରହୁଛନ୍ତି। ଯୋଗ ଦ୍ୱାରା ଶରୀର ଏବଂ ମନ ଭିତରେ ସନ୍ତୁଳନ ଓ ସମନ୍ୱୟ ରକ୍ଷା କରି ଏହି ଚାପକୁ ଦୂର କରିହେବ ଓ ଏକ ସୁସ୍ଥ ସମାଜ ଗଠନ କରିହେବ। ☞ପୃଷ୍ଠା-୪

# କୋଟିଏ ଲୋଭରେ ନିଜକୁ ଅପହରଣ

**ଟଙ୍କା ଲୋଭରେ ନିଜକୁ ଅପହରଣ କରିବାକୁ ବି ପଛାଇ ନାହାନ୍ତି ଜଣେ ମହିଳା। ସ୍ୱାମୀ ପରିତ୍ୟକ୍ତା ସ୍ମୃତିରେଖା ପାଣି ବେଙ୍ଗାଲୁରୁରେ ରହୁଥିବା ନିଜ ଟ୍ରେଡର ଭାଇଙ୍କଠାରୁ କୋଟିଏ ଟଙ୍କା ଠକିନେବାକୁ ଅପହରଣ ନାଟକ ରଚିଥିଲେ। ସେ ପ୍ରେମିକଙ୍କ ସହ ରାଜସ୍ଥାନ ପଳାଇଯିବାକୁ ଯୋଜନା କରିଥିଲେ। ହେଲେ ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ଟଙ୍କା ହାତେଇବା ପରେ ଦୁହେଁ ଫେରାର ହେଉଥିବାବେଳେ ପୋଲିସ ଯାଞ୍ଚରେ ଫସିଯାଇଥିଲେ। କମିଶନରେଟ ପୋଲିସ ନୟାଗଡ଼ରୁ ସେମାନଙ୍କୁ ଧରିବା ସହ ଅପହରଣ ନାଟକ ଉପରୁ ପରଦା ହଟାଇଛି।**

## ପ୍ରେମ ପାଇଁ ଭାଇଙ୍କୁ ଠକିଲେ



ସ୍ମୃତିରେଖା ପାଣି

**ଭୁବନେଶ୍ୱର,୨୧।୬(ସତ୍ୟଜିତ୍ ରାଉତ)**

ଭୁବନେଶ୍ୱର ଚନ୍ଦକା ଥାନାଞ୍ଚଳରେ ଚାଞ୍ଚଲ୍ୟ ଖେଳାଇଥିବା ଏକ ଅପହରଣ ଘଟଣା ଉପରୁ ପୋଲିସ ଶୁକ୍ରବାର ପରଦା ହଟାଇଛି। ଏହି ମାମଲାରେ ସ୍ୱାମୀ ପରିତ୍ୟକ୍ତା ମହିଳା ସ୍ମୃତିରେଖା ପାଣି (୩୫), ପ୍ରେମିକ ରାଜସ୍ଥାନ ଜୟପୁରର ପ୍ରଦୀପ କୁମାର ଓଲା (୨୭) ଓ ତାଙ୍କ ସହଯୋଗୀ ଦେବୀ ଲାଲ (୨୭)ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ଗୋଟିଏ ଟୋୟୋଟା କାର୍, ୩ ମୋବାଇଲ ଫୋନ୍, ଏଟିଏମ୍ କାର୍ଡ, ଚେକ୍‌ବୁକ୍ ଆଦି ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭୁବନେଶ୍ୱରର ସ୍ମୃତିରେଖା ପାଣି ଜଣେ ଫ୍ୟାଶନ ଡିଜାଇନର। ସେ ୨୦୧୫ରେ ଭରତପୁର ଅଞ୍ଚଳରେ ବିବାହ କରିଥିଲେ। ୨୦୧୮ରେ ସ୍ୱାମୀଙ୍କଠାରୁ ଛାଡପତ୍ର ପରେ ସେ ବାପଘର ଗୋଠପାଟଣାସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିଲେ। ତେବେ ସ୍ମୃତିରେଖାଙ୍କ ସାନଭାଇ ଶୁଭାଶିଷ ପାଣି ବେଙ୍ଗାଲୁରୁରେ ରୁହନ୍ତି। ଶୁଭାଶିଷ ବୃତ୍ତିଗତ ଭାବେ ଜଣେ ଟ୍ରେଡର୍। ଶେୟାର ମାର୍କେଟରେ ଟ୍ରେଡିଂ କରି ଭଲ ଟଙ୍କା ରୋଜଗାର କରନ୍ତି। ପାୱାର ଅଫ୍ ଷ୍ଟକ୍ସ ନାମରେ ତାଙ୍କର ଏକ ୟୁଟ୍ୟୁବ୍ ଚ୍ୟାନେଲ ମଧ୍ୟ ଅଛି। ଇତିମଧ୍ୟରେ ସ୍ମୃତିରେଖା ଇନ୍‌ଷ୍ଟାଗ୍ରାମରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନିଯୁକ୍ତି ବୃଦ୍ଧି ଯୋଜନା













# ମହାପ୍ରଭୁଙ୍କ ଆଦ୍ୟଲୀଳା

ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ଆରାଧ୍ୟ ଦେବତା। ତାଙ୍କର ସମସ୍ତ ନୀତିକାନ୍ତି ମୂଳରେ ରହିଛି ଜଗତମଙ୍ଗଳ। ତେବେ ଏହି ନୀତିକାନ୍ତି ମଧ୍ୟରୁ ଅନ୍ୟତମ ସ୍ନାନ ଉତ୍ସବ। ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣମୀ ତିଥିରେ ଶ୍ରୀକ୍ଷେତ୍ରରେ ଏହା ପାଳନ କରାଯାଏ। ଉକ୍ତ ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିନୀତିରେ ବେଦ ଧ୍ୱନି ପୂର୍ବକ ୧୦୮ ଗରା ଜଳରେ ସ୍ନାନ କରାଯାଏ। ଏହାପରେ ଦିଅଁଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ। ବର୍ଷକରେ ଥରେ ଦିଅଁ ସ୍ନାନ ମଣ୍ଡପରେ ଜଳସ୍ନାନ କରନ୍ତି ଏବଂ ଅନ୍ୟ ଦିନରେ କେବଳ ମନ୍ତ୍ର ସ୍ନାନ କରାଯାଏ।

ଦାରୁଦିଅଁଙ୍କ ଲୀଳାକ୍ଷେତ୍ର ପୁରୀରେ ମହାପ୍ରଭୁଙ୍କ ସ୍ନାନ ଉତ୍ସବ ଏକ ଶାସ୍ତ୍ରୀୟ ଭିତ୍ତିଭୂମି ଆଧାରିତ ଲୀଳା। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଏହାକୁ ମଧ୍ୟ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟ ଲୀଳା ବୋଲି କୁହାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ଏହି ସ୍ନାନ ଲୀଳା କରିଥିଲେ।

ମହାରାଜା ଇନ୍ଦ୍ରଦ୍ୟୁମ୍ନ ସେତେବେଳେ ସ୍ନାନ ମଣ୍ଡପ ନ ଥିବାରୁ ମଞ୍ଚ ନିର୍ମାଣ କରାଇ ତା ଉପରେ ସ୍ନାନ ବିଧି କରାଉଥିଲେ। ଅନେକେ ଶାସ୍ତ୍ରରେ ଏହାକୁ ମଞ୍ଚ ସ୍ନାନ ବୋଲି ଅଭିହିତ କରିଅଛନ୍ତି। ଶାସ୍ତ୍ର ଅନୁଯାୟୀ ୧୦୮ ସୁନା ଗରାରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ସମାପନ ହୋଇଥିଲା,ସେହି ଶାସ୍ତ୍ରୀୟ ମତାନୁସାରେ ଆଜିବି ସ୍ନାନ ଉତ୍ସବ ଅତି ଆନନ୍ଦ ଓ ଭକ୍ତିମୟ ପରିବେଶରେ ପାଳନ କରାଯାଉଛି।

ସ୍ନାନ ପୂର୍ଣ୍ଣିମାର ପୂର୍ବଦିନ ପ୍ରଭୁଙ୍କ ସମସ୍ତ ନୀତି କାନ୍ତି ସମ୍ପନ୍ନ ହେବାପରେ ସ୍ୱଳ୍ପ ସମୟ ପାଇଁ ପହୁଡ଼ ନୀତି ହୋଇ ପରେ ପରେ ସ୍ନାନ ପୂର୍ଣ୍ଣିମାର ବିଧି ଆରମ୍ଭ ହୁଏ। ଏହିଦିନ କୋଠ ସୁଆଁସିଆ ସେବକ ମନ୍ଦିରରେ ପ୍ରବେଶ କରି ଚାରମାଳ ବାନ୍ଧି, ଦିଅଁଙ୍କ ସେନାପଟା ଓ ବାହୁଟି ଲାଗି କରାନ୍ତି। ପରେ ରତ୍ନ ସିଂହାସନ ଉପରେ ମଙ୍ଗଳ ଆଳତି ହୁଏ।

ତାପରେ ଦଇତା ସେବକମାନେ ଦିଅଁଙ୍କ ପହଣ୍ଡି କରିବା ବେଳେ ମଦନମୋହନଙ୍କୁ ମହାଜନ ସେବକ ମାନେ ସ୍ନାନ ମଣ୍ଡପକୁ ବିଜେ କରାନ୍ତି। ପହଣ୍ଡି ସମୟରେ ଦିଅଁମାନେ ସାତ ପାହାଚରେ ଚୂଳ ଓ ଟାହିଆ ଲାଗି ହୁଅନ୍ତି। ଏହି ସାତ ପାହାଚରେ ହିଁ ଦ୍ୱିତୀୟ ଥର ମଙ୍ଗଳ ଆଳତି ହୁଏ। ବନ୍ଦାପନା ପରେ ରଘୁଦାସ ମଠରୁ ଆସିଥିବା ଘଷା ଲାଗି ହୋଇ ପନ୍ତି ଖାଇ ଖାଇ ଠାକୁରମାନେ ସ୍ନାନ ବେଦିକୁ ବିଜେ କରନ୍ତି। ସୁଆର ସେବକ ମାନେ ଅହ୍ଲୁଣିଆ ପାଣି ଛିଞ୍ଚନ୍ତି। ଗରାବଡୁ ସେବକ ସୁନା ଗରା ଧରି ଶୀତଳା ମାତାଙ୍କ ମନ୍ଦିର ସାମନାରେ ଥିବା ସୁନା କୂଅରୁ ଜଳ ଆଣନ୍ତି। ଏହି କୂଅ ବର୍ଷ ସାରା ଅବ୍ୟବହୃତ ହୋଇ ରହିଥାଏ। କିମ୍ବଦନ୍ତୀ ରହିଛି ଯେ ମା' ଶୀତଳାଙ୍କ ବାହନ ସିଂହ ଏହାକୁ ଜଗି ରହିଛି। ବର୍ଷ ସାରା ଏହି କୂଅର ଜଳ ବ୍ୟବହାର ନ ହେଉଥିବାରୁ ଏହାକୁ ମଧ୍ୟ



ଅଣଛୁଁଠ ଜଳ ବୋଲି କୁହାଯାଏ। ତେବେ ସ୍ନାନ ପୂର୍ଣ୍ଣିମା ଦିନ ଏହି ଜଳୁ ଆଣି ତାକୁ ଅଭିମନ୍ତ୍ରିତ କରାଯାଇ ସେଥିରେ ୧୩ ଗୋଟି ପଦାର୍ଥ ମିଶ୍ରଣ ହୁଏ। ସେଗୁଡିକ ହେଲା ଅଷ୍ଟବନ୍ଧ,କୃଷ୍ଣ ଗୁର,ଉଷିର, ଗୋରଚନା, ଦେବଦାରୁ, ମୁଥା, ହରିତାଲ,ବାହାଡ଼ା,ଆମଳକି, ସଂଜିଷ୍ଠା, ତାମ୍ରପର୍ଣ୍ଣ,ଶୋମପର୍ଣି ଓ ଲୋଧା। ଏହା ପରେ ସେହି ସୁଗନ୍ଧ ଜଳରେ ଦିଅଁଙ୍କୁ ସ୍ନାନ କରାଯାଏ। ଏହି ୧୦୮ ଗରାରୁ ୩୩ ଗରା ବଳଭଦ୍ର ,୩୫ ଗରା ଜଗନ୍ନାଥ , ୨୨ ଗରା ସୁଭଦ୍ରା ଓ ସୁଦର୍ଶନ ୧୮ ଗରା ଜଳରେ ସ୍ନାନ କରନ୍ତି। ଏହା ପରେ ରଘୁଦାସ ମଠରୁ ମା' ସୁଭଦ୍ରା ଙ୍କ ପାଇଁ ଫୁଲଚୂଳ,ଚନ୍ଦ୍ରିକା ଓ ଛତ୍ରି ଲାଗି କରାଯାଇଥିବାବେଳେ ଗୋପାଳ ତୀର୍ଥ ମଠ ଦ୍ୱାରା ଶ୍ରୀ ବଳଭଦ୍ର,ଶ୍ରୀ ଜଗନ୍ନାଥଙ୍କୁ ଗଜାନନ ବେଶ ଓ ସୁଦର୍ଶନଙ୍କୁ ଚକ୍ର ଲାଗି କରାଯାଏ।

ତାପରେ ଦିଅଁମାନେ ପୁଣି ଗୋଟି ପହଣ୍ଡିରେ ଶ୍ରୀ ମନ୍ଦିରକୁ ଫେରନ୍ତି। କିନ୍ତୁ ରତ୍ନ ସିଂହାସନ ଆରୋହଣ ନ କରି ଭିତର କାଠ ପାଖ ଅଣସର ପିଣ୍ଡିରେ ବିଜେ କରନ୍ତି। ତାଙ୍କ ସମ୍ମୁଖରେ ତାଟି ବାନ୍ଧି ଦିଆଯାଏ। ସେଠାରେ ପଟିଦିଅଁଙ୍କୁ ରଖି ପୂଜା କରାଯାଏ। ଏଠାରେ ଦିଅଁମାନେ ସ୍ନାନ ପୂର୍ଣ୍ଣମୀରୁ ନେତ୍ର ଉତ୍ସବ ପର୍ଯ୍ୟନ୍ତ ଜ୍ୱରରେ ପଡନ୍ତି। ଏହି ସମୟରେ ଦିଅଁମାନଙ୍କୁ କେବଳ ଖେଚୁଡ଼ି ଭୋଗ ଲାଗି ହୁଏ। ଏହି ସମୟରେ ଶ୍ରୀମନ୍ଦିର ବନ୍ଦ ରହୁ ଥିବାରୁ ଭକ୍ତ ମାନେ ବ୍ରହ୍ମଗିରିର ଅଲାରନାଥଙ୍କ ଦର୍ଶନ ପାଇଁ ଯାଆନ୍ତି। ସ୍ନାନ ପୂର୍ଣ୍ଣିମାରେ ଦିଅଁମାନଙ୍କ ଗଜାନନ ବେଶ ଭକ୍ତଙ୍କ ପାଇଁ ଅନନ୍ୟ। ଥରେ ମହାରାଷ୍ଟ୍ରର ଜଣେ ଗଣେଶଙ୍କ ଭକ୍ତ ଶ୍ରୀଗଣପତି ଭଟ୍ଟ ଶ୍ରୀକ୍ଷେତ୍ରର ମହିମା ଶୁଣି ପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସେ ରତ୍ନ ସିଂହାସନରେ ତାଙ୍କର ଇଷ୍ଟ ଦେବତା ଶ୍ରୀ ଗଜାନନଙ୍କୁ ନ ଦେଖି ଦିଅଁଙ୍କୁ ପରଂବ୍ରହ୍ମ ବୋଲି ଅସ୍ୱୀକାର କରି ମନ୍ଦିର ବାହାରକୁ ଚାଲି ଆସିଲେ। ତା' ପରଦିନ ଦିଅଁଙ୍କ ସ୍ନାନ ଯାତ୍ରା ଥିଲା। ଠାକୁରେ ବଡ ପଣ୍ଡାଙ୍କୁ ସ୍ୱପ୍ନାଦେଶ କଲେ ଯେ ସେ ଗଣପତି ଭଟ୍ଟଙ୍କୁ ଆମନ୍ତ୍ରଣ କରି ସ୍ନାନ ମଣ୍ଡପରେ ତାଙ୍କୁ ଦର୍ଶନ କରାଇବା ପାଇଁ। କିନ୍ତୁ ଯେତେବେଳେ ଗଣପତି ଭଟ୍ଟ ସ୍ନାନ ମଣ୍ଡପରେ ପହଞ୍ଚିଲେ ସେ ଦେଖିଲେ ଯେ ତାଙ୍କ ସମ୍ମୁଖରେ ତାଙ୍କ ଆରାଧ୍ୟ ସ୍ୱୟଂ ପ୍ରଭୁ ଗଜାନନ। ସେଠାରେ ଏହା ଦେଖି ସେ ସ୍ତମ୍ଭୀଭୂତ ହୋଇଗଲେ ଏବଂ ତାଙ୍କର ଚେତନା ଜାଗ୍ରତ ହୋଇଗଲା ସେ ନିଜକୁ ଓ ଦିଅଁଙ୍କୁ ଠିକ ବୁଝିପାରିଲେ। ସେହି ଦିନଠାରୁ ବିଶ୍ୱନିୟନ୍ତାଙ୍କ ନିର୍ଦ୍ଦେଶରେ ପ୍ରତି ସ୍ନାନ ପୂର୍ଣ୍ଣିମା ରେ ଦିଅଁମାନଙ୍କ ଗଜାନନ ବେଶ ହୁଏ, ଏବେ ବି ଚାଲିଛି ଓ ଯୁଗ ଯୁଗ ପାଇଁ ଚାଲିଥିବ।

**-ପ୍ରଦୀପ୍ତ କୁମାର କର**
ପ୍ଲଟ ନଂ ୨୫,ସୂର୍ଯ୍ୟ ନଗର, ଭୁବନେଶ୍ୱର, ମୋ: ୯୪୩୭୦୮୪୩୧୨



ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ସନ୍ଧ୍ୟା ୭.୩୦ରୁ ୩ଘଣ୍ଟା ଯାଏ ହାତୀବେଶ ଦର୍ଶନ

**ପୁରୀ, ୨୧ା୬(ଅଜିତ୍ କୁମାର ମହାନ୍ତି)** ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ପ୍ରକାଶ କରାଯାଇଛି। ଚୂଡ଼ାନ୍ତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶନିବାର ଭୋର ୪ଟା ୩୦ରେ ମଙ୍ଗଳାର୍ପଣ ହୋଇ ଡୋରଲାଗି, ପୁଷ୍ପାଞ୍ଜଳି ପରେ ୫ଟାରୁ ସକାଳ ୭ଟା ପହଣ୍ଡି ହେବ। ମଙ୍ଗଳ ଆଳତି ୯ଟା, ମଇଲମ ୯ଟା ୧୫, ତଡ଼ପଲାଗି ୯ଟା ୨୫, ଅଧରପୋଛା ୯ଟା ୪୫, ଅବକାଶ ପୂର୍ବାହ୍ନ ୧୦ଟା ୨୦, ରୋଷ ହୋମ ୧୦ଟା ୩୦, ସୂର୍ଯ୍ୟପୂଜା ୧୦ଟା ୫୫, ଦ୍ୱାରପାଳ ପୂଜା ୧୧ଟା ୧୦ରେ ହେବ। ବେଶ ଶେଷ ୧୧ଟା ୨୫, ଜଳ ବିଜେ, ପୂଜାସ୍ନାନ ମଧ୍ୟାହ୍ନ ୧୨ଟା ୨୦ରୁ ଅପରାହ୍ନ ୧ଟା ୪୫, ମଇଲମ ମେକାପ ସର୍ବାଙ୍ଗ, ନୂଆଲୁଗା ଲାଗି ବେଶ ୨ଟା ୫୦, ଛେରାପହଁରା ୩ଟା, ହାତୀବେଶ ୩ଟା ୪୦, ମହନ୍ତ ଶାଢ଼ିବନ୍ଧା ୪ଟା, ଘଣ୍ଟଛତା ସକାଳ ଧୂପ ୫ଟା ୪୫ରୁ ସନ୍ଧ୍ୟା ୭ଟା ୨୦, ଦକ୍ଷିଣଘର ଭୋଗ ୬ଟା ୩୦, ସାହାଣ ମେଳା ଦର୍ଶନ ୭ଟା ୩୦ରୁ ୧୦ଟା ୩୦, ହାତୀବେଶ ମଇଲମ ରାତ୍ର ୧୧ଟା, ପୁଷ୍ପାଞ୍ଜଳି ଡୋରଲାଗି ରାତ୍ର ୧୧ଟା ୧୦, ବାହୁଡା ପହଣ୍ଡି ୧୧ଟା ୩୦ରୁ ରାତି ୨ଟା, ସୁନାଟିତା ଓ ରାହୁରେଖା ମଇଲମ ରାତ୍ର ୨ଟା ୩୦ରେ ସମ୍ପନ୍ନ ହେବ।

## କେନ୍ଦୁଝରର ନିଆରା ପରମ୍ପରା

## ଶ୍ରୀଜୀଉ ପିନ୍ଧନ୍ତି ତାଳ ମୁକୁଟ

କେନ୍ଦୁଝରର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉ। ତାଙ୍କର ରଥକୁ ସର୍ବୋଚ୍ଚ ରଥ ଭାବେ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ମିଳିଛି। ଚାରିଶହ ବର୍ଷରୁ ଊର୍ଦ୍ଧ୍ୱ ଏଠାକାର ଶ୍ରୀଜୀଉଙ୍କ ମନ୍ଦିରକୁ ଦ୍ୱିତୀୟ ବୃହତ ବିଷ୍ଣୁ ମନ୍ଦିର ବୋଲି କୁହାଯାଇଥାଏ। ଏଠାରେ ରଥ ଯାତ୍ରା ନିଆରା ଢଙ୍ଗରେ ପାଳନ ହୋଇ ଆସୁଥିଲେ ହେଁ ପାରମ୍ପରିକ ରୀତି ନୀତି ବଜାୟ ରହିଛି।



ଦେବ ସ୍ନାନ ପୂର୍ଣ୍ଣିମା ପୂର୍ବରୁ ଏଠାରେ ଶ୍ରୀ ଜୀଉଙ୍କର ମାସେ ବ୍ୟାପୀ ଚନ୍ଦନ ଯାତ୍ରା ଓ ଚାପ ଖେଳ ହୋଇଥାଏ। ପୂର୍ଣ୍ଣିମା ଦିନ ସକାଳୁ ପ୍ରାତଃ ଅବକାଶ ପରେ ପୂଜାନୀତି ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୁଏ। ଏହା ପରେ ଚକା ଭିଡ଼ା ହୋଇ ଠାକୁରମାନେ ସିଂହାସନ ଛାଡନ୍ତି। ଶ୍ରୀ ଜୀଉଙ୍କୁ ପୂର୍ବାହ୍ନରେ ଧାଡ଼ି ପହଣ୍ଡିରେ ସ୍ନାନ ବେଦୀକୁ ପାହାଡିଆ ସେବାୟତ ମାନେ ନେଇଥାନ୍ତି। ସ୍ନାନ ମଣ୍ଡପରେ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥାଏ। ପଞ୍ଚାମୃତ ସ୍ନାନ, ନାରିକେଳ ସ୍ନାନ, ଗନ୍ଧ ଧୂପ ସ୍ନାନ ଆଦି ନୀତି ହୁଏ। ପରେ ଶ୍ରୀଜୀଉଙ୍କ ପୂଜା, ଲୁଗା ଲାଗି, ଚନ୍ଦନ ଲାଗି ଇତ୍ୟାଦି କରାଯାଏ। ସେଠାରେ ନୀତିକାନ୍ତି ସରିବା ପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରାଯାଇଥାଏ। ତା'ପରେ ଶ୍ରୀ ଜୀଉଙ୍କୁ ହାତୀ ବେଶରେ ସୁସଜ୍ଜିତ କରାଯାଏ। ତେବେ ଏଠାରେ ଶାଳପତ୍ରରେ ତୁଳସୀ ସହ ଶ୍ରୀ ଜଗନ୍ନାଥଙ୍କ ବେଶ ହୁଏ। ଶାଳ ପତ୍ରରେ ଅଁଳା ରଖାଯାଇ ଶ୍ରୀ ବଳଦେବଜୀଉଙ୍କ ବେଶ ହୁଏ। ଏହାପରେ ଶ୍ରୀ ଜୀଉ ମାନଙ୍କୁ ତାଳ ମୁକୁଟ ପିନ୍ଧା ଯାଏ। ଏହାହିଁ ଏଠାକାର ନିଆରା ପରମ୍ପରା। ତାପରେ ପୂଜାର୍ଚ୍ଚନା ଓ ପୁଷ୍ପାଞ୍ଜଳି ପରେ ସନ୍ଧ୍ୟାରେ ଶ୍ରୀ ଜୀଉଙ୍କୁ ଗୋଟି ପହଣ୍ଡିରେ ମନ୍ଦିରକୁ ବିଜେ କରାଯାଇଥାଏ ବୋଲି ମନ୍ଦିରର ବରିଷ୍ଠ ପୂଜକ ସୁଜିତ ଦାଶ କହିଛନ୍ତି। ଆମର ଶ୍ରୀଜୀଉ ଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ନିଆରା। ଏଭଳି ଅଲୌକିକ ବେଶ ଓ ଦୃଶ୍ୟ ଦେଖିବାକୁ ଏଠାର ଭକ୍ତଙ୍କ ଭିଡ ଜମେ ବୋଲି କହିଛନ୍ତି ସ୍ଥାନୀୟ ବରିଷ୍ଠ ସେବକ ନିମାଇଁ ଚରଣ ଦାଶ।

**-ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**

SARASWATI GROUP OF INSTITUTIONS, CUTTACK, ESTD.-2012
SARASWATI
GROUP OF INSTITUTIONS
ADMISSION OPEN
+3 SCIENCE
Under Utkal University
HONOURS SEATS
Physics - 16
Chemistry - 24
Mathematics - 08
Geology - 24
Comp. Science - 24
Botany - 16
Zoology - 16
B.Sc ITM (32 Seats)
Under Utkal University


+2 Science
CBSE & CHSE
A Day-Cum Residential
Integrated Coaching for
NEET, JEE-MAIN
by Expert Faculties

Facilities
Dedicated, qualified & exp. faculties with proctorial guidance.
Coaching and entrance preparation under one roof.
Books, Study material, uniform etc. are free.
Well equiped Laboratory & Smart class rooms.
Separate Hostel for boys & girls within campus.
Hygenic food & laundry facilities.
Bus facilities for day scholar students.
Model GYM Facilities Available.
CHSE RESULT-2024
100% RESULTS
TOTAL APPEARED - 349 / PASS - 349
ABOVE 90% - 05
ABOVE 80% - 72
1ST DIVISION - 297 / 2ND DIVISION - 45
3RD DIVISION - 7 / NO FAIL

Admission Contact: 9437025754, 8260583744, 7978561546
Website : www.saraswaticollege.net | Email : info@saraswaticollege.net
Campus : Belagachhia, Trisulia, Cuttack-754005
+91 8328891984, +91 9811988641
H.O.: Link Road, Arunodaya Market, Cuttack-753012
+91 7609091223, +91 7448084554




# ପିସିସି ସଭାପତିଙ୍କୁ କାଳିମାଡ଼

## ଭାଜପା ପ୍ରରୋଚନାରେ ହୋଇଥିବା ଇଙ୍ଗିତ କଲେ ଶରତ

**ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ଶୁକ୍ରବାର ତାଙ୍କ କଂଗ୍ରେସ ଭବନସ୍ଥିତ ଚାମ୍ବରରେ ବସି ବରିଷ୍ଠ ନେତାମାନଙ୍କ ସହ ଆଲୋଚନା କରୁଥିବା ବେଳେ କେତେଜଣ ଆସି ତାଙ୍କ ଉପରକୁ କାଳିମାଡ଼ କରିଥିଲେ। ଏହାସହ ଉକ୍ତ ଯୁବ ଓ ଛାତ୍ର କର୍ମୀମାନେ ପିସିସି ସଭାପତିଙ୍କ ବିରୋଧରେ ସ୍ଲୋଗାନ ମଧ୍ୟ ଦେଇଥିଲେ। ୨୦୨୪ ନିର୍ବାଚନ ପରର ଏହା ହେଉଛି ପ୍ରତିଫଳନ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହୋଇଛି। ସଂଘବଦ୍ଧ ହୋଇ କଂଗ୍ରେସ ଭବନକୁ ଧସେଇ ପଶିବା ସହିତ ଏଭଳି କାଳିମାଡ଼ କରିବା ସମୟରେ ଉକ୍ତ ବିଦ୍ରୋହୀମାନେ 'ଶରତ ପଟ୍ଟନାୟକ ହାଏ ହାଏ' କହିଥିଲେ।

ଭିନ୍ନ ଭିନ୍ନ ଦୁଇଟି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ କାର୍ଯ୍ୟକ୍ରମ କରାଯିବାର ଥିଲା। ଏହା ପୂର୍ବରୁ କଂଗ୍ରେସ ଭବନରେ ଶରତଙ୍କ ସହ କେତେଜଣ ବରିଷ୍ଠ ନେତା ଆଲୋଚନା କରୁଥିଲେ। ଏହି ସମୟରେ ହିଁ ଶରତଙ୍କ ଉପରେ କାଳିମାଡ଼ ହୋଇଥିଲା। ଏହାସତ୍ତ୍ୱେ ଉକ୍ତ କାଳିଭିଜା ଡ୍ରେସ୍ ପିନ୍ଧି ପିସିସି ସଭାପତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହାସହ କାଳିମାଡ଼ କରିଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦଳ ପକ୍ଷରୁ କ୍ୟାପିଟାଲ ଥାନାରେ ଅଭିଯୋଗ କରାଯାଇଛି। ତେବେ କଂଗ୍ରେସର କିଛି ବରିଷ୍ଠ ନେତା ନିଜ ନାମ ଗୋପନ ରଖି କହିଛନ୍ତି, ୨୦୨୪ ନିର୍ବାଚନ ସମୟରେ ଯେଉଁମାନେ ପିସିସି ସଭାପତିଙ୍କ ଘନିଷ୍ଠ ହୋଇଥିଲେ ସେମାନଙ୍କ ସମର୍ଥକମାନେ ଏଭଳି କାଳିମାଡ଼ କରିଥିବା ଯାହା ଜଣାପଡୁଛି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶରତ କହିଛନ୍ତି, ଭାଜପା ସରକାର ସମୟରେ ଏନ୍‌ଇଇଟି ପରୀକ୍ଷା ଯେପରି କରାଗଲା ଓ ସେଥିପାଇଁ ଯେଉଁ ଅନେକ ଲକ୍ଷ ପରୀକ୍ଷାର୍ଥୀ ହଇରାଣ ହୋଇଛନ୍ତି, ତା'ର ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଡାକରାରେ ପ୍ରତ୍ୟେକ ରାଜ୍ୟର ମୁଖ୍ୟାଳୟରେ ଆନ୍ଦୋଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେଥିଲାଗି ଏହା ବିରୋଧରେ ଛାତ୍ରମାନଙ୍କୁ ନେଇ ଆନ୍ଦୋଳନ କରିବା ଲାଗି ରାସ୍ତାକୁ ଓହ୍ଲାଇଥିଲୁ।



ଏଥିପାଇଁ ଯିବା ସମୟରେ କିଛି ଦୁର୍ବୃତ୍ତ ବୋତଲରେ କାଳି ଆଣି ତାଙ୍କ ଉପରେ ପକାଇଥିଲେ ବୋଲି ଶରତ କହିଛନ୍ତି। ସେଥିରେ କ'ଣ ମିଶିଥିଲା କେଜାଣି ତାହା ପଡ଼ିବା ପରେ ତାଙ୍କ ଆଖିରେ ପ୍ରବଳ କଷ୍ଟ ଅନୁଭବ ହେଉଥିବା ସେ କହିଛନ୍ତି। କଂଗ୍ରେସ ସର୍ବଦା ଅହିଂସା ମାର୍ଗ ଅନୁସରଣ କରିଥାଏ। ଅନ୍ୟପକ୍ଷରେ ଭାଜପା ହିଂସାର ମାର୍ଗ ଆପଣାଇଥାଏ। ସବୁବେଳେ କଂଗ୍ରେସ ଏଭଳି ଉତ୍ଥାନପତନ ଦେଖି ଆସିଛି। ଦୀର୍ଘ ୪୦ ବର୍ଷ ହେଲା ଛାତ୍ର ଜୀବନରୁ ସେ ବହୁତ କିଛି ଦେଖି ଆସିଛନ୍ତି। ରାଜନୀତି ଜୀବନରେ କେତେବେଳେ ଫୁଲ ହାର ମିଳେ ତ ଆଉ କେତେବେଳେ ଜୋତାମାଳ ଏବଂ କେତେବେଳେ ପଥର ମାଡ଼ ମଧ୍ୟ ଖାଇବାକୁ ପଡ଼ିଥାଏ। ଏଇଟା କେବଳ ତାଙ୍କ ପାଇଁ ନୂଆ ନୁହେଁ। କୌଣସି ଶକ୍ତି ତାଙ୍କୁ ଅଟକାଇ ପାରିବ ନାହିଁ। ଭାଜପାର କିମ୍ବା ଅନ୍ୟ କାହା ଇଙ୍ଗିତରେ ଏହି ଦୁର୍ବୃତ୍ତମାନେ ଆସି ଏଭଳି କରିଛନ୍ତି। ସେମାନଙ୍କ ବିରୋଧରେ ଯାହା କିଛି କାର୍ଯ୍ୟାନୁଷ୍ଠାନ ହେବ। କିନ୍ତୁ ତାଙ୍କ ମତରେ ସେମାନଙ୍କୁ କ୍ଷମା କରିଦେବା କଥା। ତେବେ କଂଗ୍ରେସକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଥିବା ଗୋଷ୍ଠୀକୁ କେବେ ହେଲେ ବରଦାସ୍ତ କରାଯିବ ନାହିଁ। ଲଢ଼େଇ କରିଛୁ ଆଗକୁ ଲଢ଼େଇ କରିବୁ ବୋଲି ଶରତ କହିଛନ୍ତି।

କଂଗ୍ରେସ ସଭାପତିଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଭାଜପା ମୁଖପାତ୍ର ଦିଲୀପ ମଲ୍ଲିକ କହିଛନ୍ତି, କଂଗ୍ରେସ ନିଜ କାମ ଛାଡ଼ି ବିଜେଡି କାମରେ ଲାଗିବାରୁ ତାଙ୍କ ଦଳର କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି। ତାଙ୍କ ଦଳର ଥିବା ଅସନ୍ତୋଷରୁ ଏହି ଫଳାଫଳ ହୋଇଛି। କେବଳ ଅନୁକମ୍ପା ସାଉଁଟିବା ଲାଗି ଅନ୍ୟ ଦଳ ଉପରେ ଦୋଷ ଲଦୁଛନ୍ତି। ଏଥିରେ ଭାଜପାକୁ ଟାଣିବାର କୌଣସି ଆବଶ୍ୟକତା ନାହିଁ ବୋଲି ଦିଲୀପ କହିଛନ୍ତି।

# ହକି ସ୍ପନସରଶିପ୍ ୩ ବର୍ଷ ବୃଦ୍ଧି

**ଭୁବନେଶ୍ୱର,୨୧।୬(ଅନିଲ ଦାସ)**

### ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ହକି ଇଣ୍ଡିଆ କର୍ମକର୍ତ୍ତା



ରାଜ୍ୟ ସରକାର ହକି ଇଣ୍ଡିଆର ସ୍ପନସରଶିପ୍ (ପ୍ରାୟୋଜନ) ଅବଧିକୁ ଆଉ ୩ ବର୍ଷ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଓଡ଼ିଶା ସରକାରଙ୍କ ପକ୍ଷରୁ ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ପାଳନ ହେବାକୁ ଯାଉଛି। ସେଥିପାଇଁ ହକି ଇଣ୍ଡିଆର ପ୍ରାୟୋଜକ ଅବଧିକୁ ୨୦୩୩ରୁ ଆଉ ୩ ବର୍ଷ ଅର୍ଥାତ୍ ୨୦୩୬ ଯାଏ ବୃଦ୍ଧି କରାଯିବ। ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ଟିର୍କୀ ଓ ମହାସଚିବ ଭୋଳାନାଥ ସିଂ ମୁଖ୍ୟମନ୍ତ୍ରୀଙ୍କୁ ଶୁକ୍ରବାର ରାଜ୍ୟ ଅତିଥି ଭବନଠାରେ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ହକିର ପ୍ରଚାର ଓ ପ୍ରସାର ଦିଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହକିର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ। ଆଲୋଚନା ବେଳେ ହକି ଇଣ୍ଡିଆ କର୍ମକର୍ତ୍ତା କହିଛନ୍ତି ଯେ ହକି ପାଇଁ ଓଡ଼ିଶାକୁ ବିଶ୍ୱରେ ଗୋଟିଏ ଅଲଗା ପରିଚୟ ମିଳିଛି। ଭାରତୀୟ ହକି ଦଳର ବିକାଶରେ ଓଡ଼ିଶାର ପ୍ରଶଂସନୀୟ ଅବଦାନ ରହିଛି। ଭବିଷ୍ୟତରେ ଓଡ଼ିଶା ସରକାରଙ୍କ ସହ ମିଶି ହକିକୁ ପରବର୍ତ୍ତୀ ପର୍ଯ୍ୟାୟକୁ ନେବା ପାଇଁ ମିଳିମିଶି କାମ କରିବା ଲାଗି ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଓଡ଼ିଶା ସରକାର ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ଦାୟିତ୍ୱ ୫ ବର୍ଷ ପାଇଁ ନେଇଥିଲେ। ୨୦୨୩ରେ ଏହାର ଅବଧି ଶେଷ ହେଉଥିବାରୁ ତତ୍କାଳୀନ ବିଜେଡି ସରକାର ହକି ଇଣ୍ଡିଆର ପ୍ରାୟୋଜକକୁ ୧୦ ବର୍ଷ ଅର୍ଥାତ୍ ୨୦୩୩ ଯାଏ ବୃଦ୍ଧି କରିଥିଲେ। ଏହାକୁ ଆଉ ୩ ବର୍ଷ ଯାଏ ବୃଦ୍ଧି କରିବାକୁ ନୂଆ ସରକାର ଘୋଷଣା କରିଛନ୍ତି। ଆଲୋଚନାରେ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇଥିଲେ। ସେ କହିଛନ୍ତି, ହକିପ୍ରତି ଓଡ଼ିଶାବାସୀଙ୍କ ଭାବାବେଗକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅଗଷ୍ଟ ୯ରେ ଓଟିଇଟି: ୨୪ରୁ ଅନ୍‌ଲାଇନ୍ ଆବେଦନ

**କଟକ,୨୧।୬ (କାର୍ତ୍ତିକ ସାହୁ)**

ଚଳିତ ବର୍ଷର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ନିମନ୍ତେ ତାରିଖ ଚୂଡ଼ାନ୍ତ ହୋଇଛି। ଆସନ୍ତା ଅଗଷ୍ଟ ୯ ତାରିଖରେ ପରୀକ୍ଷା ଅନୁଷ୍ଠିତ ହେବ। ଉକ୍ତ ଦିନ ସକାଳ ୯ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ନ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହେବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି।

ଏହି ପରୀକ୍ଷା ନିମନ୍ତେ ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଜୁନ୍ ୨୪ରୁ ଜୁଲାଇ ୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିବ। ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ପ୍ରଦତ୍ତ ଲିଙ୍କ୍ ଜରିଆରେ ଆବେଦନ କରାଯିବ। ଉକ୍ତ ଲିଙ୍କ୍‌ରେ ଫର୍ମ ଆବେଦନ ଓ ଦେୟ ଦାଖଲର ଚୂଡ଼ାନ୍ତ ସମୟସୀମା ଜୁଲାଇ ୬ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଦିଆଯାଇଛି। ଅନ୍‌ଲାଇନ୍ ଆବେଦନ ସଂକ୍ରାନ୍ତୀୟ ନିର୍ଦ୍ଦେଶାବଳୀ, ଯୋଗ୍ୟତା ଆଦି ବୋର୍ଡ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଏଥିସହ ଅଗଷ୍ଟ ୨ରେ ପରୀକ୍ଷାର୍ଥୀମାନଙ୍କୁ ଆଡ୍‌ମିଟ୍ କାର୍ଡ ଅନ୍‌ଲାଇନ୍‌ରେ ପ୍ରଦାନ କରାଯିବ। କୌଣସି ପରିସ୍ଥିତିରେ ଆବେଦନର ଅନ୍ତିମ ତାରିଖ ଘୁଞ୍ଚାଯିବ ନାହିଁ। ଆବେଦନକାରୀମାନେ ଅନ୍‌ଲାଇନ୍ ଫର୍ମ ପୂରଣବେଳେ ନିଜର ବ୍ୟକ୍ତିଗତ ଠିକଣା, ଜାତି, ବିଷୟ ଆଦି ଠିକ୍ ଭାବେ ଲେଖିବେ। ପରବର୍ତ୍ତୀ ସମୟରେ ସେଗୁଡ଼ିକ ଆଉ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।




**ଆଜିର ମନ୍ତବ୍ୟ**

"ଲୋକ ସଭାର କାମଚଳା ବାଚସ୍ପତି ନିଯୁକ୍ତିକୁ ନେଇ କଂଗ୍ରେସ ରାଜନୀତି କରୁଛି। ନିମ୍ନ ସଦନରେ ନିରବଚ୍ଛିନ୍ନ ଭାବେ ସର୍ବାଧିକ ସମୟ ସଦସ୍ୟ ରହିଥିବା ଭାଜପା ନେତା ଭର୍ତ୍ତୃହରି ମହତାବଙ୍କୁ ପ୍ରୋଟେମ୍ ସ୍ପିକର ନିଯୁକ୍ତିରେ ପରମ୍ପରାର ଅନୁପାଳନ କରାଯାଇଛି। **–କିରେନ୍ ରିଜିଜୁ, ସଂସଦୀୟ ବ୍ୟାପାର ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନଦୀ ସୁରକ୍ଷା ଓ ପୁନରୁଦ୍ଧାର ସମ୍ପର୍କିତ ଚିନ୍ତନ ସଭା, ସ୍ଥାନ: ଓପନ ଲର୍ଣ୍ଣିଙ୍ଗ ସିଷ୍ଟମ ସମ୍ମିଳନୀ କକ୍ଷ, ପ୍ରେସ ଛକ ନିକଟ, ସମୟ: ପୂର୍ବାହ୍ନ ୧୦ଟା।
- ଆଳାପ–୨୦୨୪, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଜୟଦେବ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ରୁଚି ମସଲା ଉଦ୍ୟୋଗ ପକ୍ଷରୁ ଫେଷ୍ଟିଭାଲ ବୋନାଞ୍ଜା ଅଫର– ୨୦୨୩ର ପୁରସ୍କାର ପ୍ରଦାନ ଉତ୍ସବ: ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଇନର ହୁଇଲ୍ ଡିଷ୍ଟ୍ରିକ୍ ୩୨୬ ପକ୍ଷରୁ ରାଧା କାର୍ଯ୍ୟକ୍ରମ, ସ୍ଥାନ: ପାଲ ହାଇଟ୍ସ ମନ୍ତ୍ରା, ପାହାଳ, ସମୟ: ଅପରାହ୍ନ ୩ଟା।
- ନ୍ୟୁ ବ୍ରାଇଡ୍ ଇଣ୍ଡିଆ ଏବଂ ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ମିଳିତ ଆନୁକୂଲ୍ୟରେ ଆର୍ଟ ଏକ୍ସିବିଶନ 'ବଏ ଡ୍ୟାନ୍ସର', ସ୍ଥାନ: ଓଡ଼ିଶା ଷ୍ଟେଟ ମ୍ୟୁଜିୟମ୍ ଆର୍ଟ ଗ୍ୟାଲେରୀ, ସମୟ: ଅପରାହ୍ନ ୪ଟା ୩୦।
- ଧ୍ରୁପଦ ମ୍ୟୁଜିକ୍ ଫାଉଣ୍ଡେଶନ ପକ୍ଷରୁ ୱାର୍ଲ୍ଡ ମ୍ୟୁଜିକ୍ ଆଣ୍ଡ ୟୋଗା ଡେ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଶ୍ରୀଦୁର୍ଗା ସାହିତ୍ୟ ସଂସଦ ପକ୍ଷରୁ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: କଟକ ଖପୁରିଆସ୍ଥିତ ସିଦ୍ଧିଦୁର୍ଗା ମଣ୍ଡପ, ସମୟ: ଅପରାହ୍ନ ୫ଟା।

## ପୁରୀ

- ଠାକୁର ଅଜା ସିଦ୍ଧ ବଳରାମଙ୍କ ସ୍ନାନ ଉତ୍ସବ, ସ୍ଥାନ: ସିଦ୍ଧବକୁଳ ପୀଠ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୯ଟା।
- ପ୍ରଭୁ ବଳରାମଙ୍କ ସ୍ନାନ ଉତ୍ସବ, ସ୍ଥାନ : ଅଠେଇଶ, ସାକ୍ଷୀଗୋପାଳ, ସମୟ :ପୂର୍ବାହ୍ନ ୯ଟା
- ଶ୍ରୀପତିତପାବନ ଦେବଙ୍କ ସ୍ନାନ ଉତ୍ସବ, ସ୍ଥାନ: ସାରଙ୍ଗଯୋଡ଼ି, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୯ଟା।
- ତୃତୀୟା ଦେବଙ୍କ ସ୍ନାନଯାତ୍ରା, ସ୍ଥାନ: ସୁକଳ, ସାକ୍ଷୀଗୋପାଳ, ସମୟ : ପୂର୍ବାହ୍ନ ୯ଟା।
- ଶ୍ରୀପତିତପାବନ ଦେବଙ୍କ ସ୍ନାନ ଉତ୍ସବ, ସ୍ଥାନ: କବିରାଜପୁର, ବାଲିସାହି, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୯ଟା।

## ଖୋର୍ଦ୍ଧା

- ଶ୍ରୀଅନନ୍ତ ପୁରୁଷୋତ୍ତମ ପୂର୍ଣ୍ଣବିଗ୍ରହଙ୍କ ଦେବସ୍ନାନ, ଜାଗୁଳିପାଟଣା, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରାଣନାଥ ସ୍ୱୟଂଶାସିତ କଲେଜର ଯୁକ୍ତ ୩ ଫଳାଫଳ ପ୍ରକାଶନ, ସ୍ଥାନ: ମୈତ୍ରୀ ଭବନ, କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଦେବ ସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ: ଇସ୍କନ ଜଗନ୍ନାଥ ମନ୍ଦିର, ଚନ୍ଦନା, ଜଳେଶ୍ୱର। ସ୍ଥାନ: ଜଗନ୍ନାଥ ମନ୍ଦିର, ନୂଆବଜାର, ଜଳେଶ୍ୱର। ସ୍ଥାନ: ଜଗନ୍ନାଥ ମନ୍ଦିର, ଖୁଆଡ, ଜଳେଶ୍ୱର, ସମୟ: ସକାଳ ୬ଟା।
- ଦେବସ୍ନାନ ଉତ୍ସବ ସମାରୋହ , ସ୍ଥାନ: ରେମୁଣା ଇମାମୀ ପେଟ୍ରୋଲ ଜଗନ୍ନାଥ ମନ୍ଦିର, ବାଲେଶ୍ୱର, ସମୟ: ସକାଳ ୬ଟା ୩୦।
- ବାଲିଆପାଳ ଶ୍ରଦ୍ଧାକ୍ଷେତ୍ରରେ ଜଗନ୍ନାଥଙ୍କ ଦେବସ୍ନାନ, ସ୍ଥାନ: ଖଗଡାପାଳ ଜଗନ୍ନାଥ ମନ୍ଦିର ପରିସର ଦେବ ସ୍ନାନମଣ୍ଡପ, ସମୟ: ସକାଳ ୮ଟା।
- ନୀଳଗିରି ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ନୀଳଗିରି, ସମୟ: ସକାଳ ୯ଟା।
- ଖଗଡାପାଳ ଜଗନ୍ନାଥ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଖଗଡାପାଳ ଜଗନ୍ନାଥ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।

## ଭଦ୍ରକ

- ଶନିଦେବଙ୍କ ବାର୍ଷିକୋତ୍ସବ, ସ୍ଥାନ: ରାଢ଼ୋ, ରହଣିଆ, ଭଣ୍ଡାରିପୋଖରୀ, ସମୟ: ସକାଳ ୭ଟା।
- ୧୭ ବର୍ଷରୁ କମ୍ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ୨ୟ ଦିବସ, ସ୍ଥାନ: ବାଗୁରାଇ ଇନ୍‌ଡୋର ଷ୍ଟାଡିୟମ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ଶନିଙ୍କ ମନ୍ଦିରରେ ଶନି ମେଳା ଏବଂ ପୂଜାର୍ଚ୍ଚନା, ସ୍ଥାନ: ମୋଟରାଗଡ଼ିଆ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ଉତ୍ସବ, ନାମ ସଂକୀର୍ତ୍ତନ, ଯଜ୍ଞ, ସ୍ଥାନ: ମହୁଲପଙ୍କା, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ, ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ପୂର୍ବାହ୍ନ ୧୦ ଟା।
- ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ପୂଜା, ଭଜନ, କୀର୍ତ୍ତନ, ସ୍ଥାନ: ଶାଳନିଆ, ବଂଚୋ, ଢେଙ୍କା, ହାଟଡିହୀ, ସମୟ: ସକାଳ ୬ ଟାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ।

## ମୟୂରଭଞ୍ଜ

- ଥାଲାସାମିଆ ଓ ସିକଲସେଲ୍ ସଚେତନତା ଶିବିର,ସ୍ଥାନ:ସତ୍ୟସାଇ ସେବା ସମିତି, ବାରିପଦା. ସମୟ: ସକାଳ ୮ଟା।
- ସଦ୍‌ଭାବନା ସମିତି ପକ୍ଷରୁ ସନ୍ଥ ଦିବସ, ସ୍ଥାନ: ଦୁର୍ଗା ହୋଟେଲ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମହାପ୍ରଭୁଙ୍କ ସ୍ନାନଯାତ୍ରା, ସ୍ଥାନ: ଧର୍ମକ୍ଷେତ୍ର ଜଗନ୍ନାଥ ମନ୍ଦିର, ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ମହୋତ୍ସବ, ସ୍ଥାନ: ଉଦଳା ବ୍ଲକ ଡିହିରାକୁଳ ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୧ଟା।
- କୈବଲ୍ୟ ଚୈତନ୍ୟ ଶ୍ରୀପାଦୁକା ମଧୁସ୍ନାନ ଓ ପୂର୍ଣ୍ଣାହୂତି, ସ୍ଥାନ:ଶ୍ରୀ ପାଦୁକା ମନ୍ଦିର, ଛଉ ପଡ଼ିଆ, ବାରିପଦା, ସମୟ:ଅପରାହ୍ନ ୨ଟା।

## ବ୍ରହ୍ମପୁର

- ବିଶ୍ୱ ରକ୍ତଦାତା ଦିବସ,ସ୍ଥାନ: ଏମ୍‌କେସିଜି ମେଡିକାଲ ଏଲଟି–୧ ଏକାଡେମିକ ବ୍ଲକ, ସମୟ: ସକାଳ ୯ଟା।
- ଆର୍ଯ୍ୟଭଟ୍ଟ ଲର୍ନିଂ ଫୋରମର ପ୍ରେରଣା କାର୍ଯ୍ୟକ୍ରମ, ସ୍ଥାନ: ଡ଼ାଇମଣ୍ଡ ଜୁବ୍‌ଲି ଟାଉନ ହଲ,ସମୟ: ଅପରାହ୍ନ ୫ଟା।
- ଓଡିଶା ନାଟକ ସମାରୋହ ସମିତିର ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ମୁକ୍ତମଞ୍ଚ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ଦେବସ୍ନାନ ପୂର୍ଣ୍ଣିମା ଉତ୍ସବ , ସ୍ଥାନ: ବୁଗୁଡା ବଳଦେବ ମନ୍ଦିର, ସମୟ: ସକାଳ ୯ଟା।
- ଓଷ୍ଟାର ଗଞ୍ଜାମ ଜିଲା ସାଙ୍ଗଠନିକ ବୈଠକ, ସ୍ଥାନ : ଭଞ୍ଜନଗର ବ୍ଲକ ଡିହପଡାଳ ପଞ୍ଚାୟତ ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା।
- ମା' ଫୁଲକେଶନୀ ଠାକୁରାଣୀଙ୍କ ଘଟ ପରିକ୍ରମା, ସ୍ଥାନ: ଆସିକା ଲାଲାଗୋର୍ଜି ଛକ, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରତ୍ନବେଦୀରୁ ଶ୍ରୀଜୀଉଙ୍କୁ ଅବତରଣ, ଦେବସ୍ନାନ ପୂର୍ଣ୍ଣିମା ଓ ଠାକୁରଙ୍କ ଗଜାନନ ବେଶ, ସ୍ଥାନ: ଜଗନ୍ନାଥ ମନ୍ଦିର, ରାୟଗଡା, ସମୟ: ସକାଳ ୭ଟା ୩୦ରୁ ଆରମ୍ଭ।
- ଦେବସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ: ଅନନ୍ତ ବାସୁଦେବ ମନ୍ଦିର,ଅମ୍ଲାଭଟା, ସମୟ: ସକାଳ ୭ଟା ୩୦।
- ଦେବସ୍ନାନ ପୂର୍ଣ୍ଣିମା ନୀତି ପାଳନ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୨ଟା।

## ନବରଙ୍ଗପୁର

- ଅଗ୍ରଗାମୀର ବୈଠକ, ସ୍ଥାନ : ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସବ୍ ଜେଲ ପରିଦର୍ଶନ, ସ୍ଥାନ: ନବରଙ୍ଗପୁର, ସମୟ: ୧୧ଟା।

## କୋରାପୁଟ

- ଶ୍ରୀ ଜୀଉଙ୍କ ସ୍ନାନ ଯାତ୍ରା ଓ ହାତୀବେଶ, ସ୍ଥାନ : ଶାବର ଶ୍ରୀକ୍ଷେତ୍ରର ସ୍ନାନ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ ଟା ୩୦ରୁ ଆରମ୍ଭ।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁର ଜିଲା ଜୁଡୋ ହଲ, ସମୟ: ଅପରାହ୍ନ ୫ ଟା ୩୦।
- ଗୁରୁ ଭଗବାନ ସାହୁ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁରୁ ସତ୍ୟନାରାୟଣ ଉଦ୍ୟାନ, ସମୟ: ସନ୍ଧ୍ୟା ୬ଟା।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସ୍ୱାଗତ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ସାକ୍ଷୀପଡା, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଦଳୀୟ କାର୍ଯ୍ୟକର୍ତ୍ତା, ଜନସାଧାରଣଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସାକ୍ଷାତ କାର୍ଯ୍ୟକ୍ରମ, ସ୍ଥାନ: ଆଗଲପୁର ବ୍ଲକ ନଅଗାଁ (ଖ)ପାର୍ଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ରୁ ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ପାତାଳୀ ଶ୍ରୀକ୍ଷେତ୍ର, କୋଟସମଲାଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୬ଟା।
- ତରଭା ଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା, ସ୍ଥାନ: ତରଭା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୬ଟା।
- ବିଦ୍ୟାଳୟ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ଅମରପାଲି ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୬ଟା ୩୦।
- ପାତାଳି ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କର ଗଜାନନ ବେଶ, ସ୍ଥାନ: କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମୟ: ଅପରାହ୍ନ ୧ଟା।

## ରାଉରକେଲା

- ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ଉଦିତନଗର, ବାସନ୍ତୀ କଲୋନୀ, ପ୍ଲାଣ୍ଟସାଇଟ୍ ସ୍ଥିତ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୫ଟା ୩୦।
- ଯୋଗ ଶିବିରାର୍ଥୀଙ୍କୁ ଯୋଗଥେରାପି କାର୍ଯ୍ୟକ୍ରମ,ସ୍ଥାନ: ନୋବୋଲ କ୍ଲବ, ବାସନ୍ତୀ କଲୋନୀ ସମୟ: ସକାଳ ୮ଟା।

## ବରଗଡ଼

- ମହାପ୍ରଭୁ ଦଧିବାମନଙ୍କ ଗଜାନନ ବେଶ, ସ୍ଥାନ: ଦଧିବାମନ ମନ୍ଦିର, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ନୃସିଂହନାଥ ମନ୍ଦିର, ପାଇକମାଲ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଗୁରୁ ଭଗବାନ ସାହୁ ମହୋତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## କଳାହାଣ୍ଡି

- ଚତୁର୍ଦ୍ଧା ମୂର୍ତ୍ତିଙ୍କ ସ୍ନାନଯାତ୍ରା, ସ୍ଥାନ: କଳାହାଣ୍ଡି ଜିଲା ଏମ. ରାମପୁର ଶ୍ରୀମନ୍ଦିର ପରିସର, କର୍ଲାମୁଣ୍ଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା।

## ନୂଆପଡ଼ା

- ଭାଗିବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ପବିତ୍ର ସ୍ନାନଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର ନୂଆପଡ଼ା, ସମୟ: ସକାଳ ୧୦ଟା। ସ୍ଥାନ: ତରବୋଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୧୦ଟା ୩୦।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ:ବୁଢୀକଣ ଗ୍ରାମ୍ୟ ମଣ୍ଡପ , ସମୟ ସକାଳ ୬ଟା।
- ମହାପ୍ରଭୁଙ୍କ ସ୍ନାନଯାତ୍ରା, ସ୍ଥାନ: ପୁରୁଣାକଟକ ଜଗନ୍ନାଥ ମନ୍ଦିର, ହରଭଙ୍ଗା, ସମୟ ସକାଳ ୮ଟା । ସ୍ଥାନ:ସ୍ନାନ ମଣ୍ଡପ ଘଣ୍ଟାପଡା ଜଗନ୍ନାଥ ମନ୍ଦିର, କଣ୍ଟାମାଳ ବ୍ଲକ,ସମୟ ଅପରାହ୍ନ ୧୧ଟା।
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ଓ ପ୍ରଭୁଙ୍କ ହାତୀବେଶ, ସ୍ଥାନ: ବୌଦ୍ଧ ଜଗନ୍ନାଥ ମନ୍ଦିର ପରିସର, ସନ୍ଧ୍ୟା ୭ଟା।

## ଦେବଗଡ଼

- ସ୍କୁଲ ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ତିଲେଇବଣି ବ୍ଲକ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ହରିଡ଼ା ବାହାଲ, ଗଇଲୋ, ଝରାଗୋଗୁଆ, ରାଇତାଳ, କାଶର ଲୋଇ, ନିକ୍ରିମାଳ ସ୍କୁଲ, ପୁରୁଣାଗଡ ସ୍କୁଲ, ଦେବଗଡ, ସମୟ: ସକାଳ ୯ଟା।
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ପୁରୁଣାଗଡ, ଜଗନ୍ନାଥ ଧାମ, ସମୟ: ପୂର୍ବାହ୍ନ ୧୧ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର ଓ ହନୁମାନ ବାଟିକା, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ର୍ଚ୍ଚନା ସହ ଆଳତି, ସ୍ଥାନ: ସହରସ୍ଥିତ ଧର୍ମଶାଳା ଛକ ଶନି ମନ୍ଦିର, ସମୟ: ସକାଳ ୭ଟା।
- ଦେବସ୍ନାନ ପୂର୍ଣ୍ଣିମା ସମାରୋହ, ସ୍ଥାନ: ସହରସ୍ଥିତ ପୁରୁଣା ବସ୍ତି ବାବୁପଡ଼ା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୨ଟା।
- ଦେବସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ ସହରସ୍ଥିତ ହିର୍ମା ପଞ୍ଚାୟତ କୁକୁର ଝଙ୍ଗା ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୩ଟା।
- ସାମାଜିକ କାର୍ଯ୍ୟ ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ କୀର୍ତ୍ତନ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ:ଶ୍ରୀଶ୍ରୀ ସିଦ୍ଧ ବଳରାମ ମନ୍ଦିର ଢେଙ୍କାନାଳ, ସମୟ: ପ୍ରାତଃ ୫ଟା।
- ମହିମା ଜ୍ୟୋତିଯାତ୍ରା ଶୁଭାରମ୍ଭ, ସ୍ଥାନ: ଦାମୋଦରନାଳୀ ସଦର ବ୍ଲକ ଢେଙ୍କାନାଳ, ସମୟ: ସକାଳ ୯ ଟା।
- ସ୍ୱରସପ୍ତା ଫେଷ୍ଟିଭାଲ–୨୦୨୪, ସ୍ଥାନ: ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ,
- ସମୟ:ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍ନାନ ଯାତ୍ରା, ସ୍ଥାନ: ଆଠମଲ୍ଲିକ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୯ଟା ୧୩।

## ଜଗତ୍‌ସିଂହପୁର

- ପ୍ରଭୁ ଶ୍ରୀ କୁଞ୍ଜବିହାରୀଙ୍କ ସ୍ନାନ ଯାତ୍ରା, ସ୍ଥାନ: ସୁଭଦ୍ରା କ୍ଷେତ୍ର, ଗଡ଼କୁଜଙ୍ଗ, ସମୟ: ପ୍ରାତଃ ୫ଟା ୩୦।
- ଶ୍ରୀଜିଉଙ୍କ ସ୍ନାନଯାତ୍ରା, ସ୍ଥାନ: ବଡ଼ମଠ ମଲାସାହି, କୁଜଙ୍ଗ, ସମୟ: ସକାଳ ୮ଟା।
- ଚାରା ସଂରକ୍ଷଣ ଉପରେ ଆଲୋଚନା, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ଦେବସ୍ନାନ ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀବଳଦେବଜୀଉଙ୍କ ପହଣ୍ଡି ବିଜେ, ସ୍ଥାନ: ଇଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ମା' ମହୀରାଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀଦଧିବାମନଜୀଉଙ୍କ ପହଣ୍ଡି ବିଜେ, ସ୍ଥାନ: ଚଉଦକୁଲାଟ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ଶ୍ରୀଦଧିବାମନଜୀଉଙ୍କ ପହଣ୍ଡି ବିଜେ, ସ୍ଥାନ: ଡେରାବିଶ, ସମୟ: ସକାଳ ୯ଟା।
- କେନ୍ଦ୍ରାପଡ଼ା ଲୋକକଳା ମହୋତ୍ସବ, ସ୍ଥାନ: ରଥଦାଣ୍ଡ, ଇଛାପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।।
- ମା' ମହୀରାଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।

## ନୟାଗଡ଼

- ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନନୀତି ପରେ ଗଜାନନ ବେଶ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱଦେବତା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ମହାପ୍ରଭୁଙ୍କ ଗଜାନନ ବେଶ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର। ସ୍ଥାନ: ଖଣ୍ଡପଡା ରାଜବାଟିସ୍ଥିତ ଜଗନ୍ନାଥ ମନ୍ଦିର। ସ୍ଥାନ: ଗୋଡିପଡା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।

## ଯାଜପୁର

- ଯାଜପୁର ବୈତରଣୀ ନଦୀ କୂଳରେ ଥିବା ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ମନ୍ଦିର ପରିସର, ସମୟ: ପ୍ରାତଃ ୫ଟା।
- ଯାଜପୁର ରୋଡ ଦେବେଶ୍ୱର ମନ୍ଦିରରେ ସ୍ନାନପୂର୍ଣ୍ଣିମା, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୯ଟା।
- ବ୍ୟାସସରୋବର ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରଗଡ଼ି ଜଗନ୍ନାଥ ମନ୍ଦିରରେ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସାହିତ୍ୟ ଆସର, ସ୍ଥାନ: ଧର୍ମଶାଳା ନିର୍ବାଚନମଣ୍ଡଳୀର କଲଣସ୍ଥିତ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ନାନପୂର୍ଣ୍ଣିମା, ସ୍ଥାନ: ଜହ୍ନା ବଳଦେବ ଜୀଉମନ୍ଦିର ପରିସର, ସମୟ: ଅପରାହ୍ନ ୩ଟା।

**ପ୍ରଥମ ପୃଷ୍ଠାରୁ...**

## ମାନସିକ ସୁସ୍ଥତା ପାଇଁ ...

ଦୈନନ୍ଦିନ ଜୀବନରେ ଯୋଗକୁ ଗ୍ରହଣ କରି ଆମେ ଏକ ସୁସ୍ଥ ଓ ସୁନ୍ଦର ଜୀବନ ହାସଲ କରିପାରିବା। କେବଳ ଏହି ଗୋଟିଏ ଦିନ ନୁହେଁ, ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଯୋଗାଭ୍ୟାସ ଜାରି ରଖିବା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସୁସ୍ଥ, ସୁଖୀ ଓ ସନ୍ତୁଳନଯୁକ୍ତ ସମାଜ ପାଇଁ ସମସ୍ତେ ସଙ୍କଳ୍ପ ନେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ନିଜ ଅଭିଭାଷଣରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସେ ଉଚ୍ଚ ପ୍ରଶଂସା କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଫଳରେ ୨୦୧୪ରୁ ମିଳିତ ଜାତିସଂଘ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସ୍ତରରେ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି। ଯୋଗର ମାହାତ୍ମ୍ୟ ଆଜି ସାରା ବିଶ୍ୱରେ ପ୍ରସାରିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନୂଆ ସରକାର ଆସିବା ପରେ ପ୍ରଥମ ଥର ପାଇଁ ଏଭଳି ଭବ୍ୟ ଓ ଦିବ୍ୟ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିବାରୁ ସେ ଖୁସିବ୍ୟକ୍ତ କରିବା ସହ କ୍ରୀଡ଼ା ବିଭାଗ ସହିତ ସମ୍ପୃକ୍ତ ବିଭିନ୍ନ ବିଭାଗକୁ ଧନ୍ୟବାଦ ଦେଇଛନ୍ତି।

ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଷ୍ଟାଡିୟମ ପରିସରରେ ସକାଳ ୭ଟାରୁ ଅଧଘଣ୍ଟାରୁ ଅଧିକ ସମୟ ଧରି ଯୋଗ ଅଭ୍ୟାସ କରାଯାଇ ଥିଲା। ଚଳିତ ବର୍ଷର ଥିମ୍ ଥିଲା 'ନିଜ ପାଇଁ ଯୋଗ ଓ ସମାଜ ପାଇଁ ଯୋଗ'। ଏଥିସହିତ ରାଜ୍ୟର ଜିଲା, ଉପଖଣ୍ଡ, ବ୍ଲକ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ମନ୍ତ୍ରୀ, ଏମ୍‌ପି, ବିଧାୟକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଶାସନ ସଚିବ ପି. କେ. ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, କ୍ରୀଡ଼ା ସଚିବ ଆର୍. ଭିନିଲ୍ କ୍ରିଷ୍ଣା ଓ ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ। ଷ୍ଟାଡିୟମରେ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି, ଅଧିକାରୀ, କ୍ରୀଡାବିତ୍, ଛାତ୍ରୀଛାତ୍ର ଯୋଗାଭ୍ୟାସ କରିଥିଲେ।

## କୋଟିଏ ଲୋଭରେ ...


ପ୍ରଦୀପ କୁମାର ଓଲା


ଦେବୀ ଲାଲ

ରାଜସ୍ଥାନର ପ୍ରଦୀପଙ୍କ ସହ ପରିଚିତ ହୁଅନ୍ତି। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ଶୁଭାଶିଷଙ୍କଠାରୁ ବଡ଼ ପରିମାଣର ଟଙ୍କା ଝଡ଼ାଇବା ପାଇଁ ସେମାନେ ଅପହରଣ ନାଟକ ରଚିଥିଲେ। ଯୋଜନା ଅନୁଯାୟୀ, ଜୁନ ୧୫ରେ ପ୍ରଦୀପ ତାଙ୍କ ସାଙ୍ଗ ଦେବୀଲାଲଙ୍କ ସହ କାର୍ ଯୋଗେ ରାଜସ୍ଥାନରୁ ଓଡ଼ିଶା ଆସିଥିଲେ। ଜୁନ ୧୭ରେ ସେମାନେ ଓଡିଶାରେ ପହଞ୍ଚି ଖୋର୍ଦ୍ଧାସ୍ଥିତ ଏକ ହୋଟେଲରେ ରହିଥିଲେ। ପ୍ରଦୀପ ପରେ ସ୍ମୃତିରେଖାଙ୍କ ସହ ମିଶି ଅପହରଣ ନାଟକ ରଚିବା ନେଇ ଯୋଜନା କରିଥିଲେ। ବୁଧବାର ଅପରାହ୍ନ ପ୍ରାୟ ୨ଟା ୪୫ରେ ସ୍ମୃତିରେଖା ଘରୁ ଏକ ଅଟୋରେ ପ୍ରଦୀପଙ୍କ ପାଖକୁ ପଳାଇଯାଇଥିଲେ। ସେଠାରେ ସ୍ମୃତିରେଖାଙ୍କ ହ୍ୱାଟ୍ସଆପ୍ ଜରିଆରେ ତାଙ୍କ ଭାଇ ଶୁଭାଶିଷଙ୍କୁ ପ୍ରଦୀପ ଭଏସ୍ କଲ୍ କରି ଭଉଣୀଙ୍କୁ ଅପହରଣ କରିନେଇଥିବା ଜଣାଇଥିଲେ। ମୁକ୍ତଜାମିନ ପାଇଁ କୋଟିଏ ଟଙ୍କା ଦେବାକୁ ପ୍ରଦୀପ ଧମକ ମଧ୍ୟ ଦେଇଥିଲେ। ପ୍ରଥମେ ଶୁଭାଶିଷ ଭୟରେ ପ୍ରଦୀପଙ୍କ ଆକାଉଣ୍ଟକୁ ୧୨ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ଏ ସମ୍ପର୍କରେ ଶୁଭାଶିଷ ଘରକୁ ଜଣାଇବା ପରେ ବାପା ସତ୍ୟ ନାରାୟଣ ଗୁରୁବାର ଚନ୍ଦକା ଥାନାରେ ଝିଅଙ୍କୁ ଅପହରଣ କରାଯାଇଥିବା ଅଭିଯୋଗ କରିଥିଲେ। ପୋଲିସ ଏହି ମାମଲାର ତଦନ୍ତ ପାଇଁ ଏକାଧିକ ଟିମ୍ ଗଠନ କରିଥିଲା। ସିସିଟିଭି ଯାଞ୍ଚ ସହ ଅନ୍ୟ ଜିଲା ପୋଲିସ ମୁଖ୍ୟାଳୟକୁ ସୂଚନା ଦିଆଯାଇଥିଲା। ସ୍ମୃତିରେଖାଙ୍କ ମୋବାଇଲ୍ ଫୋନ୍ ଲୋକେଶନ୍ ଟ୍ରେସ୍ ହେବା ପରେ ସେମାନେ ପ୍ରଥମେ ଖୋର୍ଦ୍ଧା ଚାରିଛକ ଆଡ଼େ ଚାଲିଯାଇଥିବା ଜଣାପଡିଥିଲା। ହେଲେ ଚାରିଛକରେ ଚେକିଂ କଡ଼ାକଡ଼ି ଥିବାରୁ ସେମାନେ ନୟାଗଡ ଆଡ଼କୁ ଚାଲିଯାଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ନୟାଗଡ଼ ବଜାରରେ ଚେକିଂ ବେଳେ ଅଭିଯୁକ୍ତମାନେ ବ୍ୟାରିକେଡ୍‌କୁ ଧକ୍କାଦେଇ ଚାଲିଯାଇଥିଲେ। ହେଲେ ସେଠାରେ ପ୍ରଥମେ ସହଯୋଗୀ ଦେବୀଲାଲ ଧରାପଡ଼ିଯାଇଥିଲେ। ଏପରି କି ଜଣେ ପୋଲିସ ଅଧିକାରୀ ମଧ୍ୟ ଆହତ ହୋଇଥିଲେ। ଦୁର୍ଘଟଣା ଘଟାଇଥିବା କାର୍‌କୁ ଧରିବାକୁ ପୋଲିସ ଟିମ୍ ପିଛା କରିଥିଲା। କିଛିବାଟ ଗଲା ପରେ ସ୍ମୃତିରେଖା ଓ ପ୍ରଦୀପ କାର୍ ଛାଡ଼ି ବିଲ୍‌ରେ ଦୌଡ଼ି ପଳାଇବାକୁ ଉଦ୍ୟମ କରିବାବେଳେ ପୋଲିସ ସେମାନଙ୍କୁ କାବୁ କରିଥିଲା।

# ବସ୍ ଚଳାଚଳକୁ ନେଇ ହଣାକଟା: ୫ ଗୁରୁତର

ବାରିପଦା,୨୧।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ବସ୍‌ଷ୍ଟାଣ୍ଡରେ ଘରୋଇ ବସ୍ ଚଳାଚଳକୁ ନେଇ ଶୁକ୍ରବାର ରାତିରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଖଣ୍ଡା ଓ ଭୁଜାଲି ଆକ୍ରମଣରେ ୫ ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ପରେ ବସ୍ ଚଳାଚଳ ବନ୍ଦ ରହିଥିବା ବେଳେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଘରୋଇ ବସ୍ ଚଳାଚଳକୁ ନେଇ୨ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା। ଗୋଟିଏ ଗୋଷ୍ଠୀର ଲୋକ ଭୁଜାଲି ଓ ଖଣ୍ଡା ଧରି ଅନ୍ୟ ଗୋଷ୍ଠୀ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ୫ଜଣ ଗୁରୁତର ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଯାଇଥିଲା। ତେବେ ଖବରପାଇ ପୋଲିସ ପହଞ୍ଚିବାରେ ବିଳମ୍ବ କରିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ବସ୍ ମାଲିକ ସଂଘର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ବିଭିନ୍ନ ବିଭାଗର ଉପଦେଷ୍ଟାଙ୍କୁ ହଟାଇଲେ ସରକାର

ଭୁବନେଶ୍ୱର,୨୧।୬(ଅନିଲ ଦାସ)

ବିଜେଡି ସରକାରଙ୍କ ସମୟରେ ରାଜ୍ୟର ବିଭିନ୍ନ ବିଭାଗରେ ଉପଦେଷ୍ଟା ଭାବେ ଅନେକ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିଲା। ସରକାରଙ୍କ କାର୍ଯ୍ୟକ୍ରମ ତଥା କାର୍ଯ୍ୟଦକ୍ଷତା ବୃଦ୍ଧିରେ ଏହାଦ୍ୱାରା କୌଣସି ଉନ୍ନତି ପରିଲକ୍ଷିତ ହେଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସେହି ଉପଦେଷ୍ଟାମାନଙ୍କୁ ଦାୟିତ୍ୱ ମୁକ୍ତ କରିଛନ୍ତି। ବିଭିନ୍ନ ବିଭାଗରେ ବିଜେଡିର କେତେକ ନେତା ଉପଦେଷ୍ଟା ପଦବୀରେ ନିଯୁକ୍ତି ପାଇଥିଲେ। ସେମାନଙ୍କୁ ଦାୟିତ୍ୱରୁ ଅନ୍ତର କରାଯାଇଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** – ଆଜି ଶୁକ୍ରଙ୍କ ସୁପ୍ରଭାବରୁ ଅର୍ଥଲାଭ ସାଙ୍ଗକୁ ବିଳାସବ୍ୟସନ ପ୍ରତି ବିଶେଷ ରୁଚି ବଳିବ। ଆନୁଷ୍ଠାନିକ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଏବଂ ପରିବହନ ଭଲରେ ଚାଲିବ। ସାଂସ୍କୃତିକ କାର୍ଯ୍ୟକ୍ରମ ତଥା କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ସୁନାମ ଅର୍ଜନ କରିବେ।

**ବୃଷ** – କର୍ମକ୍ଷେତ୍ରରେ ଅଟକି ରହିଥିବା କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଭଲ ସମ୍ପର୍କ ନ ଥିବା କେତେକ ବ୍ୟକ୍ତି ଆପଣଙ୍କ ପ୍ରତିଷ୍ଠା ଓ ପ୍ରଶଂସାରେ ଈର୍ଷାନ୍ୱିତ ହୋଇପାରନ୍ତି। ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ସ୍ଥିରତା ଫେରିପାଇବେ। ପାରିବାରିକ କ୍ଷେତ୍ରରେ ସବୁ କଥାକୁ ସରଳ ଭାବିଲେ କ୍ଷତିରେ ପଡ଼ିବେ।

**ମିଥୁନ** – ନିର୍ଦ୍ଦିଷ୍ଟ ସ୍ଥାନରେ ବସ୍ତୁଟିକୁ ଖୋଜି ନ ପାଇବାରୁ ବ୍ୟସ୍ତ ହୋଇପଡ଼ିବେ। ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରନ୍ତୁ କିଛି ସମୟ ପରେ ସଫଳତା ମିଳିବ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଆଜି ଆପଣ ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ।

**କର୍କଟ** – ପରିସ୍ଥିତିରେ ପଡ଼ି ଅନ୍ୟମାନଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାଇ ଟେନସନକୁ ନିମନ୍ତ୍ରଣ କରିପାରନ୍ତି। ପ୍ରିୟାପ୍ରୀତି ତୋଷଣ କାରଣ ନେଇ ଅପଦସ୍ଥ ହେବାକୁ ପଡ଼ିପାରେ। ପରିବାରର ଆର୍ଥିକ ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଋଣ କରିବେ। ଯୋଜନାବଦ୍ଧଭାବରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ସିଂହ** – ଖଳଲୋକଙ୍କ ଦ୍ୱାରା ସୃଷ୍ଟ ସମସ୍ୟା ମଧ୍ୟରେ ନିଜକୁ ଅଣନିଃଶ୍ୱାସୀ ମନେ କରିପାରନ୍ତି। ଆପଣଙ୍କ ଗୋପନୀୟ କାର୍ଯ୍ୟ ବନ୍ଧୁଙ୍କ ଜରିଆରେ ବାହାରେ ଆଲୋଚନାକୁ ସରଗରମ କରିପାରେ। ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାରେ ପଡ଼ିବେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିବାର ସୂଚନା ରହିଛି।

**କନ୍ୟା** – ଆଜି ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ସହ ମିଶିବେ ଏବଂ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ। ପାରିବାରିକ ଦିଗଟି ମନ୍ଦ ହେବନି ଏବଂ କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରୁ ପ୍ରଶଂସିତ ହେବେ। ନିର୍ମାଣ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ।

**ତୁଳା** – ଘରୋଇ କ୍ଷେତ୍ରରେ କେତେକ ଘଟଣାରେ ମନକଥା ମନରେ ରଖିପାରିବେ ନାହିଁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କାମ ହାସଲ ସକାଶେ ଚେଷ୍ଟା କରିପାରନ୍ତି। ଶାରୀରିକ ଅସୁସ୍ଥତା ସତ୍ତ୍ୱେ ଅଫିସିଆଲି କାମଗୁଡ଼ିକ କରିବାକୁ ବାଧ୍ୟ ହେବେ। ନିଜ ମନପସନ୍ଦର ଜିନିଷ ଖରିଦ କରିବା ସକାଶେ ମନ ବଳାଇପାରନ୍ତି।

**ବିଛା** – ଅନ୍ୟମାନଙ୍କ ପ୍ରରୋଚନାରେ ପଡ଼ି କୌଣସି ଆପତ୍ତିଜନକ କାମରେ ନିଜକୁ ସାମିଲ କରିପାରନ୍ତି। ସବୁ ଆଡ଼କୁ ନଜର ଦେଇ କାମ ନ କଲେ ଅସୁବିଧାରେ ପଡ଼ିବେ। ପଡ଼ିଶାଙ୍କ ସହ ବହୁଦିନର ମନାନ୍ତରର ସମାଧାନ ହୋଇଯିବ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବାର ସମ୍ଭାବନା ରହିଛି।

**ଧନୁ** – ଆଜିର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତିଙ୍କ ସହ ବନ୍ଧୁତା ସୃଷ୍ଟି ହେବ। ନିଜର ଅବିମୃଶ୍ୟକାରିତା ହେତୁ ଧନହାନି ଘଟିବାର ପୂର୍ଣ୍ଣ ସମ୍ଭାବନା ରହିଛି। ଶତ୍ରୁ ଉପଦ୍ରବ କେତେକାଂଶରେ କମିଯାଇପାରେ, କିନ୍ତୁ ଆଶଙ୍କା ଲାଗି ରହିବ। ବ୍ୟବସାୟ, କଳକାରଖାନା, ହୋଟେଲ ଶିଳ୍ପ, ପରିବହନରେ ଆଧୁନିକୀକରଣ କରିପାରନ୍ତି।

**ମକର** – ଆଜି ପାରିବାରିକ ଓ କର୍ମକ୍ଷେତ୍ରର ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଓ ସମର୍ଥନ ପାଇପାରିବେ। ତଥାପି ପରୋକ୍ଷ ଶତ୍ରୁତା ଜନିତ କେତେକ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଆକସ୍ମିକ ଭାବରେ ବନ୍ଧୁଙ୍କ ସମ୍ପର୍କରେ ଅଶୁଭ ଖବର ପାଇ ବିଚଳିତ ହୋଇପାରନ୍ତି। ପରିବାର ମଧ୍ୟରେ ନିଜ ମନର ଭାବକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ।

**କୁମ୍ଭ** – ଘରେ ଅଶାନ୍ତି ପୂର୍ବପରି ଲାଗିରହୁଥିବା ହେତୁ କିମ୍ବା କାମ ଠିକ୍ ଭାବେ ନ ହେବାରୁ ମନ ଭଲ ରହିବ ନାହିଁ। ସ୍ୱାସ୍ଥ୍ୟାବସ୍ଥା ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ। ଅଟକିଥିବା ଅଫିସ୍ କାମ ତ୍ୱରାନ୍ୱିତ ହେବ, ଏବଂ ସମସ୍ୟା ଦୂରେଇଯିବ। ଜିଦି ତ୍ୟାଗ କଲେ ଉପକୃତ ହେବେ ନତୁବା କଳହ ଭିତରକୁ ଟାଣି ହୋଇଯିବେ।

**ମୀନ** – ଆଜି ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ ଲାଭକରି ଆପଣ ପ୍ରତ୍ୟେକ ସମସ୍ୟାକୁ ସମାଧାନ କରି ପାରିବେ। ନିଜ ପରିବାରରୁ ଆଶାନୁରୂପ ସ୍ନେହ, ସହାନୁଭୂତି ପାଇବା କମିଯାଇପାରେ। ଦେହରେ କୌଣସି ବଡ଼ ଧରଣର ରୋଗ ନ ଥାଇ ମଧ୍ୟ ଦୁର୍ବଳତା ଅନୁଭବ କରିବେ। ସତ୍‌ସଙ୍ଗ ଓ ଧର୍ମ, ଦେବଦର୍ଶନ, ବନ୍ଧୁମିଳନ ତଥା ସାହିତ୍ୟ ଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

ଆଜି ଜୁନ୍ ୨୨ ତାରିଖ, ଶନିବାର, ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ସ୍ନାନ ଯାତ୍ରା ଓ ଗଜାନନ ବେଶ, ଅଣସର ଆରମ୍ଭ, ସନ୍ଥକବୀର ଜୟନ୍ତୀ, ବିନୋଦ କାନୁନ୍‌ଗୋଙ୍କ ତିରୋଧାନ ଦିବସ, ରାଶି ନକ୍ଷତ୍ର–ମୂଳା/ଧନୁ, ପ୍ରତିପଦାର ଏକୋଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୦୯ ଗତେ ଘ. ୧୨।୧୫ ମଧ୍ୟେ, ଘ.୦୩।୦୬ ଗତେ ଘ.୦୩।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୩୦ ଗତେ ଘ.୧୦।୦୯ ମଧ୍ୟେ ରାହୁକାଳ।

# ରୋଗରୁ ମୁକ୍ତିଦିଏ ଯୋଗ

ଭୁବନେଶ୍ୱର,୨୧।୬
(ଅନୁରାଧା ମହାରଣା)




## ପତଞ୍ଜଳି ପକ୍ଷରୁ ଯୋଗ ଦିବସ ପାଳିତ

ଯୋଗଗୁରୁ ବାବା ରାମଦେବ ଏବଂ ଆଚାର୍ଯ୍ୟ ବାଳକ୍ରିଷ୍ଣାଙ୍କ ଦିଗଦର୍ଶନରେ ପତଞ୍ଜଳି ଯୋଗପୀଠ-୨ସ୍ଥିତ ଯୋଗଭବନ ସଭାକକ୍ଷରେ ୧୦ମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଚଳିତବର୍ଷ ଏହି ଦିବସର ବିଷୟବସ୍ତୁ 'ସ୍ୱୟଂ ଏବଂ ସମାଜ ପାଇଁ ଯୋଗ' ରଖାଯାଇଥିବାବେଳେ ପତଞ୍ଜଳି ପକ୍ଷରୁ ଏହାର ବିଷୟବସ୍ତୁ 'ସ୍ୱୟଂ ସମାଜ ସହିତ ବିଶ୍ୱ ପାଇଁ ଯୋଗ' ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏ ଅବସରରେ ବାବା ରାମଦେବ କହିଛନ୍ତି, ସମଗ୍ର ବିଶ୍ୱରେ ବୈଚାରିକ, ରାଜନୈତିକ, ଆର୍ଥିକ ସଂଘର୍ଷ ଓ ଆହ୍ୱାନର ସମାଧାନ ମଧ୍ୟ ଯୋଗଯୁକ୍ତ ଜୀବନ। କାର୍ଯ୍ୟକ୍ରମରେ ସେ ଯୌଗିକ ଜଗିଂ, ସୂର୍ଯ୍ୟ ନମସ୍କାର ସହ ଅନୁଲୋମ-ବିଲୋମ, ଭସ୍ତ୍ରିକା, ଭ୍ରାମରି, କପାଳଭାତି, ଭୁଜଙ୍ଗାସନ, ବୃକ୍ଷାସନ, ତାଡ଼ାସନ, ମଣ୍ଡୁକାସନ, ଶଲଭାସନ, ଗୌମୁଖାସନ, ବଜ୍ରାସନ ଆଦି ଯୋଗାଭ୍ୟାସ କରାଯାଇଥିଲା। ଯୋଗମୂଳକ ଇଣ୍ଟିଗ୍ରେଟେଡ୍ ସିଷ୍ଟମ ଦ୍ୱାରା ଆରୋଗ୍ୟ ଲାଭ କରିହେଉଥିବା ଦୁଃସାଧ ରୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଚାର୍ଯ୍ୟ ବାଳକ୍ରିଷ୍ଣା କହିଛନ୍ତି, ସାରା ବିଶ୍ୱରେ ଯୋଗ କ୍ଷେତ୍ରରେ ଭାରତର ଅବଦାନ ସର୍ବଶ୍ରେଷ୍ଠ। ଦୁନିଆରେ ଦିନକୁ ଦିନ ରୋଗ ଓ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହାର ଏକମାତ୍ର ସମାଧାନ ଯୋଗ ବୋଲି ଆଚାର୍ଯ୍ୟ କହଛନ୍ତି। ଯୋଗ କୌଣସି ଧର୍ମ, ବର୍ଣ୍ଣ କିମ୍ବା ସମ୍ପ୍ରଦାୟର ନୁହେଁ, ବରଂ ଜାତି, ଧର୍ମ, ରାଜନୀତିଠାରୁ ଊର୍ଦ୍ଧ୍ୱରେ ଏହା ସାର୍ବଭୌମିକ ବୈଜ୍ଞାନିକ ଏବଂ ସର୍ବହିତକାରୀ ବିଜ୍ଞାନ। ଏଥିରେ ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗ ସମିତି ଏବଂ ରୁର୍କୀର ତତ୍ତ୍ୱାବଧାନରେ ପ୍ରାୟ ୨୦୦ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପତଞ୍ଜଳି ମହିଳା ଯୋଗ ସମିତି ମୁଖ୍ୟ କେନ୍ଦ୍ର ପ୍ରଭାରୀ ସାଧ୍ୱୀ ଦେବପ୍ରିୟା, ମୁଖ୍ୟ କେନ୍ଦ୍ରୀୟ ପ୍ରଭାରୀ ରାକେଶ, ସ୍ୱାମୀ ପରମାର୍ଥଦେବ, କ୍ରୟ ସମିତି ଅଧ୍ୟକ୍ଷା ଅଂଶୁଲ, ସମ୍ପ୍ରେଷଣ ବିଭାଗ ପ୍ରମୁଖ ପାରୁଲ, ପିଆର୍‌ଆଇର ପ୍ରମୁଖ ବୈଜ୍ଞାନିକ ଡା. ଅନୁରାଗ ବାର୍ଷ୍ଣୟ, ମୁଖ୍ୟ ମହାପ୍ରବନ୍ଧକ ବ୍ରିଗେଡିୟର ଟି. ସି. ମାଲହୋତ୍ରା, ମାନବ ସଂସାଧନ ପ୍ରମୁଖ ବୈଜ୍ଞାନିକ ତରୁଣ ରାଜପୁତ, ପତଞ୍ଜଳି ଆୟୁର୍ବେଦ କଲେଜର ପ୍ରଫେସର ଅନିଲ ଯାଦବ, ପତଞ୍ଜଳି ଆୟୁର୍ବେଦ ହସ୍ପିଟାଲର ଉପ ଅଧୀକ୍ଷକ ଡା. ଅରୁଣ ପାଣ୍ଡେୟ, ସ୍ୱାମୀ ବଜରଙ୍ଗଦେବ, ସ୍ୱାମୀ ଆର୍ଷଦେବ, ସ୍ୱାମୀ ଇଶଦେବ ପ୍ରମୁଖ ଯୋଗଦେଇଥିଲେ।

# ବାଲେଶ୍ୱରରେ ୯ ଘଣ୍ଟା କର୍ଫ୍ୟୁ କୋହଳ

## ଆଜିଠୁ ଲିଜ୍ ଲାଇନ, ବ୍ରଡବ୍ୟାଣ୍ଡରେ ଇଣ୍ଟରନେଟ୍ ସେବା

ବାଲେଶ୍ୱର,୨୧।୬(ମାନସ ବିଶ୍ୱାଳ)

ବାଲେଶ୍ୱର ସହରରେ ଶନିବାରଠାରୁ କର୍ଫ୍ୟୁ କୋହଳ ଅବଧି ବୃଦ୍ଧି କରାଯାଇଛି। ସକାଳ ୫ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କୋହଳ କରାଯାଇଛି। ସହରର ସୁରକ୍ଷା ଦୃଷ୍ଟିରୁ ଶିଳ୍ପାଞ୍ଚଳ ଥାନା ଅଞ୍ଚଳରୁ କର୍ଫ୍ୟୁ ହଟାଇ ଦିଆଯାଇଥିବା ବେଳେ ସହଦେବଖୁଣ୍ଟା ଥାନା ଓ ଟାଉନ ଥାନା ଅଞ୍ଚଳରେ କର୍ଫ୍ୟୁ ବଳବତ୍ତର ରହିବ ବୋଲି ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ଆଶିଷ ଠାକ୍‌ରେ ଓ ଏସ୍‌ପି ସାଗରିକା ନାଥ ସୂଚନା ଦେଇଛନ୍ତି। ଲିଜ୍ ଲାଇନ ସହିତ ବ୍ରଡବ୍ୟାଣ୍ଡରେ ଶନିବାରଠାରୁ ଇଣ୍ଟରନେଟ ସେବା ଯୋଗାଇ ଦିଆଯିବ। ମୋବାଇଲରେ ଇଣ୍ଟରନେଟ ବନ୍ଦ ରହିବ। ମ୍ୟୁନିସିପାଲିଟି ଅଞ୍ଚଳରେ ମଧ୍ୟ ସମସ୍ତ ସ୍କୁଲ, କଲେଜ, ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିବ। ଏଯାଏ ମୋଟ ଗିରଫଙ୍କ ସଂଖ୍ୟା ୬୫ରେ ପହଞ୍ଚିଛି। ଗୁଜବରୁ


ଖବରଦାତା ସମ୍ମିଳନୀରେ ଜିଲାପାଳ ସୂଚନା ଦେଉଛନ୍ତି।

ଦୂରେଇ ରହିବାକୁ ଜିଲାପାଳ ଠାକ୍‌ରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

ଇଣ୍ଟରନେଟ ସେବା ୩ ଦିନ ହେଲା ବନ୍ଦ ଥିବା ବେଳେ ଜନସାଧାରଣ ନାହିଁନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସହରଠାରୁ ମାତ୍ର କିଛି ଦୂର କୁରୁଡ଼ା ବ୍ରିଜ ପରେ ପରେ ଇଣ୍ଟରନେଟ ସେବା ସ୍ୱାଭାବିକ ରହିଛି। ଫଳରେ ସକାଳୁ ସଞ୍ଜ ତଥା ବିଳମ୍ବିତ ରାତି ପର୍ଯ୍ୟନ୍ତ ଇଣ୍ଟରନେଟ ସେବା ପାଇବାକୁ ଲୋକଙ୍କର ଗହଳି ଏଠାରେ ଜମୁଛି। କୁରୁଡ଼ା ରାସ୍ତାରେ ଶହ ଶହ ବ୍ୟକ୍ତି ମୋବାଇଲ ଧରି ନିଜର ବିଭିନ୍ନ କାମ କରୁଥିବା ଦେଖାଯାଇଛି। ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ମଧ୍ୟବୟସ୍କ ପର୍ଯ୍ୟନ୍ତ ସମସ୍ତେ ମୋବାଇଲ ଧରି ଏଠାରେ ଘଣ୍ଟା ଘଣ୍ଟା ଛିଡ଼ା ହେଉଛନ୍ତି। ବାଲେଶ୍ୱର ସହରରେ ରହି କମ୍ପିଟେଟିଭ ପାଇଁ ପ୍ରସ୍ତୁତ ହେଉଥିବା ବାଲିଆପାଳର ସୁଶାନ୍ତ ଦାସ, ନୀଳଗିରିର ଧନଞ୍ଜୟ ରାଉତ ଓ ମଲ୍ଲିକାଶପୁର ଅଞ୍ଚଳର ଶ୍ରାବଣୀ ନନ୍ଦ କହନ୍ତି, ୩ ଦିନ ହେଲାଣି ଆମେ ବାହାର ଦୁନିଆର ଖବର କିଛି ଜାଣିପାରୁନୁ। ତେଣୁ ବାଧ ହୋଇ ସହରରୁ ବାହାରି କୁରୁଡ଼ା ଅଞ୍ଚଳକୁ ଆସିଛୁ, ବିଭିନ୍ନ ଖବର ଜାଣିବା ସହିତ ହ୍ୱାଟ୍ସଆପ ମେସେଜ ଦେଖି ଫେରିଯାଉଛୁ। ଉଲ୍ଲେଖଯୋଗ୍ୟ, ସୁନହଟ ପାତ୍ରପଡା ଅଞ୍ଚଳରେ ଗତ ସୋମବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ପରେ ସହରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଥିଲା। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କର୍ଫ୍ୟୁ ଜାରି ରହିଛି।

# ଜୁଲାଇ ୨୨ରୁ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା

କଟକ,୨୧।୬ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରି ପରୀକ୍ଷା ଆସନ୍ତା ଜୁଲାଇ ୨୨ରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷା ଗୋଟିଏ ସିଟିଂରେ ଏବଂ ଗୋଟିଏ ପ୍ରଶ୍ନପତ୍ରରେ ହେବ। ପ୍ରତିଦିନ ସକାଳ ୯ଟାରୁ ପୂର୍ବାହ୍ନ ସାଢେ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। କେବଳ ଗଣିତ ପରୀକ୍ଷାରେ ଅଧିକ ୧୫ ମିନିଟ୍ ସମୟ ଦିଆଯିବ ଅର୍ଥାତ୍ ସେହିଦିନ ପୂର୍ବାହ୍ନ ୧୧ଟା ୪୫ ମିନିଟ୍‌ରେ ପରୀକ୍ଷା ଶେଷ ହେବ। ଏହି ପରୀକ୍ଷା ନିମନ୍ତେ ବୋର୍ଡ ପକ୍ଷରୁ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଜୁଲାଇ ୨୨ ତାରିଖରେ ପ୍ରଥମ ଭାଷା ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଉର୍ଦ୍ଦୁ, ତେଲୁଗୁ ପରୀକ୍ଷା ହେବ। ସେହିପରି ଜୁଲାଇ ୨୪ରେ ଦ୍ୱିତୀୟ ଭାଷା ଇଂଲିଶ, ହିନ୍ଦୀ, ପରିବେଶ ଓ ଜନସଂଖ୍ୟା ଶିକ୍ଷା(କେବଳ ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ), ୨୬ରେ ସାଧାରଣ ବିଜ୍ଞାନ, ୨୮ରେ ତୃତୀୟ ଭାଷା ଭିଜୁଆଲ୍ ଆର୍ଟ(ପ୍ରାକ୍ଟିକାଲ), ୨୯ରେ ଗଣିତ, ୩୦ରେ ସାମାଜିକ ବିଜ୍ଞାନ ଓ ୩୧ ତାରିଖରେ ତୃତୀୟ ଭାଷା ହିନ୍ଦୀ, ଓଡ଼ିଆ, ପାର୍ସି, ସଂସ୍କୃତ, ଭିଜୁଆଲ ଆର୍ଟ ଥିଓରି(ମୂକ-ବଧିର ପରୀକ୍ଷାର୍ଥୀଙ୍କ ପାଇଁ) ପରୀକ୍ଷା ହେବ। ଭିଜୁଆଲ ଆର୍ଟ ଏବଂ ଭୋକେଶନାଲ ଟ୍ରେଡ୍ ବ୍ୟତୀତ ଅନ୍ୟ ସମସ୍ତ ବିଷୟରେ ୫୦ ମାର୍କର ସବ୍‌ଜେକ୍ଟିଭ ଓ ୫୦ ମାର୍କର ଅବ୍‌ଜେକ୍ଟିଭ ପ୍ରଶ୍ନ ଆସିବ। ଅବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ଓଏମ୍‌ଆର୍ ସିଟ୍‌ରେ ଏବଂ ସବ୍‌ଜେକ୍ଟିଭ ପ୍ରଶ୍ନର ଉତ୍ତର ପ୍ରଶ୍ନପତ୍ର ସଂଲଗ୍ନ ଉତ୍ତର ଖାତାରେ ଦେବାକୁ ହେବ। ଭୋକେଶନାଲ ଟ୍ରେଡ୍ ଥିଓରୀ ବିଷୟଗୁଡ଼ିକରେ ୫୦ ମାର୍କ ଓ ଭିଜୁଆଲ ଆର୍ଟରେ ୨୦ ମାର୍କର ସବ୍‌ଜେକ୍ଟିଭ ପ୍ରଶ୍ନ ଆସିବ। ଭୋକେଶନାଲ ଟ୍ରେଡ୍‌ଗୁଡ଼ିକର ପ୍ରାକ୍ଟିକାଲ ପରୀକ୍ଷା(୫୦ ମାର୍କ) ନିଜ ବିଦ୍ୟାଳୟରେ ଜୁଲାଇ ୧ରୁ ୬ ତାରିଖ ମଧ୍ୟରେ ଓସେପା ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏହି ପ୍ରାକ୍ଟିକାଲ ପରୀକ୍ଷାର ମାର୍କ ହାଇସ୍କୁଲର ପ୍ରଧାନ ଶିକ୍ଷକମାନେ ବୋର୍ଡର ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ଡାକ ଯୋଗେ ପଠାଇବେ। ଏଥିସହ ଭିଜୁଆଲ ଆର୍ଟ ପ୍ରାକ୍ଟିକାଲ ପରୀକ୍ଷା (୮୦ ମାର୍କ) ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

# ଡିପ୍‌ଥେରିଆ: ରାୟଗଡ଼ା ନୁହେଁ, ସଂକ୍ରମଣର ଉତ୍ସ କଳାହାଣ୍ଡି

ଭୁବନେଶ୍ୱର,୨୧।୬
(ଅସମାପିକା ସାହୁ)

ରାଜ୍ୟରେ ଡିପ୍‌ଥେରିଆ ବ୍ୟାପିବାରେ ଲାଗିଛି। ଆକ୍ରାନ୍ତ ଓ ମୃତକଙ୍କ ସଂଖ୍ୟା ବଢୁଥିବାରୁ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢ଼ିଛି। ତେବେ ରାୟଗଡ଼ା ନୁହେଁ, କଳାହାଣ୍ଡି ଜିଲା ହେଉଛି ଡିପ୍‌ଥେରିଆ ସଂକ୍ରମଣର ଉତ୍ସ ବୋଲି ଶୁକ୍ରବାର ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଂଯୁକ୍ତା ସାହୁ ସୂଚନା ଦେଇଛନ୍ତି। କଳାହାଣ୍ଡିର ଇନ୍ଦ୍ରାବତୀ ବୁଡ଼ି ଅଞ୍ଚଳରୁ ସଂକ୍ରମଣ ବ୍ୟାପିଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ମନୁଷପଦରରୁ ଜଣେ ବ୍ୟକ୍ତି ଇନ୍ଦ୍ରାବତୀକୁ ଯାଇଥିଲେ। ସେ ସେଠାରୁ ସଂକ୍ରମିତ ହୋଇ ମନୁଷପଦର ଫେରିବା ପରେ ଡିପ୍‌ଥେରିଆ ସଂକ୍ରମଣ ବ୍ୟାପିଥିବା ଜଣାପଡିଛି। ତେବେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କଳାହାଣ୍ଡି ଓ କୋରାପୁଟରେ ଏବେ ବି ସର୍ଭେଲାନ୍ସ ଚାଲିଛି। କୋରାପୁଟ ବନ୍ଧୁଗାଁର ୩୩ ପିଲାଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି। କାଶୀପୁର ମନୁଷପଦର ଅଞ୍ଚଳର ୧୮ଟି ଗାଁରୁ ୧୩ ଗାଁରେ ବୁଷ୍ଟର ଡୋଜ୍ ଟିକାକରଣ ସରିଛି। ଏ ସବୁ ଗାଁରେ ୪୬୮ ଜଣ ପିଲାଙ୍କୁ ବୁଷ୍ଟର ଡୋଜ୍ ଦିଆଯାଇଛି। ଏହାଛଡ଼ା କାଶୀପୁର ବ୍ଲକର ଅନ୍ୟ ଗାଁରେ ଯେଉଁ ପିଲାମାନେ ଡିପ୍‌ଥେରିଆ ଟିକା ବିଲ୍‌କୁଲ୍ ନେଇ ନ ଥିବେ, ସେମାନଙ୍କୁ ଚିହ୍ନଟ କରାଯାଇ ଟିକାଦାନ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟବସ୍ଥା ହୋଇଛି। ସେହିଭଳି ଡିପ୍‌ଥେରିଆରେ ମୃତ୍ୟୁ ହୋଇଥିବା ଜଣେ ୧୧ ବର୍ଷୀୟା ଝିଅର ଓଜନ ମାତ୍ର ୧୫ କିଲୋଗ୍ରାମ ଥିଲା। ତେବେ ତାହା ଅପପୁଷ୍ଟି ନା ନାହିଁ, ସେନେଇ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମହିଳା ଓ ଶିଶୁ ବିକାଶ ବିଭାଗକୁ କୁହାଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶିକା ସୂଚନା ଦେଇଛନ୍ତି। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି, ଡିପ୍‌ଥେରିଆ ସଂକ୍ରମଣ ସ୍ଥିର ରହିଛି। ସଂକ୍ରମଣର କାରଣ ଅପପୁଷ୍ଟି ନା ନୁହେଁ, ସେନେଇ ଅନ୍ୟ ବିଭାଗ ଦ୍ୱାରା ତଦନ୍ତ ଚାଲିଛି। ଏହାର ଯାଞ୍ଚ କରିବାକୁ ଜିଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ନାଲ୍‌କୋ ପାଳିଲା ଯୋଗ ଦିବସ




ଭୁବନେଶ୍ୱର,୨୧।୬ (ଅଭୟ ଦାଶ)

ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏପରିକି ଦେଶବ୍ୟାପୀ ପାଳନ ହେଉଥିବା ଏହି ଯୋଗ ଦିବସ ନାଲ୍‌କୋର ଅନୁଗୋଳ ଓ କୋରାପୁଟସ୍ଥିତ କାରଖାନା ସମେତ ଅନ୍ୟାନ୍ୟ ୟୁନିଟ୍ ଓ ସମସ୍ତ ଆଞ୍ଚଳିକ କାର୍ଯ୍ୟାଳୟଠାରେ ସମୂହ ଯୋଗାଭ୍ୟାସ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଅପରପକ୍ଷରେ ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର ଅନୁଗୋଳର ସ୍ମେଲଟର ଓ ପାୱାର ପ୍ଲାଣ୍ଟଠାରେ ଆୟୋଜିତ ଯୋଗ ଦିବସ ସମାରୋହରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ପରିପ୍ରେକ୍ଷୀରେ ନାଲ୍‌କୋ ମହିଳା ସମିତିର ଅଧ୍ୟକ୍ଷା ସସ୍ମିତା ପାତ୍ରଙ୍କ ସମେତ ନାଲ୍‌କୋର ଇଡି (ଏସ୍ ଆଣ୍ଡ ପି) ଅମିୟ କୁମାର ସ୍ୱାଇଁ, ଇଡି (ଏଚ୍ ଆଣ୍ଡ ଏ) ଆଶୁତୋଷ ରଥ ଏବଂ କମ୍ପାନୀର ସମସ୍ତ ଜିଜିଏମ୍ ଓ ଭାରପ୍ରାପ୍ତ ସମସ୍ତ ୟୁନିୟନ ଏବଂ ଆସୋସିଏସନ କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ। ଉଲ୍ଲେଖଯୋଗ୍ୟ, ବରିଷ୍ଠ ଯୋଗାଚାର୍ଯ୍ୟ ତଥା ସନ୍ନ୍ୟାସୀ ଯୋଗେଶ୍ୱରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଯୋଗାସନର ଅଭ୍ୟାସ କରାଯାଇଥିଲା। ଏହି ଯୋଗାଭ୍ୟାସରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ, ପରିବାର ସଦସ୍ୟ, ସ୍କୁଲ ଛାତ୍ରୀଛାତ୍ର, ଶିକ୍ଷକ-ଶିକ୍ଷୟିତ୍ରୀ, ସୁରକ୍ଷା କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। ସେହିଭଳି ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର ଅନୁଗୋଳର ନାଲ୍‌କୋ ଡିପିଏସ୍ ସ୍କୁଲରେ ଆୟୋଜିତ ଅନ୍ୟ ଏକ ସମାରୋହରେ ମୁଖ୍ୟ ଅତିଥି ଭାବେ ମଧ୍ୟ ଅଂଶଗ୍ରହଣ କରି ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏପରିକି ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଯୋଗାସନ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ପାତ୍ର ନିଜ ଉଦ୍‌ବୋଧନରେ ଯୋଗର ମହତ୍ତ୍ୱ ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

ଭୁବନେଶ୍ୱର,୨୧।୬ (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ସମସ୍ତ ୟୁନିଟ୍‌ରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏପରିକି ଗୋଷ୍ଠୀ ସଦସ୍ୟମାନଙ୍କ ସହ ଯୋଗ ଅଧିବେଶନ ମାଧ୍ୟମରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ 'ଯୋଗ ଫର୍ ସେଲ୍ଫ ଏବଂ ସୋସାଇଟି'ର ଗ୍ଲୋବାଲ୍ ଥିମ୍ ସହିତ ସମନ୍ୱିତ ଅଧିବେଶନଗୁଡ଼ିକ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯାଇଥିଲା। ବିଶେଷକରି ବେଦାନ୍ତର କର୍ମଚାରୀମାନଙ୍କ ପରିବାର ତଥା ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟମାନେ ଉତ୍ସାହର ସହ ଏଥିରେ ଅଂଶଗ୍ରହଣ କରିଥିଲେ।

ଏପରିକି ମିଳିତ ଜାତିସଂଘ ଦ୍ୱାରା ପ୍ରତି ବର୍ଷ ଜୁନ୍ ୨୧ରେ ଅନ୍ତର୍ଜାତୀୟ ଯୋଗ ଦିବସ ସମଗ୍ର ବିଶ୍ୱରେ ପାଳନ କରାଯାଉଛି ଏବଂ ଯୋଗ ଅଭ୍ୟାସ କରୁଥିବା ଏକାଧିକ ଶାରୀରିକ ଏବଂ ମାନସିକ ଲାଭକୁ ଆଲୋକିତ କରିବାର ଏହା ଏକ ବଡ ସୁଯୋଗ ଅଟେ।

ବିଶ୍ୱର ବୃହତମ ଆଲୁମିନିୟମ କାରଖାନାର ଗୃହ ଭାବେ ବେଦାନ୍ତ ଝାରସୁଗୁଡା ଏହାର ଆଖପାଖରେ ସମ୍ପ୍ରଦାୟର ବିକାଶ ତଥା ସ୍ୱାସ୍ଥ୍ୟ କଲ୍ୟାଣ କ୍ଷେତ୍ରରେ ବିକାଶ ପାଇଁ ବହୁମୁଖୀ ଉଦ୍ୟମ କରି ଆସୁଛି। ଏହି ଅବସରରେ କମ୍ପାନୀ ଉତ୍ତମ ସ୍ୱାସ୍ଥ୍ୟ ହାସଲ କରିବାରେ ଯୋଗର ଲାଭ ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଏଥିରେ ମିଶନ ଆଶ୍ରାର (ଯାହାକି ଗରିବ ଲୋକମାନଙ୍କ ପାଇଁ ଏକ ଘର) ଅନ୍ତେବାସୀଙ୍କ ସହ ଯୋଗ ଅଧିବେଶନ ତଥା ଝାରସୁଗୁଡା ବିମାନବନ୍ଦରଠାରେ ମଧ୍ୟ ଜିଲା ପ୍ରଶାସନ ଏବଂ ଝାରସୁଗୁଡାର ରୋଟାରି କ୍ଲବ ସହଭାଗିତାରେ ଯୋଗ ସେସନ ଆୟୋଜନ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ (ବେଦାନ୍ତ ଝାରସୁଗୁଡ଼ା)ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ସକ୍ରିୟ ତଥା ଅନ୍ତର୍ଭୁକ୍ତ ପଦକ୍ଷେପ ମାଧ୍ୟମରେ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ସେବାକୁ ପ୍ରାଧାନ୍ୟ ଦେଉଛୁ। ଏପରିକି ଦୀର୍ଘସ୍ଥାୟୀ ସୁସ୍ଥତା ନିଶ୍ଚିତ କରିବାକୁ ଆମର ପ୍ରତିବଦ୍ଧତାକୁ ସୂଚାଉଛି। ଆମର ବିବିଧ କାର୍ଯ୍ୟକଳାପ ଯେପରିକି ସମାଜ ପାଇଁ ଯୋଗ ଅଧିବେଶନ ଆୟୋଜନ କରିବା ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟର ମହତ୍ତ୍ୱକୁ ଦର୍ଶାଉଛି। ଏହି ପରିପ୍ରେକ୍ଷୀରେ ଆମର ଅନ୍ୟାନ୍ୟ ପ୍ରୟାସ ଯେପରିକି ନିୟମିତ ସ୍ୱାସ୍ଥ୍ୟ ଶିବିର ଏବଂ ଉତ୍ତମ ସ୍ୱାସ୍ଥ୍ୟ ଭିତ୍ତିଭୂମି ମଧ୍ୟ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଅତ୍ୟାବଶ୍ୟକ ସହାୟତା ଯୋଗାଇଥାଏ। ଏହି ପ୍ରୟାସଗୁଡ଼ିକ ନିରନ୍ତର ବିକାଶ ପାଇଁ ଆମର ଉତ୍ସର୍ଗୀକୃତତା ଏବଂ ଉଭୟ ସମ୍ପ୍ରଦାୟ ଏବଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଉପରେ ସ୍ଥାୟୀ ପ୍ରଭାବ ପକାଇବାରେ ଆମର ବିଶ୍ୱାସକୁ ପ୍ରତିଫଳିତ କରିଥାଏ।




# ସବୁ ଜିଲାକୁ ଛୁଇଁଲା ମୌସୁମୀ

## ତାତିରୁ ଆଶ୍ୱସ୍ତି, ଚାଷୀ ମନରେ ଖୁସି

ଭୁବନେଶ୍ୱର,୨୧।୬
(ଅସମାପିକା ସାହୁ)

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହୋଇଛି। ଶୁକ୍ରବାର ସୁଦ୍ଧା ସବୁ ଜିଲାକୁ ମୌସୁମୀ ଛୁଇଁବା ପରେ ଅଧିକାଂଶ ଅଞ୍ଚଳରେ ବର୍ଷା ଆରମ୍ଭ ହୋଇଛି। ଫଳରେ ଗ୍ରୀଷ୍ମ ଲହରିରେ ବ୍ରେକ୍ ଲାଗିବା ସହ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ଏ ନେଇ ଶୁକ୍ରବାର ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ, ନୟାଗଡ଼, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ଦେବଗଡ଼ ଆଦି ୨୪ ଜିଲାକୁ ମୌସୁମୀ ସମ୍ପୂର୍ଣ୍ଣ ଛୁଇଁଛି। ସେହିଭଳି ୪ ଜିଲା ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଓ ବାଲେଶ୍ୱରର ଅଧିକାଂଶ ଅଞ୍ଚଳ ଏବଂ ସୁନ୍ଦରଗଡ଼ ଓ ମୟୂରଭଞ୍ଜ ଆଦି ୨ଟି ଜିଲାର କିଛି ଅଞ୍ଚଳରେ ମୌସୁମୀ ପହଞ୍ଚିଛି। ବର୍ତ୍ତମାନ ମୌସୁମୀ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ରହିଛି। ଆସନ୍ତା ୩-୪ଦିନ ମଧ୍ୟରେ ରାଜ୍ୟର ଏହି ୬ଟି ଜିଲାକୁ ମୌସୁମୀ ସମ୍ପୂର୍ଣ୍ଣ ଛୁଇଁବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ମୌସୁମୀ ସକ୍ରିୟ ରହିବାରୁ ରାଜ୍ୟର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକ ବର୍ଷା ଆରମ୍ଭ ହୋଇଛି। ଶୁକ୍ରବାର ଖୋର୍ଦ୍ଧାରେ ସର୍ବାଧିକ ୬୫ ମି.ମି. ବର୍ଷା ହୋଇଥିବାବେଳେ ରାଉରକେଲାରେ ୫୬, କେନ୍ଦୁଝରେ ୪୦, ଦାରିଙ୍ଗବାଡ଼ି ୩୮, ତାଳଚେରରେ ୩୫, ସୋନପୁର ୨୪.୮, ବୌଦ୍ଧ ୨୩, ପାରାଦୀପ ୧୮, ଟିଟିଲାଗଡ଼ ୧୬.୨, ଯାଜପୁର ୧୫.୨, ଢେଙ୍କାନାଳ, ୧୫.୨ ଓ ଭୁବନେଶ୍ୱରରେ ୬.୩ ମି.ମି. ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଚାନ୍ଦବାଲି, ଗୋପାଳପୁର, ଭବାନୀପାଟଣା, ବଲାଙ୍ଗୀର, କୋରାପୁଟ, ଫୁଲବାଣୀ, ଭଦ୍ରକ, ଯାଜପୁର, ନୂଆପଡ଼ାରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଗତମାସରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଭାରତରେ ପ୍ରବେଶ କରିଥିଲା। ମେ' ୩୦ରେ ଏହା ପ୍ରଥମେ କେରଳ ସ୍ପର୍ଶ କରିଥିଲା। ଜୁନ୍ ୮ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ପ୍ରଥମେ ମାଲକାନଗିରିରେ ମୌସୁମୀ ପ୍ରବେଶ କରିଥିଲା। ଉକ୍ତ ଦିନ ସେଠାରେ ପ୍ରବଳ ବର୍ଷା ହୋଇଥିଲା। ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ସର୍ବାଧିକ ୫୫.୫ ମି.ମି. ବର୍ଷା ରେକର୍ଡ କରାଯାଇଥିଲା। ମାତ୍ର ଏହାପରେ ମୌସୁମୀ ଆଉ ସେପରି ଅଗ୍ରସର ହୋଇ ନ ଥିଲା। ତିନିଦିନର ବ୍ରେକ୍ ପରେ ଏହା କୋରାପୁଟ ଓ ପରେ ରାୟଗଡ଼ା ଛୁଇଁଥିଲା। ପାଗ ଅନୁକୂଳ ନ ଥିବାରୁ ରାଜ୍ୟର ଅନ୍ୟ ଜିଲାକୁ ମୌସୁମୀ ଅଗ୍ରସର ହୋଇପାରି ନ ଥିଲା। ଏବେ ପ୍ରାୟତଃ ସାରା ରାଜ୍ୟରେ ମୌସୁମୀ ସକ୍ରିୟ ହେବାକୁ ଯାଉଛି। ମୌସୁମୀ ବର୍ଷା ଯୋଗୁ ଲୋକେ ତାତି ଓ ଗୁଳୁଗୁଳିରୁ ଆଶ୍ୱସ୍ତ ହୋଇଛନ୍ତି। ମୌସୁମୀ ପ୍ରଭାବରେ ଏବେ କ୍ରମଶଃ ରାଜ୍ୟର ସମସ୍ତ ଜିଲାରେ ବର୍ଷା ହେବ। ଚାଷ କାମ ଆରମ୍ଭ ହୋଇଯିବ। ତେଣୁ ଚାଷୀ ମନରେ ଖୁସି ଦେଖିବାକୁ ମିଳିଛି। ଅପରପକ୍ଷେ ରାଜ୍ୟର କିଛି ଜିଲାକୁ ଆସନ୍ତା ଦୁଇଦିନ କାଳବୈଶାଖୀ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ୧୫ ଜିଲାକୁ ଝଡ଼ବର୍ଷା ନେଇ ସତର୍କ କରାଯାଇଥିବା ବେଳେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି।

# ଏସ୍‌ବିଆଇର ଯୋଗାଭ୍ୟାସ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୧।୬ (ଅଭୟ ଦାଶ)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ)ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଓଡ଼ିଶାରେ ଥିବା ଏସ୍‌ବିଆଇର ସମସ୍ତ ଶାଖା ଏବଂ ପ୍ରଶାସନିକ କାର୍ଯ୍ୟାଳୟଠାରେ ମଧ୍ୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା।

ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର ଓଡ଼ିଶା ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ



ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପୃଥୀଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

ଉଲ୍ଲେଖଯୋଗ୍ୟ, ସତ୍ୟାନନ୍ଦ ଯୋଗ ବିଦ୍ୟାଳୟ ଭୁବନେଶ୍ୱରର ପ୍ରଶିକ୍ଷକମାନଙ୍କ ଦ୍ୱାରା ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ବିଶାଳ ଯୋଗ ଅଧିବେଶନ ଆୟୋଜିତ ହୋଇଥିଲା। ଏଥିରେ ୧୦୦ରୁ ଅଧିକ ବ୍ୟାଙ୍କ କର୍ମଚାରୀ ଯୋଗଦେଇଥିଲେ ଏବଂ ବିଭିନ୍ନ ଯୋଗ ମୁଦ୍ରା ଏବଂ ନିୟମିତ ଯୋଗ ଅଭ୍ୟାସର ଲାଭ ବିଷୟରେ ଜାଣିଥିଲେ।

# ତୃଣମୂଳ ସ୍ତରର ଲୋକଙ୍କୁ ଚିକିତ୍ସାସେବା ଆମର ଲକ୍ଷ୍ୟ

**ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ସ୍ୱାସ୍ଥ୍ୟସେବା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଏହି ବୈଠକରେ ଯୋଗଦେଇ ବଲାଙ୍ଗୀର ଜିଲାରେ ବର୍ତ୍ତମାନ ସ୍ୱାସ୍ଥ୍ୟସେବା ସ୍ଥିତି ଓ ଭିତ୍ତିଭୂମି କିଭଳି ରହିଛି ତାର ସବିଶେଷ ସମୀକ୍ଷା କରିଥିଲେ। ସେ କହିଥିଲେ, ତୃଣମୂଳ ସ୍ତରର ବ୍ୟକ୍ତିଙ୍କୁ ଉତ୍ତମ ଚିକିତ୍ସା ସେବା ଯୋଗାଇବା ଭାଜପା ସରକାରର ମୂଳ ଲକ୍ଷ୍ୟ। ଏହି ଲକ୍ଷ୍ୟ ସାଧନ କରିବାକୁ ହେଲେ ଡାକ୍ତର, ନର୍ସ, ଫର୍ମାସିଷ୍ଟ, ପାରାମେଡିକାଲ ଷ୍ଟାଫ୍ ସମନ୍ୱୟ ରଖି ଚିକିତ୍ସା ସେବା ଯୋଗାଇବାକୁ ହେବ। ନୂଆ ସରକାରଠାରୁ ଲୋକେ ଯାହା ଆଶା କରୁଛନ୍ତି ତାହା ଯୋଗାଇବା ଦିଗରେ ସବୁପ୍ରକାର ଉଦ୍ୟମ କରାଯିବ ବୋଲି ସେ କହିଥିଲେ।

ବୈଠକ ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ଗୁରୁ ପାୱାର ପଏଣ୍ଟ ଜରିଆରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଜିଲାର ସ୍ୱାସ୍ଥ୍ୟସେବା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲାରେ କେତେ ଡାକ୍ତର ପଦବୀ ଖାଲି ପଡିଛି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ସ୍ଥିତି ସମ୍ପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ଜିଲାର ରେଡିଓଲଜିଷ୍ଟ ନ ଥିବାରୁ କିଭଳି ସ୍ଥିତି ସୃଷ୍ଟି ହୋଇଛି ଜଣାଇଥିଲେ। ଡାକ୍ତର ପଦବୀ ଖାଲି ପଡିଥିବାବେଳେ ଜିଲାର କିଛି ଡାକ୍ତର କିଭଳି ଦୀର୍ଘ ଛୁଟିରେ ରହିଛନ୍ତି ଜଣାଇଥିଲେ। ସମୀକ୍ଷା ବେଳେ ଜିଲାର ବିଭିନ୍ନ ଡାକ୍ତରଖାନା, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଅନେକ ମେଶିନ୍ କିଭଳି ଅଚଳ ହୋଇପଡିଛି ଓ ତାକୁ ମାସ ମାସ ଧରି କାର୍ଯ୍ୟକ୍ଷମ କରାଯାଉନାହିଁ ଜଣାପଡିଥିଲା। ମେଡିକାଲ ଉପକରଣ ସଜାଡିବା ଦାୟିତ୍ୱରେ ଥିବା କେଟିପିଏଲ ନାମକ ସଂସ୍ଥା କିଭଳି ମନମାନି କରୁଛି ଡାକ୍ତରମାନେ ଜଣାଇଥିଲେ। ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅପରେଶନ୍ ଟେବୁଲ ଭାଙ୍ଗିଯିବାରୁ ନୂଆ ଟେବୁଲ ଦିଆଯାଉନାହିଁ। ଫଳରେ ଏଠାରେ ପ୍ରସୂତିକାଳୀନ ଅପରେଶନ୍ ଏକପ୍ରକାର ବନ୍ଦ ହୋଇଯାଇଛି। ପାଟଣାଗଡ, କଣ୍ଟାବାଞ୍ଜି, ଟିଟିଲାଗଡ ହସ୍ପିଟାଲରେ ସିବିସି ମେଶିନ୍ ବନ୍ଦ ହୋଇପଡିଛି। ପାଟଣାଗଡରେ ଡିଜିଟାଲ ଏକ୍ସରେ ମେଶିନ୍ ଏବଂ ଟିଟିଲାଗଡରେ ଅଟୋଏନାଲାଇଜର, ଏକ୍ସରେ ମେସିନ୍ ଅକାମୀ ହୋଇପଡିଛି।


ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟସେବା ସମୀକ୍ଷା କରୁଛନ୍ତି।

## ବଲାଙ୍ଗୀରରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଅକ୍ସିଜେନ୍ ପ୍ଲାଣ୍ଟ ପ୍ରାୟ ଦେଢ଼ବର୍ଷ ହେଲା ବନ୍ଦ ପଡିଛି। ଡାକ୍ତରମାନଙ୍କଠାରୁ ଏଭଳି ତଥ୍ୟ ପାଇବା ପରେ ଏହାର ଶୀଘ୍ର ସମାଧାନ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଥିଲେ। ବୈଠକରେ ଟିଟିଲାଗଡ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ଡିନ୍ ଡା. ସ୍ୱୟଂପ୍ରଭା ପାଢ଼ୀ, ହସ୍ପିଟାଲ ଅଧୀକ୍ଷକ ଡା. ମାନସୀ ପଣ୍ଡା, ଡା. କୁବେର ଚନ୍ଦ୍ର ମହନ୍ତ, ଡା. ଦିବ୍ୟକିଶୋର ପତି, ଡା. ଉଷା ଦାଶ ଓ ଜିଲାସ୍ତରୀୟ, ଉପଖଣ୍ଡସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।


ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦିବସ ପାଳନ ଅବସରରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ୱେଟଲିଫ୍ଟିଂ ଉଠାଉଛନ୍ତି।

# ଯୋଗ ସୁସ୍ଥ ରହିବାର ମହାମନ୍ତ୍ର: ମୁକେଶ

**ବଲାଙ୍ଗୀର,୨୧।୬(ବୀରେନ୍ଦ୍ର କୁମାର ଝାଙ୍କର):** ବଲାଙ୍ଗୀର ଜିଲାରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ସାମୂହିକ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ତଥା ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ ଯୋଗଦେଇ ଯୋଗ ସୁସ୍ଥ ରହିବାର ମହାମନ୍ତ୍ର ବୋଲି କହିଥିଲେ। ଆଜି ସମଗ୍ର ବିଶ୍ୱ ଭାରତୀୟ ଯୋଗର ମହାତ୍ମ୍ୟ ବୁଝିସାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ଦେବକୀ ସାହୁ, ଆରକ୍ଷୀ ଅଧୀକ୍ଷକ ଋଷିକେଶ ଖିଲାରୀ ଦ୍ୟାନଦେଓ, ପୌରାଧ୍ୟକ୍ଷା ଲିକା ସାହୁ, ଅତିରିକ୍ତ ଜିଲାପାଳ ଡ଼. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର, ବଲାଙ୍ଗୀର ସଦର ବ୍ଲକ୍ ଅଧ୍ୟକ୍ଷା ସରିତା ବାଗ, ନାଗରିକ କମିଟି ସଭାପତି ଡ. ଶ୍ରୀକର ମିଶ୍ର ଯୋଗଦେଇ ଯୋଗାଭ୍ୟାସ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଯୋଗଦିବସ



**ଲୋଇସିଂହା,୨୧।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟରେ ଦଶମ ଆନ୍ତର୍ଜାତୀୟ ଯୋଗଦିବସ ଅଧ୍ୟକ୍ଷ ଗୋବିନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏଥିରେ ଯୋଗସାଧିକା ସସ୍ମିତା ସାହୁ ଯୋଗଦେଇ ଯୋଗ, ପ୍ରାଣାୟାମ ଶିକ୍ଷା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ବିବେକାନନ୍ଦ ମିଶ୍ର ଯୋଗର ମହତ୍ୱ ଏବଂ ଅଷ୍ଟାଙ୍ଗ ଯୋଗ ସାଧନା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଲୋଇସିଂହା ହରେକୃଷ୍ଣ ମହତାବ ହାଇସ୍କୁଲର ପ୍ରକୃତିବନ୍ଧୁ ଶିକ୍ଷକ ଭକ୍ତଚରଣ ନାଏକଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଶିକ୍ଷୟିତ୍ରୀ କଲ୍ୟାଣି ନାଏକ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଆଗଲପୁର ରୋତ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା କାର୍ଯ୍ୟକ୍ରମ ଅଧିକାରୀ ଡ. ସନ୍ତୋଷ ରଥ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଖ୍ୟାତି ସମ୍ପନ୍ନ ଯୋଗଗୁରୁ ସୁରେନ୍ଦ୍ର ଭୋଇ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ।

EXPRESSION OF INTEREST
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)
No. 287 /SIHM/2024-25/TENDER Date: 21.06.2024
E-tender invited by SIHM, Balangir from established dealers/shops manufacturers/distributors/firm registered in India for supply of : DSLR Camera, Lens, Various Electrical Equipment's, Various Furniture, PA System and Smart Class Room Items & Other Equipments to State IHM, Balangir for the Academic Session 2024-2025.
Interested parties may kindly visit the below mentioned website for further details:
www.tenderwizard.com/SIHM or www.sihmbalangir.org
Sd/-
Principal

INS CHILIKA
ସାଧାରଣ ବିଜ୍ଞପ୍ତି
RPA (ଡ୍ରୋନ୍ / ୟୁଏଭି) ସମେତ କୌଣସି ଉଡ଼ାଣଯାନର ନିଷିଦ୍ଧାଞ୍ଚଳରେ ଉଡ଼ାଣ ମନା
ପ୍ରତିରକ୍ଷା ପ୍ରତିଷ୍ଠାନ INS Chilikaର ୩ କି.ମି. ମଧ୍ୟରେ କୌଣସି ପ୍ରକାର ଉଡ଼ାଣଯାନ (ଡ୍ରୋନ୍/ୟୁଏଭି)ର ଉଡ଼ାଣକୁ ନିଷିଦ୍ଧ କରାଯାଇଛି। ଯଦି କୌଣସି ଉଡ଼ାଣଯାନ ସମେତ ଆର୍‌ପିଏ ଡ୍ରୋନ୍ (ୟୁଏଭି) ଏହି ନିୟମକୁ ଉଲ୍ଲଂଘନ କରନ୍ତି ତେବେ ତାହାକୁ ଧ୍ୱଂସ ବାଜ୍ୟାପ୍ତି କରିଦିଆଯିବ ଏବଂ ଚାଳକଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଧାରା ୧୨୧, ୧୨୧(କ), ୨୮୭, ୩୩୬ ଏବଂ ୩୩୮ ମୂଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ନିହାତି ଆବଶ୍ୟକ ପଡେ, ତେବେ ମହାନିର୍ଦ୍ଦେଶକ, ସାଧାରଣ ବିମାନ ଚଳାଚଳ ପ୍ରାଧିକରଣ (ଡିଜିସିଏ)ଙ୍କ ନିକଟରୁ ଡିଜିସିଏ ୱେବ୍‌ସାଇଟ୍ ମାଧ୍ୟମରେ ଅପରେଟର ସଂସ୍ଥାକୁ ସ୍ୱୀକୃତି ଆଣିବାକୁ ହେବ ଏବଂ ଉଦ୍ଦିଷ୍ଟ ଉଡ଼ାଣର ଗୋଟିଏ ଗୋଟିଏ ସପ୍ତାହ ପୂର୍ବରୁ ସ୍ୱୀକୃତିପତ୍ର INS Chilika ନିକଟରେ ଦାଖଲ କରିବାକୁ ହେବ।
CBC–10702/11/0016/2425

# ଯୋଗ ଦିବସରେ ବିଭିନ୍ନ ପ୍ରତିଯୋଗିତା

**ଲାଠୋର,୨୧।୬(ଭୁବନେଶ୍ୱର ବାରିକ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡିଗ୍ରୀ କଲେଜ ପରିସରରେ ଶୁକ୍ରବାର ଅଧ୍ୟକ୍ଷ ପ୍ରସନ୍ନ କୁମାର ଦାଶଙ୍କ ନେତୃତ୍ୱରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ହୋଇ ଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା ସମିତି ସଭାପତି ନୀଳମାଧବ ପଣ୍ଡା, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସଦାନନ୍ଦ ବେହେରା ଏବଂ ବିଶ୍ୱନାଥ ଦତ୍ତ ଯୋଗ ଦେଇଥିଲେ। ଯୋଗ ଗୁରୁ ଦେବଦର୍ଶନ ତ୍ରିପାଠୀ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ର ଏବଂ କର୍ମଚାରୀଙ୍କୁ ଯୋଗର ବିଭିନ୍ନ ଆସନ ଶିଖେଇ ତାର ଉପକାରିତା ବିଷୟରେ କହିଥିଲେ। ଯୋଗ ଦିବସ ଅବସରରେ କଲେଜର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଛାତ୍ର ଅଭିଷେକ ସାହୁ ବକ୍ତୃତା, ସ୍ଲୋଗାନ ଲିଖନ, କୁଇଜ ଏବଂ ରଚନା ରାଇଟିଂ ଆଦି ୪ ଗୋଟି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ପୁରସ୍କୃତ ହୋଇଥିଲେ। ସେହିପରି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ଡକ୍ଟର ନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ମଧ୍ୟ ଯୋଗ ଦିବସ ପାଳନ ହୋଇଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସଦାନନ୍ଦ ବେହେରା, ଭୁବନେଶ୍ୱର ବାରିକ ଏବଂ କପିଳ ସୁନା ଯୋଗ ଦେଇଥିଲେ। ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକରେ ମଧ୍ୟ ଯୋଗ ଦିବସ ପାଳନ କରାଯାଇଥିବା ଦେଖାଯାଇଛି।

# ମହିଳା ସ୍ନାତକ ମହାବିଦ୍ୟାଳୟରେ ଯୋଗ କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି,୨୧।୬(ଗୁରୁଦୟାଲ ହଂସ):** ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇଯାଇଛି। ଏହିଅବସରରେ ମହିଳା ସ୍ନାତକ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଥିଲେ। ଏହି ଅବସରରେ ଯୋଗ ଗୁରୁ ଗୋବିନ୍ଦ ଭୁଏ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀମାନଙ୍କୁ ଯୋଗ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ଲାନ୍ଥନଦୀ ପୋଲରେ ଜମୁଛି ପାଣି

**ସଇଁତଲା,୨୧।୬ (ରାଖାଲ ପ୍ରସାଦ ଶତପଥି):** ସାମାନ୍ୟ ବର୍ଷା ହେଲେ ବରଗଡ଼–ବୋରିଗୁମ୍ମା ଜାତୀୟ ରାଜପଥ ୨୬ ବରଗାଁ ଲାନ୍ଥ ନଦୀ ପୋଲ ଉପରେ ପାଣି ଜମି ଢେ଼ଉ ଖେଳୁଥିବାବେଳେ ଉକ୍ତ ପୋଲ ଦେଇ ଯାଉଥିବା ବାଟୋଇମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସଇଁତଲା ବ୍ଲକ ବରଗାଁଠାରେ ଥିବା ଏହି ପୋଲରେ ଦୀର୍ଘ ଦିନରୁ ଅନେକ ସ୍ଥାନରେ ଗାତ ହୋଇଥିଲା। ଉକ୍ତ ଗାତ ଦେଇ ପୋଲରେ ଥିବା ପାଣି ନିଷ୍କାସନ ହେଉଥିବାବେଳେ ବର୍ତ୍ତମାନ ଜାତୀୟ ରାଜପଥ ବିଭାଗ ତରଫରୁ ପୋଲ ମରାମତି କରାଯାଇଛି। ଫଳରେ ବର୍ଷା ଜଳ ନିଷ୍କାସନ ପାଇଁ ଥିବା କେତେକ ଗାତ ବନ୍ଦ ହୋଇଯାଇଛି। ଖରା ସମୟରେ ବଡ଼ ବଡ଼ ଗାଡ଼ି ମୋଟର ଯିବା ଦ୍ୱାରା ବାଲି, ମଇଳା, ଆବର୍ଜନା ଗୁଡ଼ିକ ଉକ୍ତ ପୋଲରେ ପଡ଼ିରହି ଅନ୍ୟ କେତେକ ଗାତ ପୁରାପୁରି ଭାବରେ ବନ୍ଦ ହୋଇଯାଇଛି। ଜାତୀୟ ରାଜପଥ ବିଭାଗ ତରଫରୁ ଉକ୍ତ ପୋଲ ଉପରେ ଜମି ରହିଥିବା ବାଲି, ମଇଳା କିମ୍ବା ଆବର୍ଜନାକୁ ଦୀର୍ଘ ଦିନ ହେଲା ସଫା କରାଯାଇ ନ ଥିବାରୁ ସାମାନ୍ୟ ବର୍ଷା ହେଲେ ପୋଲରେ ପାଣି ଜମି ରହୁଛି।

# ଦେଓଗାଁରେ କଂସ ଦରବାର

**ଦେଓଗାଁ,୨୧।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମୁଖ୍ୟାଳୟରେ ରଜମହୋତ୍ସବ ଅବସରରେ ଚାଲିଥିବା କଂସ ଦରବାରର ଶୁକ୍ରବାର ପଞ୍ଚମ ଦିବସରେ ଦେବର୍ଷି ନାରଦଙ୍କ ପରାମର୍ଶକ୍ରମେ ଷଡମଲ୍ଲଙ୍କ ଆବାହନ ଓ ଷଡମଲ୍ଲଙ୍କୁ ଗୋପପୁର ପ୍ରେରଣ ନାଟ୍ୟାଭିନୟ ଅନୁଷ୍ଠିତ ହୋଇଥିଲା । ଏଥିରେ କଂସ ଭୂମିକାରେ ସଞ୍ଜୀବ ପଧାନ, ମହାମନ୍ତ୍ରୀ କୈଳାସ ଭୂଏ, ମନ୍ତ୍ରୀ ଲୋଚନ ପଧାନ, ସେନାପତି ମନ୍ମଥ ଭୂଏ, ଷଡମଲ୍ଲ ବାଙ୍କା, ପୃଥିରାଜ ବାଗ, ଗୋପାନନ୍ଦ ସାହୁ ଓ ସାଥୀ ନାଟକ ପରିବେଷଣ କରିଥିଲେ। ସ୍ଥାନୀୟ ଜବାହର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ କଂସ ଦରବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କମିଟି ସଭାପତି ବିଶ୍ୱଜିତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଡା. ଶଶି ଭୂଷଣ ସାହୁ , ସମ୍ମାନିତ ଭାବେ ବାସୁଦେବ ସିଂ ନିନା ପ୍ରମୁଖ ଯୋଗଦେଇଥିଲେ।

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553 No. CAD-301
Lifeline of Odisha

ENGAGEMENT OF STAFF FOR CRECHE ON CONTRACTUAL BASIS

The Following staff are urgently required for functioning of Creche at OPTCL Tech Tower, Janpath, Saheed Nagar, Bhubaneswar. Interested experienced female aspirants may send their resume along with recent colour passport photo through mail to **cr@optcl.co.in** mentioning in the subject for the post applied for within 7 days from the date of publication of this announcement.

CRECHE SUPERVISOR
**Qualification:** Any Graduate (Female), Additional qualification in relevant field will be preferred.
**Experience:** 3 to 5 years of relevant experience in handling such responsibility in running of creche.
**Remuneration:** Consolidated remuneration of Rs. 25000/-. No other allowances will be paid.

CRECHE ASSISTANT
**Qualification:** Higher Secondary (Female), Additional qualification in child care, nursing or nutrition will be preferred.
**Experience:** 1 to 2 years of relevant experience in handling such responsibility in any creche.
**Remuneration:** Consolidated remuneration of RS. 15000/-.No other allowances will be paid.
**Only short listed candidates will be called for interview. No TA/DA will be paid for attending interview.** OIPR-04011/11/0009/2425 HIPR- 02/2024-25
/optcl.odisha /optcl_odisha

FAKIR MOHAN UNIVERSITY
Vyasa Vihar, Nuapadhi,
Balasore, Odisha, PIN - 756089
No. FMU-DEV-FD-454/2024/4389 Date: 21.06.2024
TENDER CALL NOTICE
Sealed tenders are invited from reputed Tent House Owner/Event Managers having valid GST Certificate and PAN number for arranging iron truss pandal and auditorium for about 800 guests for celebration of 26th Foundation Day of Fakir Mohan University at Nuapadhi Campus on 11.07.2024. The last date of receipt of filled-in tender papers at the end of the undersigned is 01.07.2024 by 02.00 P.M. The tenders will be opened on the same day at 3.00 P.M. in the office chamber of the undersigned. The authority reserves the right to cancel or accept any or all tender(s) without assigning any reason thereof. For details, visit our website: **www.fmuniversity.nic.in**.
By order of the Vice-Chancellor
Sd./- Registrar

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

TEACHER REQUIRE
Male/Female Teachers require for English and Odia Medium School in Bhubaneswar.
Call: 7978084379 9337119851

WANTED
CIVIL ENGINEER DEGREE / DIPLOMA OR DRAFTSMAN CIVIL CANDIDATES WITH AUTOCAD EXPERIENCE
9777247762

WALK IN INTERVIEW
A walk in interview will be held on Dt.24 & 26.06.2024 from 10 A.M. to 2 P.M. for the Post of 1. Resident Medical Officer, 2. Full time Medicine Specialist, 3. Floor Manager, 4. Marketing Executive, 5. OT in charge with experience, 6. Hospital Electrical Maintenance Supervisor, 7. Housekeeping Maintenance, 8. Experienced Front Office Executive both Male & Female, 9. Pathology Laboratory Technician, 10. Office Peon. Please come with all of your testimonials. Salary is negotiable. Candidates will be apply on hospital mail ID- usthihospital.2009@gmail.com
USTHI Hospital
N4 1/1, IRC Village, Nayapalli, BBSR
Ph.: 0674-2556267/2550312, 9090963722
E Mail: usthihospital.2009@gmail.com

REQUIRED
ESTABLISHED
2020 Start Up Company requires Telesales to be a part of the Fast Expansion Programme.
**Candidate Details:** Female (Only), **Age:** 20-25 Yrs. Degree Pass/Communication Skill in Odia, Hindi.
SMART & EXPERIENCED IN TELE CALLING & OFFICE WORK.
**Computer Knowledge Preferred:** MS Office (Word/Excel)
**Experience:** 1-2 years preferred.
Salary Plus Monthly Incentives
Immediate Joining • Place of posting: Bhubaneswar
• Send CV with Photo. Apply Now to:
octothorp2020@gmail.com, WHATSAPP NO.: 9938844566

WANTED
ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା: ୧୦,୦୦୦/– ଏବଂ ରହିବା ଓ ଖାଇବା ମାଗଣା।
7809525452

REQUIRED
Dentor and Technician Required.
Salary will be Negotiated
AKARSH MOTORS
Tankapani Road, BBSR
Mob.: 9437205155

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ
ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ
ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟ ନାମ | ଖାଲି ପଦବୀ | ସମାନ / ତୁଳନାତ୍ମକ ଗ୍ରେଡ୍ | ପ୍ରକାର |
|---|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/01 | | | | |
| 1 | ଡିଫେନ୍ସ ବ୍ୟାଙ୍କିଙ୍ଗ୍ ଆଡଭାଇଜର (ଡିବିଏ) - ଏୟାର ଫୋର୍ସ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 2 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ୍ ଆଡଭାଇଜର (ସିଡିବିଏ) - ବେଙ୍ଗାଲୁରୁ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 3 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ୍ ଆଡଭାଇଜର (ସିଡିବିଏ) - ଚଣ୍ଡିଗଡ଼ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/02 | | | | |
| 4 | ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ବିଶେଷଜ୍ଞ) | 9 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/03 | | | | |
| 5 | ରିସର୍ଚ୍ଚ ଆନାଲିଷ୍ଟ - ଫୋରେକ୍ସ | 1 | ଏମଏମଜିଏସ୍ III | ଚୁକ୍ତିନାମା |
| 6 | ରିସର୍ଚ୍ଚ ଆନାଲିଷ୍ଟ - ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| 7 | ରିସର୍ଚ୍ଚ ଆନାଲିଷ୍ଟ - ପ୍ରାଇଭେଟ ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/04 | | | | |
| 8 | କ୍ଲାଇମେଟ୍ ରିସ୍କ ବିଶେଷଜ୍ଞ | 2 | ଏମଏମଜିଏସ୍ III | ନିୟମିତ |
| 9 | ମାର୍କେଟ୍ ରିସ୍କ ବିଶେଷଜ୍ଞ | 3 | ଏମଏମଜିଏସ୍ III | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/05 | | | | |
| 10 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ (ଏମଏମଜିଏସ୍ II) | 150 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/06 | | | | |
| 11 | ବରିଷ୍ଠ ଉପାଧ୍ୟକ୍ଷ (ଇନଫ୍ରାଷ୍ଟ୍ରକଚର୍ ସୁରକ୍ଷା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ) | 1 | ଟିଇଜିଏସ୍–VI | ଚୁକ୍ତିନାମା |
| 12 | ବରିଷ୍ଠ ଉପାଧ୍ୟକ୍ଷ (ସୂଚନା ସୁରକ୍ଷା କାର୍ଯ୍ୟ) | 1 | ଟିଇଜିଏସ୍–VI | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।
• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.06.2024 ରୁ 27.06.2024 ପର୍ଯ୍ୟନ୍ତ।
ସ୍ଥାନ: ମୁମ୍ବାଇ
ତାରିଖ: 07.06.2024
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

WANTED
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 9078282976

REQUIRED
Cook cum Peon
Driver
Office Bearer cum Cleaner
ରହିବା, ଖାଇବା ସୁବିଧା ରହିଅଛି
-: Contact :-
8847855057

GHANASHYAM HEMALATA VIDYAMANDIR, PURI
Estd- 1995, PURI, ORISSA
(Fully Residential School)
Affiliated to CBSE, New Delhi
R.J Vihar, Bhuan, Chhaitana, Puri-752002
Ph. No: - 7008243964 / 8018399102 / 7735629062 / 7008905242
E-mail: - puri.ghvm@gmail.com
REQUIREMENT OF TEACHERS

| POST | SUBJECTS |
|---|---|
| PRINCIPAL | SCIENCE / ENGLISH MEDIUM BACKGROUND |
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, COMPUTER, ODIA |
| PET | MALE AND FEMALE |
| LIBRARIAN & NTT | FEMALE |

• **Qualification :** - As Per CBSE norms.
• **Salary :** -
**PRINCIPAL -** Negotiable.
**PGT-** Rs.35,000/- (Negotiable, based on performance & experience)
**TGT-** Rs.25,000/- (Negotiable, based on performance & experience)
**PRT-** Rs.16,000/- (Negotiable, based on performance & experience)
**PET / LIBRARIAN & NTT-** Salary negotiable
• Competent & Experienced teachers having knowledge in Computer are preferable.
• Free Accommodation, Fooding & Laundry for all the above post.
• Interested candidate can apply by sending their resume (with photograph) through post to **The Chairman, Ghanashyam Hemalata Vidyamandir, R.J.Vihar, At. Bhuan, Post. Chhaitana, Dist. Puri, Pin. 752002** or by mail to **recruit.ghvm@gmail.com** within 07 days of the publication of advertisement.
CHAIRMAN

# ଶିଶୁ ଶ୍ରମିକ ପ୍ରଥା ବିରୋଧରେ ବିଶ୍ୱ ଦିବସ ପାଳନ

ଦେବଗଡ଼,୨୧ା୬(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ, ଜିଲା ଶ୍ରମ ବିଭାଗ ଓ ଜିଲା ଶିଶୁ ସୁରକ୍ଷା ବିଭାଗର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ରୌନକ ପ୍ଲାଜାଠାରେ ଶିଶୁ ଶ୍ରମିକ ପ୍ରଥା ବିରୋଧରେ ବିଶ୍ୱ ଦିବସ ପାଳିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧୀକରଣ ସମ୍ପାଦିକା ଅପୂର୍ବା ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ପ୍ରଥା ସମ୍ପର୍କରେ ଆଲୋକପାତ କରିଥିଲେ। ଶିଶୁ ମଙ୍ଗଳ ସମିତି ଅଧକ୍ଷା ପିଙ୍କିରାଣୀ ନନ୍ଦ ଉଦ୍ଧାର ହୋଇଥିବା ଶିଶୁ ଶ୍ରମିକମାନେ ଶିଶୁ ମଙ୍ଗଳ ସମିତି ଦ୍ୱାରା କେମିତି ଉପକୃତ ହେବେ ସେ ସମ୍ବନ୍ଧରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ କିଶୋର ନ୍ୟାୟ ବୋର୍ଡର ସଦସ୍ୟ ଡ. ସମୀର କୁମାର ନନ୍ଦ ଶିଶୁ ଓ କିଶୋର ଶ୍ରମିକ (ନିଷିଦ୍ଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬, ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ଚାକିରି ସର୍ତ୍ତାବଳୀ) ଆଇନ, ୧୯୭୯ ଓ ଦାଦନ ଶ୍ରମିକ ସମସ୍ୟା ତଥା ଶିଶୁ ଶ୍ରମିକ ପ୍ରଥା ଓ ଦାଦନ ଶ୍ରମିକ ଆଇନଗତ ଦିଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ହିତାଧିକାରୀ, ଶ୍ରମିକ ସଙ୍ଗଠନ, ପୋଲିସ ବିଭାଗ, ଶିକ୍ଷା ବିଭାଗ, ଚାଇଲ୍ଡଲାଇନ, ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲା ଶ୍ରମ ବିଭାଗ ଓ ଶିଶୁ ସୁରକ୍ଷା ୟୁନିଟ କର୍ମଚାରୀମାନେ ଯୋଗଦାନ କରିଥିଲେ। ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବା ନିମନ୍ତେ ସାମୂହିକ ଶପଥ ପାଠ କରିବା ସହିତ ବିଭାଗ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ଉଦ୍ଦେଶ୍ୟରେ ପ୍ରସ୍ତୁତ ପୋଷ୍ଟର ଓ ଷ୍ଟିକର ଅତିଥିମାନେ ଉନ୍ମୋଚନ କରିଥିଲେ। ଶେଷରେ ଜିଲା ଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗ ଦ୍ୱାରା ରୋଗ ଉପଶମ ହୋଇଥାଏ

ଝାରସୁଗୁଡ଼ା,୨୧ା୬(ସଞ୍ଜୟ ମାଲି)



ଝାରସୁଗୁଡ଼ାରେ ଶୁକ୍ରବାର ସକାଳ ପ୍ରାୟ ୭ଟାରୁ ୯ଟା ପର୍ଯ୍ୟନ୍ତ ସ୍ଥାନୀୟ ମଙ୍ଗଳବଜାର ସ୍ପୋର୍ଟସ କମ୍ପ୍ଲେକ୍ସଠାରେ ଜିଲାସ୍ତରୀୟ ଯୋଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିବା ବେଳେ ଜିଲାପାଳ ଅବୋଲୀ ସୁନିଲ ନାରଭାଣେ, ଏସ.ପି. ପରମାର ସ୍ମିତ ପୁରୁଷୋତ୍ତମ ଦାସଙ୍କ ସମେତ ଜିଲା ପ୍ରଶାସନ ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଯୋଗ ଆମ ମାନସିକ ଓ ଶାରୀରିକ ସାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ ଏବଂ ଯୋଗ ଖାଲି ଆଜି ଯୋଗ ଦିବସରେ ନୁହେଁ ବରଂ ନିତି ଦିନିଆ ଏହି ଯୋଗକୁ ଆମ ଜୀବନରେ ଆପଣେଇବା କଥା ବୋଲି ଅତିଥିମାନେ କହିଛନ୍ତି। ସେପଟେ ପୂର୍ବତନ ବିଧାୟିକା ଦୀପାଳି ଦାସ ମଧ୍ୟ ଯୋଗ ଦିବସରେ ସାମିଲ ହେବା ସହ ଯୋଗର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଛନ୍ତି। ସୂଚନା ଥାଉ କି, ଯୋଗ ଦିବସ ଯୋଗକୁ ଏକ ଆନ୍ଦୋଳନ ରୂପେ ପ୍ରୋତ୍ସାହନ ଦେବା ଉପରେ ଜୋର ଦିଏ, ଯାହା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ସ୍ଥିରତାକୁ ଦୃ କରେ ଏବଂ କଲ୍ୟାଣକୁ ପ୍ରୋତ୍ସାହିତ କରେ। ଚଳିତବର୍ଷ ଏହି ଦିବସର ବିଷୟ ରହିଛି 'ନିଜ ପାଇଁ ଓ ସମାଜ ପାଇଁ ଯୋଗ' ଯୋଗ ଜନସ୍ୱାସ୍ଥ୍ୟ ଓ କଲ୍ୟାଣ ପାଇଁ ଏକ ସମଗ୍ରୀକ ଦୃଷ୍ଟିକୋଣ ପ୍ରଦାନ କରେ ଯାହା ଆମ ବ୍ୟସ୍ତବହୁଳ ଜୀବନରେ ସନ୍ତୁଳନ ରକ୍ଷା କରିବାରେ ସହାୟକ ହୁଏ। ଜାତିସଂଘ ସାଧାରଣ ସଭାର ୬୯ତମ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରସ୍ତାବ କ୍ରମେ ୨୦୧୪ ଡିସେମ୍ବରରେ ଅନ୍ତର୍ଜାତୀୟ ଯୋଗ ଦିବସ ପ୍ରତିଷ୍ଠା ହୋଇଥିଲା। ୨୦୧୫ ଜୁନ ୨୧ ତାରିଖରେ ପ୍ରଥମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ସେହିପରି ସହରର ବୁଢ଼ାପଡା ବୁରୋମାଲସ୍ଥିତ ଝାଡେଶ୍ୱରୀ ସ୍ୱତନ୍ତ୍ର ବିଦ୍ୟାଳୟରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ତଥା ସଭାପତି ବିବେକା ନନ୍ଦ ମିଶ୍ରଙ୍କ

## ଜିଲାସ୍ତରୀୟ ଯୋଗ ଦିବସ ପାଳିତ

ଅକ୍ଷତାରେ ଅନୁଷ୍ଠିତ ସଭାରେ ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ ଜ୍ୟୋତିଷ ସଭା ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗଗୁରୁ ରାମବତାର ବର୍ମା, ଡାକ୍ତର ପ୍ରକାଶ ଚନ୍ଦ୍ର ରଣା, ପରିଚାଳନା କମିଟି ସଭ୍ୟ ତଥା ରାଷ୍ଟ୍ରୀୟ କରାଟେ ପ୍ରତିଷ୍ଠାନ ସଭାପତି ସୁଶାନ୍ତ ଗୁପ୍ତା, ଏଇତ ଜୀବନ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ସୁଜାତା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଅତିଥି ବର୍ମା ଯୋଗ ଦ୍ୱାରା ସମସ୍ତ ରୋଗ ଉପଶମ ହୋଇଥାଏ ବୋଲି କହିଥିଲେ। କମିଟି ସଭ୍ୟ ଗୁଣନିଧି ଭଇସା ଯୋଗ ଶିବିର ସଂଯୋଜନା କରିଥିବା ବେଳେ ଯୋଗ ଗୁରୁ ରାମ ବତାର ବର୍ମା ବିଦ୍ୟାଳୟ କର୍ମଚାରୀ ଓ ଛାତ୍ର ଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ଯୋଗ ଶିଖାଇଥିଲେ। ଅଧକ୍ଷା ନମିତା ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ଯୋଗ ଦିବସ ପାଳିଲେ ବରଗଡ଼ ଏମ୍‌ପି

ବ୍ରଜରାଜନଗର,୨୧ା୬(ବିଜୟ ବରାଡ଼)

ସାରା ବିଶ୍ୱ ଆଜି ଯୋଗ ଦିବସ ପାଳନ କରୁଥିବା ବେଳେ ବ୍ରଜରାଜନଗର ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ସ୍ଥାନୀୟ ଶିବ ମନ୍ଦିର ପରିସରରେ ଯୋଗ ଦିବସ ପାଳନ କରାଯାଇଛି। ବରଗଡ ଏମ୍‌ପି ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମିତିର ସଦସ୍ୟମାନଙ୍କ ସହିତ ଯୋଗ କରିବା ସହିତ ସାଧାରଣ ମଣିଷ ସୁସ୍ଥ ରହିବା ପାଇଁ ଯୋଗ ଆବଶ୍ୟକତା ଉପରେ ଅବଗତ କରାଇଥିଲେ ଯୋଗ ଗୁରୁ ପ୍ରଶାନ୍ତ ପାଲଟାସିଂ ଯୋଗ ଶିକ୍ଷା କରାଇଥିଲେ। ବିଶିଷ୍ଟ ସାହିତ୍ୟିକା ଶିବପ୍ରିୟା ମିଶ୍ର, ସମାଜ ସେବି ତ୍ରିନାଥ, ଗୁଆଳ ବରିଷ୍ଠ ନାଗରିକ ହରିଶ ୱାଧୁବାଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଯୋଗ ସମିତି ସଦସ୍ୟ ଅଭୟ ଜାଜୁ ଓମପ୍ରକାଶ ସିଂ ଯୁବରାଜ ସାହୁ ବର୍ଷା ସାହା ଓ ରଞ୍ଜନ ସିଂ ପ୍ରମୁଖ ପରିଚାଳନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ଅଞ୍ଜୋର ସିଂଙ୍କ ଶହୀଦ ଦିବସ ପାଳିତ

ଝାରସୁଗୁଡ଼ା,୨୧ା୬(ସଞ୍ଜୟ ମାଲି)

ଝାରସୁଗୁଡା ଜିଲା କୁଡାବଗା ଗ୍ରାମରେ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ଅଞ୍ଜୋର ସିଂଙ୍କ ଶହୀଦ ଦିବସ ପାଳନ କରାଯାଇଛି। ବ୍ରିଟିଶ ବିରୋଧରେ ୧୮୨୭ ରୁ ୧୮୪୦ ଓ ୧୮୫୭ ରୁ ୧୮୬୨ ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ହେଇଥିବା ସମ୍ବଲପୁର ସଂଗ୍ରାମର ମୁକ୍ତି ଯଜ୍ଞରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଅଞ୍ଜୋର ସିଂ। ବୀର ସୁରେନ୍ଦ୍ର ସାଏଙ୍କ ସେନାର ଜଣେ ଅନନ୍ୟ ବୀର ତଥା ସୁରେନ୍ଦ୍ରଙ୍କ ଅସ୍ତ୍ରାଗାର ଦାୟିତ୍ୱ ସମ୍ଭାଳିଥିବା ଝାରସୁଗୁଡ଼ା ଜିଲାର କୁଡ଼ାବଗା ଜମିଦାର ଅଞ୍ଜୋର ସିଂହଙ୍କ ବଳିଦାନ କାହାଣୀ ଏବେ ଲୋକଲୋଚନକୁ ଆସିଛି। ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଇଂରେଜମାନଙ୍କ ଦ୍ୱାରା ଗିରଫ ହୋଇ ସମ୍ବଲପୁର ଜେଲରେ ୧୮୭୦ ଜୁନ ୨୧ରେ ସେ ଶେଷ ନିଃଶାସ ତ୍ୟାଗ କରିଥିବା ଜାତୀୟ ଅଭିଲେଖାଗାରରୁ ଜଣାପଡିଛି। ସେହିପରି ତାଙ୍କ ସଂଗ୍ରାମକୁ ନେଇ ଶହ ଶହ ବର୍ଷ ପରେ ଅନେକ ରୋଚକ ତଥ୍ୟ ଜଣାପଡ଼ିବା ପରେ କୁଡ଼ାବଗାବାସୀ ସ୍ମୃତିରକ୍ଷା ପାଇଁ ଲାଗି ପଡ଼ିଛନ୍ତି। ତାଙ୍କ ଦେହାବସାନର ଦୀର୍ଘ ୧୫୪ ବର୍ଷ ପରେ କୁଡ଼ାବଗାରେ ପ୍ରଥମ କରି ଶୁକ୍ରବାର ପାଳନ ହୋଇଛି ବୀର ଅଞ୍ଜୋର ସିଂଙ୍କ ୧୫୫ ତମ ଶହୀଦ ଦିବସ। ଏଥିପାଇଁ ଗାଁ ଚଳଚଞ୍ଚଳ ହୋଇଉଠିଛି। ଗ୍ରାମବାସୀ ଓ ଆଖପାଖ ଅଞ୍ଚବାସୀ ମିଶି ଗ୍ରାମଦେୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ପରେ ଏକ ମଶାଲ ଶୋଭାଯାତ୍ରା କରିଛନ୍ତି। ଏକ ସଭାର ଆୟୋଜନ କରି ବୀର ଅଞ୍ଜୋର ସିଂଙ୍କ ସ୍ମୃତିଚାରଣ କରିଛନ୍ତି। ତାଙ୍କର ବୀରତ୍ୱ ପାଇଁ ଅଞ୍ଚଳ ଗୌରବାନ୍ୱିତ ହୋଇଛି। ତେଣୁ ତାଙ୍କର ସ୍ମୃତି କିପରି ସବୁଦିନ ବଞ୍ଚି ରହିବ ସେ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଛନ୍ତି।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ




**ଦେବଗଡ଼,୨୧ା୬(ଶଶାଙ୍କ ଶେଖର ଝାଙ୍କର):** ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମଠାରେ ଜିଲା ପ୍ରଶାସନ ପକ୍ଷରୁ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସଭାପତି ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ଯୋଗ ଦିବସରେ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ପରେ ଯୋଗଗୁରୁ ଘନଶ୍ୟାମ ବେହେରା ଯୋଗାଭ୍ୟାସ କରିବା ସହ ଉପସ୍ଥିତ ଜନସାଧରଣଙ୍କୁ ଶପଥ ପାଠ କରାଇଥିଲେ। ଶରୀରକୁ ସୁସ୍ଥ ରଖିବାକୁ ହେଲେ ପ୍ରତିଦିନ ଯୋଗ ବ୍ୟାୟାମ କରିବା ଆବଶ୍ୟକ ଓ ଏହା ଦ୍ୱାରା ମନ ପ୍ରଫୁଲ୍ଲିତ ରୁହେ ବୋଲି ଏହି ଅବସରରେ ମୁଖ୍ୟଅତିଥି ବେହେରା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୁପମା ଜେମସ, ଜିଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଯୋଗ ଗୁରୁ ଘନଶ୍ୟାମ ବେହେରା ମଞ୍ଚାସୀନ ଥିଲେ। ଏହି ଅବସରରେ ଅନିତା ନାୟକ, ରଜନୀ କୁଅଁର, କିଓୀ ସୋରେନ, ଚିନୁ ଅଶାନ୍ତ ଓ ନମିତା ନାୟକଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ସାମାଜିକ କର୍ମୀ, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା, ବୁଦ୍ଧିଜୀବି ଓ ବହୁ ସଂଖ୍ୟାରେ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର

**ଦେବଗଡ଼,୨୧ା୬(ଶଶାଙ୍କ ଶେଖର ଝାଙ୍କର):** ଅନ୍ତର୍ଜାତୀୟ ଯୋଗ ଦିବସରେ 'ଓଡିଶା ମୋ ପରିବାର– ଜୀବନବିନ୍ଦୁ', ଦେବଗଡ ଜିଲା ଶାଖା ଆନୁକୂଲ୍ୟରେ ବାରକୋଟ ବ୍ଲକ ସଦର ମହକୁମାସ୍ଥିତ କାଳିପୂଜା ମଣ୍ଡପଠାରେ ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ମୋ ପରିବାର– ଜୀବନବିନ୍ଦୁ ଜିଲା ସଂଯୋଜକ ତଥା ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଆହ୍ୱାନକ୍ରମେ ଆୟୋଜିତ ଶିବିରରେ ମୋଟ ୩୨ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିର ଜିଲା ରକ୍ତ କେନ୍ଦ୍ର ଅଧିକାରୀ ଓ କର୍ମଚାରୀ ମାନେ ପରିଚାଳନା କରିଥିବା ବେଳେ ବାରକୋଟ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର, ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ, ବାରକୋଟ ବ୍ଲକ ଯୁବ ବିଜେଡି ସଭାପତି ସିକୁନ ପ୍ରଧାନ, ଝାଡେଶ୍ୱର ପ୍ରଧାନ, ମନୋଜ କୁମାର ପ୍ରଧାନ, ସିମୁନ ମହାପାତ୍ର ଓ କୃତାର୍ଥ ସାହୁଙ୍କ ସମେତ ବହୁ ବିଜେଡି କର୍ମୀ ସକ୍ରୀୟ ସହଯୋଗ କରିଥିଲେ।

# ମନ୍ତ୍ରୀ ସୁରେଶ ପୂଜାରୀଙ୍କ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଗସ୍ତ

**ବ୍ରଜରାଜନଗର,୨୧ା୬(ବିଜୟ ବରାଡ଼):** ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମନ୍ତ୍ରୀ ପଦ ପାଇବା ପରେ ଶୁକ୍ରବାର ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଗସ୍ତ କରିଛନ୍ତି। ଶତାଧିକ କର୍ମୀ ଏକ ବାଇକ ଶୋଭାଯାତ୍ରା କରି ଇବ ନଦୀଠାରେ ତାଙ୍କୁ ସ୍ୱାଗତ କରିଛନ୍ତି। ବାଜା ବାଣ ରୋଷଣୀ କରି ବାରଘାଟରୁ ଗଣ୍ଡାଘୋରା ସ୍ଥିତ ମା' ମୂଳବୁଢ଼ୀ ମନ୍ଦିର ନେଇ ପୂଜାର୍ଚ୍ଚନା କରାଇଥିଲେ। ସେଠାରୁ ଗାନ୍ଧିଛକଠାରେ ତ୍ରିନାଥ ମନ୍ଦିରଠାରେ ପହଞ୍ଚି ସେଠାରେ ଠାକୁରଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଗାନ୍ଧିଛକରୁ ଦଳୀୟ କର୍ମୀଙ୍କ ସହିତ ରାଜପୁର ଅଭିମୁଖେ ଯାଇ ଭୋଟରମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥଲେ। ପରେ ଇଏସଇ ଛକ ଦେଇ ବ୍ରଜରାଜନଗର ସହରରେ ଶୋଭାଯାତ୍ରା କରିଥିଲେ। ବିଭିନ୍ନ ଜାଗାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅପରାହ୍ନରେ ବେଲପାହାଡ ଅଭିମୁଖେ ଯାତ୍ରା କରିଥିଲେ। ମନ୍ତ୍ରୀଙ୍କ ଗସ୍ତରେ ବ୍ରଜରାଜନଗର ଭାଜପା କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ଭାଜପା କର୍ମୀ ତପନ ସ୍ୱାଇଁ, ବୁଲୁ ସେନାପତି, ରତନ ଜୟଶ୍ୱାଳ, ବବଲୁ ଦାସ, ମଣ୍ଡଳ ସଭାପତି ରୁକ୍ମଣ ଦୁରୁଆ, ଅଶୋକ ପ୍ରଧାନ ସହାୟତା ପ୍ରଦାନ କରିଥିଲେ।

EXPRESSION OF INTEREST
STATE INSTITUTE OF HOTEL MANAGEMENT
TITILAGARH ROAD,BALANGIR - 767001 (ODISHA)

No. 287 /SIHM/2024-25/TENDER Date: 21.06.2024

E-tender invited by SIHM, Balangir from established dealers/shops manufacturers/distributors/firm registered in India for supply of :

DSLR Camera, Lens, Various Electrical Equipment's, Various Furniture, PA System and Smart Class Room Items & Other Equipments to State IHM, Balangir for the Academic Session 2024-2025.

Interested parties may kindly visit the below mentioned website for further details:
www.tenderwizard.com/SIHM or www.sihmbalangir.org

Sd/-
Principal

INS CHILIKA
ସାଧାରଣ ବିଜ୍ଞପ୍ତି
RPA (ଡ୍ରୋନ୍ / ୟୁଏଭି) ସମେତ କୌଣସି ଉଡ଼ାଣଯାନର ନିଷିଦ୍ଧାଞ୍ଚଳରେ ଉଡ଼ାଣ ମନା

ପ୍ରତିରକ୍ଷା ପ୍ରତିଷ୍ଠାନ INS Chilikaର ୩ କି.ମି. ମଧ୍ୟରେ କୌଣସି ପ୍ରକାର ଉଡ଼ାଣଯାନ (ଡ୍ରୋନ୍/ୟୁଏଭି)ର ଉଡ଼ାଣକୁ ନିଷିଦ୍ଧ କରାଯାଇଛି। ଯଦି କୌଣସି ଉଡ଼ାଣଯାନ ସମେତ ଆରପିଏ ଡ୍ରୋନ୍ (ୟୁଏଭି) ଏହି ନିୟମକୁ ଉଲ୍ଲଂଘନ କରନ୍ତି ତେବେ ତାହାକୁ ଧ୍ୱଂସ ବାଜ୍ୟାପ୍ତି କରିଦିଆଯିବ ଏବଂ ଚାଳକଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଧାରା ୧୨୧, ୧୨୧(କ), ୨୮୭, ୩୩୬ ଏବଂ ୩୩୮ ମୂଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯଦି ନିହାତି ଆବଶ୍ୟକ ପଡେ, ତେବେ ମହାନିର୍ଦ୍ଦେଶକ, ସାଧାରଣ ବିମାନ ଚଳାଚଳ ପ୍ରାଧିକରଣ (ଡିଜିସିଏ)ଙ୍କ ନିକଟରୁ ଡିଜିସିଏ ୱେବ୍‌ସାଇଟ୍ ମାଧମରେ ଅପରେଟର ସଂସ୍ଥାକୁ ସ୍ୱୀକୃତି ଆଣିବାକୁ ହେବ ଏବଂ ଉଦ୍ଦିଷ୍ଟ ଉଡ଼ାଣର ଗୋଟିଏ ଗୋଟିଏ ସପ୍ତାହ ପୂର୍ବରୁ ସ୍ୱୀକୃତିପତ୍ର INS Chilika ନିକଟରେ ଦାଖଲ କରିବାକୁ ହେବ।
CBC–10702/11/0016/2425

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL TECH TOWER, Janpath, Saheed Nagar, Bhubaneswar-751007
CIN:U40102OR2004SGC007553 No. CAD-301
OPTCL Lifeline of Odisha

ENGAGEMENT OF STAFF FOR CRECHE ON CONTRACTUAL BASIS

The Following staff are urgently required for functioning of Creche at OPTCL Tech Tower, Janpath, Saheed Nagar, Bhubaneswar. Interested experienced female aspirants may send their resume along with recent colour passport photo through mail to **cr@optcl.co.in** mentioning in the subject for the post applied for within 7 days from the date of publication of this announcement.

CRECHE SUPERVISOR
**Qualification:** Any Graduate (Female), Additional qualification in relevant field will be preferred.
**Experience:** 3 to 5 years of relevant experience in handling such responsibility in running of creche.
**Remuneration:** Consolidated remuneration of Rs. 25000/- . No other allowances will be paid.

CRECHE ASSISTANT
**Qualification:** Higher Secondary (Female), Additional qualification in child care, nursing or nutrition will be preferred.
**Experience:** 1 to 2 years of relevant experience in handling such responsibility in any creche.
**Remuneration:** Consolidated remuneration of RS. 15000/-.No other allowances will be paid.
**Only short listed candidates will be called for interview. No TA/DA will be paid for attending interview.** OIPR-04011/11/0009/2425 HIPR- 02/2024-25
/optcl.odisha /optcl_odisha

FAKIR MOHAN UNIVERSITY
Vyasa Vihar, Nuapadhi,
Balasore, Odisha, PIN - 756089
No. FMU-DEV-FD-454/2024/4389 Date: 21.06.2024

TENDER CALL NOTICE

Sealed tenders are invited from reputed Tent House Owner/Event Managers having valid GST Certificate and PAN number for arranging iron truss pandal and auditorium for about 800 guests for celebration of 26th Foundation Day of Fakir Mohan University at Nuapadhi Campus on 11.07.2024. The last date of receipt of filled-in tender papers at the end of the undersigned is 01.07.2024 by 02.00 P.M. The tenders will be opened on the same day at 3.00 P.M. in the office chamber of the undersigned. The authority reserves the right to cancel or accept any or all tender(s) without assigning any reason thereof. For details, visit our website: **www.fmuniversity.nic.in**.

By order of the Vice-Chancellor
Sd./- Registrar

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

TEACHER REQUIRE
Male/Female Teachers require for English and Odia Medium School in Bhubaneswar.
Call: 7978084379 9337119851

WANTED
CIVIL ENGINEER DEGREE / DIPLOMA OR DRAFTSMAN CIVIL CANDIDATES WITH AUTOCAD EXPERIENCE
9777247762

WALK IN INTERVIEW
A walk in interview will be held on Dt.24 & 26.06.2024 from 10 A.M. to 2 P.M. for the Post of 1. Resident Medical Officer, 2. Full time Medicine Specialist, 3. Floor Manager, 4. Marketing Executive, 5. OT in charge with experience, 6. Hospital Electrical Maintenance Supervisor, 7. Housekeeping Maintenance, 8. Experienced Front Office Executive both Male & Female, 9. Pathology Laboratory Technician, 10. Office Peon. Please come with all of your testimonials. Salary is negotiable. Candidates will be apply on hospital mail ID- usthihospital.2009@gmail.com
USTHI Hospital
N4 1/1, IRC Village, Nayapalli, BBSR
Ph.: 0674-2556267/2550312, 9090963722
E Mail: usthihospital.2009@gmail.com

REQUIRED
ESTABLISHED
2020 Start Up Company requires Telesales to be a part of the Fast Expansion Programme.
**Candidate Details:** Female (Only), **Age:** 20-25 Yrs. Degree Pass/Communication Skill in Odia, Hindi.
SMART & EXPERIENCED IN TELE CALLING & OFFICE WORK.
**Computer Knowledge Preferred:** MS Office (Word/Excel)
**Experience:** 1-2 years preferred.
Salary Plus Monthly Incentives
Immediate Joining • Place of posting: Bhubaneswar
• Send CV with Photo. Apply Now to:
octothorp2020@gmail.com, WHATSAPP NO.: 9938844566

WANTED
ଅଫିସ୍ କାମ କରିବା ପାଇଁ ମହିଳା କର୍ମଚାରୀ ଆବଶ୍ୟକ। ଦରମା: ୧୦,୦୦୦/– ଏବଂ ରହିବା ଓ ଖାଇବା ମାଗଣା।
7809525452

REQUIRED
Dentor and Technician Required.
Salary will be Negotiated
AKARSH MOTORS
Tankapani Road, BBSR
Mob.: 9437205155

WANTED
ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qualification: 9th, 10th, +2, Graduation.
Salary: 10,000 to 25000
Age: (18-35 yrs)
Call Us : 9078282976

REQUIRED
Cook cum Peon
Driver
Office Bearer cum Cleaner
ରହିବା, ଖାଇବା ସୁବିଧା ରହିଅଛି
-: Contact :-
8847855057

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପୋଷ୍ଟ ନାମ | ଖାଲି ପଦବୀ | ସମାନ / ତୁଳନାତ୍ମକ ଗ୍ରେଡ୍ | ପ୍ରକାର |
|---|---|---|---|---|
| ବିଜ୍ଞାପନ ସଂ. CRPD/SCO/2024-25/01 | | | | |
| 1 | ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ଡିବିଏ) - ଏୟାର ଫୋର୍ସ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 2 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ବେଙ୍ଗାଲୁରୁ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| 3 | ସର୍କଲ ଡିଫେନ୍ସ ବ୍ୟାଙ୍କିଙ୍ଗ ଆଡଭାଇଜର (ସିଡିବିଏ) - ଚଣ୍ଡିଗଡ଼ | 1 | ପ୍ରଯୁଜ୍ୟ ନୁହେଁ | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/02 | | | | |
| 4 | ଚାର୍ଟାର୍ଡ ଆକାଉଣ୍ଟାଣ୍ଟ (ବିଶେଷଜ୍ଞ) | 9 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/03 | | | | |
| 5 | ରିସର୍ଚ୍ଚ ଆନାଲିଷ୍ଟ - ଫୋରେକ୍ସ | 1 | ଏମଏମଜିଏସ୍ III | ଚୁକ୍ତିନାମା |
| 6 | ରିସର୍ଚ୍ଚ ଆନାଲିଷ୍ଟ - ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| 7 | ରିସର୍ଚ୍ଚ ଆନାଲିଷ୍ଟ - ପ୍ରାଇଭେଟ ଇକ୍ୱିଟି | 2 | ଏମଏମଜିଏସ୍ III | ଚୁକ୍ତିନାମା |
| ବିଜ୍ଞାପନ ସଂ. CRPD/SCO/2024-25/04 | | | | |
| 8 | କ୍ଲାଇମେଟ୍ ରିସ୍କ ବିଶେଷଜ୍ଞ | 2 | ଏମଏମଜିଏସ୍ III | ନିୟମିତ |
| 9 | ମାର୍କେଟ୍ ରିସ୍କ ବିଶେଷଜ୍ଞ | 3 | ଏମଏମଜିଏସ୍ III | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/05 | | | | |
| 10 | ଟ୍ରେଡ୍ ଫାଇନାନ୍ସ ଅଧିକାରୀ (ଏମଏମଜିଏସ୍ II) | 150 | ଏମଏମଜିଏସ୍ II | ନିୟମିତ |
| ବିଜ୍ଞାପନ ସଂ. CRPD/SCO/2024-25/06 | | | | |
| 11 | ବରିଷ୍ଠ ଉପାଧ୍ୟକ୍ଷ (ଇନଫ୍ରାଷ୍ଟ୍ରକଚର୍ ସୁରକ୍ଷା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ) | 1 | ଟିଇଜିଏସ୍–VI | ଚୁକ୍ତିନାମା |
| 12 | ବରିଷ୍ଠ ଉପାଧ୍ୟକ୍ଷ (ସୂଚନା ସୁରକ୍ଷା କାର୍ଯ୍ୟ) | 1 | ଟିଇଜିଏସ୍–VI | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.06.2024 ରୁ 27.06.2024 ପର୍ଯ୍ୟନ୍ତ।

ସ୍ଥାନ: ମୁମ୍ବାଇ
ତାରିଖ: 07.06.2024
ମହା ପ୍ରବନ୍ଧକ (ଆରପି ଆଣ୍ଡ ପିଏମ୍)

GHANASHYAM HEMALATA VIDYAMANDIR, PURI
(Fully Residential School)
Affiliated to CBSE, New Delhi
R.J Vihar, Bhuan, Chhaitana, Puri-752002
Ph. No: - 7008243964 / 8018399102 / 7735629062 / 7008905242
E-mail: - puri.ghvm@gmail.com

REQUIREMENT OF TEACHERS

| POST | SUBJECTS |
|---|---|
| PRINCIPAL | SCIENCE / ENGLISH MEDIUM BACKGROUND |
| PGT | MATH, BIOLOGY, PHYSICS, CHEMISTRY, COMPUTER SCIENCE |
| TGT | ENGLISH, HINDI, MATH, SCIENCE |
| PRT | ENGLISH, HINDI, MATH, SCIENCE, COMPUTER, ODIA |
| PET | MALE AND FEMALE |
| LIBRARIAN & NTT | FEMALE |

• **Qualification :** - As Per CBSE norms.
• **Salary :** -
**PRINCIPAL -** Negotiable.
**PGT-** Rs.35,000/- (Negotiable, based on performance & experience)
**TGT-** Rs.25,000/- (Negotiable, based on performance & experience)
**PRT-** Rs.16,000/- (Negotiable, based on performance & experience)
**PET / LIBRARIAN & NTT-** Salary negotiable
• Competent & Experienced teachers having knowledge in Computer are preferable.
• Free Accommodation, Fooding & Laundry for all the above post.
• Interested candidate can apply by sending their resume (with photograph) through post to **The Chairman, Ghanashyam Hemalata Vidyamandir, R.J.Vihar, At. Bhuan, Post. Chhaitana, Dist. Puri, Pin. 752002** or by mail to **recruit.ghvm@gmail.com** within 07 days of the publication of advertisement.
CHAIRMAN

**ଆସାମରେ ବନ୍ୟା, ୪ ଲକ୍ଷ ଲୋକ ପ୍ରଭାବିତ**

ଆସାମରେ ବନ୍ୟା ଗମ୍ଭୀର ରୂପ ନେଇଛି। ରାଜ୍ୟର କୋପିଲି, ବାରାକ, କୁଶିଆରା ଆଦି ପ୍ରମୁଖ ନଦୀଗୁଡ଼ିକରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ୧୯ଟି ଜିଲାର ୪ ଲକ୍ଷ ଲୋକ ପ୍ରଭାବିତ ହୋଇଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ୮୦% ଶୁଖିଗଲାଣି ୧୫୦ ଜଳଭଣ୍ଡାର

ନୂଆଦିଲ୍ଲୀ,୨୧।୬(ପି.ଟି.)

ସାରା ଦେଶରେ କିଛି ସପ୍ତାହ ହେଲା ପ୍ରଚଣ୍ଡ ଗ୍ରୀଷ୍ମଲହରି ପ୍ରବାହିତ ହେଉଥିବାବେଳେ ଉତ୍କଟ ଜଳ ସମସ୍ୟା ସ୍ଥିତିକୁ ଅଧିକ ସଙ୍ଗିନ୍ କରିଛି। ଦେଶର ୧୫୦ଟି ପ୍ରମୁଖ ଜଳଭଣ୍ଡାରରେ ମୋଟ ଜଳ ପରିମାଣ ୨୧ ପ୍ରତିଶତକୁ ହ୍ରାସ ପାଇଛି। ଅର୍ଥାତ୍ ଜଳଭଣ୍ଡାରଗୁଡ଼ିକ ପାଖାପାଖି ୮୦ ପ୍ରତିଶତ ଶୁଖିଗଲାଣି। ଫଳରେ ଦିଲ୍ଲୀ, ବେଙ୍ଗାଲୁରୁ ସମେତ ବିଭିନ୍ନ ସହରରେ ଜଳାଭାବ ଯୋଗୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେବଳ ପାନୀୟ ଜଳଯୋଗାଣ ନୁହେଁ, ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ଜଳଭଣ୍ଡାରଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ସଦ୍ୟତମ ବୁଲେଟିନ୍‌ରେ ୧୫୦ ପ୍ରମୁଖ ଜଳଭଣ୍ଡାର ଷ୍ଟୋରେଜ୍ ସ୍ଥିତି ସମ୍ପର୍କରେ ତଥ୍ୟ ଦେଇଛନ୍ତି। ସେଗୁଡ଼ିକର ମୋଟ ଜଳ ପରିମାଣ ୧୭୮.୭୮୪ ବିଲିୟନ ଘନମିଟର (ବିସିଏମ୍), ଯାହାକି ଦେଶର ମୋଟ ଲାଇଭ୍ ଷ୍ଟୋରେଜ୍



ସାମର୍ଥ୍ୟର ୬୯.୩୫ ପ୍ରତିଶତ। ଗୁରୁବାର ସେଥିରେ ମୋଟ ଉପଲବ୍ଧ ଜଳ ପରିମାଣ ୩୭.୬୬୨ ବିସିଏମ୍ ରହିଥିଲା, ଯାହାକି ସେମାନଙ୍କ ମୋଟ ଜଳଧାରଣ କ୍ଷମତାର ୨୧ ପ୍ରତିଶତ। ଗତବର୍ଷର ଏହି ସମୟ ତୁଳନାରେ ଚଳିତ ବର୍ଷ ଜଳଭଣ୍ଡାରଗୁଡ଼ିକର ଜଳ ପରିମାଣ ଯଥେଷ୍ଟ ହ୍ରାସ ପାଇଛି। ଗତବର୍ଷ ଏହି ସମୟରେ ମୋଟ ଉପଲବ୍ଧ ଜଳ ପରିମାଣ ଥିଲା ୪୬.୮୮୩ ବିସିଏମ୍। ଚଳିତ ବର୍ଷ ଜଳଭଣ୍ଡାରଗୁଡ଼ିକର ଜଳ ପରିମାଣ ଗତ ୧୦ ବର୍ଷର ହାରାହାରି ଷ୍ଟୋରେଜ୍ ପରିମାଣ ୪୧.୪୪୬ ବିସିଏମ୍‌ରୁ ମଧ୍ୟ କମ୍ ରହିଛି। ଗଚ୍ଛିତ ଜଳ ଗତବର୍ଷର ସ୍ତରର ୮୦ ପ୍ରତିଶତ ହୋଇଥିବାବେଳେ ସ୍ୱାଭାବିକ ଷ୍ଟୋରେଜ୍‌ର ୯୧ ପ୍ରତିଶତ।

ଜଳବାୟୁ ପରିବର୍ତ୍ତନଜନିତ ପ୍ରଭାବରୁ ଦେଶରେ ଗ୍ରୀଷ୍ମଲହରି ବୃଦ୍ଧି ପାଇଛି। ଫଳରେ ରାଜଧାନୀ ଦିଲ୍ଲୀ ସମେତ ଦେଶର ବିଭିନ୍ନ ଭାଗରେ ଜଳ ସଙ୍କଟ ସୃଷ୍ଟି ହୋଇଛି। ଦକ୍ଷିଣ ଭାରତୀୟ ଅଞ୍ଚଳର ଜଳଭଣ୍ଡାରଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ

## ପ୍ରଚଣ୍ଡ ଗ୍ରୀଷ୍ମ ଲହରର ପ୍ରଭାବ

ହୋଇଛନ୍ତି। ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, କର୍ନାଟକ, କେରଳ ଏବଂ ତାମିଲନାଡୁରେ ୪୨ଟି ଜଳଭଣ୍ଡାର ରହିଥିବାବେଳେ ମୋଟ ଜଳ ସାମର୍ଥ୍ୟ ୫୩.୩୩୪ ବିସିଏମ୍। ତେବେ ବର୍ତ୍ତମାନ ସେଠାରେ ଉପଲବ୍ଧ ଜଳ ପରିମାଣ ୮.୫୦୮ ବିସିଏମ୍ ରହିଛି; ଯାହାକି ସାମର୍ଥ୍ୟର ୧୬ ପ୍ରତିଶତ। ଗତବର୍ଷ ସେଗୁଡ଼ିକର ଜଳ ପରିମାଣ ୨୧ ପ୍ରତିଶତ ରହିଥିଲାବେଳେ ସ୍ୱାଭାବିକ ଷ୍ଟୋରେଜ୍ ୨୦ ପ୍ରତିଶତ। ଉତ୍ତର ଭାରତୀୟ ରାଜ୍ୟ ହିମାଚଳପ୍ରଦେଶ, ପଞ୍ଜାବ ଓ ରାଜସ୍ଥାନରେ ରହିଥିବା ୧୦ଟି ଜଳଭଣ୍ଡାର ମୋଟ ଜଳ ସାମର୍ଥ୍ୟ ୧୯.୬୬୩ ବିସଏମ୍ ହୋଇଥିବାବେଳେ ଏବେ ୫.୪୮୮ ବିସିଏମ୍ ରହିଛି ଅର୍ଥାତ୍ ମୋଟ ଜଳଧାରଣ କ୍ଷମତାର ୨୮ ପ୍ରତିଶତ। ଗତବର୍ଷ ତାହା ୩୯ ପ୍ରତିଶତ ରହିଥିଲା। ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ଆସାମ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ତ୍ରିପୁରା, ନାଗାଲାଣ୍ଡ ଏବଂ ବିହାରରେ ୨୩ଟି ଜଳଭଣ୍ଡାର ରହିଥିବାବେଳେ ଏହାର ମୋଟ ଜଳଧାରଣ ସାମର୍ଥ୍ୟ ୨୦.୪୩୦ ବିସିଏମ୍। କିନ୍ତୁ ଏବେ ଉପଲବ୍ଧ ଅଛି ୩.୮୭୩ ବିସିଏମ୍, ଯାହାକି ୧୯ ପ୍ରତିଶତ। ପୂର୍ବବର୍ଷ ଜଳ ପରିମାଣ ୧୮ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ସ୍ଥିତିରେ ସାମାନ୍ୟ ଉନ୍ନତି ଦେଖାଦେଇଛି। ଏହି ରିଜର୍ଭୟରଗୁଡ଼ିକର ସ୍ୱାଭାବିକ ଜଳ ପରିମାଣ ୨୩ ପ୍ରତିଶତ।

ପଶ୍ଚିମ ଭାଗରେ ଥିବା ଗୁଜରାଟ, ମହାରାଷ୍ଟ୍ରରେ ୪୯ ଜଳଭଣ୍ଡାର ରହିଥିବାବେଳେ ମୋଟ ଜଳ ସାମର୍ଥ୍ୟ ୩୭.୧୩୦ ବିସିଏମ୍। ବର୍ତ୍ତମାନ ସେଠାରେ ୭.୬୦୮ ବିସିଏମ୍ ଅର୍ଥାତ୍ ୨୦.୪୯ ପ୍ରତିଶତ ଜଳ ରହିଛି। ଗତବର୍ଷ ଜଳ ପରିମାଣ ୨୪ ପ୍ରତିଶତ ରହିଥିଲା। କେନ୍ଦ୍ରୀୟ ଅଞ୍ଚଳ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ର ୨୬ ଜଳଭଣ୍ଡାର ମୋଟ ସାମର୍ଥ୍ୟ ୪୮.୨୨୭ ବିସିଏମ୍ ହୋଇଥିବାବେଳେ ୧୨.୧୮୫ ବିସିଏମ୍‌କୁ ଅର୍ଥାତ୍ ୨୫ ପ୍ରତିଶତକୁ ଖସିଆସିଛି। ଗତବର୍ଷ ତାହା ୩୨ ପ୍ରତିଶତ ରହିଥିଲା। ଚଳିତ ବର୍ଷର ମୋଟ ଉପଲବ୍ଧ ଜଳ ପରିମାଣ ଗତବର୍ଷ ତୁଳନାରେ ଏବଂ ସ୍ୱାଭାବିକ ଜଳ ପରିମାଣଠାରୁ କମ୍ ରହିଛି। କେବଳ ଗଙ୍ଗା, ବ୍ରହ୍ମପୁତ୍ର, ସାବରମତୀ, ନର୍ମଦା, ତାପ୍ତି ଓ ଅନ୍ୟ କେତେକ ନଦୀରେ ସ୍ୱାଭାବିକଠାରୁ ଭଲ ଜଳ ରହିଛି। ଅନ୍ୟପକ୍ଷରେ ବ୍ରାହ୍ମଣୀ, ବୈତରଣୀ, କ୍ରିଷ୍ଣା, ମହାନଦୀ, ଗୋଦାବରୀ, କାବେରୀ ଓ ଅନ୍ୟ ନଦୀଗୁଡ଼ିକର ଅବବାହିକାରେ ଜଳ ସଙ୍କଟ ଦେଖାଦେଇଛି। ଆସାମ, ଝାଡ଼ଖଣ୍ଡ, ତ୍ରିପୁରା, ବିହାର, ଉତ୍ତରାଖଣ୍ଡ, କର୍ନାଟକ ଓ କେରଳରେ ଜଳଭଣ୍ଡାଗୁଡ଼ିକରେ ଗତବର୍ଷ ତୁଳନାରେ ଅଧିକ ଜଳ ରହିଥିବାବେଳେ ହିମାଚଳପ୍ରଦେଶ, ପଞ୍ଜାବ, ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଛତିଶଗଡ଼, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ଜଳ ପରିମାଣ ବହୁତ କମ୍ ରହିଥିବା ଜଳ ଆୟୋଗଙ୍କ ତଥ୍ୟରୁ ଜଣାପଡ଼ିଛି।

## ଦିଲ୍ଲୀକୁ ଜଳଯୋଗାଣ ଦାବିରେ ଆତିଶୀଙ୍କ ଅନଶନ



ନୂଆଦିଲ୍ଲୀ,୨୧।୬

ରାଜଧାନୀ ଦିଲ୍ଲରେ ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି। ହରିୟାଣା ଅଧିକ ଜଳ ଯୋଗାଇଦେବା ଦାବିରେ ଦିଲ୍ଲୀ ଜଳସମ୍ପଦ ମନ୍ତ୍ରୀ ଆତିଶୀ ଶୁକ୍ରବାରଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ଅନଶନରେ ବସିଛନ୍ତି। ଦକ୍ଷିଣ ଦିଲ୍ଲୀର ଭୋଗଲଠାରେ ସେ ଅନଶନରେ ବସିଥିବାବେଳେ ତାଙ୍କ ପାଖରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ଓ ଆମ୍ ଆଦ୍‌ମୀ ପାର୍ଟିର ନେତାମାନେ ଉପସ୍ଥିତ ଥିଲେ। ଆତିଶୀଙ୍କ ତପସ୍ୟା ସଫଳ ହେବ ବୋଲି ତିହାର ଜେଲରୁ କେଜ୍‌ରିୱାଲ ବାର୍ତ୍ତା ପଠାଇଥିବାବେଳେ ସୁନୀତା ଏହାକୁ ପଢ଼ିଥିଲେ। ଦିଲ୍ଲୀ ଜନସାଧାରଣ ହରିୟାଣାରୁ ଜଳର ଉପଯୁକ୍ତ ଭାଗ ନ ପାଇବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଆତିଶୀ କହିଛନ୍ତି।

## ହିଜାବ ବିରୋଧରେ ଆଇନ ଆଣିଲା ତାଜକିସ୍ତାନ

ଦୁଶାଁବେ, ୨୧।୬

ମୁସଲମାନବହୁଳ ମଧ୍ୟଏସୀୟ ଦେଶ ତାଜକିସ୍ତାନ ଶୁକ୍ରବାର ହିଜାବ ଓ ବୁର୍ଖା ପରି ଇସଲାମିକ ପୋଷାକ ଉପରେ ପ୍ରତିବନ୍ଧକ ଲଗାଇଛି। ବୁଧବାର ଏନେଇ ଏକ ବିବାଦୀୟ ବିଲ୍ ତାଜକିସ୍ତାନର ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ଶୁକ୍ରବାର ରାଷ୍ଟ୍ରପତି ଇମୋମାଲି ରହମନ ମଞ୍ଜୁରୀ ପ୍ରଦାନ କରିବା ପରେ ଏହା ଆଇନରେ ପରିଣତ ହୋଇଛି। ଆଇନରେ ହିଜାବକୁ ବିଦେଶୀ ପୋଷାକ ଦର୍ଶାଯାଇଛି। ଆଇନ ଉଲ୍ଲଂଘନ କଲେ ୮ ହଜାରରୁ ୬୫ ହଜାର ତାଜକିସ୍ତାନ ସମୋନୀ ଜରିମାନା ଦେବାକୁ ହେବ।



ଶ୍ରୀନଗରସ୍ଥିତ ଏସ୍‌କେଆଇସିସି ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗାଭ୍ୟାସ କରୁଛନ୍ତି।

## ସକାରାତ୍ମକ ପରିବର୍ତ୍ତନର ନୂଆ ମାର୍ଗ ଯୋଗ

### ଶ୍ରୀନଗରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିଲେ ମୋଦି

ଶ୍ରୀନଗର,୨୧।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରିଛନ୍ତି। ସାରା ବିଶ୍ୱ ଯୋଗକୁ ବୈଶ୍ୱିକ ସ୍ୱାଚ୍ଛନ୍ଦ୍ୟ ପାଇଁ ଏକ ଶକ୍ତିଶାଳୀ ଏଜେଣ୍ଟ ଭାବେ ଦେଖୁଥିବା ମୋଦି କହିଛନ୍ତି। ଶ୍ରୀନଗରର ଅନ୍ତର୍ଜାତୀୟ କନ୍‌ଫରେନ୍ସ ସେଣ୍ଟରଠାରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଥିଲେ, ଲୋକମାନଙ୍କର କଲ୍ୟାଣ ସହ ସାରା ବିଶ୍ୱର କଲ୍ୟାଣ ଜଡ଼ିତ, ଏହା ଯୋଗ ହୃଦୟଙ୍ଗମ କରାଇବାରେ ସହାୟକ ହୋଇଛି। ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଯୋଗ ଏକ ନୂଆ ମାର୍ଗ ହୋଇପାରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ନୂଆଦିଲ୍ଲୀର ଲୋଧି ଗାର୍ଡେନ ସମେତ ଦେଶର ବିଭିନ୍ନ ପ୍ରାନ୍ତରେ ଯୋଗ ଦିବସ ପାଳିତ ହୋଇଯାଇଛି। କେବଳ ଭାରତ ନୁହେଁ, ବିଶ୍ୱର ଅନେକ ଦେଶର ହଜାର ହଜାର ଲୋକ ଅନ୍ତର୍ଜାତୀୟ ଯୋଗ ଦିବସରେ ଯୋଗାଭ୍ୟାସ କରିଛନ୍ତି। ଭାରତର ପ୍ରସ୍ତାବ କ୍ରମେ ୨୦୧୪ ଡିସେମ୍ବରରେ ଜାତିସଂଘ ଜୁନ୍ ୨୧କୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଥିଲା। ୧୭୫ଟି ସଦସ୍ୟ ରାଷ୍ଟ୍ର ଏହାକୁ ସମର୍ଥନ କରିଥିଲେ।

## ତିବ୍ବତର ୩୦ ସ୍ଥାନର ନାଁ ବଦଳାଇବ ଭାରତ

ନୂଆଦିଲ୍ଲୀ,୨୧।୬

ଅରୁଣାଚଳପ୍ରଦେଶକୁ ଚାଇନା ନିଜର ଦାବି କରିବା ସହ ଏହାର କେତେଗୁଡ଼ିଏ ସ୍ଥାନର ନାଁ ବଦଳାଇ ଦେଇଛି। ତେଣୁ ଯେସାକୁ ତେସା ନୀତିରେ ଭାରତ ତିବ୍ବତ ସ୍ୱୟଂଶାସିତ ଅଞ୍ଚଳର ୩୦ଟି ସ୍ଥାନର ନାମ ପରିବର୍ତ୍ତନ କରି ଏଲ୍‌ଏସି ଅନ୍ତର୍ଗତ ଅଞ୍ଚଳର ମାନଚିତ୍ରରେ ପରିଣତ କରିବାକୁ ଯୋଜନା କରିଛି। ନୂଆ ଏନ୍‌ଡିଏ ସରକାର ପୁନଃ ନାମିତ କରିବା ପ୍ରସ୍ତାବକୁ ଅନୁମୋଦନ କରିଛି। ଏହା ଚାଇନାର ନାମ ପରିବର୍ତ୍ତନ ରଣନୀତିର ଦୃଢ଼ ଜବାବ ହେବ। ଉକ୍ତ ଅଞ୍ଚଳ ମଧ୍ୟରେ ୧୧ଟି ଆବାସିକ ଅଞ୍ଚଳ, ୧୨ଟି ପାର୍ବତ୍ୟାଞ୍ଚଳ, ୪ ନଦୀ, ଗୋଟିଏ ହ୍ରଦ ରହିଛି।

## କେଜ୍‌ରିୱାଲଙ୍କ ଜାମିନ ହାଇକୋର୍ଟରେ ସ୍ଥଗିତ

ନୂଆଦିଲ୍ଲୀ,୨୧।୬

ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ତଳକୋର୍ଟ ଜାମିନ ପ୍ରଦାନ କରିବାର ଦିନକ ପରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର ଏହା ଉପରେ ଅନ୍ତରୀଣ ସ୍ଥଗିତାଦେଶ ଲଗାଇଛନ୍ତି। ଫଳରେ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ନେତା କେଜ୍‌ରିୱାଲ ଶୁକ୍ରବାର ତିହାର ଜେଲରୁ ବାହାରିପାରି ନାହାନ୍ତି। ତଳକୋର୍ଟଙ୍କ ରାୟକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିବାବେଳେ ଏହା ଉପରେ ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କ ଖଣ୍ଡପୀଠ କେଜ୍‌ରିୱାଲଙ୍କୁ ନୋଟିସ ଜାରିକରି ଜବାବ ମାଗିଛନ୍ତି। ଉକ୍ତ ଆବେଦନର ରାୟ ପ୍ରକାଶ ନ ପାଇବା ପର୍ଯ୍ୟନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ଜାମିନ ଉପରେ ସ୍ଥଗିତାଦେଶ ଜାରି ରହିବ ବୋଲି ଜଷ୍ଟିସ୍ ଜୈନ କହିଛନ୍ତି। ଉଚ୍ଚ ଅଦାଲ ସମ୍ପୂର୍ଣ୍ଣ ରେକର୍ଡ ତଦାରଖ କରିବାକୁ ଚାହୁଁଥିବାରୁ ରାୟକୁ ୨-୩ ଦିନ ସଂରକ୍ଷିତ ରଖାଯାଇଥିବା କହିଛନ୍ତି। ୨୫ ତାରିଖରେ ରାୟ ପ୍ରକାଶ ପାଇପାରେ ବୋଲି କୁହାଯାଇଛି। ଶୁଣାଣି ସମୟରେ ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଏସ୍.ଭି. ରାଜୁ କହିଥିଲେ, ତଳକୋର୍ଟଙ୍କ ରାୟ ସମ୍ପୂର୍ଣ୍ଣ ଦୋଷଯୁକ୍ତ। ଏହା ମନିଲଣ୍ଡରିଂ ପ୍ରତିକାର ଆଇନର ଧାରା ୪୫ ନିର୍ଦ୍ଦେଶର ବିରୁଦ୍ଧାଚରଣ କରୁଛି ବୋଲି ସେ ଦର୍ଶାଇଥିଲେ।

କେଜ୍‌ରିୱାଲଙ୍କୁ ତଳକୋର୍ଟରୁ ମିଳିଥିବା ଜାମିନକୁ ଇଡି ହାଇକୋର୍ଟରେ ଚ୍ୟାଲେଞ୍ଜ କରିବା ଘଟଣାରେ ତାଙ୍କ ସ୍ତ୍ରୀ ସୁନୀତା କେଜ୍‌ରିୱାଲ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଆପ୍‌ର ରାଷ୍ଟ୍ରୀୟ ଆବାହକଙ୍କ ପ୍ରତି ଇଡି ଜଣେ ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ଭଳି ବ୍ୟବହାର କରୁଥିବା ସେ କହିଛନ୍ତି।

## ଏନ୍‌ଇଇଟି ବିଭ୍ରାଟ: ଦେଶବ୍ୟାପୀ କଂଗ୍ରେସର ବିକ୍ଷୋଭ

### ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି

ନୂଆଦିଲ୍ଲୀ,୨୧।୬

ଏନ୍‌ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା, ପ୍ରଶ୍ନପତ୍ର ଲିକ୍ ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟର ଜଣେ କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଯିବା ଦାବିରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦିଲ୍ଲୀ, ଉତ୍ତରପ୍ରଦେଶ, ପଞ୍ଜାବ, ଅରୁଣାଚଳପ୍ରଦେଶ, ନାଗାଲାଣ୍ଡ, ଛତିଶଗଡ଼, କର୍ନାଟକ ଓ ଅନ୍ୟାନ୍ୟ ରାଜ୍ୟରେ ବିକ୍ଷୋଭ ହୋଇଥିଲା। ଦିଲ୍ଲୀ କଂଗ୍ରେସ ସଭାପତି ଦେବେନ୍ଦ୍ର ଯାଦବଙ୍କ ନେତୃତ୍ୱରେ ରାଜଧାନୀରେ ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ଦୁର୍ନୀତି ବିରୋଧରେ ବିକ୍ଷୋଭରେ ଅନୁଷ୍ଠିତ ବିକ୍ଷୋଭରେ ଦଳୀୟ କର୍ମୀମାନେ ସାମିଲ ହୋଇଥିଲେ। ନରେନ୍ଦ୍ର ମୋଦି ସରକାରରେ ପରୀକ୍ଷା ପ୍ରଶ୍ନପତ୍ର




କର୍ନାଟକର ଚିକ୍କମାଗାଲୁରୁରେ ଏନ୍‌ଏସ୍‌ୟୁଆଇ ପକ୍ଷରୁ ଛାତ୍ରୀଙ୍କ ବିକ୍ଷୋଭ।

ପ୍ରଘଟ ଯୋଗୁ ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଇଛି। ଏହା ସେମାନଙ୍କ କଠିନ ପରିଶ୍ରମ ଓ ସେମାନଙ୍କ ମାତାପିତାଙ୍କ ଆଶାଆକାଂକ୍ଷା ଉପରେ ଆକ୍ରମଣ। ପିଲାମାନଙ୍କ ପ୍ରତି ଅନ୍ୟାୟ ହେବାକୁ ଦିଆଯିବ ନାହିଁ। 'ପେପର ଲିକ୍' ସରକାରଙ୍କୁ ମୁଣ୍ଡ ନୋଇଁବାକୁ ପଡ଼ିବ ବୋଲି କଂଗ୍ରେସ କହିଛି। ପଞ୍ଜାବରେ ପିସିସି ମୁଖ୍ୟ ଅମରିନ୍ଦର ସିଂ ରାଜା ୱାରିଙ୍ଗଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିବାବେଳେ କର୍ନାଟକରେ ଏନ୍‌ଏସ୍‌ୟୁଆଇ ଏବଂ ଯୁବକଂଗ୍ରେସ ପକ୍ଷରୁ ବେଙ୍ଗାଲୁରୁରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନ୍‌ଇଇଟି ଏବଂ ୟୁଜିସି-ନେଟ୍ ପ୍ରସଙ୍ଗକୁ ନେଇ ପାଟନାରେ ବିହାରର କଂଗ୍ରେସ କର୍ମୀମାନେ ବିକ୍ଷୋଭ କରିଥିଲେ।

ସୂଚନାଯୋଗ୍ୟ, ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଗତ ମେ' ୫ରେ ହୋଇଥିବା ଏନ୍‌ଇଇଟି ପରୀକ୍ଷାରେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଭାଗ ନେଇଥିଲେ। ତେବେ ଜୁନ୍ ୪ରେ ରେଜଲ୍ଟ ଆସିବା ପରେ ବ୍ୟାପକ ଅନିୟମିତତା ହୋଇଥିବା ପଦାକୁ ଆସିଥିଲା। ୬୭ ଜଣ ପିଲାଙ୍କୁ ପୂର୍ଣ୍ଣ ମାର୍କ ଦିଆଯାଇ ର୍ୟାଙ୍କ୍ ୱାନ୍‌ରେ ରଖାଯାଇଥିବାବେଳେ ସେମାନଙ୍କ ମଧ୍ୟରେ ଗୋଟିଏ ପରୀକ୍ଷା କେନ୍ଦ୍ରରୁ ୬ ଜଣ ଥିଲେ। ଏହି ମାମଲାରେ ପାଟନାରୁ ଗିରଫ ହୋଇଥିବା ଅନୁରାଗ ଯାଦବ ନାମକ ଛାତ୍ରଙ୍କ କହିବା ଅନୁଯାୟୀ ତାଙ୍କୁ ପରୀକ୍ଷା ପୂର୍ବଦିନ ପ୍ରଶ୍ନପତ୍ର ମିଳିଥିଲା। ପେପର ଲିକ୍‌ରେ ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ପାଟନାର ଏନ୍‌ଏଚ୍‌ଏଆଇ ଗେଷ୍ଟହାଉସ୍‌ରେ ରହିଥିଲେ। ତେଣୁ ପ୍ରଶ୍ନପତ୍ର ଲିକ୍ ସହ ରାଜନୈତିକ ସମ୍ପୃକ୍ତି ଥିବା ତଦନ୍ତରୁ ଜଣାପଡ଼ିଛି। ପରୀକ୍ଷା ପୂର୍ବଦିନ କେତେଜଣ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରଶ୍ନପତ୍ର ଯୋଗାଡ଼ କରାଯାଇଥିଲା। ପ୍ରତି ପ୍ରଶ୍ନପତ୍ର ପାଇଁ ସେମାନଙ୍କୁ ୩୦ରୁ ୩୨ ଲକ୍ଷ ଟଙ୍କା ଲେଖାଏ ଦେବାକୁ ପଡ଼ିଥିଲା ବୋଲି ଗିରଫ ପରୀକ୍ଷାର୍ଥୀ ସ୍ୱୀକାର କରିଥିଲେ।

**ଫୁର୍‌ସତ୍**

## ପରିବାରରେ ୬ ପିଢ଼ିର ୧୮୫ ସଦସ୍ୟ



ଆଜମେର

ସମ୍ପ୍ରତି ଜଏଣ୍ଟ ଫ୍ୟାମିଲିର ଧାରା ସମାପ୍ତ ହେଉଥିବା ବେଳେ ଅଧିକାଂଶ ଲୋକ ନ୍ୟୁକ୍ଲିଆର ଫ୍ୟାମିଲିରେ ରହିବାକୁ ପସନ୍ଦ କରୁଛନ୍ତି। କିନ୍ତୁ ଏହି ପରିବର୍ତ୍ତନଶୀଳ ଧାରା ମଧ୍ୟରେ ରାଜସ୍ଥାନର ଏକ ପରିବାରରେ ସମୁଦାୟ ୧୮୫ଜଣ ସଦସ୍ୟ ଏକାଠି ବସବାସ କରୁଥିବା ଜଣାପଡ଼ିଛି। ଏବେ ଏହି ପରିବାରର ମୁଖିଆ ବାଗଡ଼ି ମାଲି ରହିଛନ୍ତି। ସୋସିଆଲ ମିଡିଆରେ ଏହି ପରିବାରର ଏକ ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ପରିବାରର ସମସ୍ତ ସଦସ୍ୟ ଏକାଠି ନଜର ଆସିଛନ୍ତି।

ଆଜମେରଠାରୁ ୩୬ କିଲୋମିଟର ଦୂରରେ ନାସିରାବାଦ ନିକଟସ୍ଥ ରାମସର ଗ୍ରାମରେ ଏହି ବିଶାଳ ପରିବାର ବସବାସ କରୁଛି। ବଡ଼ ପରିବାର ହୋଇଥିବାରୁ ରୋଷେଇ ଘର ମଧ୍ୟ ବଡ଼ ହୋଇଥିବା ପରିବାରର ମହିଳାମାନେ କହିଛନ୍ତି। ଏହି ପରିବାରରେ ସକାଳ ଓ ସନ୍ଧ୍ୟାରେ ଏକସଙ୍ଗେ ୧୩ଟି ଚୁଲି ଜଳେ, ଯେଉଁଥିରେ ପ୍ରତ୍ୟେକ ଦିନ ୧୫ କିଲୋଗ୍ରାମ ପନିପରିବା ଓ ୫୦ କିଲୋଗ୍ରାମରୁ ଅଧିକ ମଇଦା ବ୍ୟବହାର କରାଯାଇଥାଏ। ଘରର ମହିଳା ଓ ଝିଅମାନେ ପୂରା ପରିବାର ପାଇଁ ଖାଦ୍ୟ ରାନ୍ଧିଥାନ୍ତି। ସେହିପରି ପ୍ରତି ମାସରେ ରାଶନ ପାଇଁ ମଧ୍ୟ ପ୍ରାୟ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି ପରିବାରରେ ୬ଟି ପିଢ଼ି ଏକାଠି ରୁହନ୍ତି, ଯେଉଁଥିରେ ୬୫ ଜଣ ପୁରୁଷ, ୬୦ ଜଣ ମହିଳା ଓ ୬୦ ଜଣ ଶିଶୁ ରହିଛନ୍ତି।

ତେବେ ଏହି ପରିବାର ବାଗଡ଼ିଙ୍କ ଜେଜେବାପା ସୁଲତାନ ମାଲିଙ୍କଠାରୁ ଆରମ୍ଭ ହୋଇଛି। ସୁଲତାନଙ୍କର ୬ ପୁଅ ରହିଛନ୍ତି। ସେ ସର୍ବଦା ନିଜ ୬ ପୁଅଙ୍କୁ ପରିବାରକୁ ଏକଜୁଟ କରି ରଖିବାକୁ ଶିକ୍ଷା ଦେଇଥିବା ବାଗଡି କହିଛନ୍ତି। ଆଜିବି ପରିବାରରେ ସୁଲତାନଙ୍କ ଏହି ଶିକ୍ଷାକୁ ସମସ୍ତେ ଅନୁସରଣ କରୁଛନ୍ତି। ଯେତେବେଳେ ଏହି ପରିବାରର କୌଣସି ସଦସ୍ୟଙ୍କ ମଧ୍ୟରେ ବିବାଦ ଦେଖାଦେଇଥାଏ, ପରିବାରର ସମସ୍ତ ମୁରବି ଏକାଠି ବସି ଉକ୍ତ ବିବାଦ ସମାଧାନ କରୁଥିବା ବାଗଡି କହିଛନ୍ତି।

ବାଗଡି ପରିବାରର କିଛି ସଦସ୍ୟ ସରକାରୀ ଓ କେତେକ ଘରୋଇ ସଂସ୍ଥାରେ କାମ କରୁଥିବାବେଳେ ଅନ୍ୟ ସଦସ୍ୟମାନେ ଚାଷ, ପଶୁପାଳନ, ଦୋକାନ ଆଦି ଦ୍ୱାରା ରୋଜଗାର କରିଥାନ୍ତି। ପରିବାରର ସମସ୍ତେ ଏକାଠି ଖାଇବା ସହ ପରସ୍ପରର ସୁଖ ଓ ଦୁଃଖରେ ଠିଆ ହୋଇଥାନ୍ତି।

## ମୃତ୍ୟୁ ପରେ ବିବାହ



କୁଆଲାଲମ୍ପୁର

ବିବାହର ଠିକ୍ ପୂର୍ବରୁ ମାଲେସିଆର ୟାଙ୍ଗ୍ ଜିଙ୍ଗଶାନ(୩୧) ଏବଂ ଲି ଜୁଇଙ୍ଗ୍(୩୨) ନାମକ ଏକ ପ୍ରେମୀ ଯୁଗଳଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଉଭୟେ ପ୍ରାୟ ୩ ବର୍ଷ ଧରି ଲିଭ୍-ଇନ୍-ରିଲେଶନ୍‌ଶିପ୍‌ରେ ଏକାଠି ରହିଥିଲେ। ଖୁବ୍‌ଶୀଘ୍ର ଉଭୟଙ୍କର ବିବାହ କରିବାକୁ ସେମାନଙ୍କ ପରିବାରବର୍ଗ ସ୍ଥିର କରିଥିଲେ। ମୃତ୍ୟୁପରେ ସେମାନଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ପରିବାର ପକ୍ଷରୁ ଉଭୟଙ୍କର ବିବାହ ସମ୍ପନ୍ନ କରାଯାଇଛି। କୁଆଲାଲମ୍ପୁରର ଏକ ହଲ୍‌ରେ ଏହି ବିବାହ ଅନୁଷ୍ଠିତ ହୋଇଯାଇଛି। ବିବାହରେ ଉଭୟ ୟାଙ୍ଗ୍ ଓ ଲିଙ୍କ ଫଟୋରେ ଫୁଲମାଳ ଚଢ଼ାଯିବା ସହ ନିକଟରେ ସେମାନଙ୍କ ଷ୍ଟାଚ୍ୟୁ ରଖାଯାଇଥିବା ଦେଖିବାକୁ ମିଳିଛି।

## ବିଗ୍‌ବସ୍ ପାଇଁ ସନା ପ୍ରସ୍ତୁତ



ମୁମ୍ବାଇ

ପ୍ରସିଦ୍ଧ ଟିଭି ଇଣ୍ଡଷ୍ଟ୍ରି ଅଭିନେତ୍ରୀ ସନା ମକ୍‌ବୁଲ୍ ଖାନ୍ ଏବେ ଖୁବ୍ ଚର୍ଚ୍ଚାରେ ରହିଛନ୍ତି। ଶୁକ୍ରବାରଠାରୁ ଆରମ୍ଭ ହେଉଥିବା 'ବିଗ୍‌ବସ୍ ଓଟିଟି ସିଜନ ୩'ରେ ତାଙ୍କୁ ଦେଖିବାକୁ ମିଳିବ। ବିଗ୍‌ବସ୍‌ର ଏହି ସିଜନରେ ସନାଙ୍କୁ ଦେଖିବାକୁ ତାଙ୍କ ପ୍ରଶଂସକମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଛୋଟ ପରଦାର ବିଭିନ୍ନ ଧାରାବାହିକ ଓ ରିୟଲିଟି ଶୋ' ବ୍ୟତୀତ ସନା କେତେକ ତେଲୁଗୁ ଓ ତାମିଲ ଚଳଚ୍ଚିତ୍ରରେ ମଧ୍ୟ କାମ କରିଛନ୍ତି। ସେ ପ୍ରଥମଥର ପାଇଁ ୨୦୦୯ରେ ରିୟଲିଟି ଶୋ' 'ଟିନ୍ ଡିଭା'ରେ ଭାଗ ନେଇଥିଲେ। ଏହାବ୍ୟତୀତ ସନା ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇଛନ୍ତି। 'କିତ୍‌ନି ମହବତ୍ତ ହେ ୨', 'ଇସ୍ ପ୍ୟାର୍ କା କ୍ୟା ନାମ ଦୁଁ' ଓ 'ଆଦତ ସେ ମଜବୁର୍' ଭଳି ଧାରାବାହିକରେ କାମ କରିଛନ୍ତି। ତେବେ କିଛିଦିନ ଧରି ସନା ହେପାଟାଇଟିସ୍‌ରେ ପୀଡ଼ିତ ଥିବାରୁ ତାଙ୍କୁ ଅନେକ ଧାରାବାହିକ ଓ ଶୋ' ହରାଇବାକୁ ପଡିଥିଲା। ତାଙ୍କୁ ଶେଷଥର ପାଇଁ ୨୦୨୧ରେ 'ଫିଅର ଫ୍ୟାକ୍ଟର: ଖତ୍‌ରୋ କେ ଖିଲାଡି ୧୧'ରେ ଦେଖିବାକୁ ମିଳିଥିଲା। ଦୀର୍ଘ ଦିନ ପରେ ସେ 'ବିଗ୍‌ବସ୍ ଓଟିଟି ୩' ସହ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛନ୍ତି। ଏଥର ଅନିଲ କାପୁର 'ବିଗ୍‌ବସ୍ ଓଟିଟି ୩'ର ଆୟୋଜନ କରୁଥିବା ଦେଖିବାକୁ ମିଳିବ। ବିଗ୍‌ବସ୍‌ର ଏହି ସିଜନରେ ସନାଙ୍କ ବ୍ୟତୀତ ବିଭିନ୍ନ ଟିଭି ଅଭିନେତା, ସଂଗୀତଜ୍ଞ ଓ କ୍ରୀଡ଼ା ତାରକା ମଧ୍ୟ ଅଂଶଗ୍ରହଣକାରୀ ଭାବେ ନଜର ଆସିବେ।

# ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିକଲା କଂଗ୍ରେସ

■ଏନ୍ଇଇଟି-ୟୁଜି, ୟୁଜିସି-ନେଟ୍ ପରୀକ୍ଷା ଅନିୟମିତତା ବିବାଦ

■ମାଷ୍ଟର କ୍ୟାଣ୍ଟିନ୍ଠାରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୨୧।୬(ସୁନିତ୍ ମିଶ୍ର)




ଏନ୍ଇଇଟି-ୟୁଜି, ୟୁଜିସି-ନେଟ୍ ପରୀକ୍ଷା ଅନିୟମିତତା ପ୍ରତିବାଦରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ଶୁକ୍ରବାର ପ୍ରଦେଶ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ୟୁଜିସି-ନେଟ୍ ଓ ଏନ୍ଇଇଟି-ୟୁଜି ପରୀକ୍ଷାରେ ଘୋର ଅନିୟମିତତା ହୋଇଥିବା ଅଭିଯୋଗ ଆଣି ଓଡ଼ିଶା କଂଗ୍ରେସ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ଶୁକ୍ରବାର ପ୍ରଦେଶ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ସମ୍ପୃକ୍ତ ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ବିରୋଧକରି ଏକ ରାଲି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକଠାରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ଶରତ କହିଛନ୍ତି, କେନ୍ଦ୍ରରେ ଥିବା ମୋଦି ସରକାର ଛାତ୍ର ବିରୋଧୀ ସରକାର । ଗତ ବର୍ଷଗୁଡ଼ିକରେ ଅନେକ ପରୀକ୍ଷାରେ ବ୍ୟାପକ ଅନିୟମିତତା ସତ୍ତ୍ୱେ ଏହାକୁ ରୋକିବାରେ ସରକାର ଅସମର୍ଥ ହେଉଛନ୍ତି। ଏହି ଘଟଣାରେ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ହେଲେ ପ୍ରକୃତ ଦୋଷୀ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି।

କଂଗ୍ରେସ ପକ୍ଷରୁ କୁହାଯାଇଛି, କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାର ଆସିବା ପରେ ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଅନିୟମିତତାର ଅନେକ ନଜିର ରହିଛି। ଭାଜପା ଶାସିତ ରାଜ୍ୟର ସରକାରରେ ସର୍ବାଧିକ ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଏହି ମଡେଲକୁ ମୋଦି ସରକାର ଆପଣାଇ ଗତ ୭ ବର୍ଷରେ ୭୦ରୁ ଊର୍ଦ୍ଧ୍ୱ ପରୀକ୍ଷାରେ ପେପର ଲିକ୍ ହୋଇଛି। ଏହାଦ୍ୱାରା ୨ କୋଟିରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ଏବେ ଅନ୍ଧକାରକୁ ଠେଲିହୋଇଯାଇଛି। ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍ଟିଏ) ଦ୍ୱାରା ପରିଚାଳିତ ୟୁଜିସି-ନେଟ୍ ଜୁନ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିଲା। ପରେ ଏହି ପରୀକ୍ଷାକୁ ବାତିଲ କରାଯାଇ ସିବିଆଇ ତଦନ୍ତ ଚାଲିଛି। ଡାକ୍ତରୀ ପ୍ରବେଶିକା ପରୀକ୍ଷା ୨୦୨୪(ଏନ୍ଇଇଟି)ରେ ମଧ୍ୟ ସମାନଭାବେ ବ୍ୟାପକ ଅନିୟମିତତା ଯଥା: ପ୍ରଶ୍ନପତ୍ର ଲିକ୍ ହେବା ଫଳରେ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବେ ଅନ୍ଧକାରରେ। ଏହି ପରୀକ୍ଷାରେ ୬୭ ଜଣ ଟପ୍ପର ହେବା, ଗୋଟିଏ ସେଣ୍ଟରରୁ ଏକାଧିକ ଟପ୍ପର, ଗ୍ରେସ୍ ମାର୍କ ଦେବା ଇତ୍ୟାଦି ବ୍ୟାପକ ଅନିୟମିତତାର ଜ୍ୱଳନ୍ତ ଉଦାହରଣ। ବର୍ଷ ବର୍ଷ ଧରି କଠିନ ପରିଶ୍ରମକରି ଡାକ୍ତର ହେବା ପାଇଁ ଆଶାବାନ୍ଧିଥିବା ଛାତ୍ରୀଛାତ୍ରମାନଙ୍କୁ ମୋଦି ସରକାର ନିରାଶ କରିଛି। ଏନ୍ଟିଏର କାର୍ଯ୍ୟକାରିତା ବର୍ତ୍ତମାନ ସନ୍ଦେହ ଘେରରେ ରହିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩ ବର୍ଷ ଧରି ଶିକ୍ଷା ବିଭାଗ ଦାୟିତ୍ୱରେ କାର୍ଯ୍ୟ କରୁଥିବା ବେଳେ ପେପର ଲିକ୍କୁ ରୋକିବା ଦିଗରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏହି ଘଟଣାରେ ପାଟନା ପୋଲିସ ୭ ଜଣଙ୍କୁ ଗିରଫ କରିଛି । ତନ୍ମଧ୍ୟରୁ ୪ ଜଣ ପରୀକ୍ଷାର୍ଥୀ। ସେମାନେ ଆଗୁଆ ପ୍ରଶ୍ନପତ୍ର ପାଇବା ପୋଲିସ ଆଗରେ ସ୍ୱୀକାର ମଧ୍ୟ କରିଛନ୍ତି। ପୂର୍ବରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଶ୍ନପତ୍ର ଲିକ୍ ହୋଇନାହିଁ ବୋଲି ଯେଉଁ ବାହୁସ୍ଫୋଟ ମାରୁଥିଲେ ବର୍ତ୍ତମାନ ସର୍ବସମ୍ମୁଖରେ କ୍ଷମା ପ୍ରାର୍ଥନା କରିବା ସହ ନିଜର ନୈତିକତା ଆଧାରରେ କଂଗ୍ରେସ ତାଙ୍କର ଇସ୍ତଫା ଦାବି କରିଛି।

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଦିଲୀପ ରାୟ

## ବିଧାୟକ ସାରଦାଙ୍କ ସଭ୍ୟ ପଦ ରଦ୍ଦ ଆବେଦନ

କଟକ,୨୧।୬ (କାର୍ତ୍ତିକ ସାହୁ)

ଚଳିତ ନିର୍ବାଚନରେ ରାଉରକେଲା ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ଭାଜପା ନେତା ଦିଲୀପ ରାୟ ହାଇକୋର୍ଟରେ ଆବେଦନ କରିଛନ୍ତି। ବିଧାୟକ ନାୟକ ପ୍ରାର୍ଥୀପତ୍ର ଦାଖଲବେଳେ ସତ୍ୟପାଠରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କରେ ତଥ୍ୟ ପ୍ରଦାନ କରିନାହାନ୍ତି। ଏଥିସହ ତାଙ୍କ ନାମରେ ରହିଥିବା ବିଭିନ୍ନ ଆପରାଧିକ ମାମଲାର ଠିକ୍ ତଥ୍ୟ ମଧ୍ୟ ସେ ଦାଖଲ କରିନାହାନ୍ତି। ରିଟର୍ନିଂ ଅଫିସର ନାୟକଙ୍କ ପ୍ରାର୍ଥୀପତ୍ରକୁ ଠିକ୍ ଭାବେ ଯାଞ୍ଚ ନ କରି ଗ୍ରହଣ କରିଥିବା ଦିଲୀପ ପିଟିଶନ୍ରେ ଦର୍ଶାଇଛନ୍ତି। ଏହାଦ୍ୱାରା ନାୟକଙ୍କ ପାଇଁ ଦ୍ୱିତୀୟ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ଦିଲୀପ ୧୯୮୫ ଓ ୧୯୯୦ ନିର୍ବାଚନରେ ରାଉରକେଲାରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକଙ୍କ ଜନତା ଦଳ ମନ୍ତ୍ରିମଣ୍ଡଳରେ ସେ ଶିଳ୍ପମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ମାତ୍ର ୧୯୯୫ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରଭାତ ମହାପାତ୍ରଙ୍କଠାରୁ ସେ ପରାସ୍ତ ହୋଇଥିଲେ। ଏଥିସହ ୧୯୯୬ରେ ସେ ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ସେ ୧୯୯୬ରୁ ୨୦୦୨ ଓ ୨୦୦୨ରୁ ୨୦୦୮ ପର୍ଯ୍ୟନ୍ତ କ୍ରମାଗତ ୨ ଥର ଏହି ପଦରେ ରହିଥିଲେ। ଏଥିସହ ଅଟଳ ବିହାରୀ ବାଜପେୟୀ ସରକାରରେ ସେ କୋଇଲା ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେ ଭାଜପାରେ ଯୋଗଦେଇ ୨୦୧୪ରେ ରାଉରକେଲା ବିଧାୟକ ଭାବେ ସାରଦା ନାୟକଙ୍କୁ ହରାଇ ବିଜୟୀ ହୋଇଥିଲେ। ମାତ୍ର ସେ ୨୦୧୯ ନିର୍ବାଚନ ଲଢ଼ି ନ ଥିଲେ। ଅପରପକ୍ଷରେ ସାରଦା ୨୦୦୪, ୨୦୦୯, ୨୦୧୯ ଓ ୨୦୨୪ ନିର୍ବାଚନରେ ରାଉରକେଲା ବିଧାନସଭା ଆସନରୁ ବିଜୟ ଲାଭ କରିବା ସହ ଗତ ବିଜେଡି ସରକାରରେ ଶ୍ରମ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ, ଗତ ୧୦ ତାରିଖରେ ସାରଦା ପ୍ରସାଦ ନାୟକଙ୍କ ପାଇଁ ପ୍ରଥମ ଅଡୁଆ ଆଣିଥିଲେ ପରାଜିତ ଏନ୍ସିପି ପ୍ରାର୍ଥୀ ରାଜ କୁମାର ଯାଦବ। ଯାଦବ ବିଧାୟକ ନାୟକଙ୍କ ବିରୋଧରେ ହାଇକୋର୍ଟରେ ନିର୍ବାଚନୀ ଅନିୟମିତତା ପିଟିଶନ୍ ଦାଖଲ କରିଥିଲେ। ବିଧାୟକ ନାୟକ ପ୍ରାର୍ଥୀପତ୍ର ଦାଖଲବେଳେ ମିଥ୍ୟା ସତ୍ୟପାଠ ଦେଇଥିବା ଯାଦବ ପିଟିଶନ୍ରେ ଦର୍ଶାଇଥିଲେ। ସେଥିରେ ସେ ନିଜ ସମ୍ପତ୍ତି ସଂକ୍ରାନ୍ତୀୟ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିନାହାନ୍ତି। ଏଥିସହ ତାଙ୍କ ନାମରେ ରହିଥିବା ବିଭିନ୍ନ ଆପରାଧିକ ମାମଲାର ଠିକ୍ ତଥ୍ୟ ମଧ୍ୟ ସେ ଦେଇନାହାନ୍ତି। ତେଣୁ ନାୟକଙ୍କ ସଭ୍ୟପଦ ରଦ୍ଦ କରାଯିବା ନେଇ ସେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଏହି ଆବେଦନକୁ ବିଚାର ପାଇଁ ଗ୍ରହଣ କରିବା ସହ ତାଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ଆବେଦନକାରୀ ନିଜର ଯୁକ୍ତି ଦର୍ଶାଇଛନ୍ତି।

# ବିଧାୟକଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିବି: ଅମରେଶ

## ଭାଜପାରେ ମିଶିବା ଚର୍ଚ୍ଚା ଖଣ୍ଡନ କଲେ ବିରଞ୍ଚି, ଅମରେଶ

ଭୁବନେଶ୍ୱର, ୨୧।୬ (ବନ୍ଦନା ସେଠୀ)



ଗୁଆଝରଠାରେ ଆୟୋଜିତ ଚନ୍ଦନ ଉତ୍ସବରେ ଭାଜପାର ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂଙ୍କ ସହ ବିଜେଡି କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ଓ ଅନ୍ୟମାନେ।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ ଶୁକ୍ରବାର ବିଏମ୍ସି ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ୨୦୨୨ ଓ ୨୦୨୩ରେ ଦୁଇଥର ପବ୍ଲିକ ୱାର୍କସ କମିଟି ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିବା ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା କର୍ପୋରେଟର ଅମରେଶ ଜେନା ଏଥର ଏହି ପଦ ପାଇଁ ନାମାଙ୍କନପତ୍ର ଭରି ନ ଥିଲେ। ଫଳରେ ଅନ୍ୟ ଜଣେ ବିଜେଡି କର୍ପୋରେଟର ସମ୍ପୃକ୍ତ କମିଟିର ଅଧ୍ୟକ୍ଷ ହୋଇଛନ୍ତି। ଏପରିସ୍ଥିତିରେ ଅମରେଶ ଖୁବ୍ଶୀଘ୍ର ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏନେଇ ଅମରେଶ କହିଛନ୍ତି, ସେ ଏବେ ବି ଦଳରେ ଅଛନ୍ତି। ଆଗକୁ ବିଜେଡି ପାଇଁ କାମ କରିବେ। ଏଥିସହ ଜଣେ ପୂର୍ବତନ ବିଧାୟକ ଏବଂ ଜଣେ ବର୍ତ୍ତମାନର ବିଧାୟକଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିବେ। ଏନେଇ ତଦନ୍ତ ପାଇଁ ଉଦ୍ୟମ କରିବେ ବୋଲି ଅମରେଶ କହିଛନ୍ତି। ଅନ୍ୟପକ୍ଷରେ ଏକାମ୍ର ନିର୍ବାଚନମଣ୍ଡଳୀର ବିଜେଡି ନେତା ତଥା କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର ମଧ୍ୟ ଭାଜପାରେ ମିଶିବା ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି।

୨୦୨୪ ବିଧାନସଭା ନିର୍ବାଚନରେ ଏହି ଦୁଇ ବିଜେଡି ନେତା ବିରଞ୍ଚି ଓ ଅମରେଶ ବିଧାୟକ ଟିକେଟ୍ ଆଶାୟୀ ଥିଲେ। ତେବେ ଦଳ ସେମାନଙ୍କୁ ଟିକେଟ୍ ନ ଦେଇ ପୁରୁଣା ପ୍ରାର୍ଥୀଙ୍କୁ ଭରସା କରିଥିବାରୁ ଏମାନେ ଦଳର ନିଷ୍ପତ୍ତିକୁ ବିରୋଧ କରିଥିଲେ। ତେବେ ବୁଝାଶୁଝା ପରେ ସେମାନେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ ମଧ୍ୟ ଭିତିରିଆ ଭାଜପାକୁ ସମର୍ଥନ କରିଥିବା ଅଭିଯୋଗ ହୋଇଥିଲା। ଏକାମ୍ରରେ ପୂର୍ବତନ ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା ନିର୍ବାଚନ ହାରିଥିବାବେଳେ ମଧ୍ୟ ନିର୍ବାଚନମଣ୍ଡଳୀରେ ଅନନ୍ତ ନାରାୟଣ ଜେନା ମାତ୍ର ୩୭ ଖଣ୍ଡ ଭୋଟ୍ରେ ବିଜୟୀ ହୋଇଛନ୍ତି। ଦଳର ଏଭଳି ସ୍ଥିତି ପାଇଁ ଅନ୍ୟ ବିଜେଡି କର୍ପୋରେଟରମାନେ ବିରଞ୍ଚି ଓ ଅମରେଶଙ୍କୁ ଦାୟୀ କରୁଥିବାବେଳେ ଖୁବ୍ଶୀଘ୍ର ଏମାନେ ଭାଜପାରେ ସାମିଲ ହେବା ନେଇ ଚର୍ଚ୍ଚା ହେଉଛି।

ସେହିପରି ଶୁକ୍ରବାର ଅନୁଷ୍ଠିତ ଷ୍ଟାଣ୍ଡିଂ କମିଟି ନିର୍ବାଚନରେ ବିରଞ୍ଚି ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ପାଇଁ ବିଜେଡିରୁ ନାମାଙ୍କନପତ୍ର ଦାଖଲ କରିଥିଲେ। ହେଲେ ଅଶୋକଙ୍କ ହାରିବା ପଛରେ ବିରଞ୍ଚିଙ୍କ ହାତ ଥିବା ଅଭିଯୋଗ କରି ଅନ୍ୟଜଣେ ବିଜେଡି କର୍ପୋରେଟର ତାଙ୍କ ବିରୋଧରେ ନାମାଙ୍କନପତ୍ର ଭରି ଥିଲେ। ଗୋଟିଏ ପଦ ପାଇଁ ଦୁଇ ବିଜେଡି କର୍ପୋରେଟର ପ୍ରତିଦ୍ୱନ୍ଦ୍ୱିତା କରିବାକୁ ନେଇ ଏବେ ଜୋର୍ ଆଲୋଚନା ଚାଲିଛି। ଏହାସହ ଖୁବ୍ଶୀଘ୍ର ବିରଞ୍ଚି ଭାଜପାରେ ସାମିଲ୍ ହେବା ନେଇ ମଧ୍ୟ ଶୁଣାଯାଉଛି। ଏହି ଚର୍ଚ୍ଚା ଅଧିକ ରୋଚକ ହେବାରେ ଲାଗିଛି। କାରଣ କମିଟି ଅଧ୍ୟକ୍ଷ ଭାବେ ବିରଞ୍ଚିଙ୍କ ବିଜୟ ପରେ ଭାଜପା କର୍ପୋରେଟରମାନେ ଉତ୍ସାହିତ ହୋଇ ତାଳି ମାରିବା ଓ ହୁଳହୁଳି ଦେଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କେବଳ ସେତିକି ନୁହେଁ, ଗୁରୁବାର ଏକାମ୍ର ବିଧାୟକ ବାବୁ ସିଂଙ୍କ ପକ୍ଷରୁ ଗୁଆଝରଠାରେ ଆୟୋଜିତ ଚନ୍ଦନ ଉତ୍ସବରେ ମଧ୍ୟ ବିରଞ୍ଚିଙ୍କୁ ଦେଖିବାକୁ ମିଳିଥିଲା। ତେବେ ଭାଜପାରେ ମିଶିବା ଚର୍ଚ୍ଚା ସମ୍ପର୍କରେ ବିରଞ୍ଚି କହିଛନ୍ତି, ଏସବୁ ମିଛି ପ୍ରଚାର। ସେ ଏବେ ବି ଦଳରେ ଅଛନ୍ତି। ଆଗକୁ କିପରି ଭଲ କାମ କରିବେ ସେ ନେଇ ଧ୍ୟାନ ଦେବେ ବୋଲି ସଫେଇ ଦେଇଛନ୍ତି।



ଜିଏସ୍ଟି କାଉନସିଲ୍ ବୈଠକରେ ଯୋଗ ଦେବାକୁ ନୂଆଦିଲ୍ଲୀ ଯାଇଥିବା ଅବସରରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

# ଝାରସୁଗୁଡ଼ା: ଯାଞ୍ଚ ହେବ ଇଭିଏମ୍

■କିଛି ଲୋକ ଶାସନକୁ ନିଜ ପରିବାର ଜାଗିରଦାର ଭାବୁଛନ୍ତି: ଟଙ୍କଧର

■ଅଧିକାର ପାଇଁ ଲଢୁଛି: ଦୀପାଳି

ଭୁବନେଶ୍ୱର,୨୧।୬(ଅନିଲ ଦାସ)



ଟଙ୍କଧର ତ୍ରିପାଠୀ



ଦୀପାଳି ଦାସ

ଚଳିତ ନିର୍ବାଚନରେ ଝାରସୁଗୁଡ଼ା ବିଧାନସଭା ଆସନରୁ ଭାଜପା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ଦୀପାଳି ଦାସ ପରାଜିତ ହୋଇଛନ୍ତି। ନିଜ ପରାଜିତକୁ ସହଜରେ ଗ୍ରହଣ କରି ପାରୁ ନ ଥିବା ଦୀପାଳି ପୁଣି ଥରେ ଇଭିଏମ୍ ଯାଞ୍ଚ ପାଇଁ ଆବେଦନ କରିଥିଲେ। ଏହାକୁ ନିର୍ବାଚନ କମିଶନର ଗ୍ରହଣ କରିଛନ୍ତି । ଆସନ୍ତା ଜୁଲାଇ ୧୯ ପରେ ତାରିଖ ନିର୍ଦ୍ଧାରିତ ହେବ ବୋଲି ଜଣାଯାଇଛି। ନିର୍ବାଚନ କମିଶନରଙ୍କ ତତ୍ତ୍ୱାବଧାନରେ ଏକ ଇଞ୍ଜିନିୟରିଂ ଟିମ୍ ଉପସ୍ଥିତିରେ ଝାରସୁଗୁଡାରେ ୧୩ଟି ବୁଥ୍, ୧୩ ସେଟ୍ ଇଭିଏମ୍ ଓ ଭିଭିପିଏଟି ଯାଞ୍ଚ କରାଯିବ। ନିୟମ ଅନୁଯାୟୀ ନିର୍ବାଚନ ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିଲେ ପ୍ରାର୍ଥୀ ଏଥିପାଇଁ ଆବେଦନ କରିପାରିବେ। ଏହି ଆଧାରରେ ୫ ପ୍ରତିଶତ ଇଭିଏମ୍ର ପୁନଃ ଗଣତି କରାଯିବ। ନିର୍ବାଚନ କମିଶନ ଆବେଦନକୁ ଗ୍ରହଣ କରିବା ପରେ ଗଣମାଧ୍ୟମକୁ ଦୀପାଳି କହିଛନ୍ତି, ଭାରତର ନାଗରିକ ହିସାବରେ ସେ ତାଙ୍କ ଅଧିକାର ପାଇଁ ଲଢୁଛନ୍ତି। ଏଥିନିମନ୍ତେ ନିର୍ବାଚନ କମିଶନରଙ୍କ ନିକଟରୁ ପତ୍ର ପାଇଛନ୍ତି। ଜୁଲାଇ ୧୯ ପରେ ଏଥିନିମନ୍ତେ ଦିନ ଧାର୍ଯ୍ୟ ହେବ । ଏଥିରେ କାହାକୁ କୌଣସି ଅସୁବିଧା ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, କିଛି ଲୋକ ଶାସନ ବ୍ୟବସ୍ଥାକୁ ନିଜ ପରିବାରର ଜାଗିରଦାର ଭାବନ୍ତି। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି ସେମାନେ ଭୁଲି ଯାଉଛନ୍ତି। ଏଠାରେ ଜନାଦେଶକୁ ସମ୍ମାନ ଦେବା ପ୍ରତ୍ୟେକ ନିର୍ବାଚିତ ଓ ପରାଜିତ ପ୍ରାର୍ଥୀଙ୍କ ଦାୟିତ୍ୱ। ମାତ୍ର କେତେଜଣ ପ୍ରାର୍ଥୀ ଜନାଦେଶକୁ ଗ୍ରହଣ କରିପାରନ୍ତି ନାହିଁ। ଜନାଦେଶକୁ ଗ୍ରହଣ କରିବା ଶିଖନ୍ତୁ, କାରଣ ଏଠାରେ ପରିବାର ରାଜନୀତିର ସମାପ୍ତ ହୋଇଛି ବୋଲି ସେ କହିଛନ୍ତି। ମାତ୍ର ସେମାନେ ସେ ମାନସିକତାରୁ ବାହାରି ପାରୁନାହାନ୍ତି। ନିର୍ବାଚନ କମିଶନରଙ୍କ ନଜରରେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଭୋଟ ଗଣତି ହୋଇଥିବା ବେଳେ ସିସିଟିଭିରେ ଏହା ରେକର୍ଡ ହୋଇଛି। ଏଥିସହ ତାଙ୍କ ଏଜେଣ୍ଟ ସବୁ ଡକ୍ୟୁମେଣ୍ଟରେ ଦସ୍ତଖତ ମଧ୍ୟ କରିଛନ୍ତି। ଏବେ ସେ ପୁଣି ଥରେ ଇଭିଏମ୍ ଯାଞ୍ଚ ପାଇଁ ଆବେଦନ କରିଥିବାରୁ ତାହା ସ୍ୱାଗତଯୋଗ୍ୟ ବୋଲି ଟଙ୍କଧର କହିଛନ୍ତି।

# ବିଜେଡି ହାତରୁ ଗଲା ୨ ଅଧ୍ୟକ୍ଷ ପଦ

## ସିଏମ୍ସିର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନ

କଟକ,୨୧।୬ (କାର୍ତ୍ତିକ ସାହୁ)



ରାକେଶ ସ୍ୱାଇଁ



ପ୍ରଦୀପ କୁମାର ରାଉତ

କଟକ ମହାନଗର ନିଗମ (ସିଏମ୍ସି)ର ୮ଟି ଷ୍ଟାଣ୍ଡିଂ କମିଟି ମଧ୍ୟରୁ ୨ଟି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପଦ ବିଜେଡି ହାତରୁ ଏଥର ଖସିଯାଇଛି। ୬ଟି କମିଟିରେ ପୂର୍ବ ଅଧ୍ୟକ୍ଷମାନେ ପୁନର୍ବାର ନିର୍ବାଚିତ ହୋଇଛନ୍ତି। ସିଏମ୍ସିର ବିଜୁ ଭବନ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ଅଧ୍ୟକ୍ଷ ନିର୍ବାଚନ ପରେ ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର୍ ଧରିଛି। ଚଳିତ ସାଧାରଣ ନିର୍ବାଚନରେ ବିଜେଡି କ୍ଷମତାଚ୍ୟୁତ ହେବା ପରେ ସିଏମ୍ସି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ନିର୍ବାଚନର ଫଳାଫଳ ନିଶ୍ଚିତ ଭାବେ ଆଗାମୀ ଦିନରେ ବିଜେଡିକୁ ଅଡୁଆରେ ପକାଇବ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ସିଏମ୍ସି ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଷ୍ଟାଣ୍ଡିଂ କମିଟି ସଦସ୍ୟମାନେ ନିର୍ବାଚନ ଓ ମନୋନୟନ ଆଧାରରେ ନୂଆ ଅଧ୍ୟକ୍ଷମାନଙ୍କୁ ବାଛିଥିଲେ। ୮ଟି ଷ୍ଟାଣ୍ଡିଂ କମିଟିରେ ୭ ଜଣ ଲେଖାଏଁ ସଦସ୍ୟ ଅଛନ୍ତି। ଏହି ସଦସ୍ୟମାନେ ସେମାନଙ୍କ କମିଟି ଅଧ୍ୟକ୍ଷ ବାଛିଥିଲେ। ଏଥିରେ ଦୁଇଟି କମିଟିର ଅଧ୍ୟକ୍ଷ ବଦଳିଥିବାବେଳେ ୬ଟିରେ ଅଧ୍ୟକ୍ଷ ଅପରିବର୍ତ୍ତିତ ଅଛନ୍ତି। ଯୋଜନା ଓ ଉନ୍ନୟନ କମିଟି ଅଧ୍ୟକ୍ଷ ଭାବେ ୩ ନଂ. ୱାର୍ଡ ସ୍ୱାଧୀନ କର୍ପୋରେଟର ପ୍ରଦୀପ କୁମାର ରାଉତ ଓ ଏଷ୍ଟାବ୍ଲିଶ୍ମେଣ୍ଟ କମିଟି ଅଧ୍ୟକ୍ଷ ଭାବେ ୫୧ ନଂ. ୱାର୍ଡର ଭାଜପା କର୍ପୋରେଟର ରାକେଶ ସ୍ୱାଇଁ ନୂତନ ଭାବେ ନିର୍ବାଚିତ ହୋଇଛନ୍ତି। ଅଧ୍ୟକ୍ଷ ରାଉତ ୨୦୨୨ରେ ସ୍ୱାଧୀନ କର୍ପୋରେଟର ଭାବେ ବିଜୟୀ ହେବା ପରେ ବିଜେଡିରେ ମିଶିଥିଲେ। ସେହିପରି ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷ ଭାବେ ୨୪ ନଂ. ୱାର୍ଡର ବିଜେଡି କର୍ପୋରେଟର ଦୀପ୍ତିମୟୀ ମୂଳିଆ, ଲାଇସେନ୍ସ ଓ ଆବେଦନ କମିଟି ଅଧ୍ୟକ୍ଷା ଭାବେ ୧୭ ନଂ. ୱାର୍ଡର ବିଜେଡି କର୍ପୋରେଟର ଏ. ଶ୍ରୀଦେବୀ, ଶିକ୍ଷା ଓ ଚିତ୍ତ ବିନୋଦନ କମିଟି ଅଧ୍ୟକ୍ଷା ଭାବେ ୧୦ ନଂ. ୱାର୍ଡର ବିଜେଡି କର୍ପୋରେଟର ମୋନାଲିସା ଦାସ, ପୂର୍ତ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଭାବେ ୪୪ ନଂ. ୱାର୍ଡର ବିଜେଡି କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଗ୍ରିଭାନ୍ସ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ୪୬ ନଂ. ୱାର୍ଡର ବିଜେଡି କର୍ପୋରେଟର ପ୍ରଳୟା ବେଉରା, ଟିକସ ଓ ଅର୍ଥ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଭାବେ ଡେପୁଟି ମେୟର ଦମୟନ୍ତୀ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

ଅପରପକ୍ଷରେ ଯୋଜନା ଓ ଉନ୍ନୟନ କମିଟି ଅଧ୍ୟକ୍ଷ ନିର୍ବାଚନରେ ପୂର୍ବ ଅଧ୍ୟକ୍ଷ ୨୧ ନଂ. ୱାର୍ଡର ବିଜେଡି କର୍ପୋରେଟର ଅଶୋକ ଶର୍ମାଙ୍କ ସପକ୍ଷରେ ଜଣେ ଭୋଟ ଦେଇଥିବାବେଳେ ଅନ୍ୟ ଜଣେ ସଦସ୍ୟ ଅନୁପସ୍ଥିତ ଥିଲେ। ୩ ନଂ. ୱାର୍ଡ କର୍ପୋରେଟର ରାଉତ ନିଜକୁ ମିଶାଇ ୫ଟି ଭୋଟ ପାଇ ଅଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସେହିପରି ଏଷ୍ଟାବ୍ଲିଶ୍ମେଣ୍ଟ କମିଟି ଅଧ୍ୟକ୍ଷ ଥିବା ପୂର୍ଣ୍ଣିମା ସ୍ୱାଇଁଙ୍କ ସପକ୍ଷରେ ୩ ଜଣ ସଦସ୍ୟ ଥିବାବେଳେ ୫୧ ନଂ. ୱାର୍ଡ କର୍ପୋରେଟର ରାକେଶ ସ୍ୱାଇଁଙ୍କ ସପକ୍ଷରେ ୪ ଜଣ ସଦସ୍ୟ ଭୋଟ ଦେଇଥିଲେ। ବିଜେଡି କର୍ପୋରେଟରମାନେ ପୂର୍ଣ୍ଣିମାଙ୍କୁ ପୁନର୍ବାର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରିଥିଲେ। ମାତ୍ର ଉଭୟେ ୩ଟି ଲେଖାଏ ଭୋଟ ପାଇଥିବାବେଳେ ଶେଷ ପର୍ଯ୍ୟାୟରେ ଜଣେ ସଦସ୍ୟଙ୍କ ଭୋଟ ରାକେଶଙ୍କୁ ବିଜୟୀ କରାଇଥିଲା।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

**ବେହେରା,୨୧।୬(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ ବେହେରା ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଳନ୍ଧର ବାଣୁଆ (୩୮)। ଘରେ ଶୋଇଥିବାବେଳେ ଅପରାହ୍ନ ୨ଟାରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ଚିକିତ୍ସା ପାଇଁ ଧର୍ମଗଡ଼ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ରାତ୍ର ୭ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୋକସରା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦକରି ପରିବାରକୁ ହସ୍ତାନ୍ତର କରିଛି। ଜଳନ୍ଧରଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

### ମୁହୁରାରେ ଛେଳି ମଡ଼କ

**ଖଡ଼ିଆଳ,୨୧।୬(ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅରେଡା ଗ୍ରାମ ପଞ୍ଚାୟତ ମୁହୁରା ଗ୍ରାମରେ ଛେଳି ମଡ଼କ ଦେଖାଦେଇଛି। ଗ୍ରାମର ପୁରୁଷୋତ୍ତମ ଷଣ୍ଢଙ୍କ ୨୯ ପଟ ଛେଳି ଚରିବାକୁ ଯାଇଥିଲେ। ସନ୍ଧ୍ୟାରେ ଘରକୁ ଫେରିବା ପରେ ହଠାତ୍ ଗୋଟିଏ ପରେ ଗୋଟିଏ ୧୪ ଛେଳି ମରିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ପରିବାର ଲୋକଙ୍କ କହିବା ଅନୁସାରେ ସବୁ ଛେଳି ସୁସ୍ଥ ଥିଲେ ଓ ପ୍ରାଣୀ ଚିକିତ୍ସା କେନ୍ଦ୍ର ତରଫରୁ ଗାଁର ସବୁ ଛେଳି ଓ ଗାଈଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସବୁ ଛେଳି ଓ ଗାଈ ଚରିବା ସମୟରେ ସ୍ୱାଭାବିକ ଅବସ୍ଥାରେ ଥିଲେ। କିନ୍ତୁ ଘରକୁ ଆସିଲା ପରେ ହଠାତ୍ ୧୪ଟି ଛେଳି ମରିଯାଇଥିଲେ।

### ଆଦିସ୍କନ୍ଦ ସମାଜର ନୂତନ କମିଟି ଗଠନ

**ପଲମ,୨୧।୬(ଭିକାରି ଗଉଡ଼):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ମାଣ୍ଡେଲ ପଞ୍ଚାୟତସ୍ଥିତ ଅସୁରଗଡ ବୀରକମଳ ମଇଦାନଠାରେ ଆଦିସ୍କନ୍ଦ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକରେ ରହିଥିବା ଆଦିସ୍କନ୍ଦ ସମାଜର କାର୍ଯ୍ୟକାଳ ପୂରିଯାଇଥିବାରୁ ବୈଠକରେ ଅସ୍ଥାୟୀ ସଭାପତି ଭାବରେ ନୌକା ମାଝିଙ୍କ ନେତୃତ୍ୱରେ ନୂତନ କମିଟି ଗଠିତ ହୋଇଥିଲା। ସଭାପତି ଭାବରେ ଝସକେତନ ମାଝିଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବୈଠକରେ ଜିଲା ଆଦିସ୍କନ୍ଦ ସମାଜର ସଭାପତି ପ୍ରକାଶ ମାଝି, ନର୍ଲା ବ୍ଲକ ଆଦିବାସୀ ସଂଘ ସଭାପତି ହରିଶଙ୍କର ମାଝି ପ୍ରମୁଖ ଉପସ୍ଥିତ ଥିଲେ।

# ରୟତି ପୋଖରୀ ହୁଡ଼ାରେ କଂକ୍ରିଟ ରାସ୍ତା ନିର୍ମାଣ

## ଜିଲାପାଳଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ

**କେସିଙ୍ଗା,୨୧।୬(ତୁମେଶର ସାହୁ)**

କେସିଙ୍ଗା ବ୍ଲକ ପଥର୍ଲା ପଞ୍ଚାୟତ ମାଲପଡା ଗ୍ରାମ ୯ ନମ୍ବର ୱାର୍ଡର ଜଣେ ବ୍ୟକ୍ତିଙ୍କ ରୟତି ପୋଖରୀ ହୁଡ଼ା ଉପରେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ମାଲପଡା ଗ୍ରାମରୁ ପ୍ରଧାନପଡ଼ା ରାସ୍ତାରେ ୪ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସିସିରୋଡ୍ ନିର୍ମାଣ କରାଯାଇଥିବା ସୂଚନା ଫଳକରେ ଉଲ୍ଲେଖ ରହିଛି। ଆଶ୍ଚର୍ଯ୍ୟର ବିଷୟ ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ଥିବା ପୋଖରୀ ହୁଡ଼ାରେ ପ୍ରାୟ ୩୫ ମିଟର ଦୀର୍ଘ ଅନ୍ୟ ଏକ ସିସିରୋଡ୍ ନିର୍ମାଣ କରାଯାଇଛି। ଗ୍ରାମର ଅନେକ ଗଳିକନ୍ଦି ରାସ୍ତା ରହିଛି। ସେଠାରେ ଏହି ସିସିରୋଡ୍ ନିର୍ମାଣ ନ କରି କାହା ସ୍ୱାର୍ଥରେ ଘରୋଇ ଜମିରେ ଥିବା ପୋଖରୀ ହୁଡ଼ାରେ କରାଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ନିୟମ ଅନୁସାରେ ସରକାରୀ ଅର୍ଥ ସରକାରୀ ସ୍ଥାନରେ ବ୍ୟବହାର କରାଯିବା କଥା। ହେଲେ ଏଠାରେ କନିଷ୍ଠ ଯନ୍ତ୍ରୀ ଜଣକ ଜଣେ ବ୍ୟକ୍ତିଙ୍କ ରୟତି ଜମିରେ ଥିବା ପୋଖରୀ ହୁଡ଼ାରେ କାହିଁକି ରାସ୍ତା ନିର୍ମାଣ କଲେ ତାହା ଜଣାପଡୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷରେ ଏହି ସିସିରୋଡ୍ ନିର୍ମାଣ କରାଯାଉଥିଲେ ହେଁ ସ୍ଥାନୀୟ ୱାର୍ଡମେମ୍ବର ମଧ୍ୟ ଜାଣିନାହାନ୍ତି। ଏପରି କି ସରପଞ୍ଚଙ୍କ ଅଜାଣତରେ କାମ ହୋଇଥିବା ରହସ୍ୟ ସୃଷ୍ଟି କରିଛି। ଏହାର ବିଧିବଦ୍ଧ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଜେଇ ଜୟଶ୍ରୀ ସାନିଧିଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ପଥର୍ଲା ଗ୍ରାମପଞ୍ଚାୟତ ସରପଞ୍ଚ ଗୀତାଞ୍ଜଳି ଖର୍ସେଲଙ୍କୁ ପଚାରିବାରୁ ମୁଁ କିଛି ଜାଣି ନାହିଁ, ମୋ ଅଜାଣତରେ ଏହି କାମ ହେଉଥିବା କହିଛନ୍ତି। ଏ ନେଇ କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରକାଶ କରିଛନ୍ତି।



ମାଲପଡ଼ା ଗ୍ରାମର ଘରୋଇ ଜମିରେ ସରକାରୀ ରାସ୍ତା।

# ବୋରିଆ-ଗୁର୍ଜିମୁଣ୍ଡା ରାସ୍ତା ଶୋଚନୀୟ

**କେସିଙ୍ଗା,୨୧।୬(ତୁମେଶର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆଠାରୁ କୁଣ୍ଡାବନ୍ଧ ପଞ୍ଚାୟତର ଗୁର୍ଜିମୁଣ୍ଡା ପର୍ଯ୍ୟନ୍ତ ଆର୍‌ଡି ରାସ୍ତା ଶୋଚନୀୟ ହୋଇପଡିଛି। ପ୍ରକାଶ ଥାଉ କି ପ୍ରାୟ ୯ କି.ମି. ଦୀର୍ଘ ଏହି ରାସ୍ତା ୧ ବର୍ଷ ପୂର୍ବେ ନିର୍ମାଣ ହୋଇଥିଲା। ଏହା ସିଧାସଳଖ ବରଗଡ଼-ବୋରିଗୁମ୍ମା ୨୬ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ଏହା ଭିତରେ ରାସ୍ତା ମରାମତି ମଧ୍ୟ କରାଯାଇଛି। କିନ୍ତୁ ଠିକାଦାର ଜଣକ ନିମ୍ନମାନର କାର୍ଯ୍ୟ କରୁଥିବାରୁ ତାହା ଅଳ୍ପଦିନ ମଧ୍ୟରେ ପିଚୁ ଉଠି ପୂର୍ବ ଅବସ୍ଥାକୁ ଫେରିଆସୁଛି। ଫଳରେ ଏହି ରାସ୍ତା ଉପରେ ଯା'ଆସ କରୁଥିବା ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ କୁଣ୍ଡାବନ୍ଧ ପଞ୍ଚାୟତର ଗୁର୍ଜିମୁଣ୍ଡା, ପିପଲପଡ଼ା, ଲିମପଡା ଏବଂ ପଥର୍ଲା ପଞ୍ଚାୟତର ଗୌଡ଼ତୁଲା, ବହାଦୁରପଦର, ପଥର୍ଲା କଲୋନିପଡାର ଲୋକେ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ଗାଁ ଲୋକେ ନିକଟସ୍ଥ କେସିଙ୍ଗା ହସ୍ପିଟାଲ, ବ୍ଲକ ଅଫିସ, ତହସିଲ, ବ୍ୟାଙ୍କ, ରେଲୱେ ଷ୍ଟେଶନକୁ ଏହି ରାସ୍ତାରେ ଯିବାଆସିବା କରିଥାନ୍ତି। ହେଲେ ମରାମତି କରା ନ ଯିବାରୁ ରାସ୍ତାରେ ଖାଲଖମା ସୃଷ୍ଟିହୋଇ ବର୍ଷା ପାଣି ଜମିରହୁଛି। ରାସ୍ତା ମରାମତି କରିବା ଲାଗି ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁନାହିଁ। ଫଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ଶୁଖିଶ୍ୟାମ ନାଏକଙ୍କୁ ପଚାରିବାରୁ ନୂଆ ସରକାର ଗଠନ ହୋଇଛି, ସର୍ଭେ କରାଯାଇ ମରାମତି ପାଇଁ ବଜେଟ ପଠାଇବାକୁ ଚିଠା ଆସନ୍ତା ଅଗଷ୍ଟ ମାସରେ ପଠାଯିବ, ମଞ୍ଜୁର ହେଲେ ମରାମତି କାମ ହେବ ବୋଲି ପ୍ରକାଶ କରିଥିଲେ। ଫୋଟୋ-ବୋରିଆ-ଗୁର୍ଜିମୁଣ୍ଡା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।



ବୋରିଆ-ଗୁର୍ଜିମୁଣ୍ଡା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।

# ସାମିଲ ହେଲେ ଏମ୍‌ପି, ଜିଲାପାଳ



ଏମ୍‌ପି ମାଳବିକା ଓ ଜିଲାପାଳ ଯୋଗ ଅଭ୍ୟାସ କରୁଛନ୍ତି।

## କଳାହାଣ୍ଡିରେ ଅନ୍ତର୍ଜାତୀୟ ଯୋଗ ଦିବସ

**ଭବାନୀପାଟଣା,୨୧।୬ (ଉତ୍ତମ କୁମାର ଦାଶ)**

ସମଗ୍ର ଦେଶରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସୁସ୍ଥ ତଥା ନିରାମୟ ଜୀବନ ପାଇଁ ଯୋଗର ଆବଶ୍ୟକତା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। ଏହି ଅବସରରେ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ଯୋଗ ଦିବସ ପାଳନ ହୋଇଛି । ବିଶେଷ କରି ଜିଲା ପ୍ରଶାସନ ପକ୍ଷରୁ ଭବାନୀପାଟଣା ଇଣ୍ଡୋର୍ ଷ୍ଟାଡିୟମଠାରେ ଏହି ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେବୀ, ଜିଲାପାଳ ପି ଅନ୍ୱେଷା ରେଡ୍ଡୀଙ୍କ ସମେତ ଜିଲାର ବହୁ ବରିଷ୍ଠ କର୍ମଚାରୀ ସାମିଲ ହୋଇ ଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପରୀକ୍ଷାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ତେରେସିଂହାରେ ଯୋଗ ଦିବସ

**ରିଷିଡା,୨୧।୬ (ସୁଶାନ୍ତ ମଲ୍ଲିକ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତେରେସିଂହା ଗ୍ରାମର କୌଶିକ ବାବା ଯୁକ୍ତ ୩ ମହାବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ସଂଯୋଜକ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ରବି ମାଝିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଯୋଗର ଆବଶ୍ୟକତା ଉପରେ ଉପସ୍ଥିତ ଅତିଥିମାନେ ଆଲୋକପାତ କରିବା ସହ ବିଭିନ୍ନ ପ୍ରକାର ଯୋଗାଭ୍ୟାସ କରିଥିଲେ।

### କୋକସରାରେ ଯୋଗ ଦିବସ

**କୋକସରା,୨୧।୬ (ଦୁଷ୍ମନ୍ତ କୁମାର ପାଙ୍କଯୋଷୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ପରିସରରେ ପ୍ରଶାସନ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି। ବିଡ଼ିଓ ସ୍ନେହାପ୍ରଭା ମାଝି, ପ୍ରଶିକ୍ଷକ ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ଉତ୍ତମ ପଣ୍ଡା ଯୋଗଦେଇ ଯୋଗ ମାନସିକ ଓ ଶାରୀରିକ ସନ୍ତୁଳନ ରକ୍ଷା କରିବା ସହ ରୋଗ ପ୍ରତିରୋଧକ ଶକ୍ତି ଓ କାର୍ଯ୍ୟଦକ୍ଷତା ବଢାଇଥାଏ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ, ମିଶନ ଶକ୍ତିର ମହିଳା କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମୌସୁମୀ ବର୍ଷା, ଚାଷୀ ମୁହଁରେ ହସ

**ନୂଆପଡ଼ା,୨୧।୬ (ମକାରୁ ବେମାଲ)**

ନୂଆପଡ଼ା ଜିଲାର କେତେକ ସ୍ଥାନକୁ ମୌସୁମୀ ବର୍ଷା ଛୁଇଁଛି। ଏହା ଦେଖି ଚାଷୀ ଖୁସିବ୍ୟକ୍ତ କରିଛନ୍ତି। ନୂଆପଡା, କୋମନା ଓ ସିନାପାଲି ବ୍ଲକ ଅଞ୍ଚଳରେ ମୌସୁମୀ ବର୍ଷା ହୋଇଥିବାରୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ମିଳିଥିବା ତଥ୍ୟ ଅନୁଯାୟୀ ଜୁନ ୨୧ରେ କୋମନା ବ୍ଲକରେ ସର୍ବାଧିକ ୫୫ ମିଲିମିଟର ବର୍ଷା ହୋଇଛି। ସେହିପରି ସିନାପାଲି ବ୍ଲକରେ ୨୮.୮ ଓ ନୂଆପଡ଼ା ବ୍ଲକରେ ସର୍ବନିମ୍ନ ୨୫ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। କୋମନା ବ୍ଲକର ୩୨ ପଞ୍ଚାୟତର ଅଧିକାଂଶ ଅଂଚଳରେ ଜଳସେଚନ ସୁବିଧା ନାହିଁ। ଅଣଜଳସେଚିତ ଅଂଚଳରେ ଚାଷି ମାନେ ଖରଡି ଧାନ ବୁଣିଥାନ୍ତି। ତରବୋଡ, ଭରୁଆମୁଣ୍ଡା, ଜଟଗଡ, ବାବେଘାଟି, ସୋରିପଡା, କ୍ରିଷ୍ଣା, ଭେଳା, ଘୋଟସର ଆଦି ଗାଁର ଚାଷୀମାନେ ରଜ ପରେ ଧାନ ତଳିପକା ଆରମ୍ଭ କରି ଦେଇଥିଲେ। ଗୁରୁବାର ରାତ୍ରି ଓ ଶୁକ୍ରବାର ମୌସୁମୀ ଜନିତ ବର୍ଷା ହୋଇଥିବାରୁ ଚାଷୀଙ୍କ ମୁହଁରେ ହସ ଫୁଟିଛି। ଚାଷକାମ ପାଇଁ ଧାନ ବିହନ, ସାର ଓ କୀଟନାଶକ ଦୋକାନରେ ଭିଡ ଦେଖାଦେଇଥିଲା। ବର୍ଷା ହେବାରୁ ଧରାପୃଷ୍ଠକୁ ଆଦ୍ରା ନକ୍ଷେତ୍ର ପ୍ରବେଶ କଲାଣି ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି।

# ଦୁର୍ଘଟଣାରେ କାର୍ ଚୂରମାର, ୪ ଆହତ

**ଲୋଇସିଂହା,୨୧।୬(ସୁଶାନ୍ତ ବାରିକ)**

ବଲାଙ୍ଗୀର-ବରଗଡ ୨୬ନଂ. ଜାତୀୟ ରାଜପଥ ଲୋଇସିଂହା ଥାନା ଲୋଇସିଂହା ନିକଟ ନିର୍ମାଣାଧୀନ ବ୍ରିଜ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ କାର୍ ଚୁରମାର ହୋଇଯାଇଛି । ବେଲୁନ ଯୋଗୁ କାର୍‌ରେ ଥିବା ୪ ଜଣ ଯାତ୍ରୀଙ୍କ ବିଶେଷ କିଛି କ୍ଷତି ହୋଇନହିଁ। ଯାତ୍ରୀମାନେ ସମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ଲୋଇସିଂହା ପୋଲିସ ଘଟଣାସ୍ଥଳକୁ ଆସି ଆହତଙ୍କୁ ଉଦ୍ଧାର କରି ପ୍ରଥମେ ଲୋଇସିଂହା ଏବଂ ପରେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରିଛି । ଆହତମାନେ ସୁସ୍ଥ ଥରବା ତଦନ୍ତକାରି ଏସ୍‌ଆଇ ସତ୍ୟବାନ ପଧାନ କହିଛନ୍ତି। ପୋଲିସ ସୂଚନମତେ, ମଧ୍ୟପ୍ରଦେଶ ଅଞ୍ଚଳର ଡ୍ରାଇଭର ସହିତ ସନଭାନି, ଅଭି, କୁଲଦୀପ ଏବଂ ଅନୁରାଗ ପ୍ରମୁଖ ୪ ଜଣ ଏକ କାର୍ ( ଏମପି୩୦ଜେଏଡଏ ୮୩୭୧)ରେ ବିଲାସପୁରରୁ ପୁରୀ ଅଭିମୁଖେ ଯାଉଥିଲେ । ହେଲେ ସଂପୃକ୍ତ ଯାତ୍ରୀ ବାଟ ଭୁଲି ଯାଇ ଲୋଇସିଂହା ପଟକୁ ଚାଲିଆସିଥିଲେ । ହେଲେ ଉକ୍ତ ରାସ୍ତାର ବୁର୍ଡା-ଲୋଇସିଂହା ମଝିରେ ଏକ ବ୍ରିଜ ନିର୍ମାଣାଧୀନ ରହିଛି । ଏ ସମ୍ପର୍କରେ ଜାଣି ନ ପାରି କାର୍ ସିଧା ଯାଇ ସଂଲଗ୍ନ ପାର୍ଶ୍ୱରାସ୍ତାର ଗାତରେ ପଡି ଓଲଟି ପଡିଥିଲା ।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ



ବନ୍ୟା ଆଶ୍ରୟସ୍ଥଳୀରେ ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ।

**କେସିଙ୍ଗା,୨୧।୬ (ତୁମେଶର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ଗ୍ରାମପଞ୍ଚାୟତସ୍ଥିତ ବନ୍ୟା ଆଶ୍ରୟସ୍ଥଳୀ ପରିସରରେ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସୁଶାନ୍ତ ବାଗଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର, ଶ୍ରୀମନ୍ତ ବଡ଼ପଣ୍ଡା, ବିପର୍ଯ୍ୟୟ ପରାମର୍ଶଦାତା ଓସ୍‌ଡମା କଳାହାଣ୍ଡିର ପ୍ରତ୍ୟୁଷ ରଞ୍ଜନ ଜେନା, ବନ୍ୟା ଆଶ୍ରୟସ୍ଥଳୀର ନୋଡାଲ ଅଫିସର ପାର୍ଥ ରଣା, କେସିଙ୍ଗା ସ୍ୱାସ୍ଥ୍ୟ ବିଭାଗର କୁଞ୍ଜବିହାରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ବନ୍ୟା ବିପର୍ଯ୍ୟୟକୁ କିପରି ସାମ୍ନା କରିହେବ ସେ ଉପରେ ଆଲୋଚନା କରାଯାଇଥିଲା।

## ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ

# ସୁସ୍ଥ ରହିବା ପାଇଁ ଯୋଗ ଆବଶ୍ୟକ



କର୍ଲାମୁଣ୍ଡା ଓ କେସିଙ୍ଗାଠାରେ ଯୋଗାଭ୍ୟାସ କରୁଛନ୍ତି ଅତିଥି ଓ ଛାତ୍ରୀଛାତ୍ର।

**ବୋଡ଼େନ,୨୧।୬(ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ସରସ୍ୱତୀ ଶିଶୁମନ୍ଦିରଠାରେ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଯୋଗଗୁରୁ ଅରବିନ୍ଦ ବେହେରାଙ୍କ ଦ୍ୱାରା ଯୋଗ ଶିକ୍ଷା ଦିଆଯାଇଥିଲା। ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ସୁଜନେସ୍ୱର ମଲ୍ଲିକ, ପ୍ରଧାନ ଗୁରୁଜୀ ମୁରଲୀଧର ହୋତା ପ୍ରମୁଖ ଯୋଗଦେଇ ଶରୀର ପାଇଁ ପ୍ରାଣାମ, ଯୋଗ ନିତାନ୍ତ ଆବଶ୍ୟକ ବୋଲି ମତ ଦେଇଥିଲେ। ସେହିପରି ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ହେମନ୍ତ କୁମାର ମୁଣ୍ଡଙ୍କ ଅଧକ୍ଷତାରେ ଯୋଗ ଦିବସ ପାଳିତ ହୋଇଛି। ।

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲଠାରେ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡିଓ ମଣ୍ଟୁ ଖମାରୀ, ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ସା, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱାଗତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଯୋଗ କେବଳ ଶରୀର ପାଇଁ ନୁହେଁ ବରଂ ମାନସିକ ଶାନ୍ତି ଓ ଏକାଗ୍ରତା ପାଇଁ ଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ।

**କେସିଙ୍ଗା (ତୁମେଶର ସାହୁ)**

କେସିଙ୍ଗା ବ୍ଲକ ଓ ଏନ୍‌ଏସିର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ଯୋଗ ଦିବସ ବିଜୁ ପଟ୍ଟନାୟକ ଖେଳ ଭବନଠାରେ ପାଳିତ ହୋଇଯାଇଛି। ବିଡିଓ ପଦ୍ମନାଭ ପୁରୋହିତ ଓ ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦଙ୍କ ମିଳିତ ଉଦ୍ୟମରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ମଣିଷ ସୁସ୍ଥ ରହିବାକୁ ହେଲେ ଯୋଗ ଆବଶ୍ୟକ ବୋଲି ଏନ୍‌ଏସି ଅଧକ୍ଷ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଗୋଷ୍ଠୀ ସଦସ୍ୟା, ଅଙ୍ଗନୱାଡି କର୍ମୀ, ଛାତ୍ରୀଛାତ୍ର, ଯୁବବର୍ଗ, ମହିଳା, ଯୁବତୀ ଅଂଶଗ୍ରହଣ କରିଥିଲେ। ଗ୍ରାମ ପଞ୍ଚାୟତ ଅଧିକାରୀ ଲେମ୍ବୁ ଶିଖା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ରୁପ୍ରାରୋଡ୍ (ସଞ୍ଜୀବ ଦାସ):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ପରିସରରେ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡିଓ ରିପୁନାଥ ସୁନାଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବି କୁମାର ନାଏକଙ୍କ ସମେତ ସରକାରୀ କର୍ମଚାରୀ, ବୁଦ୍ଧିଜୀବୀ ଯୋଗଦେଇ ଯୋଗାଭ୍ୟାସ କରିଥିଲେ। ନର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ବାରିକ ଯୋଗ ପ୍ରଶିକ୍ଷଣ ଦେଇଥିଲେ। ସେହିପରି ରୁପ୍ରାରୋଡ୍ ଶିଶୁ ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ହେମନ୍ତ ଭୋଇ ଯୋଗଦାନ କରି ଶିଶୁମାନଙ୍କୁ ଯୋଗ ଶିକ୍ଷା ଦେଇଥିଲେ।

**ସିନାପାଲି (ମନଫୁଲ ମେହେର):** ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠଠାରେ ପାଳିତ ହୋଇଯାଇଛି। ସିନାପାଲି ବ୍ଲକ ପ୍ରଶାସନ, ପତଞ୍ଜଳି ଯୋଗ ସମିତି ଓ ଗାୟତ୍ରୀ ଶକ୍ତିପୀଠର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମାବେଶରେ ଯୋଗ ସମିତିର ସଭାପତି ହୃଷୀକେଶ ମେହେର ଅଧକ୍ଷତା କରିଥିଲେ। ପ୍ରଶିକ୍ଷକ ତ୍ରିନାଥ ମେହେର ଯୋଗଶିକ୍ଷା ଦେଇଥିଲେ। ଶେଷରେ ରୂପେଶ ଚନ୍ଦ୍ର ମେହେର ଧନ୍ୟବାଦ ଦେଇଥିଲେ।

**ଖଡ଼ିଆଳ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଖଡ଼ିଆଳ ବିଡିଓ ବୀରସେନ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆ, ଏନଏସି ଇଓ ସ୍ୱାଧୀନ ନିକେତନ ମହାରଣା ପ୍ରମୁଖ ଯୋଗଦେଇ ଯୋଗ ଦ୍ୱାରା ଆମେ ଶାରୀରିକ ଓ ମାନସିକ ଭାବରେ ସୁସ୍ଥ ରହିପାରିବା ବୋଲି କହିଥିଲେ। ଯୋଗଗୁରୁ ନିହାର ରଞ୍ଜନ ଯୋଶୀ ଯୋଗ ଶିକ୍ଷା ପ୍ରଦାନ କରିଥିଲେ।

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ପକ୍ଷରୁ ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କ ଅଧକ୍ଷତାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ତହସିଲଦାର କବିରାଜ ପ୍ରଧାନ, ସମନ୍ୱିତ ଶିଶୁ ବିକାଶ ବିଭାଗ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ମିଶନ ଶକ୍ତି ମହିଳା, ଓଏଲ୍‌ଏମ୍ କର୍ମୀ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଯୋଗ ଶିକ୍ଷକ ମଧୁସ୍ମିତା ପୂଜାରୀ, ଲମ୍ବୋଦର ନାଏକ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ମେହେର ପ୍ରମୁଖ ଯୋଗଦେଇଥିଲେ।

**ବେହେରା (ଭୂପେଶ ତିୱାରୀ):** ଯୋଗ ଦିବସରେ କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର ଦନ୍ତେଶ୍ୱରୀ ଯୁବକ ସଂଘ ସଦସ୍ୟମାନେ ପ୍ରତ୍ୟେକ ବିଦ୍ୟାଳୟକୁ ଯାଇ ଛାତ୍ରୀଛାତ୍ରଙ୍କୁ ଯୋଗାଭ୍ୟାସ କରାଇଥିଲେ। ରୋଗବିହୀନ ଜୀବନ ଚାହୁଁଥିଲେ କେବଳ ଯୋଗର ସହାୟତା ନେବାକୁ ହେବ ବୋଲି ସଭାପତି କିରଣ କୁମାର ପାଣିଗ୍ରାହୀ ପ୍ରକାଶ କରିଥିଲେ। ଶିବିରରେ ଉପସଭାପତି ଅନ୍ତରାମ ପଟେଲ, ସମ୍ପାଦକ ଗଗନ ନାଏକ ସହଯୋଗ କରିଥିଲେ।

**ନୂଆପଡ଼ା (ମକାରୁ ବେମାଲ):** ନୂଆପଡା ଜିଲା ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମରେ ଶୁକ୍ରବାର ଜିଲାସ୍ତରୀୟ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଜିଲା ପ୍ରଶାସନ ଓ ପତଞ୍ଜଳି ଯୋଗ ସମିତି ନୂଆପଡାଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ପୂର୍ବତନ ଏମ୍‌ପି ବସନ୍ତ କୁମାର ପଣ୍ଡା, ନୂଆପଡ଼ା ଜିଲାପାଳ ହେମକାନ୍ତ ସାୟ, ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର, ପତଞ୍ଜଳି ଯୋଗ ସମିତି ସଭାପତି ପ୍ରସନ୍ନ କୁମାର ପାଢୀ, ଅତିରିକ୍ତ ଜଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟମାନେ ଯୋଗ ଶିକ୍ଷା ଦେଇଥିଲେ। ସେହିପରି ସ୍ଥାନିୟ ମିନି ଷ୍ଟାଡିୟମଠାରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଭିମସେନ ଶବର, ଉପଜିଲାପାଳ ଯୋଗେନ୍ଦ୍ର ମାଝି, ଏନ୍‌ଏସି ଅଧକ୍ଷ ମହମ୍ମଦ ଆଦାମ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ନିଶା ନିବାରଣ କେନ୍ଦ୍ର ମାଲିକ ଅଟକ

**ପଦ୍ମପୁର,୨୧।୬(ପ୍ରଦୀପ୍ତ ଦାଶ):** ପଦ୍ମପୁରଠାରେ ନିଶା ନିବାରଣ କେନ୍ଦ୍ରଠାରେ କାର୍ଯ୍ୟରତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କେତେକ ନିଶାଖୋର ଭଲ ହେଉଥିବା ବେଳେ ପଦ୍ମପୁର ଥାନା ଅଧୀନସ୍ଥ ଜାମଖାଏର ଗ୍ରାମର ଜଣେ ଯୁବକଠାରେ ପ୍ରତିକୂଳ ପରିସ୍ଥିତି ଥିବା ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ପୁଷ୍ପବାସୀ ସୁନା(୨୫) ଗତ ମେ ୨୯ରେ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଦେହ ଅସୁସ୍ଥ ହେବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ୧୮।୬।୨୪ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ କକା ଲଳିତ ସୁନା ନିଶା ନିବାରଣ କେନ୍ଦ୍ରର ଅସୁବିଧା ଯୋଗୁ ପୁଷ୍ପବାସୀର ମୃତ୍ୟୁ ହୋଇଛି ବୋଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ କ୍ରମେ ନିଶା ନିବାରଣ କେନ୍ଦ୍ର ମାଲିକଙ୍କୁ ପୋଲିସ ଅଟକ ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ସୁରେଶ ନାଏକ ସୂଚନା ଦେଇଛନ୍ତି।

### ଘଣ୍ଟାପଡ଼ାରେ ବିଶ୍ୱ ଯୋଗ ଦିବସ



**ଘଣ୍ଟାପଡ଼ା,୨୧।୬(ପ୍ରଭାତ କୁମାର ସାହୁ):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ହାଇସ୍କୁଲ ଖେଳ ପଡ଼ିଆରେ ପଞ୍ଚାୟତ ତରଫରୁ ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ଗୁରୁ ଗରଣ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୋଗ କାର୍ଯ୍ୟକ୍ରମରେ ଘଣ୍ଟାପଡ଼ା ଶିବାଜୀ ପ୍ରଭାତ ଶାଖାର ପ୍ରମୁଖ ଯାଦବ ପ୍ରସାଦ ସାହୁ ଯୋଗଦେଇ ଉପସ୍ଥିତ ବ୍ୟକ୍ତିଙ୍କୁ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରୀତା କହଁର, ପୂର୍ବ ସରପଞ୍ଚ ଚିତ୍ତରଞ୍ଜନ ପାତ୍ର, ଗୋପିନାଥ କହଁର, ବିଶାମିତ୍ର ମାଝି, ଦୁର୍ମନ ବିଭାଗ,ଧରଣୀ ଧର ବିଭାଗ,କାଳିଆ କହଁର, ମହେଶର ରଣା ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ଗ୍ରାମ ରୋଜଗାର ସେବକ ଶଙ୍କର୍ଷଣ ପ୍ରଧାନ ଓ ନିରଞ୍ଜନ ନାଗ ଏଥିରେ ସହଯୋଗ କରିଥିଲେ। ସେହିପରି ଆମ୍ବଗାଁ, ଉମା, ନାରାୟଣପ୍ରସାଦ, ବରଗାଁ, ଖୁଣ୍ଟିଗୋରା, ଖମନମୁଣ୍ଡା ଓ କୁଲୁତାଯୋର ପଞ୍ଚାୟତରେ ଯୋଗ ଦିବସ ପାଳିତ ହୋଇଯାଇଛି।

### ରାଉତବାହାଲରେ ସରକାରୀ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ

**ବାଉଁଶୁଣୀ,୨୧।୬(ଦେବାଶିଷ ନେପାକ)** ବୌଦ୍ଧ ତହସିଲ ଅନ୍ତର୍ଗତ ରାଉତବାହାଲ ଗ୍ରାମରେ ଜବରଦଖଲରେ ଥିବା ସରକାରୀ ଜମି ଚିହ୍ନଟ ପ୍ରକ୍ରିୟା ଶୁକ୍ରବାର ଆରମ୍ଭ ହୋଇଛି। ବୌଦ୍ଧ ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ମୁଣ୍ଡାପଡା ରାଜସ୍ୱ ନିରୀକ୍ଷକ ଓ କର୍ମଚାରୀମାନେ ଗ୍ରାମବାସୀଙ୍କ ଉପସ୍ଥିତିରେ ସରକାରୀ ଜମି ଚିହ୍ନଟ କରିଥିଲେ। ରାଉତବାହାଲ ଗ୍ରାମରେ ସରକାରୀ ଖାତାରେ ଥିବା ଅନେକ ଅନାବାଦୀ ଓ ଗୋଚର ଜମି କିଛି ଲୋକଙ୍କ ଜବରଦଖଲରେ ଥିବା ଅଭିଯୋଗ କରି ଗ୍ରାମବାସୀ ବାରମ୍ବାର ଜିଲାପାଳ ଓ ତହସିଲଦାରଙ୍କ ନିକଟରେ ଦାବି କରି ଆସୁଥିଲେ।

# ସୁସ୍ଥ ଜୀବନ, ଶାନ୍ତି ସ୍ଥାପନ ପାଇଁ ଯୋଗାଭ୍ୟାସ ଜରୁରୀ



ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନରେ ବରଗଡ଼ ବିଧାୟକ, ଜିଲାପାଳ ଏବଂ ଅନ୍ୟମାନେ ଯୋଗ ପ୍ରଦର୍ଶନ କରୁଛନ୍ତି।



ବିକାଶ ଶିକ୍ଷାନୁଷ୍ଠାନରେ ଯୋଗ ପ୍ରଦର୍ଶନ।

**ବରଗଡ଼,୨୧।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍ଥାନୀୟ ରାଣାପ୍ରତାପ ସ୍କୁଲ ନିକଟ ବହୁମୁଖୀ ଇନଡ଼ୋର ଷ୍ଟାଡ଼ିୟମରେ ସାମୂହିକ ଯୋଗାଭ୍ୟାସ କରାଯାଇଥିଲା। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଯୋଗଦେଇ ସମାଜରେ ଶାନ୍ତି ସ୍ଥାପନ ଏବଂ ସୁସ୍ଥ ଜୀବନ ଅତିବାହିତ କରିବା ପାଇଁ ଯୋଗର ମହତ୍ତ୍ୱକୁ ବୁଝାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୈନିକ ଜୀବନଚର୍ଯ୍ୟା, ସେବା ମନୋଭାବ ଏବଂ ସକ୍ରିୟ କାର୍ଯ୍ୟଶୈଳୀର ସେ ଉଦାହରଣ ଦେଇଥିଲେ। ବରଗଡ଼ ସହରକୁ ସୁନ୍ଦର କରିବା ସକାଶେ ମା' ପାଇଁ ଗଛଟିଏ ନାରା ଦେବା ସହିତ ସମସ୍ତେ ନିଜ ଘରେ ଗଛ ଲଗାଇ ତାର ଯତ୍ନ ନେବା ପାଇଁ ବିଧାୟକ ଷଡ଼ଙ୍ଗୀ କହିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ ସୁସ୍ଥ ଜୀବନ ପାଇଁ ଯୋଗର ମହତ୍ତ୍ୱ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ଉପଜିଲାପାଳ କୁମାର ନାଗଭୂଷଣ, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା, ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ସ୍ଥାନୀୟ ସ୍କୁଲ, କଲେଜ ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଖଜୁରକ୍ରିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ଯୋଗ ଶିବିରରେ ଅଂଶଗ୍ରହଣ କରିଥିବା ଯୋଗୁ ସେମାନଙ୍କୁ ପୁରସ୍କୃତ କରିବା ସହିତ ସବୁଦିନ ଯୋଗ କରିବା ପାଇଁ ସାମୂହିକ ଶପଥପାଠ କରାଯାଇଥିଲା।

ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ହାୟର ଏଡୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ସାମୂହିକ ଯୋଗ ଶିବିରରେ ଶିକ୍ଷାନୁଷ୍ଠାନର ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓଙ୍କ ଉପସ୍ଥିତିରେ କ୍ୟାମ୍ପସର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକଙ୍କ ସମେତ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଯୋଗ ପ୍ରଶିକ୍ଷକ ନାରାୟଣ କଂସଲ, ନିରଜଙ୍କ ତତ୍ତ୍ୱାବଧାନରେ ଯୋଗ ଶିବିର ହୋଇଥିଲା। ଅଧ୍ୟକ୍ଷ ଡ. ବିକ୍ରମ କୁମାର ଦାସ, ଡ. କ୍ଷୀରୋଦ କୁମାର ପ୍ରଧାନ, ପ୍ରଫେସର ସତ୍ୟବ୍ରତ ମିଶ୍ର, ଭାରପ୍ରାପ୍ତ ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ, ଉପାଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର, ଆର.ଏସ. ଭି କ୍ରୀଷ୍ଣା ପ୍ରମୁଖ ଯୋଗଦେଇ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ବରଗଡ଼ ଟ୍ରଷ୍ଟଫଣ୍ଡ କଲେଜରେ ଅଧ୍ୟକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଶିକ୍ଷିକା ଅରୁଣା ପଣ୍ଡା, କ୍ରୀଡ଼ା ଶିକ୍ଷକ ସରୋଜ କୁମାର ଶତପଥୀ ଯୋଗାଭ୍ୟାସ କରାଇଥିଲେ। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ନଅଗାଁସ୍ଥିତ ଗର୍ଭଣା କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଥିଲା। ଜିଲା ଆୟୁର୍ବେଦ ଚିକିତ୍ସାଧିକାରୀ ଡା. ଲକ୍ଷ୍ମୀପ୍ରିୟା ବେହେରା କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଡା. ଅଜିତ ଦର୍ଜୀ, ଡା. ରମେଶ କୁମାର ପୋଢ଼, ସୁରଜ ପ୍ରଧାନ, ଅକ୍ଷୟ ନାଏକ ଏବଂ ସ୍ଥାନୀୟ ଗ୍ରାମବାସୀ ଶିବିର ପରିଚାଳନା କରିଥିଲେ। ବରଗଡ଼ ରାଣାପ୍ରତାପ ସ୍କୁଲରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ, ଶିକ୍ଷୟିତ୍ରୀ ନିଳିମା ପ୍ରଧାନ, ସୁନୀତା ମିଶ୍ର ପ୍ରମୁଖ ଯୋଗ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ମହାତ୍ମା ଗାନ୍ଧୀ ସ୍ନାତକ ମହାବିଦ୍ୟାଳୟରେ ପରିଚାଳନା କମିଟି ଅଧ୍ୟକ୍ଷ କେଶବ ସାହୁଙ୍କ ଅଧ୍ୟକ୍ଷତାରେ ଡ. ନେପାଳ ପ୍ରଧାନ ସୁସ୍ଥ ଜୀବନ ପାଇଁ ଯୋଗାଭ୍ୟାସ କରିବାକୁ କହିଥିଲେ। ଯୋଗଗୁରୁ ରାଜୁ ସାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗାଭ୍ୟାସ କରିଥିଲେ। ଭୁକ୍ତା ଜନତା ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ରଞ୍ଜିତ ସାହୁ, ଜୁନିୟର ରେଡ୍‌କ୍ରସର ମାର୍ଗଦର୍ଶକ ସଞ୍ଜୟ ଖମାରୀ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକ ଅନ୍ତର୍ଜାତୀୟ ଯୋଗ ଦିବସର ବିଷୟବସ୍ତୁ ନିଜ ପାଇଁ ଓ ସମାଜ ପାଇଁ ଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ଅନୀତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।





ପଦ୍ମପୁର ଉପଜିଲାପାଳ ବରଗଡ଼ ଜିଲା ଯୋଗ ସଂଯୋଜକଙ୍କୁ ସମ୍ମାନିତ କରୁଛନ୍ତି।

**ଗାଇସିଲେଟ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ମିନି ଷ୍ଟାଡ଼ିୟମରେ ବ୍ଲକସ୍ତରୀୟ ଯୋଗ ଶିବିର ହୋଇଥିଲା। ବିଡ଼ିଓ ଲକ୍ଷ୍ମଣ ମାଝି, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପାଣ୍ଡବ ନନ୍ଦ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ, ପ୍ରବୀଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗାଚାର୍ଯ୍ୟ ବାବାଜୀ ପଟେଲ, ଗିରିଶ ଚନ୍ଦ୍ର ପଣ୍ଡା ଯୋଗ ପ୍ରଶିକ୍ଷଣ ଦେଇଥିଲେ। କଠଉମାଲ ଗ୍ରାମର ଶିଶୁ ଗାୟତ୍ରୀ ସୁନା, ପ୍ରତୀକ ସୁନା ଯୋଗ ପ୍ରଦର୍ଶନ କରିଥିଲେ। ଶିବିରରେ ସ୍ଥାନୀୟ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

**ପଦ୍ମପୁର (ପ୍ରଦୀପ୍ତ ଦାଶ):** ପଦ୍ମପୁରସ୍ଥିତ ରାଜାଜୀ ଟାଉନ ହଲଠାରେ ରାଜବୋରାସମ୍ବର ବ୍ଲକ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପଦ୍ମପୁରର ଯୋଗ ମହୋତ୍ସବ ସମିତି ସହଯୋଗରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ପଦ୍ମପୁର ଉପଜିଲାପାଳ ଆଲୋକ କୁମାର ପଟେଲ ମୁଖ୍ୟଅତିଥି ଓ ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ନୂଆପାଲିସ୍ଥିତ ନବପ୍ରଭାତ ଗୁରୁକୁଳ ଆଶ୍ରମର ବ୍ରହ୍ମଚାରୀମାନେ ଯୋଗାଭ୍ୟାସ କରାଇଥିଲେ। ଏହି ଅବସରରେ ଯୋଗର ପ୍ରଚାର ପ୍ରସାରରେ ନିଜକୁ ବ୍ରତୀ କରିଥିବା ଯୋଗ ମହୋତ୍ସବ ସମିତି ଓଡ଼ିଶାର ବରଗଡ଼ ଜିଲା ସଂଯୋଜକ ମାର୍ତ୍ତଣ୍ଡଦେବ ସାହୁଙ୍କୁ ଉପଜିଲାପାଳ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ରାଜବୋରାସମ୍ବର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦ୍ରମଣି ନାଗ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଶେଷରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଗ ମହୋଦୟ ଧନ୍ୟବାଦ ଅର୍ପଣ କରିଥିଲେ।

**ସୋହେଲା(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ଗୌରୀ କଲ୍ୟାଣ ମଣ୍ଡପଠାରେ ବିଡିଓ ସୁରେନ୍ଦ୍ର କୁମାର ମେହେର ପ୍ରଦୀପ ଜାଳି ଆନ୍ତର୍ଜାତିକ ଯୋଗ ଦିବସ ଶୁଭାରମ୍ଭ କରିଥିଲେ। ଶିବିରକୁ ସୋହେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଯୋଗ ପ୍ରଶିକ୍ଷକ ଦେବେନ୍ଦ୍ର କୁମାର ସାହୁ ଓ ଗୋବିନ୍ଦ ଦେହେରୀ ପରିଚାଳନା କରିଥିଲେ। ଏଥିରେ ସୋହେଲା ବିଭିନ୍ନ ବିଦ୍ୟାଳୟ, ମିଶନ ଶକ୍ତିର ମହିଳା, ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ଯୋଗଦେଇଥିଲେ। ଯୋଗ ପ୍ରଶିକ୍ଷକଦ୍ୱୟ ଆସନ, ପ୍ରାଣାୟାମ ଓ ସୂର୍ଯ୍ୟନମସ୍କାର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବ୍ଲକର କର୍ମଚାରୀ ପ୍ରେମଲାଲ ସିଦ୍ଦାର, ଦୈତାରୀ ମିଶ୍ର,ଟିକେଲାଲ ପଧାନ ଓ ତପୋବନ୍ତ ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

**ସରଣ୍ଡା (ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକସ୍ଥିତ ଲରମ୍ବା କଲେଜ ଖେଳପଡିଆଠାରେ ଅନ୍ତର୍ଜାତୀୟ ଯୋଗା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇ ଉଦଘାଟନ କରିଥିବା ବେଳେ କୃଷ୍ଣଚନ୍ଦ୍ର ସାଥୁଆ, ବିନୟ କୁମାର ନାୟକ, ତାରାଚାନ୍ଦ କଣ୍ଟା ଯୋଗଭ୍ୟାସ କରାଇଥିଲେ। ଏଥିରେ କଲେଜ କର୍ମଚାରୀ, ଛାତ୍ରଛାତ୍ରୀ ସମେତ, ଲରମ୍ବା, ଟୁକୁରା, ଗୋଡଭଗା, ସ୍କୁଲ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

**ପାଇକମାଲ (ବଡ ଶତପଥୀ):** ପାଇକମାଲ ନୃସିଂହନାଥ ମନ୍ଦିର ପରିସରରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ବିଡ଼ିଓ ପ୍ରଫୁଲ୍ଲ କୁମାର ଓଡୁ ସଭାପତିତ୍ୱ କରିଥିବାବେଳେ ପଦ୍ମପୁର ଏଡିଏମ ଚୌହାନ କୁମାର ମୋତିରାମ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଭକ୍ତ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଭାବନା ସିଂ, ସୁରେନ୍ଦ୍ର ପ୍ରତାପ ସିଂ, ପୁରୁଷୋତ୍ତମ ପ୍ରଧାନ ଯୋଗଦେଇ ସମସ୍ତଙ୍କୁ ନିରୋଗ ହୋଇ ସୁସ୍ଥ ଜୀବନ ଯାପନ ସହ ଦିର୍ଘାୟୁ ହୋଇ ବଞ୍ଚିବା ପାଇଁ ଯୋଗ ପ୍ରାଣାୟାମ ପ୍ରତିଦିନ କରିବାକୁ ଆହ୍ୱାନ କରିଥିଲେ। ସଭାକୁ ଯୋଗ ଶିକ୍ଷକ ବଡ ଶତପଥି ପରିଚାଳନା କରିଥିବାବେଳେ ଯୋଗ ଶିକ୍ଷକ ତ୍ରିଲୋଚନ ଭୋଇ ଓ ଭୁବନେଶ୍ୱର ସାହୁ, ତଥା କନ୍ୟାଗୁରୁକୁଳ ଆଶ୍ରମର ଯୋଗେଶ୍ୱରୀ ପଟେଲ ଓ ସ୍ମୃତି ସାହୁ ଉପସ୍ଥିତ ରହି ସମସ୍ତଙ୍କୁ ଯୋଗ ଶିଖାଇଥିଲେ। ପାଇକମାଳର ବିଭିନ୍ନ ସ୍କୁଲ, କଲେଜ, ଅନୁଷ୍ଠାନରୁ ପ୍ରାୟ ୫୦୦ଜଣ ଛାତ୍ରୀଛତ୍ରୀ, ମହିଳା, ପୁରୁଷ, ବୟୋଜ୍ୟେଷ୍ଠ ଅଂଶ ଗ୍ରହଣ କରିଥିଲେ। ବିଡ଼ିଓ ସମସ୍ତଙ୍କୁ ଯୋଗ ପ୍ରାଣାୟାମ କରିବାକୁ ଶପଥ ପାଠ କରାଇଥିଲେ। ବିଡ଼ିଓ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପାଇକମାଳ ବିନ୍ଧ୍ୟାବାସିନୀ ସ୍ନାତକ କଲେଜରେ ଅଧ୍ୟକ୍ଷ ଲୋହିତ କୁମାର ବାରିକ ଏବଂ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି।

**ବରପାଲି (ଚିତ୍ତରଞ୍ଜନ ସାହୁ):** ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଶିବିର ମହାବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ରେଡ଼କ୍ରସ, ଏନ୍‌ଏସ୍‌ଏସ୍ ଓ ପତଞ୍ଜଳିର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗଦେଇ ଛାତ୍ରୀମାନଙ୍କୁ ସୁସ୍ଥ ଜୀବନ ଓ ଯୋଗର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ଯୋଗ ଶିକ୍ଷକ ଭାବେ ଯୋଗ ଗୁରୁ ଉତ୍ତର ସାହୁ, ଜିଲା ପ୍ରଭାରୀ ନବୀନ ତ୍ରିପାଠୀ, ବାଳକୃଷ୍ଣ ପୂଝାରୀ ବରପାଲି ତହସିଲ ପ୍ରଭାରୀ, ବୈଜୟନ୍ତି ପୂଝାରୀ ମହିଳା ତହସିଲ ପ୍ରଭାରୀ ପ୍ରମୁଖ ଯୋଗଦେଇଥିଲେ।

## ଡ୍ରେନେଜ୍ ବ୍ୟବସ୍ଥା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ





**ବୌଦ୍ଧ,୨୧।୬( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲାପାଳ ଜେ. ସୋନାଲଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ ଓ କଣ୍ଟାମାଳ ବିଧାୟକ କହ୍ନାଇଁ ଚରଣ ଡାଙ୍ଗ ଯୋଗଦେଇ ଜିଲାକୁ ବନ୍ୟା ଦାଉରୁ ରକ୍ଷା କରିବାକୁ ପ୍ରଶାସନ ସମସ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ବିଭିନ୍ନ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ ସମୀକ୍ଷା କରିବା ସହ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରମାନେ ସମସ୍ତ ବନ୍ୟା ଆଶ୍ରୟସ୍ଥଳୀଗୁଡିକର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ସମସ୍ତ ସ୍ଥାନରେ ଖାଦ୍ୟ ପଦାର୍ଥ ମହଜୁଦ ରଖିବାକୁ ଯୋଗାଣ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଂପୃକ୍ତ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ କରାଯିବ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଆଶ୍ରୟସ୍ଥଳୀଗୁଡିକର ଆବଶ୍ୟକ ମରାମତି, ପାନୀୟଜଳ ସମସ୍ୟା, ଶୌଚାଳୟ, ପରିଷ୍କାର ପରିଚ୍ଛନ୍ନତା ତୁରନ୍ତ ସମାଧାନ କରିବାକୁ ପୂର୍ତ୍ତବିଭାଗ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଓ ବ୍ଲକ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ନିଜ ଅଞ୍ଚଳରେ ଥିବା ବନ୍ୟା ଆଶ୍ରୟସ୍ଥଳୀଗୁଡିକର ସ୍ଥିତି ଅନୁଧ୍ୟାନ କରି ସମସ୍ୟା ସମ୍ପର୍କରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସହରର ଡ୍ରେନେଜ ବ୍ୟବସ୍ଥାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନ୍‌ଏସି ପକ୍ଷରୁ ପାୱାରବୋଟ୍ ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଔଷଧ ମହଜୁଦ ରଖିବାକୁ ପରାମର୍ଶ ଦିଆଯାଇଛି। ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ସବୁବେଳେ ପ୍ରସ୍ତୁତ ରହିବାକୁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲା ଓ ବ୍ଲକ ସ୍ତରରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇ ବର୍ଷାର ପରିମାଣ, ଜଳସ୍ତର ରେକର୍ଡ କରାଯିବା ସହିତ ବନ୍ୟା ପରିସ୍ଥିତି ଉପରେ ଦୃଷ୍ଟି ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବ୍ୟତୀତ ବିଦ୍ୟୁତ୍ ବିଭାଗର ସମସ୍ତ ଅଧିକାରୀ ସେବା ଯୋଗାଇବା ପାଇଁ ନିର୍ଦ୍ଦିଷ୍ଟ ମୋବାଇଲ ନମ୍ବର ଲେଖି ବିଦ୍ୟୁତ କାର୍ଯ୍ୟାଳୟ ଆଗରେ ଲଗାଇବା ସହିତ ଜନସାଧାରଣ ଓ ଗଣମାଧ୍ୟମକୁ ଏହା ଅବଗତ କରାଇବାକୁ ଏସପି ରାଜ ପ୍ରସାଦ ମତ ରଖିଥିଲେ। ବୈଠକରେ ଏସପି ରାଜ ପ୍ରସାଦ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ କୁମାର ରଥ,ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯୋଗମୟ ବୌଦ୍ଧ ଜିଲା



**ବୌଦ୍ଧ,୨୧।୬( ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାରେ ଯୋଗ ଦିବସ ପାଳିତ ହୋଇଯାଇଛି। ବୌଦ୍ଧ ସହରର ଟାଉନହଲ ପରିସରରରେ ଥିବା ଗୁରୁ ଭିକାରୀ ନାୟକ କଳାମଣ୍ଡପ, ମହାନଦୀ ଆଳତୀ ଘାଟ, ମାଉସୀମା ମନ୍ଦିର, କେନ୍ଦ୍ରୀୟ ବିଦ୍ୟାଳୟ, ଜିଲା ନ୍ୟାଳୟ, ବ୍ରହ୍ମକୁମାରୀ, ଅଗ୍ରୱାଲା ଭବନ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଗୁଡିକରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲାପାଳ ଜେ.ସୋନାଲ, ଏସପି ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, ଜିଲା ପରିଷଦ କାର୍ଯ୍ୟନିବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା , ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ଓ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଯୋଗ ଗୁରୁ ଦେବାଶିଷ ପୁରୋହିତ, ହୃଷିକେଶ ପ୍ରଧାନ, ଦିଲିପ ଚୌଧୁରୀ, ବିକା ଅଗ୍ରୱାଲା, ନଟବର ଅଗ୍ରୱଲା, ସୁନୀତା ଦାଶ, ସୁବାସ ଭୋଇ, ତୃପ୍ତି ଅଗ୍ରୱାଲା, ପ୍ରଜ୍ଞା ଦାଶ, ସୌମ୍ୟାସୁମନ ପୁରୋହିତ, ଲିପସା ମିଶ୍ର. ଦାମୋଦର ମିଶ୍ର, ରାଜଲକ୍ଷ୍ମୀ ବିଶ୍ୱାଳ, ସଂଯୁକ୍ତା ମହାପାତ୍ର, ବିଜୟ କୁମାର ସାହୁ ଯୋଗ ଦେଇ ବିଭିନ୍ନ ସ୍ଥାନରେ ଯୋଗାଭ୍ୟାସ କରାଇଥିଲେ। ଏହାସହ ପ୍ରତ୍ୟେକ ଦିନ ନିଜେ ଯୋଗ କରିବା ସହିତ ଅନ୍ୟମାନଙ୍କୁ ଯୋଗ କରାଇବାକୁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ଜିଲା କ୍ରୀଡା ଅଧିକାରୀ ପବିତ୍ର ରାଉତ, ଜିଲା ସୂଚନା ଲୋକ ସଂପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ଏନୱାଇକେର ଉତ୍ତମ ମହାକୁଡ ପ୍ରମୁଖ କରିଚାଳନା କରିଥିଲେ।

## କେନାଲ ସମସ୍ୟା ନେଇ ଦ୍ୱିପାକ୍ଷିକ ଆଲୋଚନା

**ବରଗଡ଼,୨୧।୬(ପ୍ରେମାନନ୍ଦ ଖମାରୀ)**



ପାଣି ପଞ୍ଚାୟତ ସଭାଗୃହରେ କେନାଲ ସମସ୍ୟା ନେଇ ଅନୁଷ୍ଠିତ ଦ୍ୱିପାକ୍ଷିକ ଆଲୋଚନା।

ବରଗଡ଼ ମୁଖ୍ୟ କେନାଲ ସମସ୍ୟା ନେଇ ଶୁକ୍ରବାର ବରଗଡ଼ସ୍ଥିତ ପାଣି ପଞ୍ଚାୟତ ସଭାଗୃହଠାରେ ଏକ ଦ୍ୱିପାକ୍ଷିକ ଆଲୋଚନା ହୋଇଯାଇଛି। ଆଲୋଚନାରେ କେନାଲ ବିଭାଗ ଏବଂ ଚାଷୀ ସଙ୍ଗଠନର ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। ଅତିରିକ୍ତ ମୁଖ୍ୟଯନ୍ତ୍ରୀ(ଏସିଇ) ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଚାଷୀ ସଙ୍ଗଠନର ପ୍ରତିନିଧିବୃନ୍ଦ ବରଗଡ଼ ମୁଖ୍ୟ କେନାଲର ବିଭିନ୍ନ ସମସ୍ୟା ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଙ୍ଗଠନ ପକ୍ଷରୁ ଦେଖାଯାଉଥିବା ଅନେକ ସମସ୍ୟା ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଶେଷମୁଣ୍ଡ ପର୍ଯ୍ୟନ୍ତ କେନାଲ ପାଣି ପହଞ୍ଚାଇବା, ପାଣି ରୋଟେଶନ, କ୍ରସବନ୍ଧ ଦେବା, କେନାଲର ବିଭିନ୍ନ ସ୍ଥାନରେ ଜବରଦଖଲ, କେନାଲକୁ ଡ୍ରେନଭାବେ ବ୍ୟବହାର, କେନାଲ ମରାମତି ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ଆଦି ନେଇ ଆଲୋଚନା ହୋଇଥିଲା। ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା।

ବିଭାଗୀୟ ଅଧିକାରୀମାନେ କେନାଲ ରକ୍ଷଣାବେକ୍ଷଣ ପାଇଁ ଆବଶ୍ୟକ ଅର୍ଥ ମଞ୍ଜୁର ହେଉ ନାହିଁ ଏବଂ ମଞ୍ଜୁରୀ ହେଉଥିବା ଅର୍ଥ ମଧ୍ୟ କେନାଲରେ ପାଣି ଆସୁଥିବା ଯୋଗୁ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି କହିଥିଲେ। ସେଥିପାଇଁ ଠିକ୍ ସମୟରେ କେନାଲରେ ପାଣି ଛାଡ଼ିବା ଏବଂ ବନ୍ଦ କରିବା ସମୟ ସ୍ଥିର ହେଲେ ଠିକାଦାର କାମ କରିବା ପାଇଁ ସମୟ ପାଇବେ ଏବଂ ଯଦି କେନାଲ ଶେଷମୁଣ୍ଡ ପର୍ଯ୍ୟନ୍ତ କଂକ୍ରିଟ ହୋଇଗଲେ ପାଣି ସମସ୍ୟା ପ୍ରାୟତଃ ସମାଧାନ ହୋଇଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଥିଲେ। ବରଗଡ଼ କେନାଲରୁ ଗଙ୍ଗାଧର ମେହେର ଉଠାଜଳସେଚନ ବ୍ୟବସ୍ଥାରେ ବରଗଡ଼ କେନାଲ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସେମାନେ କହିଥିଲେ। ଚଳିତ ଖରିଫ ଋତୁ ପାଇଁ ଆସନ୍ତା ଜୁଲାଇ ୧ରୁ କେନାଲ ପାଣି ଛଡ଼ାଯିବ ବୋଲି ସୂଚନା ଦେଇଥିଲେ।

ଆଲୋଚନାରେ ଅନ୍ୟମାନଙ୍କ ମଧ୍ୟରେ ବୁର୍ଲା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ(ଏସ.ଇ) ପି.କେ ସାମଲ, ବରଗଡ଼ ଡିଭିଜନରୁ ଏସ.ଇ ମଦନ ମୋହନ ମହାନ୍ତି, ଅତାବିରା ଏସଡ଼ିଓ ଦିବ୍ୟକିଶୋର କୌର, ଗୋଡ଼ଭଗା ଏସଡିଓ ଅମିତ କୁମାର ଭିଡ୍ରିଆ, ବୁର୍ଲା ଏସଡିଓ ଶୁଭମ କୁମାର ଅଗ୍ରୱାଲ ଏବଂ ଅନ୍ୟ ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସେହିପରି ଚାଷୀ ପ୍ରତିନିଧିମାନେ ଆଲୋଚନାରେ ସଂଯୁକ୍ତ କୃଷକ ସଙ୍ଗଠନର ରମେଶ ମହାପାତ୍ର, ଉତ୍ପନ୍ନ ଭୋଇ, ଭେଡ଼େନ କୃଷକ ସଙ୍ଗଠନର ସୁଦାମ ପାତ୍ର, ଓଡ଼ିଶା ରାଜ୍ୟ କୃଷକ ସଙ୍ଗଠନର ବୀରେନ୍ଦ୍ର କର, ବରପାଲି ଆଞ୍ଚଳିକ କୃଷକ ସଙ୍ଗଠନର କାରଣ ସାହୁ, ତପନ ମିଶ୍ର, ନିରଞ୍ଜନ ପ୍ରଧାନ, ସୁରେଶ ନେକାଣ୍ଟି, ଏକାଦଶିଆ ସାହୁ, ପ୍ରଶାନ୍ତ ସାହୁ, ଡୁଙ୍ଗୁରିପାଲିର ସୁଶାନ୍ତ ସାହୁ ଉପସ୍ଥିତ ଥିଲେ। ବରଗଡ଼ ଡିଭିଜନ ପାଣି ପଞ୍ଚାୟତ ସମିତି ସଦସ୍ୟଙ୍କ ସମେତ ଅନେକ ଚାଷୀ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବାଉଁଶୁଣୀରେ ଯୋଗ ଦିବସ

**ବାଉଁଶୁଣୀ,୨୧।୬(ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ମା' ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଛାତ୍ରୀଛାତ୍ରଙ୍କୁ ଯୋଗର ଆବଶ୍ୟକତା ଓ ଉପକାରିତା ସମାଜ ତଥା ନିଜ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଯୋଗ ଶିବିରରେ ଶିକ୍ଷକ ଭାବେ ଗୁରୁ ଦାମୋଦର ମିଶ୍ର ଏବଂ ମିଲୁ ପ୍ରସାଦ ମିଶ୍ର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଯୋଗ ଶିଖାଇଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶେଷରେ ଏକ ସଭାରେ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଯୋଗ ଦ୍ୱାରା କ'ଣ ହୁଏ ଏହା ଉପରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଉମାକାନ୍ତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଯୋଗ ଶରୀର, ମନ ଓ ଆତ୍ମାକୁ ଏକାଠି କରେ

ରାଉରକେଲା,୨୧।୬(ସଙ୍ଗୀତା ଜେନା )

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲା ସମୂହ ପକ୍ଷରୁ ନିଜ ତଥା ସମାଜ ପାଇଁ ଯୋଗ ଶୀର୍ଷକରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏନ୍‌ଆଇଟି ରାଉରକେଲା ସ୍ଥିତ ଯୋଗ ଓ ପ୍ରାକୃତିକ କଲ୍ୟାଣ କେନ୍ଦ୍ର ପକ୍ଷରୁ ଯୋଗବିଦ୍ୟା ଷ୍ଟୁଡେଣ୍ଟ କ୍ଲବ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୩ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଯୋଗ ଆସନ ଉପସ୍ଥାପନ ସହ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। ଡ. ଖଗେଶ୍ୱର ଓଝା(ଯୋଗଶିକ୍ଷକ) ଓ ବଟକୃଷ୍ଣ ସାହୁ ଏହି ଯୋଗ ଅଧିବେଶନର ନେତୃତ୍ୱ ନେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନ ଭୁବନେଶ୍ୱର ବେହେରା ଅଡିଟୋରିୟମରେ ଉଦ୍‌ଘାଟନ ହୋଇଥିଲା। ଯୋଗ ଓ କଲ୍ୟାଣ କେନ୍ଦ୍ର ଦାୟିତ୍ୱରେ ଥିବା ପ୍ରଧାପକ ପ୍ରଫେସର ସରୋଜ ସାମଲ ଅତିଥି ପରିଚୟ ଦେବା ସହ ସ୍ୱାଗତ କରିଥିଲେ। ଏହି ଅବସରରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର ଉମା ମହେଶ୍ୱର ରାଓ କହିଥିଲେ, ଯୋଗ ଶରୀର, ମନ ଓ ଆତ୍ମାକୁ ଏକାଠି କରିବା ସହ ଆମର ଦକ୍ଷତା, ଉତ୍କର୍ଷତା ଓ ସାମଗ୍ରିକ ଜୀବନର ଗୁଣବତ୍ତାକୁ ବୃଦ୍ଧି କରିବାରେ ମାର୍ଗଦର୍ଶନ କରିଥାଏ। ଭାଲ୍ୟୁଆଡେଡ୍ ଓ ଏକ୍ସଟ୍ରା ଏକାଡେମିକ ଆକ୍ଟିଭିଟି ସେଲ୍‌ର ଅଧକ୍ଷ ପ୍ର. ଶୁଭଙ୍କର ପଲ, ରେଜିଷ୍ଟ୍ରାର ରୋହନ ଧୀମାନ୍ ସମେତ ଅନ୍ୟମାନେ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାକୃତିକ କଲ୍ୟାଣ ଦାୟିତ୍ୱରେ ଥିବା ସହାୟକ ପ୍ରଫେସର ଡ. ବିନୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପ ଭାବେ ୩ୟ ଅଧିବେଶନରେ ଯୋଗ ଅଭ୍ୟାସ ଭୂମିକା ସମ୍ପର୍କରେ ଡ. ବିଶ୍ୱଜିତ ମହାପାତ୍ର, ପ୍ରଫେସର ପତିତପାବନ ଦାସଙ୍କ ଦ୍ୱାରା ଯୋଗ-ଦି ଆର୍ଟ ସିଷ୍ଟମେଟିକ୍ ସବ୍‌ଷ୍ଟାକ୍ସନ ଶୀର୍ଷକ ବକ୍ତୃତା ପ୍ରଦାନ କରାଯାଇଥିଲା। ସେହିପରି ଜଗଦା ସ୍ଥିତ ବିର୍ସାମୁଣ୍ଡା ବିଦ୍ୟାପୀଠ ପକ୍ଷରୁ ସ୍କୁଲ ଖୋଲିବା ପ୍ରଥମ ଦିନରେ ଯୋଗ କରି ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ସ୍କୁଲ ପରିଚାଳନା କମିଟିର ଆବାହକ ବିପଦ ଭଞ୍ଜନ ପଣ୍ଡା ସମେତ ଅନ୍ୟମାନେ ଏହାକୁ ପରିଚାଳନା କରିଥିଲେ। ସେହିକ୍ରମରେ ରାଜ୍ୟ ଓ କ୍ରୀଡ଼ା ତଥା ଯୁବ ସେବା ବିଭାଗ ପକ୍ଷରୁ ରାଉରକେଲା ବିର୍ସମୁଣ୍ଡା ହକି ଷ୍ଟାଡ଼ିୟମ୍‌ରେ ଯୋଗ ଦିବସ ପାଳନ କରାଯାଇଛି। ଏଥିରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣି ,ଡେପୁଟି କମିଶନର ଅଜିତ ପଟ୍ଟନାୟକ, ଜିଲା କ୍ରୀଡ଼ା ଅଧିକାରୀ ଅଭିଜିତ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଯୋଗ ପ୍ରଶିକ୍ଷକ ଶଶିଭୂଷଣ ପତି ଯୋଗ ଶିକ୍ଷା ପ୍ରଦାନ କରିଥିଲେ। କଲ୍ୟାଣୀଦେବୀ ସରକାରୀ ସ୍କୁଲ, କ୍ରୀଡ଼ା ଛାତ୍ରାବାସର ଛାତ୍ରୀଛାତ୍ରମାନେ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଉକ୍ତ ସ୍କୁଲର ଶାରୀରିକ ଶିକ୍ଷା ଶିକ୍ଷକ ସୁଧାଂଶୁ ଶେଖର ପାତ୍ର ମଞ୍ଚ ପରିଚାଳନା କରିଥିଲେ।



ଶିବରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

## ସୁଶୀଲାବତୀ ମହିଳା କଲେଜରେ ଯୋଗ ଦିବସ




ରାଉରକେଲା,୨୧।୬(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସୁଶୀଲାବତୀ ସରକାରୀ ମହିଳା କଲେଜର ଜାତୀୟ ସେବା ଯୋଜନାର ଆନୁକୂଲ୍ୟରେ ଯୋଗ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କଲେଜ ଅଧକ୍ଷା ଇପସିତା ଏକ୍କାଙ୍କ ସଭାପତିତ୍ୱରେ ଦିବସ ପାଳିତ ହୋଇଥିଲା। ପ୍ରାରମ୍ଭରେ ବୈଦିକ ମନ୍ତ୍ରପାଠ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଉରକେଲା କଲେଜ ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ତପସ୍ୱିନୀ ମିଶ୍ର ଯୋଗଦେଇ ଯୋଗର ଉପକାରିତା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଆର୍ଟ ଅଫ ଲିଭିଙ୍ଗର ସଦସ୍ୟା ତପସ୍ୱିନୀ ପ୍ରଧାନ ଯୋଗଦେଇ ଯୋଗର ବିଭିନ୍ନ ଆସନ ପ୍ରାଣାୟାମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଯୋଗ ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଧିକାରୀ ଅଧାପକ ପ୍ରକାଶ ସାରଙ୍ଗ ଓ ଅଧାପିକା ସୋନିଆ ମାଝି ପରିଚାଳନା କରିଥିଲେ। ପ୍ରଫେସର ମାନସ କୁମାର ବେହେରାଙ୍କ ସମେତ କଲେଜର ସମସ୍ତ ଅଧାପିକା ଅଧାପକ,କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରି ଯୋଗଶିକ୍ଷା ଆହରଣ କରିଥିଲେ।

## ସଂକ୍ଷେପରେ

### ଛାତ୍ର ଜୀବନରେ ଏକଗ୍ରତା ପାଇଁ ଯୋଗର ଆବଶ୍ୟକତା ରହିଛି

ରାଉରକେଲା,୨୧।୬(ଦିନେଶ ମିଶ୍ର)
ପାନପୋଷ ସ୍ଥିତ ସରକାରୀ ସ୍ୱଂୟ ଶାସିତ ମହାବିଦ୍ୟାଳୟ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଏନ୍‌ଏସ୍‌ଏସ୍ ଯୁବ ରେଡକ୍ରସ-ୱାଇଆରସି ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଏନ୍‌ସିସି ଶାଖା ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ ଲିଭିଙ୍ଗ ଅନୁଷ୍ଠାନ ସହଯୋଗ କରିଥିଲା। ମହାବିଦ୍ୟାଳୟର ପ୍ରଫେସର ଅଧକ୍ଷ ଡ. ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ସଂଯୋଜକ ଅଧାପକ ସମୀର ସୌରଭ ପୃଷ୍ଟି, ରାମେଶ୍ୱରୀ ଭୋଇ, ଅଶୋକ ମିଞ୍ଜ, ମୀନା ଦାସ ପ୍ରମୁଖ ପରିଚାଳନାରେ ସହଯୋଗ ଓ ସଂଯୋଜନା କରିଥିଲେ। ଆର୍ଟ ଅଫ ଲିଭିଙ୍ଗ୍ ଅନୁଷ୍ଠାନର ବିରେନ୍ଦ୍ର ସିଂହ ସାହୋଟା ଓ ବଲବିନ୍ଦର କୌର ଯୋଗ ପ୍ରଶିକ୍ଷକଭାବେ ଯୋଗାସନ ପ୍ରଦର୍ଶନ କରିଥିଲେ। ଏହି ଶିବିରରେ ଏନ୍‌ସିସି ୯ମ ବାଟାଲିୟନ୍ ପକ୍ଷରୁ ବିଭିନ୍ନ ମହାବିଦ୍ୟାଳୟ ଏନ୍‌ସିସି କ୍ୟାଡେଟ୍ ସ୍ୱତନ୍ତ୍ର ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ସ୍ୱତନ୍ତ୍ର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନିଜର ଓ ସମାଜ ପାଇଁ ଯୋଗ କରିବାକୁ ନେଇ ମହାବିଦ୍ୟାଳୟ ପକ୍ଷରୁ ସମ୍ପର୍କୀତ ବାର୍ତ୍ତା ଦିଆଯାଇଥିଲା।

### ଆରୋଗ୍ୟ ଜୀବନ ପାଇଁ ଯୋଗ ନିତାନ୍ତ ଆବଶ୍ୟକ

ରାଉରକେଲା,୨୧।୬(ବିପ୍ଳବ ରଞ୍ଜନ ଦାଶ):
ଉତ୍କଳ ଗୌରବ ମଧୁସୂଦନ କଲେଜ ତରଫରୁ ଶୁକ୍ରବାର ଯୋଗ ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷା ସୁଶ୍ରୀ ମୁଲତା ଦେହୁରୀଙ୍କ ସଭାପତିତ୍ୱରେ ଏହା ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଗୁରୁ କିରଣ ପୋଥାଳ, ଗୋପୀନାଥ ବେହେରା,ଶ୍ୟାମ ସୁନ୍ଦର ସେଠୀ, ସବିତା ପୃଷ୍ଟି, ପ୍ରଫୁଲ ପାତ୍ର, ପ୍ରଫୁଲ୍ଲ ଦାସ ଓ ଗଙ୍ଗାଧର ତ୍ରିପାଠୀ ପ୍ରମୁଖ ସାମିଲ ହୋଇ ଯୋଗାସନ ବିଭିନ୍ନ ମୁଦ୍ରା ଓ ମଣିଷ ଜୀବନରେ ଏହାର ଉପାଦେୟତା ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିବା ସହ ଯୋଗାସନ ଶିଖାଇଥିଲେ। ଏହାପରେ କଲେଜ ଅଧକ୍ଷା ସୁସ୍ଥ ଶରୀର ପାଇଁ ଯୋଗାଶନ ଦୈନନ୍ଦିନ ଅଭ୍ୟାସ ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କଲେଜର ମୋଟ ୩୦ଜଣ ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଅଧାପକ ପ୍ରଦୀପ କୁମାର ଗିରି ଯୋଗ ଦିବସ ପାଳନ ନେଇ ସାମୂହିକ ଶପଥପାଠ କରାଇବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଉରକେଲାରେ ପ୍ରବଳ ବର୍ଷା

ରାଉରକେଲା,୨୧।୬(ସଙ୍ଗୀତା ଜେନା):
ରାଉରକେଲାରେ ଶୁକ୍ରବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସାଙ୍ଗକୁ ଝଡତୋଫାନ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିବା ସହ ବିଜୁଳୀ ଖୁଣ୍ଟିଭାଙ୍ଗିକାର କ୍ଷତିଗ୍ରସ୍ତ ହୋଇଛି। ସେହିପରି ସେକ୍ଟର ଅଞ୍ଚଳ ତଥା ସଡବ୍ଲ୍ୟୁଏସ୍ ହସ୍ପିଟାଲ, ଏନ୍‌ଆଇଟିସ୍ପିରେ ଗଛ ଭାଙ୍ଗିଥିବା ସୂଚନା ମିଳିଛି।

# ଯୋଗ ଦ୍ୱାରା ସୁସ୍ଥ ଜୀବନ ସମ୍ଭବ

ରାଉରକେଲା,୨୧।୬(ଦିନେଶ ମିଶ୍ର)

ଛେଣ୍ଡସ୍ଥିତ ଗୋପବନ୍ଧୁ ପାଠାଗାର ଯୋଗ କେନ୍ଦ୍ର ଆନୁକୂଲ୍ୟରେ ଯୋଗ ଦିବସ ଯୋଗ ଗୁରୁ ଶଶିଭୂଷଣ ପତିଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ରାଉରକେଲା ରିଟାୟାର୍ଡ ଏମ୍ପ୍ଲଇଜ ଆସୋସିଏଶନ ଓ କଳିଙ୍ଗ ବିହାର ସ୍ଥିତ ରିଟାୟାର୍ଡ ଏମ୍ପ୍ଲଇଜ ଆସୋସିଏଶନ୍‌ର ବହୁ ସଦସ୍ୟ ଉପସ୍ଥିତ ରହି ଯୋଗର ଉପାଦେୟ ବିଷୟରେ ଅବଗତ ହୋଇଥିଲେ। ସଂଯୋଜକ ପ୍ରାଧାପକ ଗିରିଜା ଗୋସ୍ୱାମୀ, ଇଞ୍ଜିନିୟର ସୁବାସ ମହାପାତ୍ର, ଇଞ୍ଜିନିୟର ଦିବାକର ପାଣିଗ୍ରାହୀ ସମାଜ ପାଇଁ ଯୋଗର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଯୋଗ ଶିବିରକୁ ଗଦାଧର ରଥ, ରମେଶ ଚନ୍ଦ୍ର ସିଂ, ଶରତ ମହାନ୍ତି, ତ୍ରିଲୋଚନ ମିଶ୍ର, ରବୀନ୍ଦ୍ର ସିଂ, ରବୀନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ସାମଲ, ଜଗବନ୍ଧୁ ଜେନା, ବିଜୟ କୁମାର ପରିଡା, ସରୋଜ କୁମାର ସ୍ୱାଇଁ, ଗଜେନ୍ଦ୍ର ସାହାଣୀ, ଧନଞ୍ଜୟ ବିଶ୍ୱାଳ, କାର୍ତ୍ତିକ ଦ୍ୱିବେଦୀ, ଗୋପାଳ ଚନ୍ଦ୍ର ଜେନା, ହୃଷୀକେଶ ନାୟକ କାର୍ଯ୍ୟକ୍ରମ ସହଯୋଗ କରିଥିଲେ। ଶେଷରେ ବିଶ୍ୱନାଥ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ସେକ୍ଟର-୨ ସ୍ଥିତ ଗାୟିତ୍ରୀ ଶକ୍ତି ପୀଠରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଅତିଥି ଭାବେ ଯୋଗଦେଇ ଯୋଗ ଦ୍ୱାରା ସୁସ୍ଥ ଜୀବନ ସମ୍ଭବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ପ୍ରବନ୍ଧକ ଟ୍ରଷ୍ଟି ନିତ୍ୟାନନ୍ଦ ଦାଶ ଯୋଗ ବିଷୟରେ ଆଲୋକପାତ କରିଥିଲେ। ଏହି ଶିବିରରେ ଯୁବ ପ୍ରକୋଷ୍ଠ ଗାୟତ୍ରୀ ପରିବାର, ଅନ୍ତର୍ଜାତୀୟ ପ୍ରାକୃତିକ ଚିକିତ୍ସା ପଦ୍ଧତି, ଚନ୍ଦ୍ରଶେଖର ସ୍ପୋର୍ଟ୍ସ ଆସୋସିଏଶନ, କଳିଙ୍ଗ ସ୍ପୋର୍ଟ୍ସ ଫେଡେରେଶନ୍ ଭଳି ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଶିବିରରେ ଯୋଗଗୁରୁ ସୁଶାନ୍ତ କୁମାର ଶତପଥୀ ଓ ଜିତେନ୍ଦ୍ର ଯାଦବଙ୍କୁ ଯୋଗବୀର ସମ୍ମାନରେ ଓ ଡ. ସୁଭାଷ ରାଉତଙ୍କୁ ଶ୍ରେଷ୍ଠ ଯୋଗଥେରାପୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ସୁମିତ ସିଂଙ୍କୁ ରାଉରକେଲା ଗୌରବ ସମ୍ମାନ ସହିତ ଗାୟତ୍ରୀ ପରିବାରକୁ ଶ୍ରେଷ୍ଠ ସାମାଜିକ ଓ ଆଧାତ୍ମିକ ଅନୁଷ୍ଠାନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଯୋଗ ଶିବିରକୁ ସୁଶାନ୍ତ କୁମାର ଶତପଥୀ, ପ୍ରମୋଦ ଅଗ୍ରୱାଲ, ପ୍ରଶାନ୍ତ ନାୟକ, ପ୍ରଦୀପ୍ତ ରାୟ, ରାଧାକାନ୍ତ ତ୍ରିପାଠୀ, ରାମମୋହନ ସାହୁ, ସୀମା, ଜୁଲି ସତ୍ୟଜିତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ନେହା ଶ୍ରୀବାସ୍ତବ ଓ ସୁଚିତ୍ରା ବିଶ୍ୱାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



## କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କୁ ସଚେତନ ନାଗରିକ ମଞ୍ଚର ସ୍ମାରକପତ୍ର ପ୍ରଦାନ



କେନ୍ଦ୍ରୀୟ ମନ୍ତ୍ରୀ ଜୁଏଲ ଓରାମଙ୍କୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ରାଉରକେଲା,୨୧।୬(ବିପ୍ଳବ ରନ ଦାଶ)

କେନ୍ଦ୍ରୀୟ ଆଦିବାସୀ ବ୍ୟାପର କଲ୍ୟାଣମନ୍ତ୍ରୀ ଜୁଏଲ ଓରାମଙ୍କୁ ରାଉରକେଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଉରକେଲାରେ ରେଳମଣ୍ଡଳ ପ୍ରତିଷ୍ଠା, ଜିଲାରେ ଟ୍ରାଇବାଲ ୟୁନିଭରସିଟି ସ୍ଥାପନ, ବହୁ ପ୍ରତୀକ୍ଷିତ ତାଳଚେର-ବିମଳାଗଡ ରେଳପଥ ନିର୍ମାଣରେ ବାଧକ ସାଜୁଥିବା ସମସ୍ୟାର ସମାଧାନ ନେଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିସହ ଓଡିଶା ସରକାରଙ୍କ ପକ୍ଷରୁ ଯଦି ସମ୍ବଲପୁର ଆରଡିସି,ସୁନ୍ଦରଗଡ ଓ ଦେବଗଡ ଜିଲା ମାଜିଷ୍ଟ୍ରେଟ ଓ ତହସିଲଦାରଙ୍କୁ ନିର୍ଦ୍ଦେଶନାମା ହୁଏ ତେବେ ୧୨ଭାଗ ଜମି ଶୀଘ୍ର ରେଳପଥ ନିର୍ମାଣରେ ହସ୍ତାନ୍ତର ହୋଇପାରନ୍ତା ବୋଲି ଉଲ୍ଲେଖ କରିବା ସହ ବର୍ତ୍ତମାନ ମାତ୍ର ୫୦ ଭାଗ ସରକାରୀ ଭୂମି ରେଳବାଇକୁ ହସ୍ତାନ୍ତର ହୋଇଥିବା ସ୍ମାରକ ପତ୍ରରେ ଦର୍ଶାଯାଇଛି। ଅନ୍ୟପଟେ ସଚେତନ ନାଗରିକ ମଞ୍ଚ ପ୍ରଦତ୍ତ ସ୍ମାରକପତ୍ର ମୁତାବିକ ଦାବି ଉପରେ କେନ୍ଦ୍ରୀୟ ଆଦିବାସୀ ବ୍ୟାପର କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ରାଜ୍ୟ ସରକାରଙ୍କ ସହ ସେ ଏହି ପ୍ରକଳ୍ପ ଉପରେ ଆଲୋଚନା କରି ବିହିତ ପଦକ୍ଷେପ ନେବା ଏବଂ ନିର୍ମାଣରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସଚେତନ ନାଗରିକ ମଞ୍ଚକୁ କହିଥିଲେ। ତେବେ ସ୍ମାରକପତ୍ର ପ୍ରଦାନରେ ସଚେତନ ନାଗରିକ ମଞ୍ଚ କର୍ମକର୍ତ୍ତାଙ୍କ ମଧ୍ୟରେ ସଭାପତି ଇଂ.ବିମଳ କୁମାର ବିଶି,କାର୍ଯ୍ୟକାରୀ ସଭାପତି ଜଗବନ୍ଧୁ ଜେନା, ସାଧାରଣ ସମ୍ପାଦକ ପି.ପି ରାୟ, ସମ୍ପାଦକ ଶଶଧର ପାତ୍ର ଓ ମୁଖପାତ୍ର କୁବିହାରୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କଲେ ବିଧାୟକ ଯୋଗେଶ

ସୁନ୍ଦରଗଡ,୨୧।୬(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ବିଧାୟକ ଯୋଗେଶ ସିଂହ ଶୁକ୍ରବାର ଜିଲାପାଳ ଡା.ପରାଗ ହର୍ଷଦ ଗାଭାଲିଙ୍କୁ ସାକ୍ଷାତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ବିଜୁ ଜନତା ଦଳର ଉପସଭାପତି ଜୟ ନାରାୟଣ ତ୍ରିପାଠୀ ଏବଂ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆଙ୍କ ସହ ପ୍ରଥମ ଥର ଜିଲାପାଳ ଗାଭାଲିଙ୍କୁ ସାକ୍ଷାତ କରିବା ପାଇଁ ତାଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ବିଧାୟକ ଯୋଗେଶ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିବା ସହ ଡାକ୍ତରଖାନା ଛକ ଠାରୁ ମିଶନ ଛକ ଯାଏ ରାସ୍ତା ମଝିରେ ଡିଭାଇଡର ନିର୍ମାଣ ସହ ଉନ୍ନତମାନର ଲାଇଟ ଲଗାଯିବା ପାଇଁ ଜିଲାପାଳଙ୍କଠାରେ ଦାବି କରିଥିଲେ। ଖୁବ ଶୀଘ୍ର ଏହିସବୁ ସମସ୍ୟାର ସମାଧାନ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।



ଜିଲାପାଳଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

### ଗଛରେ ପିଟିହେଲା ବାଇକ୍, ଯୁବକ ମୃତ

ଲହୁଣୀପଡା,୨୧।୬(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ତାଲବାହାଲି ପଞ୍ଚାୟତ ରଙ୍ଗମାଟିଆ ନିକଟରେ ଭାରସାମ୍ୟ ହରାଇ ଗଛକୁ ବାଇକ ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଡେଭିଡ ଟପ୍ପ (୨୫)। ଡେଭିଡ ଶୁକ୍ରବାର ସନ୍ଧ୍ୟାରେ ବାଇକ ଯୋଗେ ନିଜ ଗ୍ରାମ ମଦନପଡାକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରଙ୍ଗମାଟିଆ ଗ୍ରାମ ନିକଟସ୍ଥ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବଣେଇଁ ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲା। ଲହୁଣୀପଡା ପୋଲିସ ମୃତଦେହ ଜବତ କରିଛି।

### ରେଳବାଇ ଷ୍ଟେଶନରୁ ଉଦ୍ଧାର ବୃଦ୍ଧଙ୍କ ଆର୍‌ଜିଏଚ୍‌ରେ ମୃତ୍ୟୁ

ରାଉରକେଲା,୨୧।୬(ସଙ୍ଗୀତା ଜେନା) : ରାଉରକେଲା ରେଳ ଷ୍ଟେଶନରୁ ଉଦ୍ଧାର ହୋଇଥିବା ଜଣେ ଅଜଣା ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଏନେଇ ଜିଆର୍‌ପି ପୋଲିସ ମାମଲା(ନଂ.୪୦/୨୪) ରୁଜୁ କରି କରି ମୃତଦେହ ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି।

## ଶିବିରରେ ୭୭ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା, ୨୧।୬(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ରିଟାୟାର୍ଡ ଆସୋସିଏଶନ୍‌ରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଶିବିରରେ ସରକାରୀ ସହରାଞ୍ଚଳ ଚିକିତ୍ସାଳୟର ଡାକ୍ତର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ସହ ନିଃଶୁଳ୍କ ରକ୍ତଚାପ, ରକ୍ତଶର୍କରା, ପରୀକ୍ଷା ସହ ଔଷଧ ବିତରଣ କରାଯାଇଥିଲା। ଡିଏମ୍‌ଏଫ୍ ପାଣ୍ଠିରେ ନିଯୋଜିତ ସରକାରୀ ଡା. ବିଶ୍ୱସାରଥୀ ଭୋଇ ଏବଂ ଡା. ସୁପ୍ରିୟା ରଶ୍ମୀ ଅଣସଂକ୍ରମଣ ରୋଗର ପରୀକ୍ଷା କରିଥିଲେ। ବିଭାଗୀୟ ଜିଲା ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶକ୍ତିପ୍ରସାଦ ପାଢ଼ୀ, ଜିଲା ସହରାଞ୍ଚଳ ଅଣସଂକ୍ରମଣ ରୋଗ ସହକାରୀ ପ୍ରବନ୍ଧକ ସ୍ୱପ୍ନଜିତ୍ ମହାନ୍ତି, ରାଉରକେଲା ପ୍ରୋଗ୍ରାମ ମ୍ୟାନେଜର ଶକ୍ତି ମହାପାତ୍ର, ଜନସ୍ୱାସ୍ଥ୍ୟ ପ୍ରବନ୍ଧକ ସୁସ୍ମିତା ଗୋସ୍ୱାମୀ ଶିବିରରେ ସହଯୋଗ କରିଥିଲେ। ଏମାନଙ୍କ ସହିତ ଜୟ କଂସାରୀ, ଅଞ୍ଜଳୀ ନାୟକ, ଅନନ୍ତ ପ୍ରଧାନ, ସୁଭଦ୍ରା ପଟେଲ, ବାସୁମତୀ କିଷାନ, ମୀନା ମାଝି, ହରପ୍ରିୟା ମହାନ୍ତି ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ, ପାରାମେଡିକାଲ କର୍ମୀ ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ଶିବିରରେ ପ୍ରାୟ ୭୭ ଜଣ ଉଭୟ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଅନୁଷ୍ଠାନର ସଭାପତି ଇଂ ଅଭୟ ଦାସ, ଉପସଭାପତି ଇନ୍ଦ୍ରଜିତ୍ ସିଂହ, ଅରବିନ୍ଦ ପାତ୍ର, ସମ୍ପାଦକ କୃଷ୍ଣଚନ୍ଦ୍ର ମହାନ୍ତି, କମିଟି ସଦସ୍ୟ କପିଳେଶ୍ୱର ମହାରଣା, ନାରାୟଣ ସାମଲ,ଅନିରୁଦ୍ଧ ଦାଶ, ଗୌରୀ ଶଙ୍କର ମିଶ୍ର, ରାଧାମୋହନ ନାୟକ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲ, କୋଷାଧକ୍ଷ ଶଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



ଶିବିରରେ ଡାକ୍ତରମାନେ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ଯୋଗ ସୁସ୍ଥ ଜୀବନର ମୌଳିକ ମନ୍ତ୍ର

ରାଜଗାଙ୍ଗପୁର,୨୧।୬(ଅଶୋକ ପାଣି)

ରାଜଗାଙ୍ଗପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗ ଦିବସ ପାଳିତ ହୋଇଯାଇଛି। ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ) ରାଜଗାଙ୍ଗପୁର ତରଫରୁ ସ୍ଥାନୀୟ କମ୍ପାନୀର ଅଡିଟରିଅମରେ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ଚେତନ ଶ୍ରୀବାସ୍ତବ ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଡିସିବିଏଲ, ଡାଲମିଆ ସିମେଣ୍ଟର କର୍ମଚାରୀ, ଅଧିକାରୀ ଏବଂ ତାଙ୍କର ପରିବାର ବର୍ଗ ଭାଗ ନେଇଥିଲେ। ଡାଲମିଆ ସିମେଣ୍ଟର ପ୍ରାକୃତିକ ଚିକିତ୍ସା ବିଶେଷଜ୍ଞ ଡ. ରାଧେ ଶ୍ୟାମ ଶର୍ମା ଏହି ଅବସରରେ ଯୋଗ ଶିକ୍ଷା ଦେବା ସହିତ ଯୋଗ ଦ୍ୱାରା ହେଉଥିବା ଉପକାର ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଡାଲମିଆ ବିଦ୍ୟା ମନ୍ଦିର ଶିକ୍ଷକମାନଙ୍କ ସହିତ ଛାତ୍ରୀଛାତ୍ରମାନେ ଯୋଗ ଦିବସ ପାଳନ କରିଥିଲେ। ଡାଲମିଆ ବିଦ୍ୟା ମନ୍ଦିରର ସିଇଓ ଡ. ରୋସେଟା ୱେଲିଅମ୍ସ ଯୋଗର ମହତ୍ତ୍ୱ ବିଷୟରେ କହିଥିଲେ। ଅଧକ୍ଷ ଜୟଦେବ କର କହିଥିଲେ, ଯୋଗ ହେଉଛି ସୁସ୍ଥ ଜୀବନର ମୌଳିକ ମନ୍ତ୍ର। ଛାତ୍ରମାନଙ୍କର ଶାରୀରିକ ଏବଂ ମାନସିକ ବିକାଶ ପାଇଁ ଯୋଗ ଏବଂ ପ୍ରାଣାୟାମ ବିଶେଷ ଆବଶ୍ୟକ। ଝଗରପୁର ସ୍ଥିତ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)ରେ ମଧ ଯୋଗ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ଓମ ପ୍ରକାଶ ଅଗ୍ରୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଭିନ୍ନ ଯୋଗାଭ୍ୟାସ ଏବଂ ତାହାର ଉପକାରିତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଅନୁଷ୍ଠାନର ଅଧକ୍ଷ ଦେବବ୍ରତ ପ୍ରଧାନ ଯୋଗାଭ୍ୟାସ ଉପରେ ସଂଭାଷଣ ପ୍ରଦାନ କରିଥିଲେ। ଏହି ଶିବିରରେ ଅନୁଷ୍ଠାନର କର୍ମଚାରୀ ସମେତ ଛାତ୍ରୀଛାତ୍ରମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ସେହିପରି ରାଣିବନ୍ଧରେ ଥିବା ଭିନ୍ନକ୍ଷମ ବିଦ୍ୟାଳୟ 'ହୋପ' ରେ ମୁଖ୍ୟ ଅତିଥିଭାବେ ଉପନଗରପାଳ ମହମ୍ମଦ ଇରଫାନ, ଶିଳ୍ପପତି ଶ୍ୟାମ ଅଗ୍ରୱାଲ ଯୋଗଦେଇ ଯୋଗ ଉପରେ କହିଥିଲେ। ସେହିପରି ରାଜଗାଙ୍ଗପୁର ପୌରପରିଷଦ ଦ୍ୱାରା ସ୍ଥାନୀୟ କମ୍ୟୁନିଟି ସେଣ୍ଟରରେ ଯୋଗ ଦିବସ ପାଳିତ ହୋଇଥିଲା। ଏଥିରେ ଏକ୍ଜିକ୍ୟୁଟିଭ ଅଫିସର ଭିକ୍ଟର ସରେଙ୍ଗ, ପୌରାଧକ୍ଷା ମାଧୁରୀ ଲୁଗୁନ, ଉପନଗରପାଳ ମହମ୍ମଦ ଇରଫାନ, ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।



# ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗ ଦିବସ

ସମ୍ବଲପୁର,୨୧।୬
(ଭବାନୀ ଶଙ୍କର ଭୋଇ/ପ୍ରମୋଦ ବହିଦାର)

ସମ୍ବଲପୁର ଭିଏସଏସ ଷ୍ଟାଡିୟମ ଇନଡୋର ହଲଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଜୀବନ ପାଇଁ କେତେ ଦରକାର ସେନେଇ ଲୋକଙ୍କୁ ବୁଝାଇଥିଲେ। ଏହି ଯୋଗ ଦିବସ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ଏବଂ ଅଜାମ୍ବର ମହାନ୍ତିଙ୍କ ସମେତ ଜିଲା ପ୍ରଶାସନର ବହୁ ଅଧିକାରୀଙ୍କ ସମେତ ଏନସିସି, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କ୍ରୀଡା ହଷ୍ଟେଲର ଛାତ୍ରୀଛାତ୍ରଙ୍କ ସହ ଜନ ସାଧାରଣ ମଧ୍ୟ ଯୋଗ ଦେଇଥିଲେ। ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ସମସ୍ତଙ୍କ ସହ ଯୋଗ କରିବା ସହ ଯୋଗ ପାଇଁ ସମର୍ପିତ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ ରାଜ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସମସ୍ତଙ୍କୁ ଯୋଗ ଦିବସର ବାର୍ତ୍ତା ଦେବା ସହ ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ବିରୁପାକ୍ଷ ପ୍ରଧାନ ସଂଯୋଜନା କରିଥିଲେ। ଯୋଗଗୁରୁ ପ୍ରଭୁଦତ୍ତ ବର୍ଗାର୍ଡ଼ୀ ସମସ୍ତଙ୍କୁ ଯୋଗ ଶିକ୍ଷା ଦେଇଥିବା ବେଳେ ଜିଲା କ୍ରୀଡା ଅଧିକାରୀ ରୋଜାଲିନ ତିର୍କୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




### ଯୋଗଦେଲେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ

# ସମ୍ବଲପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

ସମ୍ବଲପୁର,୨୧।୬
(ଭବାନୀ ଶଙ୍କର ଭୋଇ/ପ୍ରମୋଦ ବହିଦାର)

ବିଶ୍ୱବାସୀଙ୍କ ମାନସିକ ଓ ଶାରିରୀକ ସୁସ୍ଥତା ପାଇଁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ୨୦୧୪ରୁ ଜୁନ ୨୧ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଆସୁଛି। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଶୁକ୍ରବାର ସମ୍ବଲପୁରର ବିଭିନ୍ନ ସ୍ଥାନରେ ଯୋଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସମଲେଇ ମନ୍ଦିର ନିକଟସ୍ଥ ରିଂଗ ରୋଡରେ ମହାନଦୀ ରିଭର ଭିଉ ପଏଣ୍ଟରେ ଅନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ମହାନଗର ନିଗମ କମିଶନର ବେଦଭୁଷଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ସଚେତନ ନାଗରିକ, ଯୁବତୀ ଯୁବକ ଏବଂ ମହାନଗର ନିଗମର କର୍ମଚାରୀ ସାମିଲ ହୋଇଥିଲେ। ଏହି ଯୋଗ କାର୍ଯ୍ୟକ୍ରମରେ ଯୋଗ ଶିକ୍ଷକ ସିନ୍ଧୁସୁତା ନାଏକ ଏବଂ ମଧୁରାଜ ନାଏକ ଯୋଗର ବିଭିନ୍ନ ଆସନ ବିଷୟରେ ଧାରଣା ଦେବା ସହ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ମହାନଗର ନିଗମର ନୋଡାଲ ଅଧିକାରୀ ତଥା ଉପଆୟୁକ୍ତ ପ୍ରସନ୍ନ କୁମାର ପାଣ୍ଡେ ସଂଯୋଜନା କରିଥିଲେ ।

### ସମ୍ବଲପୁର ପତଞ୍ଜଳି ଯୋଗ ସମିତି

ପତଞ୍ଜଳୀ ଯୋଗ ସମିତି, ସମ୍ବଲପୁର ପକ୍ଷରୁ ବୁଢାରଜା ସରକାରୀ ହାଇସ୍କୁଲଠାରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଜିଲା ପ୍ରଭାରୀ ଗୋଲକ ବିହାରୀ ମିଶ୍ର, ରଞ୍ଜନ କୁମାର ବେହେରା, ନିଳାମ୍ବର ସାହୁ ପ୍ରମୁଖ ଉପସ୍ଥିତ ରହି ଯୋଗ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଏବଂ ଅଭିଭାବକ ସାମିଲ ହୋଇଥିଲେ।

### ସମ୍ବଲପୁର ନିଶୁଳ୍କ ଯୋଗ ପ୍ରଶିକ୍ଷଣ କେନ୍ଦ୍ର

ସମ୍ବଲପୁର ହୀରାକୁଦ କଲୋନୀ ସ୍ଥିତ ପତଞ୍ଜଳି ନିଶୁଳ୍କ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା। ଯୋଗ ଗୁରୁ ଜେ.ଗିରିଜା ଦେବୀଙ୍କ ନେତୃତ୍ୱରେ କେନ୍ଦ୍ରର ସଭ୍ୟାସଭ୍ୟମାନେ ଯୋଗ କରିଥିଲେ। ସୁସ୍ଥ ଓ ନିରୋଗ ରହିବା ପାଇଁ ନିଜେ ଯୋଗ କରିବା ସହ ଅନ୍ୟମାନେ ମଧ୍ୟ କିପରି ଭାବରେ ସୁସ୍ଥ ରହିପାରିବେ ସେ ଦିଗରେ ସଚେତନ ହେବା କଥା ବୋଲି ପ୍ରଶିକ୍ଷିକା କହିଥିଲେ ।

# ୨ ବାଇକ୍ ଚୋର ଗିରଫ, ୭ ବାଇକ୍ ଉଦ୍ଧାର



ଗିରଫ ବ୍ୟକ୍ତିଙ୍କ ସହ ଜବତ ବାଇକ୍।

ସମ୍ବଲପୁର,୨୧।୬(ପ୍ରମୋଦ ବହିଦାର)

ସମ୍ବଲପୁର ସଦରଥାନା ପୋଲିସ ଦୁଇଜଣ ବାଇକ ଚୋରଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ୭ଟି ଚୋରି ବାଇକ୍‌କୁ ଉଦ୍ଧାର କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ସୁବର୍ଣ୍ଣପୁର ଜିଲା ବିରମହାରାଜପୁରର ଆକାଶ ଭୋଇ(୨୩) ଓ ବୌଦ୍ଧ ଜିଲା କଣ୍ଟାମାଳ ଗୁହରିପାଲିର ଧର୍ମେନ୍ଦ୍ର ବଗର୍ତ୍ତି ଓରଫ ଗାମ(୩୫)। ସେମାନଙ୍କ ନିକଟରୁ ୭ଟି ଚୋରି ବାଇକ୍ ସହ ୪ଟି ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ସୂଚନା ଅନୁସାରେ ଗତ ଅପ୍ରେଲ୍ ୧୬ରେ ମାନେଶ୍ୱର ସାପ୍ତାହିକ ବଜାରରୁ ଏକ ବାଇକ ଓଡି ୧୫ ଏଫ୍ ୩୯୩୩ ଚୋରି ହୋଇଥିଲା। ଏନେଇ ବାଇକ୍ ମାଲିକ ଅଶୋକ ପ୍ରଧାନ ସଦର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ସଦରଥାନାରେ ଏକ ମାମଲା ରୁଜୁ କରି ପୋଲସ ଅନୁସନ୍ଧାନ ଆରମ୍ଭ କରିଥିଲା। ପୋଲସ ସୋନପୁର, ବୌଦ୍ଧ ଆଦି ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଉଭୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# କାରଖାନାରୁ ଡିଜେଲ ଚୋରି ଅଭିଯୋଗ: ୨ଗିରଫ

କୁଚିଣ୍ଡା,୨୧।୬(ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ବେଲାପଡା ଜୟ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ କାରଖାନାରୁ ଡିଜେଲ ଚୋରି ଅଭିଯୋଗରେ ପୋଲିସ ୨ଜଣଙ୍କୁ ଗିରଫ କରି ଶୁକ୍ରବାର କୁଚିଣ୍ଡା ଏସଡିଜେଏମ କୋର୍ଟକୁ ଚାଲାଣ କରିଛି।ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦପୁର ଥାନା ସାଙ୍କୋବାହାଲ ଗ୍ରାମର ଅମିର ମାଝି(୨୭) ଓ ଛବିଲ ମାଝି(୨୫)। କାରଖାନା ଜେନେରାଲ ମ୍ୟାନେଜର ଜ୍ଞାନରଞ୍ଜନ ସେନାପତିଙ୍କ ରିପୋର୍ଟ ଆଧାରରେ ପୋଲିସ ଗୋବିନ୍ଦପୁର ଥାନାରେ ଆଇପିସି ଧାରା ୪୫୭/୩୮୦ (ନଂ. ୧୦୪/୨୪)ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରିରଖିଛି।ପୋଲିସ ସେମାନଙ୍କ ଠାରୁ ଚୋରିରେ ବ୍ୟବହୃତ ଏକ ବୋଲେରୋ ପିକଅପ୍ ଯାନ ନଂ.ଓଡି– ୧୬ ଏ ୮୫୦୨ ଏବଂ ୮୨୫ଲିଟର ଡିଜେଲ,୧୫ଗୋଟି ପ୍ଲାଷ୍ଟିକ ଡ୍ରାମ ସହ ଏକ ପ୍ଲାଷ୍ଟିକ ପାଇପ ଜବତ କରିଥିବା ଗୋବିନ୍ଦପୁର ଆଇଆଇସି ରାଜେନ୍ଦ୍ର ବେହେରା କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ,ବୁଧବାର ରାତିରେ ବାମରା ବ୍ଲକ ଉଡକାପାଟ ପଞ୍ଚାୟତର ବେଲାପଡାରେ ଥିବା ଜୟ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ କାରଖାନା ଭିତରେ ପଶି କିଛି ଅଜଣା ବ୍ୟକ୍ତି ଡିଜେଲ ଟାଙ୍କି ତାଲା ଭାଙ୍ଗି ୧୬୨୦ ଲିଟର ଡିଜେଲ ଏକ ପିକଅପ ଯାନ ସାହାର୍ଯ୍ୟରେ ଚୋରି କରି ନେଇଥିଲେ। କାରଖାନା ମ୍ୟାନେଜର ଜ୍ଞାନରଞ୍ଜନ ସେନାପତି ଏ ସମ୍ପର୍କରେ ଗୁରୁବାର ଗୋବିନ୍ଦପୁର ଥାନାରେ ରିପୋର୍ଟ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ କରି ସାଙ୍କୋବାହାଲ ଗ୍ରାମର ଅମିର ଓ ଛବିଲଙ୍କୁ ଗିରଫ କରିଥିଲା।

# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ମହିଳା ତାଲିମ କାର୍ଯ୍ୟକ୍ରମ



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ନେଇ ତାଲିମ କାର୍ଯ୍ୟକ୍ରମ ଅବସରରେ ମହିଳା ସଦସ୍ୟମାନେ।

ସମ୍ବଲପୁର,୨୧।୬(ଭବାନୀ ଶଙ୍କର ଭୋଇ)

ଲପଙ୍ଗା ସ୍ଥିତ ଆଦିତ୍ୟ ଆଲୁମିନିୟମ ଆନୁକୂଲ୍ୟରେ ସକ୍ଷମ ପ୍ରକଳ୍ପ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ନେଇ ଶୁକ୍ରବାର ଏକ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୬୨ ଜଣ ସଦସ୍ୟା ଇଣ୍ଡିଆନ ଗ୍ରାମୀନ ସର୍ଭିସେସ ଅନୁଷ୍ଠାନକୁ ପରିଭ୍ରମଣ ପାଇଁଯାଇଥିଲେ ।ଏଥିରେ ମହିଳା ସଦସ୍ୟାମାନେ ଲକ୍ଷ୍ମୀପ୍ରିୟାଙ୍କ ଆଇଜିଏ, ପ୍ରବନ୍ଧକ ବିଷୟରେ ଅବଗତ ହେବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ କିଭଳି ସ୍ୱାବଲମ୍ବୀ ହୋଇ ପାରିବେ ସେ ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ମହିଳାମାନଙ୍କ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇଥିଲେ। ଏହା ସହ ଉତ୍ପାଦକ କମ୍ପାନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ତଥା ଏହା ଜରିଆରେ ମିଳୁଥିବା ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହାସହ କ୍ଷେତ୍ର ପରିଦର୍ଶନ କରି ଛତୁ ଚାଷ, ଜିଆ ଖତ ପ୍ରସ୍ତୁତି, ପନିପରିବା ଚାଷ ସମ୍ପର୍କରେ ଜାଣିବା ସହ ନିଜେ ସ୍ୱଚକ୍ଷୁରେ ବୁଲି ଦେଖିବା ସହ ଏହା ବିଷୟରେ ବୁଝିଥିଲେ। ଆୟୋଜିତ କାର୍ଯ୍ୟକ୍ରମକୁ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗୀୟ ମୁଖ୍ୟ, ଶ୍ୱେତା ଉପାଧ୍ୟାୟ ଓ ସହପ୍ରବନ୍ଧକ ମନୋରଞ୍ଜନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନତରେ ଆୟୋଜିତ ହୋଇଥିଲା।

# ସମ୍ବଲପୁର ଜିଲାର ୧୦୮ ଗ୍ରାମ ବାଲ୍ୟବିବାହ ମୁକ୍ତ ଘୋଷିତ

ସମ୍ବଲପୁର,୨୧।୬(ପ୍ରମୋଦ ବହିଦାର)


ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଆୟୋଜିତ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ।

ସମ୍ବଲପୁର ଜିଲାର ୧୦୮ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯାଇଛି। ସମଗ୍ର ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ 'ଶିଶୁ ପାଇଁ ଦିନ ଟିଏ' କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ସୁଚାରୁ କୁମାର ବଳ ସମ୍ବଲପୁର ଜିଲ୍ଲାର ଧନକଉଡ଼ା, ବାମରା, କୁଚିଣ୍ଡା ଓ ଯୁଯୁମରା ବ୍ଲକର ୧୦୮ଟି ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବରେ ଘୋଷଣା କରିଛନ୍ତି। ଏହି ଅବସରରେ ଭାରପ୍ରାପ୍ତ ଜିଲାପାଳ ତଥା ଅତିରିକ୍ତ ଜିଲାପାଳ ବଳ ଜିଲାର ଅବଶିଷ୍ଟ ବ୍ଲକମାନଙ୍କ ଗ୍ରାମଗୁଡ଼ିକୁ ମଧ୍ୟ ବାଲ୍ୟ ବିବାହ ମୁକ୍ତ ଘୋଷଣା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ, ଏଚଆର୍‌ପିସି ଅଧକ୍ଷ୍ୟ ଓ ସଭ୍ୟସଭ୍ୟା, ଶିଶୁ ମଙ୍ଗଳ ସମିତିର ଜିଲା ମଙ୍ଗଳ ଅଧିକାରୀ, ସହକାରୀ ଗ୍ରାମ ଅଧିକାରୀ, ଏଡେଡ୍ ଇଟି ଏକ୍ସନର ଜିଲା ସଂଯୋଜିକା, ମିଶନ ଶକ୍ତି ଡିପିସି, ଏସ୍‌ଓଡବ୍ଲ୍ୟୁ ପ୍ରକଳ୍ପ ଅଧିକାରୀ ଓ ସମସ୍ତ ବ୍ଲକର ସିଡ଼ିପିଓମାନେ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ।

# ବିଦ୍ୟାଳୟ ଶ୍ରେଷ୍ଠ ଛାତ୍ରୀଙ୍କୁ ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମ୍ବର୍ଦ୍ଧିତ

ଦେବଗଡ଼,୨୧।୬(ଶଶାଙ୍କ ଶେଖର ଝାଙ୍କର)

ଚିନ୍ମୟ ବିଦ୍ୟାଳୟର ପ୍ରଥମ ସଭାପତି ତଥା ଶିକ୍ଷକ ହରପ୍ରସାଦ ନନ୍ଦଙ୍କ ତୃତୀୟ ଶ୍ରାଦ୍ଧ ଦିବସ ଅବସରରେ ଶ୍ରେଷ୍ଠ ଛାତ୍ରୀଙ୍କୁ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦେଶ୍ୟରେ ଟ୍ରଫି ଓ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୁନାମୁଣ୍ଡାସ୍ଥିତ ବିଦ୍ୟାଳୟ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ବରିଷ୍ଠ ଆଡ୍‌ଭୋକେଟ ତଥା ସଦସ୍ୟ ବିଭୂତି ଗଙ୍ଗଦେବ, ଅଶୋକ କୁମାର ଦେ ଓ ପୂର୍ବତନ ସମ୍ପାଦକ ଜୟନ୍ତ ସାହୁ ଯୋଗଦେଇ ସ୍ୱାମୀ ଚିନ୍ମୟା ନନ୍ଦ ସରସ୍ୱତୀ ଏବଂ ହର ପ୍ରସାଦ ନନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ବିଦ୍ୟାଳୟ ପ୍ରତିଷ୍ଠାରେ ସ୍ୱର୍ଗତ ନନ୍ଦଙ୍କ ଅବଦାନ ଉପରେ ଆଲୋକପାତ କରିବା ସହ ସ୍ମୃତି ଚାରଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସୁଜିତ ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅନିତା ବରାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ମୁକୁନ୍ଦ ପ୍ରସାଦ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଯୋଗଦେଇ ସ୍ୱର୍ଗତ ନନ୍ଦଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ନିକଟରେ ସିବିଏସଇ ଦଶମ ଶ୍ରେଣୀ ପରୀକ୍ଷାରେ ଚିନ୍ମୟ ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ସୁଶ୍ରୀ ସ୍ମୃତିସ୍ମିତା ଦାଶଙ୍କୁ ମାନପତ୍ର ସହିତ ଅର୍ଥ ରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍ୱର୍ଗତ ନନ୍ଦଙ୍କ ସ୍ମୃତି ଉଦ୍ଦେଶରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୦୨୨ରୁ ବିଦ୍ୟାଳୟ ର ଦଶମ ଶ୍ରେଣୀର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଗତ ହର ପ୍ରସାଦ ନନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଛି।



# ଜିଲାରେ କୁକୁର ବନ୍ଧ୍ୟାକରଣ ଅଭିଯାନ ଆରମ୍ଭ

ସମ୍ବଲପୁର,୨୧।୬(ପ୍ରମୋଦ ବହିଦାର)

### ପ୍ରଥମ ଦିନରେ ୨୪ କୁକୁରଙ୍କ ଅସ୍ତ୍ରୋପଚାର

ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆରମ୍ଭ ହୋଇଛି କୁକୁର ବନ୍ଧ୍ୟାକରଣ ଅଭିଯାନ। ସମ୍ବଲପୁର, ବୁର୍ଲା ଓ ହୀରାକୁଦ ଅଞ୍ଚଳରେ ବୃଦ୍ଧି ପାଉଥିବା ବୁଲା କୁକୁରଙ୍କ ସଂଖ୍ୟା ନିୟନ୍ତ୍ରଣ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସମ୍ବଲପୁର ମହାନଗର ନିଗମ ଓ ଜିଲା ପ୍ରାଣୀସମ୍ପଦ ବିଭାଗ ସହାୟତାରେ ବୁର୍ଲାସ୍ଥିତ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ବୁଲା କୁକୁରମାନଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଛି। ଏହି ଅଭିଯାନ ହାତକୁ ନେଇଥିବା ଏବିସିର ପ୍ରକଳ୍ପ ଅଧିକାରୀ ମୁକ୍ତିକାନ୍ତ ଭୂୟାଁ, ପ୍ରାଣୀ ଚିକିତ୍ସାଳୟ ସିଡିଭିଓ ପର୍ଶୁରାମ ପଣ୍ଡା, ପ୍ରାଣୀ ସମ୍ପଦ ଉପନିର୍ଦ୍ଦେଶକ ଡା. କ୍ଷିରୋଦ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଡିଭିଓ ଡା. ରାଜୀବ ଲୋଚନ ବେହେରା, ଡା. ସତ୍ୟନାରାୟଣ ସାହୁ, ପ୍ରାଣୀ ଚିକିତ୍ସକ ଡା. ବିଶ୍ୱ ରଞ୍ଜନ ଛତର, ଏବିସି ଆସିଷ୍ଟାଣ୍ଟ ହୀରାଲାଲ ବାଗ ପ୍ରମୁଖ ସାମିଲ ହୋଇଥିଲେ। ପ୍ରଥମ ଦିନରେ ପ୍ରାୟ ୨୪ଟି କୁକୁରଙ୍କ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିଲା। ସେମାନଙ୍କୁ ଦୁଇଦିନ ରଖାଯାଇ ଯେଉଁ ସ୍ଥାନରୁ ଧରା ହୋଇଥିଲା ସେହି ସ୍ଥାନରେ ପୁଣି ଛାଡ଼ି ଦିଆଯିବ ବୋଲି ଏବିସି ପ୍ରକଳ୍ପ ଅଧିକାରୀ ଭୂୟାଁ କହିଛନ୍ତି। ବୁର୍ଲାସ୍ଥିତ ପ୍ରାଣୀ ଚିକିତ୍ସାକେନ୍ଦ୍ରରେ ପହଞ୍ଚି ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ବନ୍ଧ୍ୟାକରଣ କାର୍ଯ୍ୟ ନିରୀକ୍ଷଣ କରିଥିଲେ। ସେ କହିଥିଲେ, କୁକୁରଙ୍କୁ ସମ୍ପୂର୍ଣ୍ଣ ବିଲୁପ୍ତ କରିବା ଉଦ୍ଦେଶ୍ୟ ନୁହେଁ ବରଂ କୁକୁରଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ ପାଇଁ ଏହି ଅଭିଯାନ ଜାରି ରହିବ।

# ମା'ସମଲେଶ୍ୱରୀଙ୍କ ଦର୍ଶନ କଲେ ପଞ୍ଚାୟତିରାଜ ମନ୍ତ୍ରୀ

ସମ୍ବଲପୁର,୨୧।୬(ପ୍ରମୋଦ ବହିଦାର)

### ପୂଜକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେଲେ

ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଶୁକ୍ରବାର ସମଲେଶ୍ୱରୀ ମନ୍ଦିର ଦର୍ଶନ କରିଛନ୍ତି। ମନ୍ତ୍ରୀପଦ ପାଇଲା ପରେ ପ୍ରଥମ ସମ୍ବଲପୁର ଗସ୍ତରେ ଆସି ଜିଲାସ୍ତରୀୟ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାବାଦ ସେ ମା' ସମଲେଶ୍ୱରୀଙ୍କ ପୀଠରେ ମା'ଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ସେଠାରେ ରାଜ୍ୟର ବିଭିନ୍ନ ପ୍ରମୁଖ ମନ୍ଦିର ପୂଜକମାନଙ୍କୁ ନେଇ ଗଠିତ ଓଡ଼ିଶା ରାଜ୍ୟ ସେବା ସଂଘର ପ୍ରତିନିଧିଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସଙ୍ଗଠନର ସମ୍ପାଦକ ସିଂଘାରୀ ଆଲୋକ ଖୁଣ୍ଟିଆ, ସଂଘର ସଭ୍ୟ ତଥା ସମଲେଶ୍ୱରୀ ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ରାଏ, ପୂଜକ ସୋଗନ ରାଏ, ପ୍ରଶାନ୍ତ ରାୟ ପ୍ରମୁଖ ମନ୍ତ୍ରୀ ରବି ନାଏକଙ୍କ ସହିତ ଆଲୋଚନା କରି ପୂଜକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସେହିପରି ରାମଦାସ ପଣ୍ଡା, ଶୁଶାନ୍ତ ପୁରୋହିତ, ଶମ୍ଭୁ ବରେଲିଆ, ମୁନା ତିୱାରୀ ପ୍ରମୁଖ ସମ୍ବଲପୁରର ଭାଜପା କର୍ମୀମାନେ ଏଠାରେ ତାଙ୍କୁ ସାକ୍ଷାତ କରିଥିଲେ।

# ରେଳ ବିଭାଗ କର୍ତ୍ତୃପକ୍ଷଙ୍କ ବାମରା ରେଳ ଷ୍ଟେଶନ ପରିଦର୍ଶନ

କୁଚିଣ୍ଡା,୨୧।୬(ବିରଞ୍ଚି ଦର୍ଶା)

ଚକ୍ରଧରପୁର ରେଳ ମଣ୍ଡଳ ଅଧିନରେ ଥିବା ସର୍ବପୁରାତନ ବାମରା ରେଳ ଷ୍ଟେସନକୁ ଶୁକ୍ରବାର ଡିଆରୟୁସିସି ସଦସ୍ୟ ପ୍ରଫେସର ଡା.ସୁବାସ ଚନ୍ଦ୍ର ଲେଙ୍କା, ଚକ୍ରଧରପୁର ରେଳ ମଣ୍ଡଳ ବାଣିଜ୍ୟ ନୀରିକ୍ଷକ ମନୀଷ କୁମାର ମିଶ୍ର ପହଞ୍ଚି ଯାତ୍ରୀ ସେବା ଅନୁଧ୍ୟାନ ସହ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଯାତ୍ରୀ ପ୍ରତିକ୍ଷାଳୟ,ଶୌଚାଳୟ,ପାନୀୟ ଜଳ ଷ୍ଟାଣ୍ଡ ପୋଷ୍ଟ, ୱାଟର କୁଲର, ପ୍ଲାଟଫର୍ମ, ସୁଲଭ ଶୌଚାଳୟ ଆଦି ନିରୀକ୍ଷଣ କରିଥିବା ସମୟରେ ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ମଇଳା ଓ ଆବର୍ଜନା ପଡିଥିବା,ପାନୀୟ ଜଳ ଷ୍ଟାଣ୍ଡ ପୋଷ୍ଟ ଅଚଳ ସହ ଆବର୍ଜନାରେ ପରିପୂର୍ଣ ହୋଇଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ଥଣ୍ଡା ପାନୀୟ ଜଳ ମେସିନ ଦୀର୍ଘ ୫ ଧରି ଅଚଳ ହୋଇପଡିଥିବା ବେଳେ ମହାନଦୀ କୋଲଫିଲ୍ଡ ପାଣ୍ଠିରୁ ନିର୍ମିତ ସୁଲଭ ଶୌଚାଳୟକୁ ଯାତ୍ରୀଙ୍କ ପାଇଁ ଉତ୍ସର୍ଗ ନ କରି ତାଲା ପକାଇ ରଖିଥିବା ଏବଂ ସୁଲଭ ଶୌଚାଳୟ ଚାରି ପାଖ ଆବର୍ଜନାମୟ ହୋଇଥିବା ଦେଖିଥିଲେ। ଖବରପାଇ ବାମରା ରେଳ କ୍ରିୟାନୁଷ୍ଠାନ କମିଟି ସଭାପତି ଅନୁଭବ କୁମାର ଲାଠ,ବାମରା ନାଗରିକ କମିଟି ସମ୍ପାଦକ ଜ୍ୟୋତି କୁମାର ଲାଠ,ମିଣ୍ଟୁ କଶ୍ୟପ, ଧର୍ମେନ୍ଦ୍ର ବର୍ମା,ରାହୁଲ ସାହୁ,ସନ୍ତୋଷ ଅଗ୍ରୱାଲ, ଉମେଶ ଶୁକ୍ଳା, ସଞ୍ଜୀବ ପାଲ, ରାହୁଲ ସାହୁ, ଜଗୁ ଚୌଧୁରୀ ସମେତ ବହୁ ସଂଖ୍ୟକ ସଚେତନ ନାଗରିକ ଏହି ଉଭୟ ଅଧିକାରୀଙ୍କୁ ସାକ୍ଷାତ କରି ଷ୍ଟେସନର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ବାମରା ଷ୍ଟେସନରେ ଦୀର୍ଘ ଦୁଇବର୍ଷ ଧରି ଷ୍ଟେସନ ମ୍ୟାନେଜର ନିଯୁକ୍ତି ନ ହେବା, ଅଣ୍ଡର ପାସ ଓ ରେମ୍ପ ଫୁଟ ଓଭର୍ ବ୍ରିଜ ତିଆରି, କୋଚ ଡିସପ୍ଲେ ଲଗାଇବା,ଇସ୍ପାତ ଏକ୍ସପ୍ରେସ ଓ ଟାଟା ବିଳାସପୁର ଟ୍ରେନ ରହଣୀ,ପ୍ଲାଟଫର୍ମରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟର ସମ୍ପ୍ରସାରଣ, ୟୁଟିଏସ ଓ ପିଆରଏସ ବୁକିଂ ଅଲଗା କରିବା,ଷ୍ଟେସନକୁ ସଫା ସୁତୁରା,ସୌନ୍ଦର୍ଯ୍ୟକରଣ କରିବା ସମେତ ଅନେକ ବିଷୟରେ ଆଲୋଚନା କରି ବିହିତ ପଦକ୍ଷେପ ନେବା ପାଇଁ ରେଳ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ।



ଅଧିକାରୀମାନେ ଷ୍ଟେଶନ ପରିଦର୍ଶନ କରୁଛନ୍ତି।

### ଷ୍ଟେଶନ ଅବ୍ୟବସ୍ଥା ନେଇ ଅସନ୍ତୋଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମଳି ସଙ୍ଗେ ନ କର କଳି
ମାଘ ଗଲେ ଫଗୁଣକୁ ପଡ଼ିବ ଝଡ଼ି।**

ସାଧାରଣତଃ ଶୀତଦିନେ ଅତ୍ୟଧିକ ଥଣ୍ଡା ଲାଗୁଥିବାରୁ ଅନେକେ ଭଲ କରି ଗାଧୁଆପାଧୁଆ କରିପାରି ନ ଥାନ୍ତି। ଫଳସ୍ୱରୂପ ଦେହହାତରେ ମଳି ଜମିଯାଇଥାଏ। ତେବେ ଫଗୁଣ ମାସକୁ ଶୀତ କମିଗଲେ, ଭଲଭାବେ ଗାଧୁଆପାଧୁଆ ହେବାଦ୍ୱାରା ଦେହହାତରେ ବସିଯାଇଥିବା ମଇଳା ଛାଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୂଳି ବାଉଁଶ
ମୂଳ ବୁଡ଼ିଗଲେ ଚୁଲି ପାଉଁଶ।**

ସାଧାରଣତଃ ବେପାର ବଣିଜ କରିବା ପାଇଁ ମୂଳଧନର ଆବଶ୍ୟକତା ପଡ଼ିଥାଏ। ତେବେ ବେପାରରେ ଲଗାଯାଇଥିବା ପଇସା ଯଦି କୌଣସି କାରଣରୁ ବୁଡ଼ିଯାଏ ତାହେଲେ ବେପାର କରିବା କଷ୍ଟକର ହୋଇପଡ଼େ। ମୂଳଧନ ବୁଡ଼ିଗଲେ ବେପାରରେ କ୍ଷତି ସହିବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# '୨ ହଜାର ଟଙ୍କିଆ ନୋଟ୍ ରଖିଲେ ଶୁଭ'

- ଠକ ଗ୍ୟାଙ୍ଗ୍‌କୁ ଧରିଲା ପୋଲିସ, ୩ ଗିରଫ
- ୫୧ ଖଣ୍ଡ ୨ ହଜାର ଟଙ୍କିଆ ଜବତ

ବାସୁଦେବପୁର,୨୧।୬
(ନାରାୟଣ ପ୍ରସାଦ ବାରିକ୍)

୨ହଜାର ଟଙ୍କିଆ ନୋଟ୍ ରଖିଲେ ଶୁଭ ହେବ। ଏହି ଟଙ୍କା ନିଜ ପାଖରେ ରଖିଲେ ଧନ ବୃଦ୍ଧି ସହ ବହୁ ଅଲୌକିକ କାର୍ଯ୍ୟ ସାଧିତ ହୋଇପାରିବ। ଏଭଳି କେତେ କ'ଣ ମିଛ କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇ ୨ ହଜାର ଟଙ୍କା ଦେଇ ବଦଳରେ ଏହାର ୧୦ରୁ ୨୦ ଗୁଣ ଅଧିକ ଟଙ୍କା ଠକି ନେଉଥିଲେ। ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ନିଜକୁ ଜଣେ ଗଣମାଧ୍ୟମ ପ୍ରତିନିଧି ବୋଲି ପରିଚୟ ଦେଉଥିଲେ। ଏପରି ଏକ ଗ୍ୟାଙ୍ଗ୍‌କୁ ଧରିଛି ଭଦ୍ରକ ଜିଲା ବାସୁଦେବପୁର ଥାନା ପୋଲିସ। ପୋଲିସ ଗୁରୁବାର ବାସୁଦେବପୁର ବ୍ଲକର ବ୍ରାହ୍ମଣଗାଁରୁ ଏହି ଗ୍ୟାଙ୍ଗ୍‌ର ୩ ସଦସ୍ୟଙ୍କୁ ଗିରଫ କରିଛି। ଏହି ଘଟଣାରେ ନାୟକାଣିଡିହୀ ଥାନା ଅଧୀନ କ୍ଷେମପୁର ଗ୍ରାମର ଦିଲୀପ କୁମାର ରାଉତଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୪୪୬/୨୪) ରୁଜୁ କରି ଗିରଫ ୩ଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗ୍ୟାଙ୍ଗ୍‌ର କିଙ୍ଗ୍‌ପିନ୍ କୁହାଯାଉଥିବା ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗାଁର ସୁବଳ କୁମାର ଚୌଧୁରୀ(୫୬), ବାସୁଦେବପୁର ଥାନା ଅଧୀନ ବ୍ରାହ୍ମଣଗାଁର ଲକ୍ଷ୍ମୀଧର ପତି(୪୨) ଏବଂ ବୈକୁଣ୍ଠପୁର ଗ୍ରାମର ପତି ଖାନ(୫୯)। ସେମାନଙ୍କଠାରୁ ୫୧ ଖଣ୍ଡ ୨ ହଜାର ଟଙ୍କିଆ ନୋଟ୍ ତଥା ୧ ଲକ୍ଷ ୨ହଜାର ଟଙ୍କା ପୋଲିସ ଜବତ କରିଛି। ଏହାବ୍ୟତୀତ କେତେକ ଆପତ୍ତିଜନକ କାଗଜପତ୍ର, ବିମାନ ଟିକେଟ, ସେମାନଙ୍କ ମୋବାଇଲ ଓ ୩୦ଖଣ୍ଡ ୫ଶହ ଟଙ୍କିଆ ମଧ୍ୟ ଜବତ କରାଯାଇଛି। ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ସୁବଳଙ୍କଠାରୁ ଲଳିତ ଅପରାଧ ଲାଇଭ ନ୍ୟୁଜ୍‌ର ଏକ ପରିଚୟପତ୍ର ପୋଲିସ ଜବତ କରିଛି।


ଜବତ ଟଙ୍କା ସହ ଗିରଫ ୩ ଅଭିଯୁକ୍ତ।

ସୁବଳଙ୍କ ସମେତ ୨ ସହଯୋଗୀ ୨ ହଜାର ଟଙ୍କିଆ ନୋଟ୍ ଆଣି ବିଭିନ୍ନ ସ୍ଥାନରେ ଲୋକଙ୍କୁ ଭୁଆଁ ବୁଲାଇ ଠକୁଥିଲେ। ଦୁଇଦିନ ତଳେ କ୍ଷେମପୁର ଗ୍ରାମର ଦିଲୀପଙ୍କୁ ସେମାନେ ଏଭଳି ଠକିବାକୁ ଉଦ୍ୟମ କରିଥିଲେ। ତାଙ୍କର ସନ୍ଦେହ ହେବାରୁ ସେ ଏ ସମ୍ପର୍କରେ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ ଚଳାଇ ଗୁରୁବାର ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ସେମାନଙ୍କର ଏହି ଠକାମି କାର୍ଯ୍ୟ ରାଜ୍ୟ ଓ ରାଜ୍ୟ ବାହାରର ବହୁ ଅଞ୍ଚଳରେ ଚାଲୁଥିବା ତଦନ୍ତ ବେଳେ ଜାଣିବାକୁ ମିଳିଛି ବୋଲି ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

# ଭିଜିଲାନ୍ସ ଜାଲରେ ଆର୍‌ଆଇ, ଏଆର୍‌ଆଇ

ଅମରପାଲି,୨୧।୬(ପୀତାମ୍ବର ସାହୁ)

**୫ହଜାର ଟଙ୍କା ଲାଞ୍ଚ ନେଲାବେଳେ ଧରିଲା ଭିଜିଲାନ୍ସ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅନ୍ତର୍ଗତ ଖଣ୍ଡହତା ରାଜସ୍ୱ ନିରୀକ୍ଷକ ସର୍କଲର ଦୁଇ କର୍ମଚାରୀ ଲାଞ୍ଚ ନେଲାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ ଖଣ୍ଡହତା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ)ରାଜେନ୍ଦ୍ର ମିଶ୍ର ଓ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ପଞ୍ଚାନନ ଡାଙ୍ଗ। ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଡାଙ୍ଗ ଅଭିଯୋଗକାରୀଙ୍କଠାରୁ ଜମି କାଗଜପତ୍ର ସଂଶୋଧନ କରିବା ପାଇଁ କାର୍ଯ୍ୟାଳୟରେ ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଧରାପଡ଼ିଛନ୍ତି। ଉଭୟ ଅଧିକାରୀଙ୍କୁ ଅଧିକ ତଦନ୍ତ ପାଇଁ ଭିଜିଲାନ୍ସ ଅଫିସରେ ଅଟକ ରଖି ପଚରାଉଚରା କରାଯାଉଛି। ଏନେଇ ସମ୍ବଲପୁର ଭିଜିଲାନ୍ସରେ ଏକ ମାମଲା (ନଂ. ୧୨/୨୪) ରୁଜୁ ହୋଇ ଅଧିକ ତଦନ୍ତ ଚାଲିଛି। ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୁବର୍ଣ୍ଣପୁର ଜିଲା ଭିଜିଲାନ୍ସ ଡିଏସ୍‌ପି ରିତାଞ୍ଜଳି ପ୍ରଧାନଙ୍କ ନେତୃତ୍ୱରେ ବଲାଙ୍ଗୀର ଡିଏସ୍‌ପି ପଲସ୍ତି ଛତ୍ରିଆ, ଏଏସ୍‌ଆଇ ନନ୍ଦକିଶୋର ବଗର୍ତ୍ତି, ଝସକେତନ ବାରିକ ପ୍ରମୁଖ ଚଢାଉ କରିଥିଲେ।


ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କଳାହାଣ୍ଡିରେ ଡିପ୍‌ଥେରିଆ ଆକ୍ରାନ୍ତ ଚିହ୍ନଟ

ଭବାନୀପାଟଣା,୨୧।୬
(ଉତ୍ତମ କୁମାର ଦାଶ)

ମ୍ୟାଲେରିଆ, ହଇଜା ଭଳି ସଂକ୍ରମିତ ରୋଗ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଏ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ। ବର୍ତ୍ତମାନ ଏହି ବ୍ଲକରେ ଡିପ୍‌ଥେରିଆ ନାମକ ଆଉ ଏକ ଘାତକ ସଂକ୍ରମଣ ଭୟରେ ଥରୁଛି ଦୁର୍ଗମ ଅଞ୍ଚଳ। ଇନ୍ଦ୍ରାବତୀ ଜଳବନ୍ଦୀ ଅଞ୍ଚଳ ପୋଡାପଦର ପଞ୍ଚାୟତରେ ଏହି ରୋଗ ବ୍ୟାପିବାରେ ଲାଗିଛି। ଆକ୍ରାନ୍ତ ଜଣେ ୨ବର୍ଷର ଶିଶୁ ଚିହ୍ନଟ ହୋଇଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଗତ କିଛିଦିନ ହେଲା ଇନ୍ଦ୍ରାବତୀ ଜଳଭଣ୍ଡାର ଅଞ୍ଚଳର ସରପାସ ଗାଁର ୬ ଜଣ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ସନ୍ଦେହ କରି ସ୍ୱାସ୍ଥ୍ୟ ବିଭାଗ ସମସ୍ତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସମସ୍ତ ୬ ଜଣଙ୍କ ରକ୍ତ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ୨ ବର୍ଷର ଶିଶୁ ଆକ୍ରାନ୍ତ ଥିବା ସୂଚନା ଦେଇଛନ୍ତି ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜନ କୁମାର ମିତ୍ର। ତେବେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ଇନ୍ଦ୍ରାବତୀ ଜଳଭଣ୍ଡାର ଅଞ୍ଚଳକୁ ଏକ ସ୍ୱତନ୍ତ୍ର ମେଡିକାଲ ଟିମ୍ ଯାଇ ଲୋକଙ୍କୁ ସଚେତନ କରିବା ସହ ରକ୍ତ ନମୁନା ସଂଗ୍ରହ କରୁଥିବା ମିତ୍ର ପ୍ରକାଶ କରିଛନ୍ତି।

# ସୁସ୍ଥ ହୋଇ ଫେରିଲେ ୩ ଡିପ୍‌ଥେରିଆ ରୋଗୀ

ବ୍ରହ୍ମପୁର,୨୧।୬(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ଶିଶୁ ବିଭାଗରେ ଚିକିତ୍ସିତ ହେଉଥିବା ୩ ଡିପ୍‌ଥେରିଆ ରୋଗୀ ସୁସ୍ଥ ହୋଇଛନ୍ତି। ଶୁକ୍ରବାର ମେଡିକାଲ ପକ୍ଷରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ସେମାନଙ୍କୁ ନିଜ ଘରକୁ ପଠାଯାଇଥିବା ଶିଶୁରୋଗ ବିଭାଗ ମୁଖ୍ୟ ତଥା ପ୍ରଫେସର୍ ଡ଼ା. ନରେନ୍ଦ୍ର ବେହେରା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆକ୍ରାନ୍ତ ଶିଶୁଙ୍କୁ ଚିକିତ୍ସା କରୁଥିବା ଡାକ୍ତର ଓ ନର୍ସିଂ ଅଫିସରଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କୁ ଟିକା ଦିଆଯାଇଥିଲା। ଟିକା ନେଇ ନ ଥିବା ଅନ୍ୟ କେତେଜଣ କର୍ମଚାରୀ ଖୁବଶୀଘ୍ର ଟିକା ନେବେ ବୋଲି ଡ଼ା. ବେହେରା କହିଛନ୍ତି। ସୂଚନାଯୋଗ୍ୟ, ଡିପ୍‌ଥେରିଆରେ ଆକ୍ରାନ୍ତ ୧୦ରୁ ୧୨ ବର୍ଷର ୫ ଜଣ ପିଲା ଗତ ୧୨ ତାରିଖରୁ ୧୭ ତାରିଖ ମଧ୍ୟରେ ରାୟଗଡ଼ା ଓ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏମକେସିଜି ମେଡ଼ିକାଲକୁ ରେଫର୍ ହୋଇଥିଲେ। ଆକ୍ରାନ୍ତଙ୍କ ମଧ୍ୟରୁ ୨ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଅନ୍ୟ ୩ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି।

# କର୍ଲାପାଟ ଅଭୟାରଣ୍ୟରୁ ୭ ଶିକାରୀ ଗିରଫ


ଗିରଫ ୭ ଅଭିଯୁକ୍ତ ଓ ଜବତ ବନ୍ଧୁକ।

ଭବାନୀପାଟଣା,୨୧।୬
(ଉତ୍ତମ କୁମାର ଦାଶ)

**୭ ବନ୍ଧୁକ, ହରିଣ ଶିଙ୍ଗ ଜବତ**

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ କର୍ଲାପାଟ ଅଭୟାରଣ୍ୟରେ ଦିନକୁ ଦିନ ଶିକାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ବିଭିନ୍ନ ସମୟରେ ଘଞ୍ଚ ଜଙ୍ଗଲ ମଧ୍ୟରେ ବନ ବିଭାଗ ଆଖିରେ ଧୂଳି ଦେଇ ଖସିଯାଉଛନ୍ତି ଶିକାରୀ। ଏ ନେଇ ବାରମ୍ବାର ଅଭିଯୋଗ ପରେ ଏବେ ଆକ୍ସନ ମୋଡ୍‌କୁ ଆସିଛି ବନ ବିଭାଗ। ଗୁରୁବାର ବିଳମ୍ବିତ ରାତିରେ ଜଙ୍ଗଲରେ ଶିକାରୀ ବୁଲୁଥିବା ଖବର ପାଇ ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରିଥିଲା। ଜଙ୍ଗଲରେ ୭ ଜଣ ଶିକାରୀ ବନ୍ଧୁକ ଓ ଟାଙ୍ଗିଆ ଧରି ବୁଲୁଥିବା ଦେଖି ଟିମ୍ ସଦସ୍ୟ ସେମାନଙ୍କୁ ମାଡିବସିଥିଲେ। କର୍ମଚାରୀମାନେ ୭ ଜଣ ଶିକାରୀଙ୍କୁ ଗିରଫ କରିବା ସହ ୭ ବନ୍ଧୁକ ଓ ୭ ଟାଙ୍ଗିଆ ସମେତ ଗୋଟିଏ ହରିଣ ଶିଙ୍ଗ ଜବତ କରିଛନ୍ତି। ଏହି ଶିକାରୀମାନେ ପୂର୍ବରୁ ଜଙ୍ଗଲୀ ଜନ୍ତୁ ଶିକାର କରି ଗିରଫ ହୋଇଥିବା ବନ ବିଭାଗ ସୂଚନା ଦେଇଛି। ଗିରଫ ଶିକାରୀମାନେ ହେଲେ ନାକଝରୀ ଗାଁର ରାଇଧର ମାଝି, ଅରକ୍ଷିତ ମାଝି, କାଦୋପଦର ଗାଁର ଗଣେଶ ଦଣ୍ଡସେନା, ଅଭି ମାଝି, ରାଇମନ ମାଝି, ମୁନି ମାଝି ଓ ଲକ୍ଷ୍ମଣ ମାଝି। ସମସ୍ତ ଶିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଭାଗ ପକ୍ଷରୁ ଜଣାପଡିଛି।

# ପୋଲ ତଳକୁ ଖସି ବ୍ୟବସାୟୀଙ୍କ ମୃତ୍ୟୁ

ପଡିଆ, ୨୧।୬(ଭାସ୍କର ରାଓ)

ମାଲକାନଗିରି ଜିଲା ପଡିଆ ସଦର ବ୍ଲକରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ସତ୍ୟରାମ ଯାଦବ(୫୦)। ତାଙ୍କର ଏକ ଜଳଖିଆ ଦୋକାନ ରହିଛି। ଶୁକ୍ରବାର ସତ୍ୟରାମ ଛତିଶଗଡ଼ର ସୁକ୍‌ମା ଜିଲା ଦୋର୍ଣ୍ଣାପାଲକୁ ବାଇକ୍‌ରେ ଯାଇଥିଲେ। ସେଠାରୁ ଫେରିବା ସମୟରେ ପଡ଼ିଆ ନିକଟସ୍ଥ ସାବେରୀ ନଦୀ ପୋଲ ଉପରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।


# Classified Everyday
**0674-2580101, 2549949**


**REAL ESTATE**

**SALE**

**3BHK flat for sale at Jharpada 80 feet road side. Contact- 9437307086, 7008789347.** D-504

Bhubaneswar କଳ୍ପନା ଛକରୁ 6.5K.M. ଦୂରତାରେ ଘରବାରି boundarywall plot କିଣନ୍ତୁ 1470/-, ସୁନ୍ଦରପଦା 1350/-, IIT Arugul- 420/-, ପ୍ରତାପନଗରୀ- 1470/-. 7853913366. D-75967

**Ready to move 2/3BHK flat for sale at Jayadevvihar Chhak. Contact- 9437307086, 7008789347.** D-505

Duplex project at Retang Medical, Station, C.V. Raman University, Tamando, Bhubaneswar. 7008459987. D-75965

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-417

**BDA new planning area at Benupur low cost investment plots available, price starts from @ 799/-. 6371364640.** D-75966

**Residential Plots Patia, Bhubaneswar, Near KIIT College, ODM Global School, 30ft. Road, Electricity available. 7978729819.** D-537

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**CONSTRUCTION**

**Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-418


**FOR RENT**

Two Shoproom (10'x10') At- Bijupatnaik College mainroad Jayadevvihar, Bhubaneswar. Contact- 9938511622. D-547




**Relax, Refresh your body, Mind at Saikrupa SPA with best therapies. 8984068077.** D-527

Relax, refresh your body, mind by expert therapist. Contact- 9938843929. D-76127

Piles Clinic, BBSR.: ଅର୍ଶ, ମଳକଣ୍ଟକ, ଭଗନ୍ଦର ଚିକିତ୍ସା କରାଯାଏ। 9861146916, 9078463148. D-75337

Newly open health benefits spa special offer @999, Bapujinagar. 8018429809. D-76128

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75752

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


**BUSINESS**

Consultancy: Poll strategies, Industrial engineering, Logistic, Flat /Layout promotion, Systems designing, Problem solving for specific issues. Ct- 9003122286 (w). D-550

**AFFIDAVIT**

By an affidavit before the Executive Magistrate (P), Uditnagar, Rourkela, Rahil Lakara, D/o- Late Robert Lakara, residing At- Ghaghari Mahto Toli, Kadobahal, P.S.- Raibaga, Dist.- Sundargarh declare that I want change my name Rahil Lakra to Chiki Lakra. But in Aadhaar Card my name has been mentioned as Rahil Lakra. That both the names stands for one and same person. D-549

I, Bibhuti Bhusana Pradhan, S/o- Digambar Pradhan, Village- Baghuapalli, P.O.- Baladianuagaon, P.S.- Fategarh, Dist.- Nayagarh, PIN- 752077, Odisha declare by this affidavit No.-671, date- 19.06.2024 that now onwards I shall be known as Bibhuti Bhusan Pradhan for all future purposes. D-548

ମୁଁ ଶ୍ରୀମତୀ ସୁକାନ୍ତି ପୃଷ୍ଟି, ବ୫୫ବର୍ଷ, ସ୍ୱା- ସଦାଶିବ ପୃଷ୍ଟି, ପିତା- ୰ନାରଣ ଗୁରୁ, ସା- ଚନ୍ଦ୍ରାଦେଇପୁର, ଥା- ବଳଙ୍ଗା, ଜି- ପୁରୀ। ଏତଦ୍ୱାରା ମୁଁ ପ୍ରକାଶ କରେକି ଶ୍ରୀମତୀ ସୁକାନ୍ତି ପୃଷ୍ଟି, ସ୍ୱା- ସଦାଶିବ ପୃଷ୍ଟି, ପି- ୰ନାରଣ ଗୁରୁ ଉଭୟ ଏକ ଏବଂ ଅଭିନ୍ନ ବ୍ୟକ୍ତି ଅଟନ୍ତି। ଏଭଳି ବ୍ୟକ୍ତି ଏହି ଅଞ୍ଚଳରେ ନାହାନ୍ତି। ଧ-୫୫୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰କ୍ଷିତିପ୍ରଜ୍ଞା ସାହୁ (ରୋଜି)**
କଟକ
ଆବିର୍ଭାବ- ୦୩।୧୨।୧୯୮୭
ତିରୋଧାନ- ୨୦।୦୬।୨୦୧୬
ଦେବସ୍ନାନ ପୂର୍ଣ୍ଣିମା
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ପାଖରେ ଆକୁଳ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ପାଇଁ।
ତୁ ସିନା ରୋଜି ଆସିବୁନି କେବେ
ଆଉ ମୋର ଜୀବନରେ
ତଥାପି ତୋହର ସ୍ମୃତି ଚାରଣରେ
ଏହି ମନ ମୋର ଝୁରେ।
ତୋର- ବାବା, ମାମା, ଲୋନି ଓ ଓମ୍‌ଶ୍ରୀ।
ଧ-୫୩୪

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# ଏଇ ତ ଜୀବନ

ଗଳ୍ପ

**ଅଲେଖ ଚରଣ ପଟ୍ଟନାୟକ**

ବହୁ ପୂର୍ବରୁ ସୂର୍ଯ୍ୟଦେବ ଅସ୍ତାଚଳଗାମୀ ହେଲେଣି। ସଞ୍ଜ ରତରତ। ଅଫିସରୁ ଫେରି ସୋମନାଥ ବାବୁ କ୍ଳାନ୍ତ ଶରୀରଟିକୁ ଆର୍ମଚେୟାର ଉପରେ ଅଜାଡ଼ିଦେଇ ବିଶ୍ରାମ ଭଙ୍ଗୀରେ ଶାୟିତ ଥିଲେ।

'ଚାହା ଟିକେ ଦେବ ?'

ରୋଷେଇ ଘରୁ ଧର୍ମପତ୍ନୀ ଅନୁରାଧାଙ୍କ କଣ୍ଠସ୍ୱର –

'ହଉ ନେଉଛି।'

ସୋମନାଥ ବାବୁଙ୍କର କିରାଣି ଜୀବନକାଳରେ ସହସ୍ର ଝଡ଼ଝଞ୍ଜା ମଧ୍ୟରେ ତେଲଲୁଣର ଅଭାବୀ ସଂସାର କିପରି ଚାଲେ ତାହା ସେହି ସର୍ବନିୟନ୍ତାଙ୍କୁ ହିଁ ଜଣା। ସେଇ ଜୀବନ ସଂଘର୍ଷ ମଧ୍ୟରେ ନିଜର ଅଲିଅଳ ଏକମାତ୍ର ନୟନପିତୁଳା କନ୍ୟାରତ୍ନର ବିବାହ ବ୍ୟାଙ୍କର ଜଣେ ପଦସ୍ଥ କର୍ମଚାରୀଙ୍କ ସହିତ ବେଶ୍ ଧୁମ୍‌ଧାମ୍‌ରେ କରିପାରିଛନ୍ତି। ଝିଅ ବି ନୂଆ ସଂସାରରେ ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ଅଛି।

ସୋମନାଥ ବାବୁଙ୍କ ସେଇ ଚାକିରି ଜୀବନ କାଳରେ ଦୁଇ ପୁତ୍ରଙ୍କର ଲାଳନପାଳନ, ଉଚ୍ଚଶିକ୍ଷା ଇଞ୍ଜିନିୟରିଂ ପାଠପଢ଼ା ଭଲରେ ହୋଇଛି। ସେମାନଙ୍କୁ ନିଯୁକ୍ତି ବି ମିଳିଯାଇଛି। ଦୁହେଁ ନିଜ ନିଜର ମନପସନ୍ଦର ଜୀବନ ସାଥୀ ଚୟନ କରିଛନ୍ତି ଏବଂ ସେଥିରେ ସୋମନାଥ ବାବୁ କଦାପି ବାଧକ ସାଜି ନାହାନ୍ତି। ବରଂ ହସି ହସି ଆନନ୍ଦର ସହ ଦୁଇ ସମୁଦିଙ୍କୁ ଆପଣେଇ ନେଇଛନ୍ତି। ଦୁହିଁଙ୍କର ବିବାହ ଉତ୍ସବ ବହୁ ଆଡ଼ମ୍ବରରେ କରିଛନ୍ତି। ଜଣେ ସାଧାରଣ ମଧ୍ୟବିତ୍ତ ପରିବାରର ବ୍ୟକ୍ତି ଏତେ ଦାୟିତ୍ୱ କିପରି ନିର୍ବାହ କରିପାରିଲେ। ସମୟ ହିଁ ତା'ର ମୂକସାକ୍ଷୀ। ଭାଗ୍ୟ ବିଧାତାର ଅଦେଖା ହସ୍ତର ଅଜସ୍ର କଲ୍ୟାଣରେ ସବୁ ସମ୍ଭବ ହୋଇପାରିଛି।



ପୁତ୍ରକନ୍ୟାଙ୍କର ଶିକ୍ଷାଦୀକ୍ଷା ଖର୍ଚ୍ଚ, ବିବାହ, ଯାନିଯୌତୁକରେ ସର୍ବସ୍ୱ ସାରିଦେଇ ସୋମନାଥ ବାବୁ ଆଜି ନିଃସ୍ୱ, ଏଥର ଅବସର ନେବାର ଶେଷ ବର୍ଷ। ତା'ପରେ ହାତଗଣତି ପେନ୍‌ସନ ଟଙ୍କାରେ ସଂସାର ରଥ ଗଡ଼ିବ।

କ'ଣ ସବୁ ଭାବୁଛ ? ଏଇ ଚାହା ନିଅ। ଅନୁରାଧାଙ୍କ ହାତରୁ ଉଷ୍ମ ଚାହା କପ୍‌ଟି ନେଇ ଧୂଳି ପରସ୍ତ ଜମି ଯାଇଥିବା ଚଷମା ଫାଙ୍କରେ ପତ୍ନୀଙ୍କ ଉଦାସିଆ ମୁଖମଣ୍ଡଳକୁ ଲକ୍ଷ୍ୟ କଲେ ସୋମନାଥ ବାବୁ। ଅନୁରାଧା ତାଙ୍କ ସହଧର୍ମିଣୀ, ଜୀବନ ଚଲାପଥର ଏକ ସଚ୍ଚା ସାଥୀ। ପରିବାରର ଭଲମନ୍ଦ, ଦୁଃଖସୁଖ, ହସକାନ୍ଦ, ଅଭାବ-ସ୍ୱଭାବ, ଆଲୁଅ- ଅନ୍ଧକାର ଦିନଗୁଡ଼ିକରେ ନିଜେ ସଳିତା ପରି ଜଳି ଜଳି ଅନ୍ୟକୁ ଆଲୋକ ଦେଖାଇଛନ୍ତି। ପୂର୍ବ ଆକାଶରେ ସୂରୁଯର ସକାଳ କିରଣର ଲାଲିମା ସହିତ ଅନୁରାଧାଙ୍କ ଜୀବନ ଜଞ୍ଜାଳର ପର୍ବ ଆରମ୍ଭ ହୁଏ ରୋଷେଇ ଘରୁ। ପରିବାରର ସମସ୍ତ ସଦସ୍ୟ ରାତ୍ରଭୋଜନ ସମାପ୍ତ କରି ଶୋଇବା ନିମନ୍ତେ ଯିବା ପରେ ବି ଅନେକ ବିଳମ୍ବରେ ଅନୁରାଧା ବିଛଣା ଧରନ୍ତି। ସେ ସର୍ବଂସହା ଧରିତ୍ରୀ। ନିଜେ ଭୋକ ଉପାସରେ ରହି ଅନ୍ୟ ପେଟର ଭୋକଜ୍ୱାଳାକୁ ପ୍ରଶମିତ କରିଛନ୍ତି। ଓଷାବ୍ରତ, ଯାନିଯାତ୍ରା, ଦଶହରା, ରଜଛୁଟିରେ ଗାଁରୁ ଛୁଟିଆସୁଥିବା ବନ୍ଧୁବାନ୍ଧବ, ଆତ୍ମୀୟ-ସ୍ୱଜନଙ୍କୁ ଯଥାରୀତି ସ୍ୱାଗତ କରି ସେମାନଙ୍କ ରହଣି ସମୟରେ ଭୂରି ଭୋଜନରେ ଆପ୍ୟାୟିତ କରିଛନ୍ତି ଏବଂ ଉପଯୁକ୍ତ ଆତିଥ୍ୟ ଦେଇଛନ୍ତି। ସାରାଦିନ କର୍ମ ଜଞ୍ଜାଳରେ କ୍ଳାନ୍ତ ରହି ପରିଶ୍ରମରେ ସନ୍ତୁଳିତ ହେଲେ ବି ଆଚାର- ବ୍ୟବହାରରେ ସନ୍ତୁଳନ ରକ୍ଷାକରି ସଭିଙ୍କ ମନକୁ ଜିଣି ପାରିଛନ୍ତି। ସର୍ବଦା ତାଙ୍କ ରକ୍ତିମ- ଓଠରେ କ୍ଷୀଣ ହାସ୍ୟ-ରେଖା ସଭିଁରି ହୃଦୟ କିଣିନିଏ।

ଯେଉଁ ଦୁଇପୁତ୍ରଙ୍କୁ ଭରସା କରି ନିଜ ଛାତିକୁ ପଥର କରି ଜୀବନର କର୍ଦ୍ଦମାକ୍ତ, କଣ୍ଟକିତ ଚଲାପଥରେ ସାହସ ବାନ୍ଧି ଚାଲିଥିଲେ, ସେମାନେ ଆଜି ନିଜ ନିଜର ପରିବାର ନେଇ ସୁଦୂର ଦିଲ୍ଲୀ ଏବଂ ମୁମ୍ବାଇରେ ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ ଚଳୁଛନ୍ତି। ଏଇ ପରିଣତ ବୟସରେ ଅଲୋଡ଼ା ମା'ବାପାଙ୍କୁ ପଚାରେ କିଏ ? ଦୁଇ ବୋହୂ ଉଚ୍ଚଶିକ୍ଷିତା, କର୍ମଜୀବୀ, ଆଧୁନିକ ଢଙ୍ଗଢାଙ୍ଗ ଏବଂ ପାଶ୍ଚାତ୍ୟ ଜୀବନ ଶୈଳୀରେ ବିଶ୍ୱାସ ରଖନ୍ତି। କୌଣସି ମାଙ୍ଗଳିକ କାର୍ଯ୍ୟ ହେଲେ ଉଭୟ ପରିବାର ଦୁଇ ତିନିଦିନ ପାଇଁ ଆସନ୍ତି। ଅତି ବେଶୀରେ ଏକ ସପ୍ତାହ। ତା'ପରେ ନିଜ କର୍ମସ୍ଥଳୀକୁ ଫେରି ଯାଆନ୍ତି। ଆଗମନ ଓ ପ୍ରତ୍ୟାବର୍ତ୍ତନର ଫ୍ଲାଇଟ ଟିକଟ ପୂର୍ବ ନିର୍ଦ୍ଧାରିତ ଥାଏ। ରକ୍ତର ସମ୍ପର୍କ, କିନ୍ତୁ କୁଣିଆ ପରି ଆସନ୍ତି, ଫେରି ଯାଆନ୍ତି। ଦିଲ୍ଲୀ ଏବଂ ମୁମ୍ବାଇ ସହରରେ ଚଳିବା ଖର୍ଚ୍ଚର ଲମ୍ବା ଫର୍ଦ୍ଦର ହିସାବ ଦେଖାନ୍ତି। ଖର୍ଚ୍ଚର ବିଶ୍ଳେଷଣ, ଅଭାବରେ କରିବା ଋଣ, କାର୍-ଲୋନ୍, ନୂଆ-ଘର ଲୋନ୍ ଏସବୁ କିସ୍ତି ପଇଠ କରୁ କରୁ ନୟାନ୍ତ ଏବଂ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି ବୋଲି ସଫେଇ ଦିଅନ୍ତି।

ବର୍ତ୍ତମାନ ସୋମନାଥ ବ୍ୟସ୍ତବିବ୍ରତ। ଏଥର ଝିଅର ପୁଆଣି ଭାର କିପରି ବ୍ୟବସ୍ଥା କରିବେ। ଅତି କମ୍‌ରେ ଦଶ ହଜାର। ଦୁଇ ପୁତ୍ରମଣି ଭିନ୍ନ ଭିନ୍ନ ଆର୍ଥିକ ଅସୁବିଧାର ବାହାନା କରି ନାସ୍ତି ବାଣୀ ଶୁଣେଇଦେଲେଣି। ସୋମନାଥ ବାବୁଙ୍କର ନିରବ ଚାହାଣିରେ ଭୟ ଓ ନିରାଶା ଉଙ୍କିମାରୁଥିଲା।

ଘର ଭିତରୁ ଏକ ପୁରୁଣା କାଠ ବାକ୍ସ ଧରି ଅନୁରାଧା ଆସି କହିଲେ, ଦେଖ ! ଆମ ବିବାହ ସମୟର 'ସଞ୍ଚୟ ପେଡ଼ି'। ତୁମେ ଯେତେବେଳେ ଯାହା ହାତଖର୍ଚ୍ଚକୁ ଦେଇଥାଅ, ମୁଁ ଏଥିରେ ରଖିଦିଏ। ଅନେକ ଦିନର ସଞ୍ଚିତ ଧନ। ଏସବୁ ମୋର କ'ଣ ହେବ ? ଝିଅର ପୁଆଣି ଭାର ଏଥିରେ ବୋଧହୁଏ ଚଳିଯିବ। ଅନୁରାଧାଙ୍କର ଉଦାସିଆ ମୁଖମଣ୍ଡଳରେ ଏକ ପ୍ରସନ୍ନତା ଏବଂ ଆତ୍ମସନ୍ତୋଷର ଝଲକ; ବଉଦ ଫାଙ୍କରେ ତୋଫା ଜହ୍ନର ଲୁଚକାଳି ଖେଳ ପରି ପ୍ରତୀୟମାନ ହେଉଥିଲା। ସୋମନାଥ ବାବୁ ଅବାକ୍ ହୋଇ ପ୍ରାଣପ୍ରିୟାଙ୍କୁ ଚାହିଁ ରହିଥିଲେ। ବୟସର କ୍ଳାନ୍ତ ଅପରାହ୍ନରେ ବି ଅନୁରାଧା ବେଶ୍ ଶାନ୍ତ, କମନୀୟା, ଦେବୀ-ପ୍ରତିମା ପରି ଉଜ୍ଜ୍ୱଳ ଦିଶୁଥିଲେ।

ମୋ:୯୮୫୩୮୯୨୧୨୪

## ପୁସ୍ତକ ପରିଚୟ

### ଯୋଗଯାତ୍ରୀ ବିଶ୍ୱାମିତ୍ର




**ଲେଖିକା:** ଅର୍ଚ୍ଚନା ନାୟକ
**ପ୍ରକାଶକ:** ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ଉପନ୍ୟାସ 'ଯୋଗଯାତ୍ରୀ ବିଶ୍ୱାମିତ୍ର'ରେ ଋଷି ବିଶ୍ୱାମିତ୍ର କିପରି ନିଜର କ୍ରମାଗତ ସାଧନା ଦ୍ୱାରା ଲୋଭ, ମୋହ, କାମ, କ୍ରୋଧ ଭଳି ପ୍ରାଣିକ ଆବେଗକୁ ଅତିକ୍ରମ କରି ନିଜକୁ ବ୍ରହ୍ମର୍ଷିରେ ରୂପାନ୍ତରିତ କରିପାରିଛନ୍ତି, ତା'ରି ବର୍ଣ୍ଣନା କରାଯାଇଛି। ବିଶ୍ୱାମିତ୍ର ଜନ୍ମରେ ଥିଲେ କ୍ଷତ୍ରିୟ, କିନ୍ତୁ ଅପ୍ରତ୍ୟାଶିତ ଏକ ଘଟଣା ତାଙ୍କ ଜୀବନର ଦିଗ ବଦଳାଇ ଦେଇଥିଲା। ଶାସନରୁ ସେ ସନ୍ନ୍ୟାସ ନେଇଥିଲେ। ଅହଂକାରୀ, ଦୁର୍ଦ୍ଧର୍ଷ କ୍ଷତ୍ରିୟ ରାଜପୁରୁଷ ନିଜର ଐକାନ୍ତିକ ତପସ୍ୟା ବଳରେ ଉନ୍ନୀତ ହୋଇଥିଲେ ବ୍ରହ୍ମର୍ଷି ପର୍ଯ୍ୟାୟକୁ। ଉପନ୍ୟାସର ପ୍ରମୁଖ ପ୍ରତିପାଦ୍ୟ ହେଲା- ବଶିଷ୍ଠ ଓ ବିଶ୍ୱାମିତ୍ର ଏହି ମର୍ତ୍ତ୍ୟର ମାନବ ହୋଇ ବି ସ୍ୱତପଃ ବଳରେ କିପରି ଦେବତାର ସ୍ୱୀକୃତି ବିନା ବ୍ରହ୍ମତ୍ୱ ଲାଭ କରିପାରିଥିଲେ, ତା'ରି କାହାଣୀ ରୂପାୟନ କରିବା। ଅର୍ଚ୍ଚନା ଲେଖିଛନ୍ତି: ''ଅବତାର ପୁରୁଷ ଶ୍ରୀରାମଙ୍କୁ ବିଶ୍ୱାମିତ୍ର ବକ୍ଷଲଗ୍ନ କରିବା ଘଟଣାରେ ମୁଁ ଅଭିଭୂତା ହୋଇଯାଇଥିଲି। ମୋର ମନେହୋଇଥିଲା ଋଷିବରଙ୍କର କୃଚ୍ଛ୍ର ସାଧନା ତାଙ୍କୁ ଯେଉଁ ବ୍ରହ୍ମର୍ଷି ପଦକୁ ଉନ୍ନୀତ କରିଥିଲା, ତା'ର ଲକ୍ଷେ ଗୁଣ ସିଦ୍ଧି ତାଙ୍କୁ ପ୍ରାପ୍ତ ହୋଇଥିଲା ସ୍ୱୟଂ ପରଂବ୍ରହ୍ମଙ୍କୁ ଆଲିଙ୍ଗନ କରିବା ଦ୍ୱାରା।'' ଉପନ୍ୟାସର ଭାଷା ସରଳ, ଗଭୀର ଓ ଭାବଗର୍ଭୀ। ଦେଢ଼ଶହ ପୃଷ୍ଠାରୁ ଊର୍ଦ୍ଧ୍ୱ କଳେବର ବିଶିଷ୍ଟ ଏହି ଉପନ୍ୟାସଟିକୁ ଗୋଟିଏ ଦଫାରେ ପଢ଼ିଦେଇ ହେବ ବିନା କ୍ଳାନ୍ତିରେ।

### ଜୀବନ ଆଇନା




**କବି:** ଅଖିଳ କୁମାର ମିଶ୍ର
**ପ୍ରକାଶକ:** ପେନ୍ ଇନ୍ ବୁକ୍‌ସ,
ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୧୩
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୯୯/-

ମୋଟ ୫୦ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥ 'ଜୀବନ ଆଇନା'ରେ ସ୍ଥାନିତ। କବିତାଗୁଡ଼ିକର ଆକାର ବେଶୀ ବଡ଼ ନୁହେଁ କି ଅତି ସାନ ମଧ୍ୟ ନୁହେଁ। ଅଖିଳଙ୍କ କବିତା ଦି'ଜଣିଆ କଥାବାର୍ତ୍ତା ପରି ଲାଗେ। ଶବ୍ଦଙ୍କର ଯଥେଷ୍ଟ ସ୍ୱାଧୀନତା ଥାଏ ତାଙ୍କ କବିତାରେ। ଯେଉଁଠି ପଘା ଲାଗି ନ ଥାଏ। ଆବେଗ ଭିତରର ଆବେଗରେ ଜୀବନକୁ ସେ ଆବିଷ୍କାର କରନ୍ତି। ଗୋଟିଏ ପଙ୍‌କ୍ତି ତାଙ୍କର ଏକ କବିତାରୁ- ''ତମ ମୋ ଭିତରର କଥାବାର୍ତ୍ତା/ ଏବେ ନୂଆବର୍ଷ ପାଲଟି ଯାଇଚି।/ ନୂଆବର୍ଷରେ ମୁଁ ତୁମକୁ/ ତିନୋଟି ଉପହାର ଦେବି-/ ଭଲପାଇବା, ପ୍ରଚୁର ଭଲପାଇବା, ଗଭୀର ଭଲପାଇବା।/ କାଲି ଯଦି ସୂର୍ଯ୍ୟ ଉଇଁବାକୁ ମନାକରିବ/ ପବନରୁ ସମସ୍ତ ଭାବପ୍ରବଣତା ମରିଯିବ,/ ତଥାପି ତମେ ମୋ ଛାତିରେ ଥିବ/ ନୂଆବର୍ଷ ସରିବା ଯାଏ।'' (ପ୍ରେମ ନୂଆବର୍ଷରେ- ପୃ:୯୫)। ଅଖିଳଙ୍କ ପାଇଁ ଜୀବନ ହେଉଛି ଆଇନା। ତାଙ୍କର ଦୃଢ଼ୋକ୍ତି: ''ଜୀବନ ମୋ ଲାଗି ଆଇନା,/ ନିଜ ଭଳି ଲାଗେ/ ପୁଣି ବେଳେବେଳେ ନିଜ ଭଳି ଲାଗେ ନାହିଁ।'' (ଜୀବନ ଆଇନା- ପୃ:୧୮)। ନିରବ ମୁହୂର୍ତ୍ତରେ କବିତା କିପରି ବିସ୍ଫୋରଣ ଆଣିପାରେ- ଅଖିଳଙ୍କୁ ନ ପଢ଼ିଲେ ବୁଝିହୁଏନା। ଖସିପଡୁଥିବା ସମସ୍ତ ହୃଦୟକୁ ହାତରେ ତୋଳିବାର ଚେଷ୍ଟା ହେଉଛି 'ଜୀବନ ଆଇନା'।

## କବିତା

### ଖାଲିପଣ

**ଜ୍ୟୋତ୍ସ୍ନା ରାଉତ ମହାଂତି**

ସବୁ ଦିନ ପରି
ଆଜି ବି ସକାଳ ହେଲା
ରାତି ବି ଆସିବ,
ଆଉ ଆସିବ ସେଇ ପୁରୁଣା ପ୍ରଶ୍ନ-
ସବୁ ଥାଇ କିଛି ନ ଥିଲା ପରି
ଲାଗୁଛି କାହିଁକି ?
କାହିଁକି ଏ ଖାଲିପଣ ?

ଏତେ ଦିନ ଖୋଜୁଛି କେବଳ
ନିଜେ ହିଁ ନିଜକୁ,
ଅତୀତର ସ୍ମୃତିସବୁକୁ
ପୁଟୁଳି କରି କାନ୍ଧରେ ପକାଇ
ବଞ୍ଚିବାକୁ କରୁଛି ପ୍ରୟାସ।
ଅନ୍ତିମ ସକାଳଟି ଆସିବ କେବେ
ସେ ଖବର ମୋ' ପାଖରେ ନାହିଁ।
ଏବେ ରୁପା ଜହ୍ନ ପରି ରାତି ଆସୁଛି
ଅମାବାସ୍ୟାର ଅନ୍ଧାର ବି,
ଅଥଚ ସବୁ ଲାଗୁଛି ଏକାପରି।

ଦର୍ପଣରେ ଅସ୍ପଷ୍ଟ ମୋ' ମୁହଁର ହସ
ଆଖିର ଲୁହ ବି।
ସ୍ୱପ୍ନସବୁ ଅଧୁରା।
ଚାଲୁଛି ଯେ ଚାଲୁଛି
ଏ ରାସ୍ତା ସରୁନାହିଁ!
କାନ୍ଧରେ ଥିବା ପୁଟୁଳିରୁ
କିଛିକିଛି ବୋହିନେଉଛି କିଏ
ବୋଧେ ଏଇଥିପାଇଁ ଯେ
ଏତେ ବଡ଼ ଭାର କାଳେ
ପାରିବନି ସମ୍ଭାଳି!

ଏବେ କିଛି ବି ଚାହୁଁନି
କେବଳ ସାମର୍ଥ୍ୟ ଦିଅ
ସଫା ରାସ୍ତାଟିଏ ଦିଅ,
ରାତିରେ ଲୁହ
ସକାଳେ ହସ!
ଯଦି ପାରୁଛ
ରାତି ସରିବା ଆଗରୁ
ଲୁହ ମୋର ପୋଛିଦିଅ!

ମୋ: ୮୨୪୯୪୯୬୭୭୬

### ଗୋତ୍ର

**କିଶୋର ପାଣିଗ୍ରାହୀ**

ଜାଣେ,
ଏଥର ବି ଭାଗ ନାହିଁ ଅଣାକରେ
ଭାଗ୍ୟରେ।

ମୁଁ ନିର୍ବୋଧ ଶୋଇପଡ଼ିଥାଏ
ସମସ୍ତେ ରାହାଧରି କାନ୍ଦୁଥିବା ବେଳେ,
ନ କାନ୍ଦିଲେ
ମା' ବି ଛୁଆକୁ ଦିଏନି
କ୍ଷୀର ଢୋକେ କାଳେ।

ମୁଁ ଶୋଇପଡ଼ିଥିବା ରାତିଙ୍କୁ ଦିନ କରି
ଓ ଦିନଙ୍କୁ ରାତି ପରି ସଜକରି
ଯେଉଁମାନଙ୍କର ରାଶିଫିଟିଗଲା କାଲି
କେଉଁ ନାମରେ ଡାକିହବ
ସେହି ଦିବାଚୋର ରାତ୍ରିଚରଙ୍କୁ ?

ସବୁ ଥର ରାତି ପାହିବା ବେଳକୁ
ମୁଁ ମୋ' ସକାଳର
ଆଲୁଅଙ୍କ ହାତଧରି
ବାଟଧରି ଗୁଳମୁଣ୍ଡ ଛୁଉଁଛୁଉଁ
ସବୁ ଗୋତ୍ର ବଣ୍ଟାସରିଥାଏ।

ଆଉ ମୁଁ କହିଲେ ତ
ଗୋଟେ ଅଧମପଣ
ଆଖିବନ୍ଦ ବିବେଚନା
କି ବିବେକମାନଙ୍କୁ
ଭରସା କି ଶିଡ଼ି କରି
ପାହାଚ ପରି ପାହାଡ଼କୁ
ଡେରି ବସିଥାଏ।

ନା ଜାଣେ କାନ୍ଦ
ନା କେନ୍ଦରାରେ ବିକଳ ଲହର,
ନା ସ୍ତୁତିଗାନ
ନା ତୈଳମର୍ଦ୍ଦନ
ନା ଭଜନ, ଜଣାଣ
କି ମହିମା କୀର୍ତ୍ତନ ;
ବିଚରା ବେଯୋଡ଼
ଅବିଭାଜ୍ୟ ଭାଗଶେଷ
ପ୍ରଲମ୍ବିତ ହେଉଥାଏ
ଗୋଟେ ଅବଶିଷ୍ଟ ଅବସୋସ।

ମୋ: ୭୦୦୮୧୧୭୯୬୪

ଗୀତି-କବିତା

### ବନମାଳତୀ

**ଜୟନ୍ତୀ ସାହୁ**

ଅନ୍ଧାର ରାତିର ବନମାଳତୀ ମୁଁ
ମଉଳିବି ଅନ୍ଧାରରେ
ତୃଷାର୍ତ୍ତ ନୟନେ ରାତି ବିତେ ସିନା
ଭେଟେ ନାହିଁ ମଧୁପରେ।

ଦେବତାର ଶିରେ ସଂସ୍ଥାପନା ପାଇଁ
ଆକୁଳ ପରାଣ ଝୁରେ
ବଣରେ ଫୁଟିଛି ବଣରେ ଝଡ଼ିବି
ଏ କି ଲେଖା ମୋ' କପାଳେ!

ତଥାପି କିମ୍ପାଇ ମନ-ଅଙ୍ଗନରେ
ଆଶାର ଦୀପାଳି ଜଳେ
କାହାକୁ ଉନ୍ମନା ନ କରୁ ମୋ' ବାସ୍ନା
ଫୁଟି ଝଡ଼ିଯିବା ପରେ।

ଆସିବେ ପରାଣ ପ୍ରିୟ ମୋର ପାଶେ
ଯୁଗ ଯୁଗ ପରେ ଦିନେ
ଲୋଟି ପଡୁଥିବି ଫିଟି ପଡୁଥିବି
ଚରଣ ଯୁଗଳ ତଳେ।

ମୋ: ୮୦୯୩୪୮୬୬୭୪

## କାଳକାଳକୁ



''ଯଂତ୍ରଣାର ନାଟକରେ ସାମୟିକ କାହାଣୀ ହେଉଛି ସୁଖ।''
– ଥୋମାସ୍ ହାର୍ଡି

**ଥୋମାସ୍ ହାର୍ଡିଙ୍କ** ଜନ୍ମ ୨ ଜୁନ୍ ୧୮୪୦ରେ ଓ ପରଲୋକ ୧୧ ଜାନୁଆରୀ ୧୯୨୮ରେ, ଇଂଲଣ୍ଡରେ। ସେ ଏକାଧାରରେ କବି, କଥାକାର ଓ ଔପନ୍ୟାସିକ। ସେ ଜର୍ଜ ଏଲିୟଟ୍‌ଙ୍କ ପରମ୍ପରାରେ ଲେଖୁଥିବା ଜଣେ ଭିକ୍ଟୋରିଆନ୍ ବାସ୍ତବବାଦୀ। ତାଙ୍କ ପ୍ରସିଦ୍ଧ ପୁସ୍ତକଗୁଡ଼ିକ ମଧ୍ୟରୁ କେଇଟି ହେଲା- 'ଫାର୍ ଫ୍ରମ୍ ଦ ମେଡିଙ୍ଗ୍ କ୍ରାଉଡ୍', 'ମେୟର ଅଫ୍ କାଷ୍ଟରବ୍ରିଜ୍', 'ଦ ରିଟର୍ଣ୍ଣ ଅଫ୍ ଦ ନେଟିଭ୍' ଓ 'କଲେକ୍ଟେଡ୍ ପୋଏମ୍‌ସ'। ହାର୍ଡି ହେଉଛନ୍ତି ଜୀବନଯୁଦ୍ଧରେ ପେଷି ହେଉଥିବା ମଣିଷର କରୁଣ ରୂପକାର। ସେ କହନ୍ତି: ''ପୁରୁଷ ପାଖରୁ ଯାହା ଦେଖିପାରେନି, ନାରୀ ଦୂରରୁ ତାହା ଦେଖିପାରେ।''

# ନଜର

ଲଘୁଗଳ୍ପ

**ଜୟଲକ୍ଷ୍ମୀ ପଟ୍ଟନାୟକ**

ପ୍ରଥମ ଶ୍ରେଣୀରେ ବି.ଏ. ପାଶ୍ କରି ପ୍ରବେଶିକା ପରୀକ୍ଷାରେ ଆଗରେ ଥିବାରୁ ତାକୁ ରାଜ୍ୟର ସର୍ବୋତ୍ତମ ବିଶ୍ୱବିଦ୍ୟାଳୟରେ ସ୍ଥାନ ମିଳିଯାଇଥିଲା। ଖୁସିରେ ବାପା ତା' ପାଇଁ ଆଣିଥିବା ଜିନ୍ସ ପ୍ୟାଣ୍ଟ ଆଉ କଳା ଟି-ଶାର୍ଟଟା ତା' ଗୋରା ଦେହକୁ ଭାରି ମାନୁଥିଲା। ତାକୁଇ ପିନ୍ଧି ଚନ୍ଦନ ସେଦିନ ପ୍ରଥମ କରି ସହରକୁ ଆସୁଥିଲା ବସ୍‌ରେ। ପିଲାଦିନୁ ଆଜିଯାଏ ସେ ଘରୁ ଶାଗ ପଖାଳ ଖାଇ ଗାଁ ସ୍କୁଲ ଆଉ ଗାଁ କଲେଜରେ ପାଠ ପଢ଼ି ଆସିଥିଲା। ପ୍ରଥମ କରି ଘରଠୁ ଦୂରରେ ରହିବ, ତେଣୁ ବୋଉ ତା'ର ମେଞ୍ଚାଏ ତୁଳସୀପତ୍ର ପକେଟ୍‌ରେ ପୂରେଇ ଶନି ମନ୍ଦିରରୁ ଆଣିଥିବା ମୋଟା କଳା ବ୍ୟାଣ୍ଡଟା ହାତରେ ଗଳେଇ ଦେଇ କହିଲା, ବାହାର କରିବୁନି ଧନ- ସହର ବଜାର ଜାଗା, କାହା ନଜର କ'ଣ! ବାପା ହସିଦେଲେ, ଏଇ ବାପା ବୋଉଙ୍କ କଥା ଭାବୁ ଭାବୁ ସେ ଆସି ପହଞ୍ଚି ସାରିଥିଲା ରାଜଧାନୀରେ। ବସ୍‌ରୁ ଓହ୍ଲେଇ ସୁଶାନ୍ତକୁ ଫୋନ୍ କଲା, ସୁଶାନ୍ତ କ'ଣ କହିଲା ତାକୁ ଶୁଭିଲାନି। ତେଣୁ ସେ ଭିଡ଼ ରାସ୍ତାରୁ ଟିକେ ଆଗକୁ ଯାଇ ପୁଣିଥରେ ଚେଷ୍ଟା କରୁଥିଲା।

ଏହି ସମୟରେ ରାସ୍ତା ଆରପଟୁ ଗୋଟେ କାର୍ ଭିତରୁ ମହିଳା ଜଣେ ତାକୁ ହାତଠାରି ଡାକୁଥିଲା ଭଳି ମନେହେଲା। ସେ ଏପାଖ ସେପାଖ ଅନେଇଲା। ତାକୁ ନା ଆଉ କାହାକୁ? ଏବେ କାର୍‌ଟି ଆଗକୁ ଚାଲିଗଲା, କିନ୍ତୁ ପାଞ୍ଚ ସାତ ମିନିଟ୍ ପରେ ପୁଣି ମୁହଁ ବୁଲେଇ ଆସି ତା' ପାଖରେ ପହଞ୍ଚିଲା। ବୟସ୍କା ମହିଳା ଜଣେ ମୁହଁ ବାହାର କରି ବିଦେଶୀ ଭାଷା ମିଶେଇ କହିଲେ, ଏକ୍ସକ୍ୟୁଜ୍ ମି- ଆଗରେ ମୋ' ଡ୍ରାଇଭର୍ ସିରିୟସ୍, ତାକୁ ହସ୍ପିଟାଲ ନେବାରେ ଟିକେ ହେଲ୍‌ପ କରିବେ କି? ଚନ୍ଦନ ଆଶ୍ଚର୍ଯ୍ୟ ହେଲା। ଥତମତ ହୋଇ ପଚାରିଲା- କିଏ- ମୁଁ? ୟେସ୍- ୟୁ। ଖାଲି ତାକୁ ଟିକେ ଗାଡ଼ି ଭିତରକୁ ଉଠେଇ ଦେବାରେ ହେଲ୍‌ପ କରିବେ, ପ୍ଲିଜ୍। ଚନ୍ଦନ ଚାରିଆଡ଼କୁ ଚାହିଁଲା, କେହି କେହି ତାକୁ ବି ଅନଉଥିଲେ। ସ୍ତ୍ରୀଲୋକ ଜଣଙ୍କ ଭାରି ବିକଳ ହେଉଥିଲେ। ସେ ତ କାହା ବିକଳ ସହି ପାରେନି। ତେଣୁ ଯାଇ ଗାଡ଼ିରେ ବସିପଡ଼ିଲା। ଫଟ୍‌କିନି କାର୍‌ଟିର କାଚ ଉପରକୁ ଉଠିଗଲା। ଆଉ ଗାଡ଼ି ଆଗକୁ ମାଡ଼ିଗଲା। ଚନ୍ଦନ ଭୟ ଆଉ ପ୍ରଶ୍ନମିଶା ଚାହାଣିରେ ଟିକେ କଣେଇକି ଚାହିଁଲା- ସ୍ତ୍ରୀ ଲୋକ ଜଣଙ୍କ ଭାରି ହାଇଫାଇ, ଗୋରା ତକତକ ଦେହ। ଟିପା ଟିପା ପୋଷାକ। କାନ୍ଧଯାଏ କଟା ଚୁଟି ଆଉ ଆଖିରେ ଷ୍ଟାଇଲ୍ ଗଗ୍‌ଲସ୍। ବୟସକୁ ଘୋଡ଼େଇବା ପାଇଁ ଯଥାସମ୍ଭବ ଚେଷ୍ଟା ହୋଇଛି। ହଠାତ୍ ସ୍ମିତହାସ୍ୟ ଦେଇ ସେ ତା' ଆଡ଼କୁ ଚାହିଁ କହିଲେ- ନୂଆ ବୋଧେ ?

– ଆଜ୍ଞା।

– ନ ହେଲେ ଏ ରାସ୍ତାରେ- ସେ ଆଗକୁ ଅନେଇ କହୁଥିଲେ।

– ଆଜ୍ଞା ! କ'ଣ କହିଲେ ?

–ନାଇଁ, କିଛି ନାଇଁ। ଲୋକ ଥିଲେ ବୋଲି କନ୍‌ସସ୍ ହେଇଗଲ ବୋଧେ ? ସେଥିପାଇଁ ମୋତେ ଗପ ତିଆରି କରିବାକୁ ପଡ଼ିଲା।

– ଗପ ! ମାନେ ! ବୁଝିପାରିଲିନି ମ୍ୟାମ୍। ଆପଣଙ୍କ ଡ୍ରାଇଭର କାହାନ୍ତି ?

– ହା ହା ହା। ସ୍ତ୍ରୀଲୋକ ଜଣଙ୍କ ଏବେ ଜୋର୍‌ରେ ହସିଲେ। ବଢ଼ିଆ ଇନୋସେଣ୍ଟ ରୋଲ୍ କରୁଚ ତ! ଲୋକଙ୍କୁ ଭଲ ଭୁଆଁ ବୁଲେଇ ପାରିବ! ଇଣ୍ଟରେଷ୍ଟିଙ୍ଗ, ଆଇ ଲାଇକ୍ ଇଟ୍। କେତେଦିନ ହେଲା ପଶିଲଣି ଏ ଲାଇନ୍‌ରେ ?

– ଆଜ୍ଞା ! ବୁଝିପାରିଲିନି ମ୍ୟାମ୍ ! କୋଉ ଲାଇନ୍‌ରେ ! ମୁଁ ଆଜ୍ଞା ମୋ' ମାଉସୀ ପୁଅ ଭାଇକୁ ଅପେକ୍ଷା କରିଥିଲି। ମୁଁ ପ୍ରଥମ କରି ଆଜି ଏ ସହରକୁ ଆସିଛି। ମୋର କାଲି ବିଶ୍ୱବିଦ୍ୟାଳୟରେ ନାମଲେଖା ଅଛି।

ସ୍ତ୍ରୀଲୋକ ଜଣଙ୍କ ବାରମ୍ବାର ତା' ହାତକୁ ପ୍ରଶ୍ନିଳ ଦୃଷ୍ଟିରେ ଚାହୁଁଥିଲେ। ସେତେବେଳକୁ ଚନ୍ଦନର ଫୋନ୍ ବାଜିଲା। ହଡ଼ବଡ଼ରେ ସ୍ୱିଚ୍‌ଟା ଅନ୍ ହେଇଗଲା। ସୁଶାନ୍ତର ପାଟି ଶୁଭିଲା, କୋଉଠି ଅଛୁ କିରେ! ଚନ୍ଦନ କହିଲା ରହ, କହୁଚି କହୁଚି- ସେ ବାହାରକୁ ଅନେଇ ଚିହ୍ନ ଖୋଜିଲା।

ସାଏଁକିନି ଗାଡ଼ି ଘୂରିଗଲା ପଛକୁ। କିଛି ବାଟ ଆସି ବ୍ରେକ୍ ମାରିଲା। ଡୋର ଖୋଲିଲା, ଶୁଭିଲା- ୟୁ ମେ ଗୋ।

ଚନ୍ଦନ ତରବର ହୋଇ ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ପଚାରୁଥିଲା, ମ୍ୟାମ୍ ଆପଣଙ୍କ ଡ୍ରାଇଭର ? କିନ୍ତୁ ଓହ୍ଲେଇ ସାରି ବୁଲି ଚାହିଁଲାବେଳକୁ ଦ୍ରୁତଗତିରେ ଗାଡ଼ିଟି ଅଦୃଶ୍ୟ ହୋଇଗଲାଣି।

କିଛି ବି ବୁଝିପାରିଲାନି ଚନ୍ଦନ। ସେତେବେଳକୁ ତା' ଫୋନ୍ ଦୁଇ ତିନିଥର ବାଜି ସାରିଲାଣି। ସୁଶାନ୍ତକୁ ସେ ତା' ଜାଗାର ମାନଚିତ୍ର ପଠେଇଲା। କିଛି ସମୟ ପରେ ସୁଶାନ୍ତ ଆସି ପହଞ୍ଚିଲା। କହିଲା, କୋଉଠି ଓହ୍ଲେଇ ପଡ଼ିଲୁ କିରେ ? ମୁଁ ତତେ ଖୋଜି ଖୋଜି ନୟାନ୍ତ। ଚନ୍ଦନ ସବୁ କହିଲା। ତା' କଣ୍ଠ ଥରୁଥିଲା। ବହିଯାଉଥିବା ଝାଳକୁ ପୋଛି କହିଲା- ମୁଁ କିଛି ବୁଝିପାରିଲିନି। ସୁଶାନ୍ତ ତା' ହାତକୁ ଅନେଇ କହିଲା- ଏଇଟା କ'ଣ ? ବୋଉ ଲଗେଇ ଦେଇଚି। ଶନି ଠାକୁରଙ୍କର। ଏବେ ସୁଶାନ୍ତ କହିଲା, ହଉ ଆ ଗାଡ଼ିରେ ବସ୍। ବାଟରେ ସବୁ ବୁଝେଇ ଦେବି। ସୁଶାନ୍ତ ମୋଟରସାଇକେଲ୍‌କୁ କୁଆଡ଼େ କୁଆଡ଼େ ବୁଲେଇ ବୁଲେଇ ନେଲା କେଜାଣି, ବାଟରେ ଗୋଟେ ନିଛାଟିଆ ରାସ୍ତା ପଡ଼ିଲା। ଦେଖିଲାବେଳକୁ କିଛି କିଛି ଦୂର ଛାଡ଼ି ଛାଡ଼ି କୋଉଠି ଗୋଟେ ଗୋଟେ ପୁଅ ଆଉ କୋଉଠି ଗୋଟେ ଗୋଟେ ଝିଅ ଠିଆ ହୋଇଛନ୍ତି। କାହା କାହା ପାଖରେ କାର୍ ଗୋଟେ ଗୋଟେ ବି ଥୁଆ ହୋଇଛି। ଟିପାଟିପା ଡ୍ରେସ୍ ସବୁ ପିନ୍ଧିଛନ୍ତି, ସୁଶାନ୍ତ କହିଲା ଭଲକି ଦେଖି, ଏମାନଙ୍କ ଭିତରେ କ'ଣ ସମାନତା ଅଛି କହିଲୁ। ଚନ୍ଦନ ସମସ୍ତଙ୍କ ହାତକୁ ଅନେଇଲା।

ଦୁହେଁ ଘରେ ପହଞ୍ଚିଲେ। ଧୁଆଧୋଇ ହୋଇସାରି ପୋଛି ହୋଇ ଆସୁ ଆସୁ ସୁଶାନ୍ତ ବଡ଼ ପାଟିଟେ କଲା, କିରେ ଶନିଠାକୁରଙ୍କ ଫିତାଟା କ'ଣ ବାହାର କରି ପକେଟ୍‌ରେ ରଖିଦେଲୁ! ମାଉସୀପା ଲଗେଇ ଦେଇଥିଲେ ? ତତେ ନଜର ଲାଗିଯିବନି ? ଚନ୍ଦନ କହିଲା ବାହାର କରିଦେଲେ ନୁହେଁ, ଲଗେଇଲେ ନଜର ଲାଗିଯିବ। ଦୁହେଁ ଜୋର୍‌ରେ ହସିଲେ। ସୁଶାନ୍ତ ତ ପାଟି ଖୋଲି ହସୁଥିଲା, ହେଲେ ଜିଭ କାମୁଡ଼ି ହସୁଥିଲା ଚନ୍ଦନ।

ମୋ: ୯୩୩୭୩୩୧୮୫୩






# ଡିଏଲ୍‌ଏସ୍‌ରେ ଜିତିଲା ଅଷ୍ଟ୍ରେଲିଆ


ପ୍ଲେୟର ଅଫ୍ ଦି ମ୍ୟାଚ ପ୍ୟାଟ୍ କୁମିନ୍ସ।

**ଆଣ୍ଟିଗୁଆ, ୨୧।୬**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଶୁକ୍ରବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ସୁପର-୮ ମ୍ୟାଚରେ ବାଂଲାଦେଶ ବିପକ୍ଷରେ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏହି ମ୍ୟାଚରେ ବାଂଲାଦେଶ ୨୦ ଓଭରରେ ୮ ଉଇକେଟ ହରାଇ ୧୪୦ ରନ କରିଥିଲା। ଅଷ୍ଟ୍ରେଲିଆ ୧୧.୨ ଓଭରରେ ୨ ଉଇକେଟ ହରାଇ ୧୦୦ ରନ କରିଥିବାବେଳେ ବର୍ଷା ହୋଇଥିଲା। ଖେଳ ଆଉ ସମ୍ଭବ ହୋଇ ନ ଥିବାରୁ ଡକ୍‌ୱର୍ଥ ଲୁଇସ ସିଷ୍ଟମ (ଡିଏଲ୍‌ଏସ୍)ରେ ଅଷ୍ଟ୍ରେଲିଆକୁ ୨୮ ରନରେ ବିଜୟୀ ଘୋଷଣା କରାଯାଇଥିଲା। କାରଣ ସେତେବେଳକୁ ଡିଏଲ୍‌ଏସ୍ ପାର୍ ସ୍କୋର ଥିଲା ୭୨ ରନ। ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ ହ୍ୟାଟ୍ରିକ ଅର୍ଜନ କରିବା ଏହି ମ୍ୟାଚର ମୁଖ୍ୟ ଆକର୍ଷଣ ଥିଲା। ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାଂଲାଦେଶର ବ୍ୟାଟରମାନେ ଅଷ୍ଟ୍ରେଲୀୟ ବୋଲରଙ୍କୁ ମୁକାବିଲାରେ ଅସଫଳ ରହିଥିଲେ। ଅଧିନାୟକ ନଜମୁଲ ହୋସେନ ଶାନ୍ତୋ ସର୍ବାଧିକ ୪୧ ଓ ତୋହିଦ ହ୍ରିଦୟ ୪୦ ରନ କରିଥିଲେ ହେଁ ବଡ଼ ପାର୍ଟନରଶିପ୍‌ର ଅଭାବ ଓ ୬ ବ୍ୟାଟର ଦୁଇଅଙ୍କ ଛୁଇଁ ନ ପାରିବା ଦଳର ବଡ଼ ସ୍କୋରରେ ପ୍ରତିବନ୍ଧକ ସାଜିଥିଲା। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ହ୍ୟାଟ୍ରିକ ମ୍ୟାନ ପ୍ୟାଟ୍ କୁମିନ୍ସ ୩ଟି, ଆଡାମ ଜାମ୍ପା ୨ଟି ଏବଂ ମିଚେଲ ଷ୍ଟାର୍କ, ମାର୍କସ ଷ୍ଟୋଇନିସ ଓ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆର ଆରମ୍ଭ କିନ୍ତୁ ବଢ଼ିଆ ହୋଇଥିଲା। ଡେଭିଡ ୱାର୍ନର ଓ ଟ୍ରାଭିସ ହେଡ୍ ଓପନିଂ ଯୋଡ଼ିରେ ୬୫ ରନ ଯୋଗକରି ଦଳକୁ ବିଜୟ ପଥରେ ଅଗ୍ରସର କରାଇଥିଲେ। ହେଡ୍ ଯଦିଓ ୨୧ ବଲ୍‌ରୁ ୩୧ ରନକରି ଆଉଟ ହୋଇଥିଲେ ତେବେ ବର୍ଷା ଯୋଗୁ ଖେଳ ବନ୍ଦ ରହିବା ବେଳକୁ ୱାର୍ନର ୩୫ ବଲ୍‌ରୁ ୫୩ ରନରେ ଅପରାଜିତ ରହିଥିଲେ। ଅଧିନାୟକ ମିଚେଲ ମାର୍ଶ ଯଦିଓ ୧ ରନକରି ଆଉଟ ହୋଇଥିଲେ ତେବେ ମ୍ୟାକ୍ସୱେଲଙ୍କ ୬ ବଲ୍‌ରୁ ୧୪ ଏବଂ ୱାର୍ନରଙ୍କ ଦ୍ରୁତ ଅର୍ଦ୍ଧଶତକ ଡିଏଲ୍‌ଏସ୍‌ରେ ଅଷ୍ଟ୍ରେଲିଆ ପାଇଁ ଫଳପ୍ରଦ ହୋଇଥିଲା। ବାଂଲାଦେଶ ପକ୍ଷରୁ କେବଳ ରିଶଦ ହୋସେନ ୨ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୪୦/୮ (ନଜମୁଲ ହୋସେନ ଶାନ୍ତୋ-୪୧, ତୋହିଦ ହ୍ରିଦୟ-୪୦, ପ୍ୟାଟ୍ କୁମିନ୍ସ-୩/୨୯, ଆଡାମ ଜାମ୍ପା-୨/୨୪, ମିଚେଲ ଷ୍ଟାର୍କ-୧/୨୧, ମାର୍କସ ଷ୍ଟୋଇନିସ-୧/୨୪, ଗ୍ଲେନ ମ୍ୟାକ୍ସୱେଲ-୧/୧୪)।

## ପ୍ୟାଟ୍ କୁମିନ୍ସଙ୍କ ହ୍ୟାଟ୍ରିକ

ଚଳିତ ଟି୨୦ ବିଶ୍ୱକପ୍‌ରେ ପ୍ରଥମ ହ୍ୟାଟ୍ରିକ ଅର୍ଜନ କରିଛନ୍ତି ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ୍ କୁମିନ୍ସ। ଶୁକ୍ରବାର ଏଠାରେ ଅନୁଷ୍ଠିତ ସୁପର-୮ ମ୍ୟାଚରେ ସେ ବାଂଲାଦେଶ ବିପକ୍ଷରେ ଏହି ସଫଳତା ପାଇଛନ୍ତି। ୩୧ ବର୍ଷୀୟ କୁମିନ୍ସ ୧୮ତମ ଓଭରର ଶେଷ ୨ ବଲ୍‌ରେ ବାଂଲାଦେଶର ଅଭିଜ୍ଞ ଖେଳାଳି ମହମୁଦୁଲ୍ଲା ଓ ମେହେଦି ହାସନଙ୍କ ଉଇକେଟ ନେଇଥିଲେ। ୨୦ତମ ଓଭରର ପ୍ରଥମ ବଲ୍‌ରେ ସେ ତୋହିଦ ହ୍ରିଦୟଙ୍କୁ ଆଉଟ କରି ହ୍ୟାଟ୍ରିକ ଉଇକେଟ ପୂରଣ କରିଥିଲେ। ଟି୨୦ ବିଶ୍ୱକପ୍‌ରେ ଏହାଥିଲା ଓଭରଅଲ୍ ୭ମ ହ୍ୟାଟ୍ରିକ। କୁମିନ୍ସଙ୍କ କ୍ୟାରିୟରର ଏହା ପ୍ରଥମ ହ୍ୟାଟ୍ରିକ। ଦ୍ୱିତୀୟ ଅଷ୍ଟ୍ରେଲୀୟ ଭାବେ କୁମିନ୍ସ ଟି୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ପୂର୍ବରୁ ୨୦୦୭ରେ ବ୍ରେଟ୍ ଲୀ କେପ୍‌ଟାଉନ୍‌ରେ ଏହି ବାଂଲାଦେଶ ବିପକ୍ଷରେ ହିଁ ହ୍ୟାଟ୍ରିକ କରିଥିଲେ।

## ଟି୨୦ ବିଶ୍ୱକପ୍‌ରେ ହ୍ୟାଟ୍ରିକ

ବ୍ରେଟ୍ ଲୀ (ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, କେପ୍‌ଟାଉନ୍, ୨୦୦୭
କର୍ଟିସ କାମ୍ଫର (ଆୟର୍ଲାଣ୍ଡ): ବନାମ ନେଦରଲାଣ୍ଡ୍ସ, ଆବୁଧାବି, ୨୦୨୧
ୱାନିନ୍ଦୁ ହସରଙ୍ଗା (ଶ୍ରୀଲଙ୍କା): ବନାମ ଦକ୍ଷିଣ ଆଫ୍ରିକା, ଶାରଜା, ୨୦୨୧
କାଗିସୋ ରାବାଡ଼ା (ଦକ୍ଷିଣ ଆଫ୍ରିକା): ବନାମ ଇଂଲଣ୍ଡ, ଶାରଜା, ୨୦୨୧
କାର୍ତ୍ତିକ ମେୟାପ୍ପାନ (ୟୁଏଇ): ବନାମ ଶ୍ରୀଲଙ୍କା, ଗିଲଙ୍ଗ୍, ୨୦୨୨
ଜୋଶୁଆ ଲିଟଲ(ଆୟର୍ଲାଣ୍ଡ): ବନାମ ନ୍ୟୁଜିଲାଣ୍ଡ, ଆଡିଲେଡ, ୨୦୨୨
ପ୍ୟାଟ୍ କୁମିନ୍ସ(ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, ଆଣ୍ଟିଗୁଆ, ୨୦୨୪

**ଟି୨୦ରେ ଅଷ୍ଟ୍ରେଲିଆ ବୋଲରଙ୍କ ହ୍ୟାଟ୍ରିକ**

ବ୍ରେଟ୍ ଲୀ (ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, କେପ୍‌ଟାଉନ୍, ୨୦୦୭
ଅଷ୍ଟନ ଅଗର: ବନାମ ଦକ୍ଷିଣ ଆଫ୍ରିକା, ଜୋହାନ୍ସବର୍ଗ, ୨୦୨୦
ନାଥାନ ଏଲିସ: ବନାମ ବାଂଲାଦେଶ, ମୀରପୁର, ୨୦୨୧
ପ୍ୟାଟ୍ କୁମିନ୍ସ(ଅଷ୍ଟ୍ରେଲିଆ): ବନାମ ବାଂଲାଦେଶ, ଆଣ୍ଟିଗୁଆ, ୨୦୨୪

# ଟପ୍ ଅର୍ଡର, ଦୁବେଙ୍କ ଉପରେ ଚାପ

**ନର୍ଥ ସାଉଣ୍ଡ, ୨୧।୬ (ପି.ଟି.)**

ଟି୨୦ କ୍ରିକେଟ ବିଶ୍ୱକପ୍‌ର ସୁପର-୮ ପର୍ଯ୍ୟାୟରେ ଶନିବାର ଭାରତ ଓ ବାଂଲାଦେଶ ମଧ୍ୟରେ ମୁକାବିଲା ହେବ। ଚଳିତ ବିଶ୍ୱକପ୍‌ରେ ଭାରତ ଏପର୍ଯ୍ୟନ୍ତ ଅପରାଜେୟ ରହିଥିବାବେଳେ ବାଂଲାଦେଶ ଏହାର ପ୍ରଥମ ସୁପର-୮ ମ୍ୟାଚରେ ଅଷ୍ଟ୍ରେଲିଆଠାରୁ ପରାଜିତ ହୋଇ ସାରିଛି। ତେଣୁ ଦୁଇ ଉପମହାଦେଶୀୟ ଦଳ ମଧ୍ୟରେ ଏହି ମୁକାବିଲା ବେଶ୍ ରୋଚକ ହେବା ଆଶା କରାଯାଉଛି। ଲିଗ୍ ପର୍ଯ୍ୟାୟ ଓ ଆଫଗାନିସ୍ତାନ ବିପକ୍ଷ ସୁପର-୮ର ପ୍ରଥମ ମ୍ୟାଚରେ ଭାରତ ବିଜୟୀ ହୋଇଥିଲେ ହେଁ ଟପ୍ ଅର୍ଡର କ୍ଲିକ୍ କରି ପାରିନାହିଁ। ମଧ୍ୟଭାଗରେ ଶିବମ୍ ଦୁବେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିପାରି ନାହାନ୍ତି। ତେଣୁ ଆଗାମୀ ମ୍ୟାଚରେ ଟପ୍ ଅର୍ଡର ସମେତ ଦୁବେଙ୍କ ଉପରେ ଚାପ ରହିବ। ହେଡ୍ ଟୁ ହେଡ୍ ରେକର୍ଡରେ ଭାରତ ଯଦିଓ ଫେଭରାଇଟ ବିବେଚିତ ହେଉଛି ତେବେ ବାଂଲାଦେଶ ବିପର୍ଯ୍ୟୟ ସୃଷ୍ଟି କରିବାକୁ ସକ୍ଷମ ବୋଲି ଟିମ୍ ମ୍ୟାନେଜମେଣ୍ଟ ଅବଗତ ଅଛି।

ଆଫଗାନିସ୍ତାନ ଓ ବାଂଲାଦେଶ ମ୍ୟାଚ ମଝିରେ କେବଳ ଗୋଟିଏ ଟ୍ରାଭେଲ୍ ଡେ'କୁ ଛାଡ଼ିଦେଲେ ଭାରତୀୟ ଦଳକୁ ଅଭ୍ୟାସ ପାଇଁ ଅଧିକ ସମୟ ମିଳିନାହିଁ। ତେଣୁ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଖେଳାଳିମାନେ ଆଗାମୀ ମ୍ୟାଚରେ ଭଲ ଖେଳନ୍ତୁ ବୋଲି ଭାରତ ଚାହିଁବ ନିଶ୍ଚିତ। ଓପନିଂ ଯୋଡ଼ି ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଏପର୍ଯ୍ୟନ୍ତ ବିସ୍ଫୋରକ ବ୍ୟାଟିଂ କରିପାରି ନାହାନ୍ତି। ଆଉଜଣେ ଖେଳାଳି ହେଲେ ବାମହାତୀ ଶିବମ୍ ଦୁବେ। ମିଡିଲ ଅର୍ଡର ଓ ଡେଥ୍ ଓଭରରେ ଛକା ମାରିବାରେ ମାହିର ଦୁବେଙ୍କୁ ବିଶ୍ୱକପ ଦଳରେ ସାମିଲ କରାଯାଇଥିଲା। ମାତ୍ର ସେ ବିଫଳ ହୋଇ ଚାପରେ ଅଛନ୍ତି। ଆମେରିକା ବିପକ୍ଷ ଗ୍ରୁପ୍ ମ୍ୟାଚରେ ସେ ଯଦିଓ ୩୧ ରନକରି ଅପରାଜିତ ଥିଲେ ତେବେ ସୂର୍ଯ୍ୟକୁମାରଙ୍କ ଇନିଂସ ଆଗରେ ଏହା ଫିକା ରହିଥିଲା। ସେ ଆଗାମୀ ମ୍ୟାଚରେ ବିଫଳ ହେଲେ ଟିମ୍ ମ୍ୟାନେଜମେଣ୍ଟ ମିଡିଲ ଅର୍ଡରରେ ସଞ୍ଜୁ ସାମସନଙ୍କୁ ସାମିଲ କରିବା ସମ୍ପର୍କରେ ଚିନ୍ତା କରିପାରନ୍ତି।

ଅନ୍ୟପକ୍ଷରେ ବ୍ୟାଟିଂକୁ ନେଇ ଚିନ୍ତାରେ ଥିବା ବାଂଲାଦେଶ ଏହାର ପ୍ରଥମ ସୁପର-୮ ମ୍ୟାଚରେ ହାରିଯାଇଥିବାରୁ ଭାରତ ବିପକ୍ଷରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ପାୱାର ହିଟରଙ୍କ ଅଭାବ ଦଳକୁ ସମସ୍ୟାରେ ପକାଉଛି। ଲିଟନ ଦାସ ଓ ତାଞ୍ଜିଦ ଖାଁଙ୍କ ଖରାପ ପ୍ରଦର୍ଶନ ମଧ୍ୟ ଦଳର ଚିନ୍ତା ବଢ଼ାଇଛି। ଟପ୍ ଅର୍ଡର କ୍ଲିକ୍ କରିବା ନିହାତି ଆବଶ୍ୟକ ହେଉଛି ବୋଲି ବାଂଲାଦେଶ ଅଧିନାୟକ ନଜମୁଲ ଶାନ୍ତୋ ପ୍ରକାଶ କରିଛନ୍ତି। ଭାରତର ଯଶପ୍ରୀତ୍ ବୁମରାଙ୍କୁ ମୁକାବିଲା ପାଇଁ ସେମାନେ ଉପାୟ ବାହାର କରିବାକୁ ଚିନ୍ତା କରୁଛନ୍ତି। ମୁସ୍ତାଫିଜୁର ରହମନ ନେତୃତ୍ୱରେ ପେସ୍ ବାହିନୀ ଯଦିଓ ଠିକ୍ ପଥରେ ଅଛି ତେବେ ରିଶଦ ହୋସେନଙ୍କୁ ଅନ୍ୟ ସ୍ପିନରମାନେ ସହାୟତା କରିବା ଆବଶ୍ୟକ ପଡୁଛି।

**ଟି୨୦ ବିଶ୍ୱକପ**
**(ଆଜିର ମ୍ୟାଚ)**

**ଆମେରିକା ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ବାର୍ବାଡୋସ
ସମୟ: ସକାଳ ୬ଟା

**ଭାରତ ବନାମ ବାଂଲାଦେଶ**
ସ୍ଥାନ: ଆଣ୍ଟିଗୁଆ
ସମୟ: ରାତି ୮ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସୁପର-୮ରେ ଆଜି ଭାରତ-ବାଂଲାଦେଶ ମୁକାବିଲା**


ଅଭ୍ୟାସ ଅବସରରେ ବିରାଟ କୋହଲି।

# ଇଂଲଣ୍ଡକୁ ହରାଇଲା ଦ.ଆଫ୍ରିକା

**ସେଣ୍ଟ ଲୁସିଆ, ୨୧।୬**

ଟି୨୦ କ୍ରିକେଟ ବିଶ୍ୱକପର ଶୁକ୍ରବାର ଅନୁଷ୍ଠିତ ଏକ ରୋମାଞ୍ଚକ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୭ ରନରେ ଇଂଲଣ୍ଡକୁ ପରାସ୍ତ କରିଛି। ଶେଷ ଓଭରରୁ ବିଜୟ ପାଇଁ ୧୪ ରନ ଆବଶ୍ୟକ ଥିବାବେଳେ ଇଂଲଣ୍ଡ କେବଳ ୬ ରନ କରି ପାରିଥିଲା। ହ୍ୟାରି ବ୍ରୁକଙ୍କ ଦ୍ରୁତ ଅର୍ଦ୍ଧଶତକ ଏବଂ ଲିଆମ ଲିଭିଂଷ୍ଟୋନଙ୍କ ଦୃଢ଼ ବ୍ୟାଟିଂ ବଳରେ ମ୍ୟାଚ ଏକଦା ଇଂଲଣ୍ଡ ନିୟନ୍ତ୍ରଣକୁ ଚାଲି ଆସିଥିଲା। ମାତ୍ର ଏ ଦୁଇ ବ୍ୟାଟର ଆଉଟ ହେବା ସହ ଇଂଲଣ୍ଡ ପରାଜୟ ସ୍ୱାଦ ଚାଖିଥିଲା। ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୬ ଉଇକେଟ ହରାଇ ୧୬୩ ରନ କରିଥିବାବେଳେ ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୫୬ ରନ କରିବାକୁ ସକ୍ଷମ ହୋଇଥିଲା। ବ୍ରୁକ୍ ୫୩ ଓ ଲିଭିଂଷ୍ଟୋନ ୩୩ ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କାଗିସୋ ରାବାଡ଼ା ଓ କେଶବ ମହାରାଜ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ଦକ୍ଷିଣ ଆଫ୍ରିକା ସୁପର-୮ ପର୍ଯ୍ୟାୟରେ ୪ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ଇଂଲଣ୍ଡ ୨ ମ୍ୟାଚରୁ ପ୍ରଥମ ପରାଜୟ ବରଣ କରିଛି।

ଟସ୍‌ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା କ୍ୱିଣ୍ଟନ ଡିକକ୍‌ଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁ ପାୱାରପ୍ଲେ ୬ ଓଭରରେ କୌଣସି ଉଇକେଟ ନ ହରାଇ ୬୩ ରନ ସଂଗ୍ରହ କରିଥିଲା। ଓପନିଂ ଯୋଡ଼ିରେ ୫୯ ବଲ୍‌ରୁ ୮୬ ରନର ଭାଗୀଦାରି ହୋଇଥିଲା। ମାତ୍ର ଏଥିରେ ରିଜା ହେଣ୍ଡ୍ରିକ୍ସଙ୍କ ଅବଦାନ ୨୫ ବଲ୍‌ରୁ ମାତ୍ର ୧୯ ରହିଥିଲା। ଡିକକ୍‌ଙ୍କ ୩୮ ବଲ୍‌ରୁ ୬୫ (୪ ଚୌକା, ୪ ଛକା) ଓ ଡେଭିଡ ମିଲରଙ୍କ ୪୩ (୨୮ ବଲ, ୪ ଚୌକା, ୨ ଛକା) ରନ ଯୋଗୁ ଦକ୍ଷିଣ ଆଫ୍ରିକା ସ୍କୋର ୧୫୦ ଅତିକ୍ରମ କରିଥିଲା। ଇଂଲଣ୍ଡ ପକ୍ଷରୁ ଜୋଫ୍ରା ଆର୍ଚର ୩ଟି ଏବଂ ମୋଇନ ଅଲୀ ଓ ଆଦିଲ ରଶିଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୧୬୩/୬ (କ୍ୱିଣ୍ଟନ ଡିକକ୍-୬୫, ଡେଭିଡ ମିଲର-୪୩, ଜୋଫ୍ରା ଆର୍ଚର-୩/୪୦, ମୋଇନ ଅଲୀ-୧/୨୫, ଆଦିଲ ରଶିଦ-୧/୨୦)। ଇଂଲଣ୍ଡ ୨୦ ଓଭରରେ ୧୫୬/୬ (ହ୍ୟାରି ବ୍ରୁକ୍-୫୩, ଲଇଆମ ଲିଭିଂଷ୍ଟୋନ-୩୩, କାଗିସୋ ରାବାଡ଼ା-୨/୩୨, କେଶବ ମହାରାଜ-୨/୨୫, ଓଟନେଲ ବାର୍ଟମାନ-୧/୨୭, ଏନରିଚ୍ ନର୍ଜେ-୧/୩୫)।

# ଫୁଟ୍‌ବଲ ଷ୍ଟାର ବାଜିଓଙ୍କ ଘରୁ ଡକାୟତି

**ରାମ୍, ୨୧।୬ (ଏପି)**

ଇଟାଲୀର ଅବସରପ୍ରାପ୍ତ ଷ୍ଟାର ଫୁଟବଲ ଖେଳାଳି ରବର୍ଟୋ ବାଜିଓଙ୍କ ଘରୁ ଡକାୟତି ହୋଇଛି। ସେତେବେଳେ ସେ ଟେଲିଭିଜନରେ ତାଙ୍କ ଜାତୀୟ ଦଳ ଏବଂ ସ୍ପେନ ମଧ୍ୟରେ ଅନୁଷ୍ଠିତ ୟୁରୋପିଆନ ଚାମ୍ପିୟନଶିପ୍ ମ୍ୟାଚ ଦେଖୁଥିଲେ। ଇଟାଲୀ ଗଣମାଧ୍ୟମ ଖବର ଅନୁସାରେ ଅତିକମ୍‌ରେ ୫ଜଣ ଡକାୟତ ରାତି ୧୦ଟାରେ ବାଜିଓଙ୍କ ସୁରମ୍ୟ ଅଟ୍ଟାଳିକାରେ ପ୍ରବେଶ କରିଥିଲେ। ପୂର୍ବତନ ଫୁଟ୍‌ବଲ ଖେଳାଳି ଯେତେବେଳେ ସେମାନଙ୍କ ସହିତ ମୁହାଁମୁହିଁ ହେଲେ ସେମାନଙ୍କ ମଧ୍ୟରୁ ଜଣେ ବନ୍ଧୁକର ବଟ୍‌ରେ ବାଜିଓଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଡକାୟତମାନେ ୫୭ବର୍ଷୀୟ ବାଜିଓ ଏବଂ ତାଙ୍କ ପରିବାରକୁ ଗୋଟିଏ ରୁମ୍‌ରେ ବନ୍ଦ କରି ଅଳଙ୍କାର, ଘଣ୍ଟା ଓ ନଗଦ ଅର୍ଥ ଲୁଟି ନେଇଥିଲେ। ଡକାୟତମାନେ ପଳାୟନ କରିବା ପରେ ବାଜିଓ କବାଟ ଭାଙ୍ଗି ପୋଲିସ ଡାକିଥିଲେ। ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ସେଠାରେ ତାଙ୍କ ଆଘାତ ସ୍ଥାନରେ ଷ୍ଟିଚ୍ କରାଯାଇଥିଲା। ଡକାୟତମାନେ କିନ୍ତୁ ତାଙ୍କ ପରିବାରର କୌଣସି ସଦସ୍ୟଙ୍କର କ୍ଷତି ଘଟାଇ ନ ଥିଲେ। ବାଜିଓ ଇଟାଲୀ ତରଫରୁ ୫୬ ମ୍ୟାଚ ଖେଳି ୨୭ ଗୋଲ୍ ସ୍କୋର କରିଥିଲେ।


ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଶୁକ୍ରବାର ସୌଜନ୍ୟମୂଳକ ସାକ୍ଷାତ ଅବସରରେ ରାଜ୍ୟ କରାଟେ ସଂଘର କ୍ରୀଡ଼ାବିତ୍‌ମାନେ।

# ଭାରତୀୟ ଦଳରେ ଓଡ଼ିଶାର ସାଇନା, ଜୁନୁ

**ଭୁବନେଶ୍ୱର, ୨୧।୬ (ତପନ ସ୍ୱାଇଁ)**

**ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍**

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍‌ଆଇଏସ୍‌ୟୁ) ଆନୁକୂଲ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ ଉଗାଣ୍ଡାର ଏଣ୍ଟେବେଠାରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବାକୁ ଯାଉଥିବା ଇଣ୍ଡିଆନ ୟୁନିଭର୍ସିଟିଜ ଦଳରେ ଓଡ଼ିଶାର ୨ ଖେଳାଳି ମହିଳା ଅନ୍ତର୍ଜାତୀୟ ମାଷ୍ଟର (ଡବ୍ଲ୍ୟୁଆଇଏମ୍) ସାଇନା ସାଲୋନିକା ଓ ଜୁନୁ ବିରୁଆ ସ୍ଥାନ ପାଇଛନ୍ତି। କିସ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଜୁନୁ ବିରୁଆ ପ୍ରଥମ ଆଦିବାସୀ ବାଳିକାଭାବେ ଭାରତ ପକ୍ଷରୁ ଏହି ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଭାରତୀୟ ଦଳର ଚୟନ ଟ୍ରାଏଲ୍ସ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଏପ୍ରିଲ ୧୮ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ ୟୁନିଭର୍ସିଟିଜ୍ ମହିଳା ଚେସ୍ ଦଳ ଦ୍ୱିତୀୟ ଥରପାଇଁ ୱାର୍ଲ୍ଡ ୟୁନିଭର୍ସିଟି ଚେସ୍ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଯାଉଛି। ପୂର୍ବରୁ ୨୦୧୮ରେ ଭାରତ ଏଥିରେ ପ୍ରଥମ ପଦାର୍ପଣ କରିଥିଲା। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଇନା ସାଲୋନିକା ଏବଂ କିସ୍‌ର ଜୁନୁ ବିରୁଆଙ୍କ ବ୍ୟତୀତ ଭାରତୀୟ ଦଳର ଅନ୍ୟ ୨ ସଦସ୍ୟା ହେଲେ ପୁଣେସ୍ଥିତ ଭାରତୀ ବିଦ୍ୟାପୀଠର ଆକାଂକ୍ଷା ହଗ୍ୱାନେ ଓ ମୋକ୍ଷଦା ମହାଜନ। ଏହା ବ୍ୟତୀତ ଅନ୍ତର୍ଜାତୀୟ ମାଷ୍ଟର, ଫିଡେ ଟ୍ରେନର ତଥା କିଟ୍ ବିଶ୍ୱବିଦ୍ୟାଳୟର ଚେସ୍ ପରାମର୍ଶଦାତା ଶେଖର ସାହୁ ମୁଖ୍ୟ କୋଚ୍ ଏବଂ କିଟ୍‌ର ଲକି ରାଣୀ ପାତ୍ର ଟିମ୍ ଅଫିସିଆଲ ଭାବେ ଭାରତୀୟ ପ୍ରତିନିଧି ଦଳ ସହ ଶନିବାର ଉଗାଣ୍ଡା ଅଭିମୁଖେ ଯାତ୍ରା କରିବେ। ଏଠାରେ ଚୟନ ଟ୍ରାଏଲ୍ସ ଆୟୋଜନ କରିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ (ଏଆଇୟୁ)କୁ ଧନ୍ୟବାଦ ଜଣାଇବା ସହ ଭାରତୀୟ ଦଳରେ ସାମିଲ ହୋଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।


ମହିଳା ଚେସ୍ ପ୍ରତିଭାଙ୍କ ସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ।

# ଜର୍ଜିଆ ଗଲେ ସାତ୍ତ୍ୱିକ ସ୍ୱାଇଁ

**ଭୁବନେଶ୍ୱର, ୨୧।୬ (ତପନ ସ୍ୱାଇଁ)**

**ଫିଡେ ୱାର୍ଲ୍ଡ କପ୍**
**୮ ବର୍ଷରୁ କମ ଚେସ୍**

ଚଳିତ ମାସ ୨୩ ରୁ ୨୬ ପର୍ଯ୍ୟନ୍ତ ଜର୍ଜିଆର ବାଟୁମିଠାରେ ଫିଡେ ୱାର୍ଲ୍ଡ କପ୍-୨୦୨୪ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ୮ବର୍ଷ ରୁ କମ ଓପନ ବିଭାଗରେ ଅଂଶଗ୍ରହଣ କରିବାପାଇଁ ଓଡ଼ିଶାର ଶିଶୁ ଚେସ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁ ଶୁକ୍ରବାର ଜର୍ଜିଆ ଯାତ୍ରା କରିଛନ୍ତି। ଏହି ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ଦେଶରୁ ୮ବର୍ଷ ରୁ କମ ବିଭାଗରେ ୪୮ ଖେଳାଳି ଭାଗ ନେଉଛନ୍ତି। ନୀରଜ ମିଶ୍ର ଭାରତୀୟ ଦଳର କୋଚ୍ ଓ ପ୍ରଶାନ୍ତ କୁଣ୍ଡୁ ମ୍ୟାନେଜରଭାବେ ଜର୍ଜିଆ ଯାଇଛନ୍ତି।



ଏହି ଅବସରରେ କିଙ୍ଗ ଚେସ ସେଣ୍ଟରର ପ୍ରତିଷ୍ଠାତା ଏବଂ ମୁଖ୍ୟ କୋଚ ବିଶ୍ୱଜିତ ରାୟ (ଜାତୀୟ ଇନଷ୍ଟ୍ରକ୍ଟର) ଏବଂ ଅନ୍ୟ କୋଚ ଓ ଛାତ୍ରୀ ଛାତ୍ର ମାନେ ସାତ୍ତ୍ୱିକ କୁ ଶୁଭକାମନା ଜଣାଇଛନ୍ତି।

# ଚୌବେ ହଟିଲେ ଭାରତୀୟ ଫୁଟ୍‌ବଲର ଉନ୍ନତି ସମ୍ଭବ: ଷ୍ଟିମାକ୍

**ନୂଆଦିଲ୍ଲୀ, ୨୧।୬(ପି.ଟି.)**

ନିକଟରେ ବହିଷ୍କୃତ ହୋଇଥିବା ଭାରତୀୟ ଫୁଟ୍‌ବଲ ଦଳର ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍)ର ସଭାପତି କଲ୍ୟାଣ ଚୌବେଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଚୌବେଙ୍କୁ ତାଙ୍କ ପଦବୀରୁ ହଟାଗଲେ ଭାରତୀୟ ଫୁଟ୍‌ବଲର ଉନ୍ନତି ସମ୍ଭବ ବୋଲି ସେ କହିଛନ୍ତି। ଶୁକ୍ରବାର ଦୀର୍ଘ ସମୟ ଧରି ଅନ୍‌ଲାଇନ୍‌ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଷ୍ଟିମାକ୍ କହିଛନ୍ତି, ଚୌବେ ଭାରତୀୟ ଫୁଟ୍‌ବଲକୁ ଏକପ୍ରକାର ବନ୍ଦୀ କରିଦେଇଛନ୍ତି। ଖେଳରେ ସେ ଅଧିକାଂଶ ସମସ୍ୟା ସୃଷ୍ଟି କରିଛନ୍ତି। ଚୌବେ ବାରମ୍ବାର ମିଥ୍ୟା କଥା କହୁଥିବାରୁ ସେ ବୀତସ୍ପୃହ ହୋଇ ପଡ଼ିଥିଲେ। କେବଳ ସେତିକି ନୁହେଁ ତାଙ୍କ କାର୍ଯ୍ୟକାଳ ସମୟରେ ସେ ଅନେକ ପ୍ରତିଶ୍ରୁତି ଦେଇ ତାହାକୁ କାର୍ଯ୍ୟକାରୀ ମଧ୍ୟ କରିନାହାନ୍ତି। ଫୁଟ୍‌ବଲ ହେଉଛି ବିଶ୍ୱର ସବୁଠାରୁ ଲୋକପ୍ରିୟ ଖେଳ। ମାତ୍ର ଭାରତରେ ଏହି ଖେଳର ଆଖିଦୃଶିଆ ଉନ୍ନତି ହୋଇପାରି ନାହିଁ। ସୂଚନାଯୋଗ୍ୟ, ୨୦୧୯ ମାର୍ଚ୍ଚରେ ଷ୍ଟିଫେନ୍ କନ୍‌ଷ୍ଟାଣ୍ଟିନଙ୍କ ବିଦାୟ ପରେ ତାଙ୍କ ସ୍ଥାନରେ ଷ୍ଟିମାକ୍ ନିଯୁକ୍ତି ହୋଇଥିଲେ। ଚଳିତ ମାସ ପ୍ରାରମ୍ଭରେ ବିଶ୍ୱକପ୍ କ୍ୱାଲିଫାୟର୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ କାତାରଠାରୁ ଭାରତର ପରାଜୟ ପରେ ଏଆଇଏଫ୍‌ଏଫ୍ ଷ୍ଟିମାକ୍‌ଙ୍କୁ ବହିଷ୍କୃତ କରିଥିଲା। ଏହି ସ୍ପଷ୍ଟବାଦୀ କୋଚ୍ ଏଆଇଏଫ୍‌ଏଫ୍ ଟେକ୍ନିକାଲ କମିଟିର ମୁଖ୍ୟ ହେବାକୁ ଚାହୁଁଥିଲେ। କିନ୍ତୁ ସେ ଏହି ପଦବୀ ପାଇଁ ଯୋଗ୍ୟ ନୁହନ୍ତି ବୋଲି ଭାରତର ମହାନ ଫୁଟ୍‌ବଲର ଆଇଏମ୍ ବିଜୟନ କହିଥିଲେ। ୧୯୯୮ ଫିଫା ବିଶ୍ୱକପ୍ ବ୍ରୋଞ୍ଜ ଜିତିଥିବା କ୍ରୋଏସିଆ ଦଳର ଅନ୍ୟତମ ସଦସ୍ୟ ଷ୍ଟିମାକ୍ କହିଛନ୍ତି ସେ ତାଙ୍କ କ୍ୟାରିୟରରେ କୋଚ୍ ପଦବୀରୁ ବହିଷ୍କୃତ ହେବା ଏହା ପ୍ରଥମ ଘଟଣା।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ଜୁନ୍ ୨୨/୨୦୨୪ Bhubaneswar, Saturday, June 22/ 2024



ଜର୍ମାନୀର ଡସେଲଡର୍ଫଠାରେ ଶୁକ୍ରବାର ୟୁକ୍ରେନ ଓ ସ୍ଲୋଭାକିଆ ମଧ୍ୟରେ ଅନୁଷ୍ଠିତ ୟୁରୋ କପ୍ ଫୁଟବଲ ମ୍ୟାଚ।

# ଇଟାଲୀକୁ ହରାଇ ନକ୍ଆଉଟ୍‌ରେ ସ୍ପେନ

**ଜେଲସେନକିର୍ଚେନ, ୨୧।୬ (ଏପି):** ଚଳିତ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍‌ରେ ଗତଥରର ଚାମ୍ପିୟନ ଇଟାଲୀକୁ ୧-୦ ଗୋଲ୍‌ରେ ପରାସ୍ତ କରି ୩ଥର ଚାମ୍ପିୟନ ସ୍ପେନ୍ ନକଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଗୁରୁବାର ରାତିରେ ସ୍ଥାନୀୟ ଭେଲଟିନ୍ ଆରେନାଠାରେ ଅନୁଷ୍ଠିତ ଗ୍ରୁପ୍ 'ବି'ର ଏହି ମ୍ୟାଚରେ ଖେଳର ୫୫ତମ ମିନିଟ୍‌ରେ ଇଟାଲୀର ରିକାର୍ଡୋ କାଲାଫିଓରିଙ୍କ ଆତ୍ମଘାତୀ ଗୋଲ୍‌ରେ ସ୍ପେନ ମ୍ୟାଚରେ ବିଜୟ ଲାଭ କରିଛି। ଏହି ପରାଜୟ ଇଟାଲୀକୁ ଶକ୍ତ ଧକ୍କା ଦେଇଛି। ନକଆଉଟ ପର୍ଯ୍ୟାୟକୁ ଉନ୍ନୀତ ହେବା ଲାଗି ଇଟାଲୀ ଅତିକମ୍‌ରେ ୧ ପଏଣ୍ଟ ଆବଶ୍ୟକ କରୁଛି। ଗ୍ରୁପ୍ 'ସି'ରେ ଡେନମାର୍କ ଓ ଇଂଲଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୧-୧ରେ ଅମୀମାଂସିତ ଭାବେ ଶେଷ ହୋଇଛି। ଇଂଲଣ୍ଡ ତରଫରୁ ହ୍ୟାରୀ କେନ୍ ଏବଂ ଡେନମାର୍କ ପକ୍ଷରୁ ମୋର୍ଟେନ ହିଜୁଲମାଣ୍ଡ ଗୋଲ୍ ଦେଇଥିଲେ।

# ସ୍ଲୋଭାକିଆକୁ ହରାଇଲା ୟୁକ୍ରେନ୍

**ଡସେଲଡର୍ଫ (ଜର୍ମାନୀ), ୨୧।୬**

ୟୁରୋ କପ୍ ଫୁଟ୍‌ବଲରେ ଶୁକ୍ରବାର ଖେଳାଯାଇଥିବା ଗ୍ରୁପ୍ 'ଇ' ମ୍ୟାଚରେ ୟୁକ୍ରେନ ୨-୧ ଗୋଲ୍‌ରେ ସ୍ଲୋଭାକିଆକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ ଦଳର ଏହା ହେଉଛି ପ୍ରଥମ ବିଜୟ। ଏହି ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ଇଭାନ ସ୍କରାଞ୍ଜଙ୍କ ଏକ ଗୋଲ ସହାୟତାରେ ସ୍ଲୋଭାକିଆ ପ୍ରଥମ ଅଗ୍ରଣୀ ଲାଭ କରିଥିଲା। ତେବେ ୟୁକ୍ରେନ ଦୃଢ ପ୍ରତ୍ୟାବର୍ତ୍ତନ ସହ ମାଇକୋଲା ଶାର୍ପାରେଙ୍କୋ (୫୪ମ ମିନିଟ ଓ ରୋମାନ ୟାରେନଚୁକ୍ (୮୦ତମ)ଙ୍କ ଗୋଲ୍ ଜରିଆରେ ମ୍ୟାଚକୁ ୨-୧ରେ ଜିତି ନେଇଥିଲା।

## ଆତ୍ମଘାତୀ ଗୋଲ ସଂଖ୍ୟାରେ ବୃଦ୍ଧି

ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଆରମ୍ଭରେ ଆତ୍ମଘାତୀ ଗୋଲ୍ ସଂଖ୍ୟା ବୃଦ୍ଧି ପରିଲକ୍ଷିତ ହୋଇଛି। ସଦ୍ୟତମ ଆତ୍ମଘାତୀ ଗୋଲ୍ ଗୁରୁବାର ସ୍କୋର ହୋଇଛି। ଇଟାଲୀ ଡିଫେଣ୍ଡର ରିକାର୍ଡୋ କାଲାଫିଓରିଙ୍କ ଗୋଲ୍ ଯୋଗୁ ତାଙ୍କ ଦଳକୁ ସ୍ପେନ୍‌ଠାରୁ ୧-୦ ଗୋଲ୍‌ରେ ପରାଜିତ ହେବାକୁ ପଡ଼ିଛି। ଦୁର୍ଭାଗ୍ୟଜନକ ଭାବେ ଆତ୍ମଘାତୀ ଗୋଲ୍ ସ୍କୋର କରିଥିବା ଅନ୍ୟ ଖେଳାଳିମାନେ ହେଲେ ଜର୍ମାନୀର ଆଣ୍ଟୋନିଓ ରୁଡିଜର, ଅଷ୍ଟ୍ରିଆର ମାକ୍ସିମିଲିଆନ ଓବର, ଚେକ୍ ରିପବ୍ଲିକର ରବିନ୍ ହ୍ରାନାକ୍ ଓ ଆଲ୍‌ବାନିଆର କ୍ଲାଅସ୍ ଜିଜାସୁଲା। ଏହି ୫ଟି ଗୋଲ୍ ଏ ପର୍ଯ୍ୟନ୍ତ ଖେଳାଯାଇଥିବା ମାତ୍ର ୧୮ଟି ଗେମ୍ ମଧ୍ୟରେ ସ୍କୋର ହୋଇଛି। ୟୁରୋ ୨୦୨୪ ଆରମ୍ଭ ଅସାଧାରଣ ମନେହେଉଛି। କେବଳ ଜଣେମାତ୍ର ଖେଳାଳି ଜର୍ମାନୀ ଫରୱାର୍ଡ ଜମାଲ ମୁସିଆଲା ଡବଲ ଗୋଲ ସ୍କୋର କରିବାରେ ସମର୍ଥ ହୋଇଛନ୍ତି। ୪୦ ଜଣ ଖେଳାଳି ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଜିଜାସୁଲା ଗୋଟିଏ ତାଙ୍କ ନିଜ ଦଳ ପାଇଁ ଏବଂ ଗୋଟିଏ ତାଙ୍କ ଦଳ ବିରୋଧରେ ସ୍କୋର କରିଛନ୍ତି। ଆହୁରି ମଧ୍ୟ କୌତୂହଳର ବିଷୟ ଯେ ୪୭ଟି ଗୋଲ୍ ମଧ୍ୟରୁ ଗୋଟିଏ ହେଲେ ପେନାଲ୍ଟିରୁ ହୋଇନି।

# ରେଷ୍ଟ ଅଫ୍ ଓଡ଼ିଶା 'ସି' ଚାମ୍ପିୟନ

**ଭୁବନେଶ୍ୱର, ୨୧।୬ (ତପନ ସ୍ୱାଇଁ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ୨ ଦିନ ବିଶିଷ୍ଟ ଫାଇନାଲରେ ଭୁବନେଶ୍ୱର 'ଏ'କୁ ୭ ରନରେ ପରାସ୍ତ କରି ରେଷ୍ଟ ଅଫ୍ ଓଡ଼ିଶା 'ସି' ଚାମ୍ପିୟନ ହୋଇଛି। ରେଷ୍ଟ ଅଫ୍ ଓଡ଼ିଶା 'ସି' ୪୫.୩ ଓଭରରେ ୧୩୪ ରନରେ ସମସ୍ତ ଉଇକେଟ ହରାଇଥିବାବେଳେ ଭୁବନେଶ୍ୱର 'ଏ' ୫୦.୨ ଓଭରରେ ୧୨୭ ରନକରି ଅଲ୍‌ଆଉଟ ହୋଇଛି। ସନ୍ଦିପ ପଟ୍ଟନାୟକ ୬୮ ରନ କରିଥିଲେ ହେଁ ଅନ୍ୟ ବ୍ୟାଟରଙ୍କ ବିଫଳତା ଯୋଗୁ ଭୁବନେଶ୍ୱର 'ଏ' ପରାଜିତ ହୋଇଥିଲା।

## କଳାହାଣ୍ଡି କପ୍

ରେଷ୍ଟ ଅଫ୍ ଓଡ଼ିଶା 'ସି' ପକ୍ଷରୁ ବ୍ୟାଟିଂ ସମୟରେ ୩୧ ରନ କରିଥିବା ଦେବବ୍ରତ ପ୍ରଧାନ ବୋଲିଂରେ ମାତ୍ର ୪୭ ରନ ବିନିମୟରେ ୬ ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସୌଭାଗ୍ୟ ରାଉତ ୪ ଉଇକେଟ ଅକ୍ତିଆର କରିଛନ୍ତି। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟ ତାରକା ଦେବାଶିଷ ମହାନ୍ତି, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ ଓ ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଭାବେଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ବ୍ୟତୀତ ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍ସିଲ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ସଦସ୍ୟଙ୍କ ମଧ୍ୟରେ ସୌର୍ଯ୍ୟରଞ୍ଜନ ପରିଜା, ସୁଶାନ୍ତ କୁମାର ମହାନ୍ତି, ଅଞ୍ଜନ କୁମାର ଖୁଣ୍ଟିଆ, ଶିବବ୍ରତ ମଲିକ, ଶୁଭାଶିଷ ସାହୁ, ଅମିତ ବେହେରା, ନିର୍ବାଣ ରୟ, ସନ୍ତୋଷ ଦାସ, ବିଜୟ କୁମାର ଦାସ, ତଡ଼ିତ ରାଉତ, ସ୍ୱାଗତ ସାମନ୍ତରାୟ, ଗୌତମ ଗଜପତି, ସେକ୍ ନିୟାଜ, ଦିଲୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ କଳାହାଣ୍ଡି କପ୍ ଚାମ୍ପିୟନ ରେଷ୍ଟ ଅଫ୍ ଓଡ଼ିଶା 'ସି' ଦଳର ଖେଳାଳିମାନେ।

# ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ ଫୁଟବଲ ପାଇଁ ପ୍ରସ୍ତୁତି

**ଭୁବନେଶ୍ୱର, ୨୧।୬ (ତପନ ସ୍ୱାଇଁ)**

ଦୀର୍ଘ ୩୨ ବର୍ଷଧରି ଅନୁଷ୍ଠିତ ହୋଇ ଆସୁଥିବା ଭୁବନେଶ୍ୱର ଆନ୍ତଃ ବିଦ୍ୟାଳୟ ଫୁଟବଲ ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ହୋଇ ଆସୁଥିବା ଏହି ପ୍ରତିଯୋଗିତା କୋଭିଡ-୧୯ ପାଇଁ ୩ ବର୍ଷଧରି ବନ୍ଦ ରହିଥିଲା। ଚଳିତ ବର୍ଷ ଏହାର ୩୩ତମ ସଂସ୍କରଣ ଆୟୋଜନ ହେବ ବୋଲି ଆସୋସିଏଶନ ସଭାପତି ତପନ ମହାନ୍ତି ଜଣାଇଛନ୍ତି। ୟୁନିଟ-୬ ପଡ଼ିଆରେ ଅଧୁନିକିକରଣ ସହ ନୂଆ ଘାସ ଟର୍ଫ ପଡ଼ିବା କାର୍ଯ୍ୟ ଚାଲୁ ରହିଥିବାରୁ ଏଥର ୟୁନିଟ-୧ ଫୁଟବଲ ଏକାଡେମୀ ପଡ଼ିଆରେ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ସ୍ଥିର ହୋଇଛି। ଏଥିପାଇଁ ଅନୁମତି ଦେବାକୁ କ୍ରୀଡ଼ା ବିଭାଗକୁ ଅନୁରୋଧ କରାଯାଇଛି ବୋଲି ଆସୋସିଏଶନ ସମ୍ପାଦକ ଦିଲୀପ ଦାସ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଆର୍ଥିକ ପୁରସ୍କାର ସହ ଅନେକ ଆକର୍ଷଣୀୟ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି ବୋଲି ସେ କହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ